

ପୃଷ୍ଠା ୭

ସାରା ମୁମ୍ବାଇ ଇଣ୍ଡିଆନ୍ସ ମାଲିକାଣୀ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 13 | ଭାଗ ୩୩ | ସଂଖ୍ୟା ୧୩ Bhubaneswar | Friday 4 April 2025 | Page 8 Rs. 4.00 ● ଭୁବନେଶ୍ୱର ଶୁକ୍ରବାର ୪ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଆଦିବାସୀ ହଷ୍ଟେଲରେ ରାଗିଂ

## ବ୍ଲେଡ୍‌ରେ କାଟି ଲୁଣ ମାରିଲେ

**ବାରିପଦା,୩।୪ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସ୍କୁଲର ହଷ୍ଟେଲରେ ଜଣେ ଆଦିବାସୀ ଛାତ୍ରଙ୍କୁ ଦିଆଯାଇଛି ଅକଥନୀୟ ନିର୍ଯାତନା। ବ୍ଲେଡ୍‌ରେ ହାତ କାଟି କିଛି ସିନିୟର କ୍ଷତସ୍ଥାନରେ ଲୁଣ ମାରିଲେ। ବନ୍ଦ ନିର୍ଯାତନା ଦେବା ସହ ବ୍ଲେଡ୍‌ରେ ହାତ କାଟି ଦେଇଛନ୍ତି ସିନିୟର। ଏପରିକି କ୍ଷତ ସ୍ଥାନରେ ଲୁଣ ମାରିବା ସହ ବନ୍ଦ ଘରେ ହାତକୁ ବାନ୍ଧି ୩/୪ ଘଣ୍ଟା ନିସ୍ତୁକ ପିଟିଛନ୍ତି। ଏହି ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ନବମ ଶ୍ରେଣୀର କିଛି ଛାତ୍ର ଏଭଳି ବର୍ବର ନିର୍ଯାତନା ଦେଇଥିବା

### ବର୍ବରତା ସୀମା ଟପିଲେ ସିନିୟର



ଘରେ ହାତକୁ ବାନ୍ଧି ୩/୪ ଘଣ୍ଟା ନିସ୍ତୁକ ପିଟିଲେ। ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ନବମ ଶ୍ରେଣୀର କେତେକ ଛାତ୍ର ଏଭଳି ବର୍ବର ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି।

ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ବାସିପିଠା ଏସଏସଡି ହାଇସ୍କୁଲରୁ ଆସିଛି ଏଭଳି ସାଙ୍ଘାତିକ ଅଭିଯୋଗ୍। ସ୍କୁଲ ହଷ୍ଟେଲରେ ରହୁଥିବା ବାରିପଦା ଭୁଗୁଡାକଟା ଅଞ୍ଚଳର ଜଣେ ଆଦିବାସୀ ଛାତ୍ରଙ୍କୁ ଦିଆଯାଇଛି ଅକଥନୀୟ ନିର୍ଯାତନା। ଷଷ୍ଠ ଶ୍ରେଣୀରେ ପଢୁଥିଲେ ଏହି ଛାତ୍ର। ତାଙ୍କୁ ଅକଥନୀୟ ଅଭିଯୋଗ ହୋଇଛି।

ଛୁଟିରେ ଛାତ୍ର ଜଣଙ୍କ ଘରୁ ହଷ୍ଟେଲକୁ ଫେରିବାକୁ ରାଜି ନ ଥିଲେ। ବାପା-ମା' କାରଣ ଜାଣିବାକୁ ଚାହିଁବାରୁ ଯାହା ଶୁଣିଲେ ସେଥିରେ ସେମାନଙ୍କ ମୁଣ୍ଡ ଗୁଡୁମ୍ ହୋଇଯାଇଥିଲା। ପୀଡ଼ିତ ଛାତ୍ର ଜଣଙ୍କ କହିଥିଲେ ଯେ ସିନିୟର ପିଲାମାନେ ହଷ୍ଟେଲ ଛାତ ଉପରେ ବସି ମଦ ପିଉଥିଲେ। ଏନେଇ ସେ ପ୍ରଧାନଶିକ୍ଷକଙ୍କୁ ଜଣାଇବାରୁ ସେମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଏପରିକି ତାଙ୍କ ହାତ ବାନ୍ଧି ରୁମ୍ ଭିତରେ ନିସ୍ତୁକ ➭ପୃଷ୍ଠା-୬

୧୪ ଶିଳ୍ପ ପାଇଁ ୬୦୦୦ କୋଟି ବିନିଯୋଗ

୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ

ଶିଳ୍ପପତି, ଶ୍ରମିକ ଓ ସରକାର ସମନ୍ୱୟରେ ପ୍ରଗତି ସମ୍ଭବ

ଖୋର୍ଦ୍ଧା ଜିଲ୍ଲାରେ ୧୪ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ମାନୁଫାକ୍ଚରିଙ୍ଗ ହବ୍



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ନୂଆ ସରକାର ଆସିବା ପରେ ରାଜ୍ୟରେ ଶିଳ୍ପାୟନ ପାଇଁ ଯେତେସବୁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି, ସେସବୁକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଆମର କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଯାହା ଆବଶ୍ୟକ, ତାହା ଆମେ କରୁଛୁ ଆଉ କରିବୁ ମଧ। ବଡ଼ ସ୍ୱପ୍ନ ଦେଖିବା ସହ କଠୋର ପରିଶ୍ରମ କରି ତାକୁ କାର୍ଯ୍ୟକାରୀ ନ କଲା ପର୍ଯ୍ୟନ୍ତ ବିଶ୍ରାମ ନାହିଁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ନିକଟବର୍ତ୍ତୀ ହଳଦୀପଦାଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ଅବସରରେ ମତ ଦେଇଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ ଆଜି ଓଡ଼ିଶାର ଶିଳ୍ପଜଗତ ପାଇଁ ଏକ ଉଲ୍ଲେଖନୀୟ ଦିନ। ଏଠାରେ ୧୩ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହେବା ସହ ଗୋଟିଏ ଶିଳ୍ପ ଉଦ୍‌ଘାଟିତ ମଧ ହୋଇଛି। ଏହି ୧୪ଟି ଶିଳ୍ପରେ ପ୍ରାୟ ୬ ହଜାର କୋଟି ଟଙ୍କା ବିନିଯୋଗ ହେବ। ଉଦ୍ୟୋଗଗୁଡ଼ିକ ପୂର୍ଣ୍ଣକ୍ଷମ ହେଲେ ୩୭ ହଜାରରୁ ଅଧିକ ଯୁବଗୋଷ୍ଠୀ ନିଯୁକ୍ତି ପାଇପାରିବେ। ଏହା କେବଳ ଆରମ୍ଭ ମାତ୍ର। ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରତିଷ୍ଠା ହେବ। ଓଡ଼ିଶାରେ ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବ। ଆଜି ଯେଉଁ ପ୍ରକଳ୍ପ ଆରମ୍ଭ ହେଉଛି ସେଗୁଡ଼ିକ ଗୋଟିଏ କ୍ଷେତ୍ରର ନୁହେଁ, ଏଥିରେ ପୋଷାକ ପ୍ରସ୍ତୁତି, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, କ୍ୟାପିଟାଲ ଗୁଡସ୍ ଓ ରେଳ ଚକ ନିର୍ମାଣ ପ୍ରକଳ୍ପ ବି ରହିଛି। ଏଗୁଡ଼ିକ ପାରମ୍ପରିକ ଫାକ୍ଟ୍ରି ନୁହେଁ, ବରଂ ଆଧୁନିକ ଅର୍ଥନୀତିର ବାର୍ତ୍ତାବହ। ଓଡ଼ିଶାରେ ଆଜି ଶିଳ୍ପପତିମାନେ ପୁଞ୍ଜିନିବେଶ ପାଇଁ ଅଭୂତପୂର୍ବ ଆଗ୍ରହ ପ୍ରକାଶ କରୁଛନ୍ତି, ତା'ର କାରଣ ହେଉଛି ଡବଲ ଇଞ୍ଜିନ ସରକାରର ସୁବିଧା ଓ ଇଜ୍ ଅଫ୍ ଡୁଇଂ ବିଜିନେସ୍ ପାଇଁ ଅନୁକୂଳ ବାତାବରଣ। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ କୌଣସି ଅସୁବିଧା ନାହିଁ। ଶିଳ୍ପୋଦ୍ୟୋଗୀମାନଙ୍କୁ ନିୟମ ଅନୁଯାୟୀ, ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର କ୍ଲିୟରାନ୍ସ ଓ ପରମିଶନ୍ ସୁବିଧାରେ ପ୍ରଦାନ କରାଯାଉଛି ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଆଜି କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣ ଆଦୃତି ଫଳରେ କୃଷିକାର୍ଯ୍ୟରେ ମାନବୀୟ ଶ୍ରମର ଚାହିଦା କମି କମି ଯାଉଛି। ତେଣୁ ଅଧିକରୁ ଅଧିକ ଯୁବଶକ୍ତିକୁ ଶିଳ୍ପ ଓ ସେବାଭିତ୍ତିକ ଅର୍ଥନୀତି ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ। ଆମ ଯୁବ ସମାଜକୁ ବୈଷୟିକ ଶିକ୍ଷା ଓ ଦକ୍ଷତା ➭ପୃଷ୍ଠା-୬

## ଭାଙ୍ଗିଦେଲେ ମେଘନାଦ ମଗର ମୁଣ୍ଡ

- ଅସନ୍ତୋଷ ପ୍ରକାଶ କଲା ଏଏସଆଇ
- ମନଇଚ୍ଛା ନିର୍ମାଣକୁ ନେଇ କ୍ଷୁବ୍ଧ
- ଶ୍ରୀମନ୍ଦିର ପ୍ରତି ସୃଷ୍ଟି ହୋଇଛି ବିପଦ



**ପୁରୀ,୩।୪(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟସ୍ଥ ମେଘନାଦ ପ୍ରାଚୀରରେ ସଂଲଗ୍ନ ମଗର ମୁଣ୍ଡ ଐତିହ୍ୟ କୀର୍ତ୍ତିରାଜିଟି ଭାଙ୍ଗି ତଳେ ପଡ଼ିଛି। ଏହାକୁ ସୁରକ୍ଷିତ ଭାବେ ନ ରଖିବା ଯୋଗୁଁ ସେବାୟତମାନେ ପ୍ରଶ୍ନ କରିଛନ୍ତି। ତେବେ ଏହି ମଗର ମୁଣ୍ଡଟିକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଳେ ପକାଇ ଦିଆଯାଇଥିବା ସୂଚନା ମିଳିଛି। ସେପଟେ ଏହା ବହୁତ ବଡ଼ ଭୁଲ ଓ ଯିଏ ଏହା କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାଇ ଦେଇଛି ଏଏସଆଇ।

ସୂଚନା ଅନୁସାରେ, ମଗର ମୁଣ୍ଡ ଐତିହ୍ୟ କୀର୍ତ୍ତିରାଜି ତଳେ ପଡ଼ି ରହିବା ଘଟଣାରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସେବାୟତ। ମେଘନାଦ ପ୍ରାଚୀର ସଂଲଗ୍ନ ମଗର ମୁଣ୍ଡ ଐତିହ୍ୟ ତଳେ ପଡ଼ି ରହିଛି। ତେବେ ପାଣି ନିଷ୍କାସନ ପାଇଁ ଶ୍ରୀମନ୍ଦିର ପ୍ରଶାସନ କାଢ଼ି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସଆଇକୁ ଅବଗତ କରାଯାଇନି। ତେବେ ଶ୍ରୀମନ୍ଦିର ପ୍ରଶାସନକୁ ଏ ସମ୍ପର୍କରେ ଚିଠି ଲେଖାଯିବ ବୋଲି କହିଛନ୍ତି ଏଏସଆଇ ଅଧିକାରୀ। ଏଥିସହ ଐତିହ୍ୟସମ୍ପନ୍ନ ମଗର ମୁଣ୍ଡ ପୁନଃ ସ୍ଥାପନ କରାଯିବ ବୋଲି କହିଛନ୍ତି ଏଏସଆଇ ଅଧିକାରୀ।

ଆଜି ସକାଳେ ପୁରୀ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ମେଘନାଦ ପାଚେରୀରେ ଥିବା ଏହି ଐତିହାସିକ କୀର୍ତ୍ତିରାଜିକୁ ଭଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ପାଚେରୀରେ ଥିବା ମଗର ମୁଣ୍ଡକୁ ଭଙ୍ଗାଯାଇଥିବା ବେଳେ ➭ପୃଷ୍ଠା-୬

ରାଜଧାନୀରେ ପୁଣି ଏକ ଏନକାଉଣ୍ଟର

## ପୁଲିସ ଗୁଳିରେ ଦୁଇ ଲୁଟେରା ଆହତ



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ପୁଣି ଏନକାଉଣ୍ଟର। ୨ ଜଣ ଲୁଟେରାଙ୍କୁ ଏନକାଉଣ୍ଟର କରିଛି ସ୍ପେଶାଲ ସ୍କ୍ୱାଡ୍। ଗୁରୁତର ଅବସ୍ଥାରେ ଦୁଇ ଲୁଟେରାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୁଟେରାଦ୍ୱୟ ବିହାରରୁ ➭ପୃଷ୍ଠା-୬

ସାରା ରାତି ବିଧାନସଭାରେ ଥିଲେ ମୁଖ୍ୟମନ୍ତ୍ରୀ

## ନବୀନ ଆସୁନଥିଲେ, ମୋହନ ରାତି ଉଜାଗର

**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ବିଧାନସଭା ସାରା ରାତି ଚାଲିଲା। ଦୁଇ ଦୁଇଟି ବିଲ ଉପରେ ହେଲା ଆଲୋଚନା। ରାତିତମାମ ବିଧାନସଭା ଚାଲିବା ନେଇ ବିଭିନ୍ନ ମହଲରୁ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ହେଲେ ଗୋଟିଏ ଉଲ୍ଲେଖନୀୟ କଥା ହେଲା ଯେ ସାରା ରାତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉପସ୍ଥିତ ଥିଲେ। ରାତି ଅନିଦ୍ରା ହୋଇ କିଏ କୁଆଡେ ଶୋଇଲେ ଯେ ମିଡିଆ କି ସାଧାରଣ ଲୋକ ମନ୍ତ୍ରୀଙ୍କ ଦେଖାପାଇଲେନି। ହେଲେ ମୁଖ୍ୟମନ୍ତ୍ରୀ ଆଜି ପୁଣି ସକାଳ ୧୦ଟାରେ ଖୋର୍ଦ୍ଧାରେ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଲେ।



ବାବୁ ଓ ଆଶ୍ରିତଙ୍କୁ ପଚାରିଲେ, କ'ଣ ଆଖି ଲାଗିଯାଉଛି ?

ବିଧାନସଭା ପ୍ରତି ମୋହନ ମାଝୀଙ୍କ ଏ ସମ୍ମାନ ସମ୍ପର୍କରେ ଆଲୋଚନା କରିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନସପଟ୍ଟକୁ ଆସିଯାଉଛନ୍ତି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ, କିନ୍ତୁ ଜଣେ ନିଜ ଦାୟିତ୍ୱ ପ୍ରତି ସଚେତନ, ଆଉ ଜଣେ ଚାମଚାଙ୍କ ହାତରେ ବାଗ୍‌ଡୋର ଦେଇ ବିଧାନସଭାରୁ ଦୂରେଇ ରହୁଥିଲେ। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ବହୁ ସମୟରେ ଗୃହକୁ ଆସୁନଥିଲେ। ଦିନ ଦିନ ଧରି ନିଜ ଆସନରେ ବସୁନଥିଲେ। ଗୁରୁତ୍ୱପୂର୍ଣ୍ଣ ବିଲ ହେଉ ବା ପ୍ରସଙ୍ଗରେ ଆଲୋଚନା ବେଳେ ମଧ ଉପସ୍ଥିତ ରହୁନଥିଲେ। ଅନେକ ସମୟରେ ତାଙ୍କ ବିଭାଗର ପ୍ରଶ୍ନୋତ୍ତର ଆଲୋଚନା ପାଇଁ ସେ ଆଉ ଜଣେ ମନ୍ତ୍ରୀଙ୍କୁ 'କା' ମଧ ଦେଇଦେଉଥିଲେ। ବିଧାନସଭା ଆସୁଥିଲେ, କିନ୍ତୁ ଗୃହକୁ ଯାଉନଥିଲେ। ଏହା ଥିଲା ନବୀନଙ୍କର ବିଧାନସଭା ଓ ବିଧେୟକ ପ୍ରସ୍ତୁତ କରୁଥିବା ସଦସ୍ୟଙ୍କ ପ୍ରତି ସମ୍ମାନ।

ମୋହନ ମାଝୀ କିନ୍ତୁ ନିୟମିତ ବିଧାନସଭାରେ ଉପସ୍ଥିତ ରହୁଥିଲେ ଓ ତାଙ୍କ ବିଭାଗର ସବୁ ଆଲୋଚନାରେ ଭାଗ ନେଉଥିଲେ। ଏପରିକି ଯଦି ଭୁବନେଶ୍ୱରରେ ଅନୁପସ୍ଥିତ ରହୁଥିଲେ, ତଥାପି ତାଙ୍କ ବଦଳରେ ଆଉ ଜଣେ ମନ୍ତ୍ରୀ ଉତ୍ତର ରଖୁଥିଲେ। ଗତକାଲି ମଧ ସାରା ରାତି ଦୁଇଟି ବିଲ ଆଲୋଚନା ସମୟରେ ସେ ସକ୍ରିୟ ଭାବେ ଉପସ୍ଥିତ ଥିଲେ। ଏପରିକି ଦୁଇ ବିଧାୟକ ବାବୁ ସିଂହ ଓ ଆଶ୍ରିତ ପଟ୍ଟନାୟକ ଆଖି ନିଦ ମଳମଳ ହେଉଥିବା ଦେଖି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଡାକି ପଚାରିଥିଲେ 'କଣ ନିଦ ଲାଗିଲାଣି କି ?' ମୁଖ୍ୟମନ୍ତ୍ରୀଙ୍କ ଡାକ ଶୁଣି ଉଭୟ ପୁଣି ତଟସ୍ଥ ହୋଇଉଠିଥିଲେ।

ଶେଷରେ ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ସମୟରେ ମଧ ସେ ନିଜ ବକ୍ତବ୍ୟ ରଖିଥିଲେ। ହେଲେ ୨୦୦୦ ମସିହାରୁ ନବୀନ ପଟ୍ଟନାୟକ ➭ପୃଷ୍ଠା-୬

## ଆସିପାରିଲାନି ଦରମା ବୃଦ୍ଧି ବିଲ୍

ଆଲୋଚନାରେ ରେକର୍ଡ ପରେ ବି ସରାଗ ନାହିଁ

**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ବିଧାନସଭାରେ ରାତି ଉଜାଗର ହୋଇ ରେକର୍ଡ ଆଲୋଚନା କରିଥିବା ବିଧାୟକମାନଙ୍କ ମନରେ କିନ୍ତୁ ସରାଗ ନାହିଁ। ଚଳିତ ଅଧିବେଶନ କାଳରେ ବର୍ଦ୍ଧିତ ଦରମା ବିଲ୍ ଗୃହର ଅନୁମୋଦନ ଲାଭ କରିବ ଏବଂ ସେମାନଙ୍କର ବେତନ ଦୁଇ ଗୁଣାରୁ ଅଧିକ ହେବ ବୋଲି ଆଶା ବାନ୍ଧିଥିଲେ। ସେହିଭଳି ବର୍ଦ୍ଧିତ ପେନ୍‌ସନକୁ ଚାହିଁଥିବା ପୂର୍ବତନ ବିଧାୟକମାନେ ମଧ ହତାଶ ହୋଇଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଚଳିତ ଅଧିବେଶନ କାଳରେ ଦରମା ବୃଦ୍ଧି ବିଲ୍ ଆସିବ ବୋଲି ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିଲା। ଗୃହରେ ମଧ ଏ ନେଇ ସରଗରମ ଆଲୋଚନା ହୋଇଥିଲା। ଅଧିବେଶନର ଶେଷ ଆଡକୁ ଶୂନ୍ୟକାଳରେ ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇଥିବା ବେଳେ ବିଜେପି ସଦସ୍ୟମାନେ ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ଦରଦାମ ବୃଦ୍ଧି ଯୋଗୁଁ ➭ପୃଷ୍ଠା-୬

## ପକେଇଲା ଛେପ ଢୋକିଲା ବିଜେଡି

**ନୂଆଦିଲ୍ଲୀ,୩।୪(ସଂଚାର ବ୍ୟୁରୋ):** ୱାକଫ ବିଲକୁ ନେଇ ବିଜେଡି ନିଜେ ପକାଇଥିବା ଛେପ ପୁଣି ଢୋକିଲା। ୱାକଫ ବିଲକୁ ବିଜେଡି ବିରୋଧ କରୁଛି ବୋଲି ଗତକାଲି ଜାତୀୟ ଗଣମାଧମରେ ବିଜେଡି ସାଂସଦ ସସ୍ମିତ ପାତ୍ର ଡିଣ୍ଡିମ ପିଟୁଥିବା ବେଳେ ଆଜି କହୁଛନ୍ତି ଏହି ବିଲକୁ ନେଇ ଦଳ କୌଣସି ହ୍ୱିପ ଜାରି କରିନାହିଁ। ସସ୍ମିତଙ୍କ ଏଭଳି ଟ୍ୱିଟ ବିଜେଡିର ଆଭିମୁଖ୍ୟକୁ ନେଇ ସନ୍ଦେହ ସୃଷ୍ଟି କରିଥିବା ବେଳେ ତୃଣମୂଳ ସ୍ତରରେ କର୍ମୀଙ୍କ ମନୋବଳକୁ ଏକରକମ ଭାଙ୍ଗିଦେଇଛି।

ସଂସଦରେ ବଜେଟ୍ ଅଧିବେଶନର ଆଉ ଦୁଇ ଦିନ ବାକି ଥିବା ବେଳେ ଗୁରୁବାର ରାଜ୍ୟସଭାରେ ୱାକଫ୍ (ସଂଶୋଧନ) ବିଲ୍ ଉପସ୍ଥାପିତ ହୋଇଛି। ଗତକାଲି ଲୋକସଭାରେ ୧୨ ଘଣ୍ଟାର ଜୋରଦାର ଆଲୋଚନା ପରେ ପାସ ହୋଇଥିଲା ଏହି ବିଲ୍। ଏହି ସମୟରେ ବିଜେଡିର ଆଭିମୁଖ୍ୟ



- ଦଳ ଜାରି କରିନି ହ୍ୱିପ: ସସ୍ମିତ
- କର୍ମୀ କହିଲେଣି ଦମ୍ ନାହିଁ ତ ସରେଣ୍ଡର୍ କରିଯାଅ

ଉପରେ ସମସ୍ତଙ୍କ ନଜର ଥିବା ବେଳେ ବିଜେଡି ସାଂସଦଙ୍କ ଟୁଇଟ୍ ସମସ୍ତଙ୍କୁ ଚକିତ କରିଛି।

ବିଜେଡି ଏହି ବିଲ୍ ଉପରେ ନିଜ ସାଂସଦଙ୍କୁ ହ୍ୱିପ୍ ଜାରି କରିନାହିଁ। ବରଂ ସେମାନଙ୍କୁ ନିଜ ବିବେକ ଅନୁସାରେ ଭୋଟ୍ ଦେବାକୁ କୁହାଯାଇଛି। ବିଜେଡି ସାଂସଦ ସସ୍ମିତ ପାତ୍ର 'ଏକ୍ସ'ରେ ଲେଖିଛନ୍ତି, "ବିଜୁ ଜନତା ଦଳ ସବୁବେଳେ ଧର୍ମନିରପେକ୍ଷତା ଓ ସମାବେଶୀକରଣର ସିଦ୍ଧାନ୍ତକୁ ଧରିଛି। ଆମେ ସଂଖ୍ୟାଲଘୁ ସମ୍ପ୍ରଦାୟର ବିଭିନ୍ନ ମତାମତକୁ ଗମ୍ଭୀରତାର ସହ ବିଚାର କରିଛୁ। ତେଣୁ ଆମ ରାଜ୍ୟସଭା ସାଂସଦଙ୍କୁ ନ୍ୟାୟ, ସଦ୍ଭାବନା ଓ ସମସ୍ତଙ୍କ ଅଧିକାର ପାଇଁ ବିବେକ ଅନୁସାରେ ଭୋଟ୍ ଦେବାର ଦାୟିତ୍ୱ ଦେଇଛୁ। ତେଣୁ କୌଣସି ଦଳୀୟ ହ୍ୱିପ୍ ଜାରି ହୋଇନାହିଁ।"

ଏହା ପୂର୍ବରୁ ବିଜେଡି ଘୋଷଣା କରିଥିଲା ଯେ ସେ ରାଜ୍ୟସଭାରେ ୱାକଫ୍ ସଂଶୋଧନ ବିଲ୍, ୨୦୨୫ ଓ ମୁସଲମାନ ୱାକଫ୍ (ରିପିଲ୍) ବିଲ୍, ୨୦୨୪ର ବିରୋଧ କରିବ। ସସ୍ମିତ ପାତ୍ର ଗଣମାଧମକୁ କହିଥିଲେ, "ଆମ ପକ୍ଷରୁ ରାଜ୍ୟସଭା ସାଂସଦ ➭ପୃଷ୍ଠା-୬



କାନ ଡେରିଥା

ଓଡ଼ିଆ ଭାଷାକୁ କହି ନପାରି ସେ
ହୋଇଥିଲେ ବଡ଼ ନେତା
ତାଙ୍କୁ ଛୁଇଁବାଟା ବହୁ ଦୂରେ ଥିଲା
ଦିଶୁ ବି ନଥିଲା ଜୋତା
ତାଙ୍କୁ ନେତା ଥିଲେ ପିତା...
ସତ କଥା ଯଦି କହିଦେବ ଏଠି
କହିଦେବେ ପାଦ ଚଟା।

■ ଦେବାଶିଷ

## ଅରୁଣଙ୍କୁ ଆଣିବାକୁ ଉଦ୍ୟମ ଜୋରଦାର

- ନବୀନ-ପ୍ରେମଙ୍କ ନିକଟତରରୁ ମିଳୁଛି ଆଭାସ
- କସରତ ପଛରେ ରହିଛି ପାଣ୍ଡିଆନଙ୍କ ସମର୍ଥନ

**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ବିଜେଡିର ଉତ୍ତରାଧିକାରୀ ଚର୍ଚ୍ଚା ପୁଣିଥରେ ଆରମ୍ଭ ହୋଇଥିବାବେଳେ ଦଳର ମଙ୍ଗ ଧରିବାରୁ ନବୀନଙ୍କ ପୁତୁରା ତଥା ବଡଭାଇ ପ୍ରେମ୍ ପଟ୍ଟନାୟକଙ୍କ ପୁଅ ଅରୁଣ ପଟ୍ଟନାୟକଙ୍କୁ ଓଡିଶା ଫେରାଇ ଆଣିବାପାଇଁ ପୁଣିଥରେ କସରତ ଆରମ୍ଭ ହୋଇଛି । ପୂର୍ବରୁ ଏଥିନେଇ ଏକାଧିକ ଥର ଉଦ୍ୟମ ହୋଇଥିଲେ ମଧ ନବୀନ ଓ



ପ୍ରେମ୍‌ଙ୍କ ମଧରେ ଦୂରତା ଯୋଗୁଁ ତାହା ସମ୍ଭବ ହୋଇପାରିନଥିଲା । ଭଉଣୀ ଗୀତା ମେହେଟ୍ଟାଙ୍କ ପରଲୋକ ପରେ ପ୍ରେମ ନବୀନ ନିକଟତର ହେବା ସହିତ ନବୀନଙ୍କ ଦିଲ୍ଲୀ ଗସ୍ତ କାଳରେ ପ୍ରେମ୍‌ଙ୍କୁ ଏକାଧିକବାର ଭେଟିବା ଏବେ ଅରୁଣଙ୍କ ଓଡିଶା ଆଗମନ ଚର୍ଚ୍ଚାକୁ ଖୋରାକ ଯୋଗାଇଛି ।

ନିର୍ବାଚନରେ ପରାଜୟ ପରେ ନବୀନ ବିରୋଧିଦଳର ନେତା ହୋଇଥିଲେ ମଧ ପୂର୍ବଭଳି ପାଣ୍ଡିଆନ ହିଁ ଦଳକୁ ସମ୍ଭାଳିଥିଲେ । ତେବେ ନିକଟରେ ପାଣ୍ଡିଆନଙ୍କ ପତ୍ନୀ ଓଡିଆ ଝିଅ ସୁଜାତା ଆଇଏଏସ୍ ଚାକରିରୁ ଇସ୍ତଫା ଦେବାପରେ ଏହି ଦମ୍ପତ୍ତି ଓଡିଶା ଛାଡିବାକୁ ଯାଉଛନ୍ତି । ସୁଜାତା ବିଜେଡିର ମଙ୍ଗ ଧରିବେ ବୋଲି ଯେଉଁ ଚର୍ଚ୍ଚା ଚାଲିଥିଲା ତାହାର ପରିସମାପ୍ତି ଘଟିବା ସହିତ ପାଣ୍ଡିଆନ ଦମ୍ପତ୍ତି ଓଡିଶା ଛାଡିଲେ ବିଜେଡିକୁ କିଏ ସମ୍ଭାଳିବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି ।

ତେବେ ଏଭଳି ସ୍ଥିତିରେ ଅରୁଣଙ୍କୁ ଓଡିଶା ଆଣିବାପାଇଁ ପୁଣିଥରେ ଉଦ୍ୟମ ଆରମ୍ଭ ହୋଇଛି। ବିଜେଡିର ଗୋଟିଏ ବଡ ଗୋଷ୍ଠି ମଧ ଏଥିରେ ସହମତ ଅଛନ୍ତି । ତେବେ ସବୁଠାରୁ ବଡ କଥା ହେଲା ବିଜେଡିର ହାନିଲାଭ ସବୁକିଛି ବୁଝୁଥିବା ଭି କେ ପାଣ୍ଡିଆନ ବି ଏଭଳି ପ୍ରସ୍ତାବରେ ରାଜି ଅଛନ୍ତି। କାରଣ ନିର୍ବାଚନ ପରଠାରୁ ଦଳ ଭିତରେ ଓ ବାହାରେ ତାଙ୍କୁ ଟାର୍ଗେଟ କରାଯାଉଥିଲା । ନିଜ ଅପରାଗତାରୁ ନିର୍ବାଚନ ହାରିଥିବା ବିଜେଡିର ଅନେକ ନେତା ପାଣ୍ଡିଆନଙ୍କ ମୁଣ୍ଡରେ ହାରିବାର କାରଣକୁ ଲଦିବାରେ ଲାଗିଥିଲେ । ସେହିଭଳି ଶାସକଦଳ ମଧ କଥା କଥାରେ ପାଣ୍ଡିଆନଙ୍କୁ ସମାଲୋଚନା କରିବାକୁ ପଛାଉନଥିଲେ ।

ଏଭଳି ସ୍ଥିତିରେ ପାଣ୍ଡିଆନ ଦମ୍ପତି ସମାଲୋଚନା, ନିନ୍ଦା ଅପବାଦରୁ ଦୂରେଇ ରହିବା ପାଇଁ ଓଡିଶା ଛାଡୁଥିବା ଚର୍ଚ୍ଚା ➭ପୃଷ୍ଠା-୬

## ବଢ଼ିଲା ସଚିବଙ୍କ ଜିଲ୍ଲା ଗସ୍ତ ସମୟ ସୀମା

ଏପ୍ରିଲ ୩୦ ସୁଦ୍ଧା ଗସ୍ତ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ସଚିବମାନଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମକୁ ଆସନ୍ତା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସମୟ ମଧରେ ବରିଷ୍ଠ ଅଧିକାରୀମାନେ ନିଜ ନିଜ ଜିଲ୍ଲାକୁ ଅନ୍ୟୂନ ଦୁଇ ଦିନ ପାଇଁ ଗସ୍ତ କରିବା ସହ ସେଠାରେ ଗୋଟିଏ ରାତି ରହିବେ। ପୂର୍ବରୁ ଗତ ଜାନୁଆରୀ ୩୧ ତାରିଖରେ ଉନ୍ନୟନ କମିଶନର ଅନୁ ଗର୍ଗ ସଚିବଙ୍କୁ ବାଣ୍ଟିଥିବା ଜିଲ୍ଲା ବଳବତ୍ତର ରହିଛି। ସଚିବମାନେ ନିଜ ନିଜ ଜିଲ୍ଲାକୁ ଏହି ସମୟ ମଧରେ ଗସ୍ତ କରିବାକୁ ଆଜି ପୁଣି ଥରେ ଚିଠି କରିଛନ୍ତି ଉନ୍ନୟନ କମିଶନର। ଏପରିକି ଜିଲ୍ଲା ଗସ୍ତରେ ସଚିବମାନେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ପାନୀୟ ଜଳ ଯୋଗାଣ, ସେତୁ ବନ୍ଧନ ଯୋଜନା, ପଞ୍ଚସଖା ଶିକ୍ଷା ସେତୁ ଯୋଜନା, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ ଭଳି ସବୁ ସରକାରୀ ଯୋଜନାର ସମୀକ୍ଷା କରିବା ସହ ଆଦିବାସୀ ହଷ୍ଟେଲରେ ଛାତ୍ରଛାତ୍ରୀଙ୍କ ସହ ମଧ ଆଲୋଚନା କରିବେ।

ବଗପାଟିଆରେ ସାତଭାୟାର ଅନୁସୂଚିତ ବର୍ଗର ଲୋକଙ୍କୁ କରାଯାଉନି ଥଇଥାନ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୦ ପରିବାରର ଧାରଣା

**କେନ୍ଦ୍ରାପଡ଼ା,୩।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଗ୍ରାମପଞ୍ଚାୟତର ୪୦ଟି ଅନୁସୂଚିତ ବର୍ଗର ପରିବାରକୁ ବଗପାଟିଆ ଠାରେ ଥଇଥାନ କରାନଯିବା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେହି ପରିବାର ଗୁଡିକ ପକ୍ଷରୁ ଅନଶନ ଧାରଣା ଦିଆଯାଇଥିଲା ।

ସୂଚନା ଅନୁଯାଇ ସାତଭାୟା ଗ୍ରାମପଞ୍ଚାୟତଟି ସମୁଦ୍ର ଗର୍ଭରେ ଲୀନ ହୋଇଯିବାରୁ ସେଠାରୁ ବାସଚ୍ୟୁତ ହୋଇଥିବା ୪୦ଟି ଅନୁସୂଚିତ ବର୍ଗର ପରିବାରକୁ ସରକାରଙ୍କ ଥଇଥାନ ଓ ପୁର୍ନବସତି ଯୋଜନା ଅଧିନରେ ସରକାରଙ୍କ ଦ୍ୱାରା ନିର୍ମିତ ହୋଇଥିବା ବଗପାଟିଆ ଠାରେ ସେମାନଙ୍କୁ ଘରଡିହ ଜମି ଯୋଗାଇ ଦିଆଯିବା କଥା । କିନ୍ତୁ ସେମାନଙ୍କୁ ଘରଡିହ ଯୋଗାଇ ଦିଆନଯିବାରୁ ସେମାନେ ଜିଲ୍ଲାପାଳଙ୍କୁ ବାରମ୍ବାର ଜନ ଅଭିଯୋଗ ଶୁଣାଣି




ଶିବିରରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା । ଶେଷରେ ସେମାନେ ବାଧ ହୋଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନଂ-୨୫୦୪୧/୨୦୨୩ରେ ଏକ ରିଟ ପିଟିସନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ସେହି ଆବେଦନର ବିଚାର କରି ଗତ ତା ୧୦.୦୮.୨୦୨୩ରିଖରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଆବେଦନକାରୀଙ୍କ ଆବେଦନକୁ ବିଚାର କରି ତିନିମାସ ମଧରେ ନିୟମ ଅନୁଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । କିନ୍ତୁ ଏହାମଧରେ ଏକବର୍ଷ ସାତ ମାସ ବିତିଯାଇଥିଲେ ବି ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଧାରଣାରେ ବସିବାକୁ ବାଧ ହୋଇଥିବା କହିଛନ୍ତି ।

ଏହି ଧାରଣାରେ ସସ୍ମିତା ମଳିକଙ୍କ ସମେତ ଅନ୍ୟମାନେ ବସିରହିଥିବା ଦେଖାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଧାରଣାକାରୀମାନଙ୍କ ପାଖକୁ ଆସିନଥିବା ଜଣାପଡିଛି।

# ଜୀବନ ଯୁଦ୍ଧରେ ହାରିଗଲା ୩ ବର୍ଷର ଶିଶୁ ଆନନ୍ଦ

**ମହାକାଳପଡ଼ା,୩।୪ (ସଂଚାର ବ୍ୟୁରୋ):** ଜୀବନ ଯୁଦ୍ଧରେ ଲଢ଼ି ଲଢ଼ି ଶେଷରେ ହାରିଯାଇଛି ୩ ବର୍ଷର ଶିଶୁପୁତ୍ର ଆନନ୍ଦ ତାରିଣୀ। ଜୀବନ କ'ଣ ଜାଣିବା ଆଗରୁ ଜୀବନର ଶେଷ ଦୀପ ଲିଭି ଯାଇଛି। ଆନନ୍ଦର ବିୟୋଗରେ ପରିବାର ଲୋକେ ପାଗଳ ପ୍ରାୟ। ଗ୍ରାମବାସୀ ମଧ ସ୍ତବ୍ଧ। ବନ୍ଧୁ ପରିଜନଙ୍କ ପାଖରେ କହିବାକୁ ଭାଷା ହିଁ ନାହିଁ। ଦଇବ ଏମିତି ଦାଉ ସାଜିବ କେହି କେବେ ଗ୍ରହଣ ହିଁ କରିପାରୁ ନାହାଁନ୍ତି।

ମହାକାଳପଡ଼ା ବ୍ଲକ ରାଜଗଡ ଗ୍ରାମ ପଞ୍ଚାୟତ ରାଜଗଡ ଗ୍ରାମର ସତ୍ୟଜିତ ତାରିଣୀଙ୍କ ୩ ବର୍ଷର ପୁତ୍ର ଆନନ୍ଦ ତାରିଣୀ ଫୁସଫୁସ ସଂକ୍ରମଣରେ ଗୁରୁତର ହୋଇ ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପ୍ରଥମେ ଆନନ୍ଦଙ୍କୁ ଥଣ୍ଡା ଜ୍ୱର ଲାଗି ରହିଲା। ମେଡିକାଲ୍ ରେ ଚିକିତ୍ସା କରି ମଧ ଥଣ୍ଡା ଜ୍ୱର କମିଲା ନାହିଁ। ପରିବାର ଲୋକେ କଟକ ଶିଶୁଭବନକୁ ଚିକିତ୍ସା ପାଇଁ ନେବାରୁ ଆନନ୍ଦଙ୍କ ଫୁସଫୁସ ସଂକ୍ରମଣ ଗୁରୁତର ହୋଇଛି ବୋଲି



**ଫୁସଫୁସ ସଂକ୍ରମଣରେ ହୋଇଥିଲା ପୀଡ଼ିତ**

**ଚିକିତ୍ସା ପାଇଁ ସହଯୋଗ ଭିକ୍ଷା କରୁଥିଲେ ପରିବାର**

ପରୀକ୍ଷାରୁ ଜଣା ପଡ଼ିଥିଲା। ହେଲେ ଆଇସିୟୁ ମିଳିବା ସମ୍ଭବ ନହେବାରୁ ପରିବାର ଲୋକେ ବାଧ ହୋଇ କଟକର ଏକ ଘରୋଇ ଡ଼ାକ୍ତରଖାନାକୁ ନେଇ ଯାଇଥିଲେ। ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିଲେ । ଆହୁରି ୫ ଲକ୍ଷ ଭଳି ଟଙ୍କା ଆବଶ୍ୟକ ରହିଛି ବୋଲି ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟ କାର୍ଡ ନଥିବାରୁ ସରକାରଙ୍କ ସୁବିଧାରୁ ମଧ ବଞ୍ଚିତ ଥିଲେ ପରିବାର। ଆନନ୍ଦର ବାପା ସତ୍ୟଜିତ ବାହାରେ ରହି ସ୍ୱଳ୍ପ ବେତନରେ ପରିବାର ଚଳାଉ ଥିଲେ। ପୁଅର ଏମିତି ଅବସ୍ଥାରେ ଏତେ ଟଙ୍କା ଯୋଗାଡ କରିବା ତାଙ୍କ ପକ୍ଷରେ ସମ୍ଭବପର ହୋଇ ନପାରିବାରୁ ପୁଅର ଜୀବନ ବଞ୍ଚାଇବାକୁ ସେ ସମସ୍ତଙ୍କୁ ସହଯୋଗ ପାଇଁ ନିବେଦନ କରିଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ ଓ ସାମାଜିକ କର୍ମୀମାନେ ସହଯୋଗର ହାତ ମଧ ବଢ଼ାଇ ଚାଲିଥିଲେ। ହେଲେ ଆଜି ସକାଳୁ ଆନନ୍ଦ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଆନନ୍ଦଙ୍କ ଦେହାନ୍ତରେ ପରିବାର ଭାଙ୍ଗି ପଡିଥିବାବେଳେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ପାରମ୍ପରିକ ପୋଷାକ ପରିଧାନ ଦିବସ

**କେନ୍ଦ୍ରାପଡ଼ା,୩।୪ (ସଂଚାର ବ୍ୟୁରୋ):** ରାଜ୍ୟବ୍ୟାପୀ ଓଡିଆ ପକ୍ଷ ପାଳନର ତୃତୀୟ ଦିବସରେ "ଆମ ପୋଷାକ ଆମ ପରିଚୟ" ବିଷୟବସ୍ତୁକୁ ଆଧାର କରି "ପାରମ୍ପରିକ ପୋଷାକ ପରିଧାନ ଦିବସ" ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପାଳନ ହୋଇଯାଇଛି। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପୃଷ୍ଠପୋଷକତାରେ ଆମ ବୁଣାକାର ଭାଇମାନଙ୍କ ସୃଜନାତ୍ମକ କୌଶଳକୁ ପ୍ରୋତ୍ସାହିତ କରିବାକୁ ଯାଇ ଏହି ଅଭିନବ ପ୍ରାୟସରେ ସାମିଲ ହୋଇଥିଲେ ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀବୃନ୍ଦ। ଆମ ଓଡ଼ିଶାର ହସ୍ତତନ୍ତ ବିଶ୍ୱ ବିଦିତ ଏବଂ ବିଶ୍ୱ ଆଦୃତ । ଏହି ଉତ୍କୃଷ୍ଟ କଳାକୌଶଳକୁ ପ୍ରୋତ୍ସାହନ ଦେବା ସହିତ ଦୈନନ୍ଦିନ ଜୀବନରେ ଏହାର ବହୁଳ ବ୍ୟବହାର ନିମନ୍ତେ ସରକାରଙ୍କ ଆହ୍ୱାନକୁ ପୁରପଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଏହି ପ୍ରଚେଷ୍ଟା। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଉପ-ଜିଲ୍ଲାପାଳ, ସମସ୍ତ ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ପାରମ୍ପରିକ ପୋଷାକ ପରିଧାନ ଦିବସକୁ ସାଫଲ୍ୟମଣ୍ଡିତ କରିଥିଲେ ।

ଇକୋ ଓ ଏନର୍ଜି କ୍ଲବ୍ ଜରିଆରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

# ଗଜେଶ୍ୱର ବିଦ୍ୟାପୀଠ ଛାତ୍ରଛାତ୍ରୀମାନଙ୍କ ସଚେତନତା ପଦଯାତ୍ରା

**ମହାକାଳପଡ଼ା,୩।୪ (ସଂଚାର ବ୍ୟୁରୋ):** ଗଜେଶ୍ୱର ବିଦ୍ୟାପୀଠ, ଦେଉଳପଡାର ଛାତ୍ର ଛାତ୍ରୀମାନେ ଆଜି ଇକୋ କ୍ଲବ୍ ଓ ଏନର୍ଜି କ୍ଲବ୍ ଜରିଆରେ ସ୍ୱଚ୍ଛ ସୁନ୍ଦର ପରିବେଶ ଓ ପ୍ଲାଷ୍ଟିକ/ପଲିଥିନ ମୁକ୍ତ ଅଭିଯାନ ପାଇଁ ସଚେତନତା ବାର୍ତ୍ତା ଦେଇଛନ୍ତି। ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ହାତରେ ସଚେତନତା ପୋଷ୍ଟର ଧରି ପରିବେଶ ସଚେତନତା ସ୍ଲୋଗାନ ଦେଇ ଦେଉଳପଡା, ଓଳିହା ଓ ମେରଦା ଗ୍ରାମକୁ ପଦଯାତ୍ରାରେ ଯାଇ ଲୋକମାନଙ୍କୁ ସଚେତନ କରାଇଥିଲେ। ଗଛ ସଂଖ୍ୟା କମୁଥିବାରୁ ଦିନକୁ ଦିନ ତାପମାତ୍ରା ବଢୁଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ




ଦେଖିବାକୁ ମିଳୁଛି। ଅତ୍ୟଧିକ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବଢ଼ିବାରୁ ଏହା ଆମ ଦୈନନ୍ଦିନ ଜୀବନରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଛି। ମୃତ୍ତିକା ପ୍ରଦୂଷଣ ସହିତ ଜଳ ପ୍ରଦୂଷିତ ହୋଇ ଜୀବନ ପ୍ରଭାବିତ ହେଉଛି। ତେଣୁ ସଚେତନତା ମାଧମରେ ସମସ୍ତେ ଏହି ଧାରାରେ ନିଜକୁ ନିୟୋଜିତ କରି ବୃକ୍ଷ ରୋପଣ ଓ ପ୍ଲାଷ୍ଟିକ ପଲିଥିନ ବ୍ୟବହାରକୁ ସଙ୍କୁଚିତ କଲେ ହିଁ ସବୁଜ ଓ ସୁନ୍ଦର ପୃଥିବୀର ପରିକଳ୍ପନା ହୋଇ ପାରିବ ବୋଲି ଛାତ୍ର ଛାତ୍ରୀମାନେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ମିଶ୍ର, ବିଜୟା ଲକ୍ଷ୍ମୀ ସ୍ୱାଇଁ, ସୌଭାଗ୍ୟ ମହାନ୍ତି, ଶୀତେଶ ନନ୍ଦ, ଅଜୟ ସାହାଣୀ, ସୁପ୍ରିୟା ଦାସ, ପ୍ରଣତୀ ସେଠୀ, ରାଜଲକ୍ଷ୍ମୀ ଦାସ, ସୁଚିଲିସ୍ମା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାମୁଣ୍ଡାଇ ବ୍ଲକରେ ଗଡ଼ିଲା ଶିକ୍ଷା ସଚେତନତା ରଥ



**ପଞ୍ଚାମୁଣ୍ଡାଇ,୩।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦେଶରେ ଶିକ୍ଷାକୁ ଲୋକାଭିମୁଖୀ କରିବା ପାଇଁ ପଞ୍ଚାମୁଣ୍ଡାଇ ବ୍ଲକରେ ଶିକ୍ଷା ସଚେତନତା ରଥ ଗଡ଼ିବା ଆରମ୍ଭ କରିଛି ।ପଞ୍ଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡମୂଳବସନ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଞ୍ଚାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ,ଅତିରିକ୍ତ ଶିକ୍ଷାଧିକାରିଣୀ ପ୍ରେମବାଳା ମହାପାତ୍ର ଓ ସୁନିତି ଦାଶ,ସି ଆର ସି ସି ମଳୟ ଜେନା ସଞ୍ଜୟ ସାହୁ, ରଞ୍ଜନ ସାହୁ ସଂଘମିତ୍ରା ନାୟକ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ସମିତି ସଭ୍ୟା ସ୍ମୃତିମୟୀ ମଲିକ,ପ୍ରଧାନ ଶିକ୍ଷକ ଦିପ୍ତିପ୍ରଭା ବାରିକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶିକ୍ଷାଧିକାରୀ ଶ୍ରୀଦଳାଇ ଓ ସରପଞ୍ଚ ଶ୍ରୀସେଠୀ ଏହି ରଥକୁ ପୂଜା କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କଲାପରେ ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ଓ ଧ୍ୱନୀ ଦ୍ୱାରା ରଥକୁ ବିଦ୍ୟାଳୟ ପରିସରରୁ ଅନ୍ୟ ଆଞ୍ଚଳିକ ସାଧନ ଅଭିମୁଖେ ଅଗ୍ରସର ହେବାକୁ ଦିଆଯାଇଥିଲା।

ରାଜରାସ୍ତାରେ ହାଇୱା ମାଲିକ ସଂଘ

# ପ୍ରଶାସନ ସହ ଆଲୋଚନା ବିଫଳ

**କେନ୍ଦ୍ରାପଡ଼ା,୩।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ହାଇୱା ଓ ଟିପର ମାଲିକ ସଂଘ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ ଜିଲ୍ଲା ପ୍ରଶାସନ କୌଣସି କଥା ନଶୁଣିବାରୁ ସଂଘ ତରଫରୁ ଆଜି ପ୍ରାୟ ଶତାଧିକ ହାଇୱା ଓ ଟିପର ଗାଡି ରାଜରସ୍ତା ଉପରେ ରଖି ଅବରୋଧ କରିଥିଲେ ଯାହା ଫଳରେ ଯାତାୟତ ରେ ଅସୁବିଧା ସୃଷ୍ଟି ହୋଇଥିଲା ।



ସଂଘର ଅଭିଯୋଗ ଅନୁସାରେ ଜିଲ୍ଲା ପ୍ରଶାସନ ଅଧିକାରୀ ଓ ପୋଲିସ ଅଧିକାରୀ ମାନେ ବାଲି, ମୋହରମ ଓ ମାଟି ଅଦି ନେଇ ଯାଉଥିବା ସମୟରେ ଅଧିକାରୀମାନେ ଜୋର ଜବରଦସ୍ତ ବେଆଇନ କହି ଗାଡିକୁ ଅଟକାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରୁଛନ୍ତି । ଯାହା ଫଳରେ ଗାଡି ମାଲିକମାନେ ଦୀର୍ଘ ମାସ ହେଲା ଗାଡି ନ ଚଳାଇ ଛିଡା କରି ରଖିଛନ୍ତି । ମାଲିକମାନେ ବ୍ୟାଙ୍କକିସ୍ତି ଦେବାରେ ମଧ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଏ ବିଷୟରେ ପ୍ରଶାସନକୁ ଜଣାଇଲେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।

ରସ୍ତା ଅବରୋଧ ଖବର ପାଇ ଜିଲ୍ଲା ପ୍ରଶାସନ ତରଫରୁ ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, ପଞ୍ଚାମୁଣ୍ଡାଇ ଏସଡିପିଓ, ନିକିରାଇ ଥାନା ଅଧିକାରୀ, ଟାଉନ ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଁଚି କର୍ମକର୍ତ୍ତାମାନଙ୍କୁ ଡାକି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ । ଆଲୋଚନାରେ କୌଣସି ସୁଫଳ ନମିଳିବାରୁ ହାଇୱା ଓ ଟିପର ମାଲିକ ସଂଘ ତାଙ୍କ ଜିଦିରେ ଅଟଳ ରହିଛନ୍ତି ।

ଅଙ୍ଗନବାଡ଼ି କେନ୍ଦ୍ରକୁ ଜୋର ଜବରଦସ୍ତ କବ୍‌ଜା

# ପ୍ରଶାସନ ନୀରବଦ୍ରଷ୍ଟା, ନ୍ୟାୟ ଅପେକ୍ଷାରେ ଦମ୍ପତି

**ଆଳି,୩।୪ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ନରେନ୍ଦ୍ରପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରକୁ ୪ ବର୍ଷ ହେବ ଜଣେ ବୃଦ୍ଧ ଦମ୍ପତି ଜୋର୍ ଜବରଦସ୍ତ କବ୍‌ଜା କରି ରଖିଛନ୍ତି। କିନ୍ତୁ ପ୍ରଶାସନ ଚାରି ବର୍ଷ ହେବ ନୀରବଦ୍ରଷ୍ଟା।

ସୂଚନା ଯୋଗ୍ୟ କି ୨୦୨୧ ମସିହାରେ ବାତ୍ୟା ଆଶଙ୍କାରେ ପ୍ରଶାସନ ଏହି ଅଙ୍ଗନବାଡ଼ିରେ ଦମ୍ପତିଙ୍କୁ ଥାଇଥାନ କରିଥିଲେ। କିନ୍ତୁ ସେବେ ଠାରୁ ଦମ୍ପତି ନିଜ ସମ୍ପତି ଭାବି ଯିବାର ନାଁ ଧରୁନାହାନ୍ତି। ଯାହା ଫଳରେ ଅଙ୍ଗନବାଡ଼ିରେ କୋମଳ ମତି ଶିଶୁ ପଢ଼ିବାରୁ ବଞ୍ଚିତ ହେବା ସହ ଅନ୍ୟ ଏକ ଅଙ୍ଗନପାଡ଼ି କେନ୍ଦ୍ରକୁ ଯିବାକୁ ପଡୁଛି । ନିଜର ଅଙ୍ଗନବାଡ଼ି କେନ୍ଦ୍ର ଥିବା ସତ୍ତ୍ୱେ ପ୍ରାୟ ଅଧ କିଲୋମିଟର ପିଲାଙ୍କୁ ଚାଲିକି ଯିବାକୁ ପଡ଼ୁଥିବା ବେଳେ କିଛି ପିଲା ଯାଉଛନ୍ତି କିଛି ପିଲା ଅନେକ ଦୂରତା ଥିବାରୁ ଯିବାକୁ ଅଭିଭାବକ ଛାଡୁ ନଥିବା



କହିଛନ୍ତି ଅଙ୍ଗନବାଡ଼ି ଦିଦି ମାତା ରାଉତ। ଅନ୍ୟ ପଟେ ଅଙ୍ଗନବାଡ଼ି ଦିଦି କହିଛନ୍ତି ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଅଭିଯୋଗ କରିଥିଲେ ମଧ ୪ ବର୍ଷ ହେବ ଅନ୍ୟତ୍ର ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ପିଲା ପଢୁଥିବା ବେଳେ ପ୍ରଶାସନ କିଛିବି ପଦେକ୍ଷପ ନେଇନାହାନ୍ତି। ଯାହାଫଳରେ ପିଲାମାନେ ନିଜସ୍ୱ ଅଙ୍ଗନବାଡ଼ି କେନ୍ଦ୍ରରେ ପଢ଼ିବାରୁ ବଞ୍ଚିତ ରହିଛନ୍ତି। ଏଠି ପ୍ରଶ୍ନ ଉଠେ ପିଲାଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ କାହିଁକି ଅନ୍ୟତ୍ର ଯିବେ କୋମଳ ମତି ଶିଶୁ ? ଯଦି କାହାକୁ ବାତ୍ୟା ପାଇଁ ଥଇଥାନ୍ କରାଯାଇଥିଲା କାହିଁକି ତାଙ୍କୁ ବାତ୍ୟା ପରେ ବିଦା କରା ଗଲାନାହିଁ। ଏଠି ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଏବେ ନିଦ୍ରା ଭାଙ୍ଗି କୋମଳ ମତି ଶିଶୁଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ଥଇଥାନ୍ କରାଇବେ କି ପ୍ରଶାସନ ? ନା ୪ ବର୍ଷଟା ଆଉ କିଛି ଦିନ ବିତିଯିବ। ଏନେଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମାମିନାବାଳା ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି ମୁଁ ଅଭିଯୋଗ ପାଇଛି ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯାଇ ଅଙ୍ଗନବାଡ଼ି କେନ୍ଦ୍ରକୁ ଚଲାଯିବ।

# ଜିଲ୍ଲାପାଳଙ୍କ ଓଡ଼ିଶା ଦିବସ ନିର୍ଦ୍ଦେଶକୁ ଫୁଁ' କରି ଉଡାଇଦେଲା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗ




**ନିଶ୍ଚିନ୍ତକୋଇଲି,୩।୪ (ସଂଚାର ବ୍ୟୁରୋ):** ଅପ୍ରିଲ ମାସର ୧ ତାରିଖକୁ ସମଗ୍ର ରାଜ୍ୟରେ ଓଡ଼ିଶା ଦିବସ ଭାବେ ପାଳନ କରି ଆସୁଥିବା ବେଳେ ଚଳିତ ବର୍ଷ ସରକାରଙ୍କ ନୂଆ ନିୟମ ଅନୁଯାଇ କଟକ ଜିଲ୍ଲାପାଳଙ୍କ ଚିଠି ନଂ ୫୫, ୨୦/୦୩/୨୦୨୫ ଅନୁଯାୟୀ ଓଡ଼ିଶା ଦିବସ ଅପ୍ରିଲ୍ ୧ତାରିଖ ଦିନଟି ଆମ ରାଜ୍ୟ ଇତିହାସରେ ମହତ୍ୱପୁର୍ଣ୍ଣ ଦିବସ ଅଟେ। ତେଣୁ ଏହି ଦିନଟିକୁ ଆମେ ଉତ୍ସାହ ଓ ଗର୍ବର ସହିତ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ଦିବସରେ ଯେପରି ଜାତୀୟ ପତାକାକୁ ସମ୍ମାନ ଜଣାଯାଏ ସେହିପରି ଭାବେ ପାଳନ କରିବାକୁ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦେଶ ରହିଥିଲା। ସମଗ୍ର କଟକ ଜିଲ୍ଲା ଅଧିନରେ ଥିବା ମଣ୍ଡଳ ସ୍ତରରେ ସମସ୍ତ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ନିମ୍ନଲିଖିତ କାର୍ଯ୍ୟକ୍ରମ ଯଥା ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ, ଉତ୍କଳ ଐତିହ୍ୟ ପ୍ରଦର୍ଶନ କରୁଥିବା ଉତ୍କଳ ସାଂସ୍କୃତିକ କାର୍ଯ୍ୟକ୍ରମ ଚିହ୍ନ ଇତିହାସ ଉପରେ ବକ୍ତବ୍ୟ ଏବଂ ବିତର୍କ, ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରି, ବିଦ୍ୟାଳୟର କର୍ମଚାରୀମାନେ ଉତ୍ସାହ ଉଦ୍ଦୀପନାର ସହକାରେ ଏହି ଉତ୍ସବରେ ଅଂଶଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ଚିଠିରେ ଉଲ୍ଲେଖ ରହିଥିବା ବେଳେ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନସ୍ଥ ଅନେକାଂଶ ବିଦ୍ୟାଳୟ ମାନଙ୍କରେ ଏହାର ବ୍ୟତିକ୍ରମ ଘଟିଥିବା ଦେଖିବା ପାଇଁ ମିଳିଛି। ଏପରିକି ଅନେକ ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ ହୋଇନଥିବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାହାର ନଗ୍ନ ନମୁଁନା ବୁହାଳ ସାଧକନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ, ତିଳକଣା ଗ୍ରାମପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ ମହମ୍ମଦପୁର, ନେମାଳ ଗ୍ରାମପଞ୍ଚାୟତ ମୁଲୁସୁହାଙ୍ଗ ପ୍ରାଥମିକ ବିଦ୍ୟାଳୟ, ନରାଜପୁର ପ୍ରାଥମିକ ବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଭଗବାନପୁର ସମେତ ବହୁ ବିଦ୍ୟାଳୟରେ ସୂର୍ଯ୍ୟଅସ୍ତ ପୂର୍ବ ପର୍ଯ୍ୟନ୍ତ ଜାତୀୟ ପତାକା ଉଡ଼ିବା ଦେଖିବା ପାଇଁ ମିଳିନାହିଁ। ଏପରିକି ଅନେକ ବିଦ୍ୟାଳୟ ଖୋଲା ନଥିବାରୁ ଗ୍ରାମବାସୀଙ୍କୁ ପଚାରିବାରୁ ଆଜି ଛୁଟି ଥିବାରୁ ବିଦ୍ୟାଳୟ ଖୋଲାହୋଇ ନାହିଁ ବୋଲି କୁହନ୍ତେ। ତେବେ ଉତ୍କଳ ଦିବସ ଦିନ କୌଣସି କାର୍ଯ୍ୟକ୍ରମ ହୋଇନଥିବା ଛାତ୍ର ଅଭିଭାବକମାନେ ଅଭିଯୋଗ କରିଛନ୍ତି। ନିଶ୍ଚିନ୍ତକୋଇଲି ଶିକ୍ଷା ବିଭାଗ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ (ଫୁ) କରି ଉଡାଇ ଦେଇଥିବା ବେଳେ ଆମ ଜାତିର ଜାତୀୟ ପତାକାକୁ ଅସମ୍ମାନ ହୋଇଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ହଂସୁଆ କଳା ପ୍ରତିଷ୍ଠାନର ବାର୍ଷିକ ପ୍ରତିଷ୍ଠା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ରାଜନଗର,୩।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ସାଂସ୍କୃତିକ ଅନୁଷ୍ଠାନ ହଂସୁଆ କଳାପ୍ରତିଷ୍ଠାନ ର ବାର୍ଷିକ ପ୍ରତିଷ୍ଠା ଓ ସାଂସ୍କୃତିକ ମହୋତ୍ସବ ଦିତୀୟ ଦିବସ ମହାସମାରୋହରେ ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପିନାଥ ଯାଦବ, ବନଖଣ୍ଡ ଅଧିକାରୀ, ରାଜନଗର ଯୋଗଦେଇ କଳା ଓ ସଂସ୍କୃତିର ଅସ୍ମିତା କୁ ମଣିଷ ଭିତରେ ବଞ୍ଚାଇ ରଖିବାକୁ ହଂସୁଆ କଳାପ୍ରତିଷ୍ଠାନ ଚେଷ୍ଟା କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ




ମଧରେ ମୁଖ୍ୟ ବକ୍ତା ଭାବେ କବି ଓ ସମାଜସେବୀ ଡଃ କଳ୍ପନା ମଲିକ ଯୋଗଦେଇ କଳାପ୍ରତି ସମସ୍ତଙ୍କର ଆନ୍ତରିକତା ରହିବା ଦରକାର। କଳା ମଣିଷର ଭିତିରି କଥା ପରିପ୍ରକାଶ କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ଯୋଗଦେଇ ଆଜି କାଲି ପିଲାମାନେ ନାଚ, ଗୀତ, ବାଦ୍ୟ ଓ ଚିତ୍ର ପ୍ରଭୃତି ପ୍ରତି ବେଶ୍ ଅନୁରାଗ ରହିଛି। ଏ କ୍ଷେତ୍ରରେ ସେମାନଙ୍କୁ ଉତ୍ସାହିତ କରିବା ଦରକାର ବୋଲି ମନ୍ତବ୍ୟ ଦେଇଥିଲେ। କବି ଓ ଗୀତିକାର ସଂଗ୍ରାମ ବେହେରା ଅତିଥି ଭାବେ ଯୋଗଦେଇ କଠିନ ଅଧବସାୟ ବଳରେ ସଂଗୀତ କ୍ଷେତ୍ରରେ ପାରଦର୍ଶୀତା ଲଭିବେ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ଜଗନ୍ନାଥ ଦାସ ସଂଯୋଜନା କରିଥିଲେ।ଅନୁଷ୍ଠାନର ପ୍ରତିଷ୍ଠାତା କବି ଶତୃଘନ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ବିଶିଷ୍ଟ କବି ଭବାନୀ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ହଂସୁଆ କଳାପ୍ରତିଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀ ମନୋଜ ଦାଶ, ବାଲ୍ମୀକି ଜେନା, ମଳୟ ମହାନ୍ତି ଓ ରୂପଶ୍ରୀ ରାଉଳଙ୍କୁ ସମ୍ମାନିତ କରାଯାଇ ଯଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବୀଣାପାଣି କଳା ନିକେତନର ପ୍ରତିଷ୍ଠା ଦିବସ ଓ ବାର୍ଷିକ ସାଂସ୍କୃତିକ ସମାରୋହ

# କଳା ଓ ସଂସ୍କୃତିର ମିଳନରେ ଉତ୍କଳର ଅସ୍ମିତା ବଞ୍ଚିରହୁ

**ରାଜନଗର,୩।୪ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଦନପୁର ଠାରେ ଗଢ଼ି ଉଠିଥିବା ଅଗ୍ରଣୀ କଳା ଶିକ୍ଷାନୁଷ୍ଠାନ ବୀଣାପାଣି କଳା ନିକେତନ ତାର ଚତୁର୍ଦ୍ଦର୍ଷତମ୍ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ସାଂସ୍କୃତିକ ସମାରୋହ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଶିଷ୍ଟ ସିନେ ତାରକା ଅଶ୍ରୁମୋଚନ ମହାନ୍ତି ଯୋଗଦେଇ ନିଜର କଳା ପ୍ରତି ଥିବା ସମର୍ପିତ ଜୀବନ କାହାଣୀ କହିବା ସହ ନିଜର ସଂଳାପ ମାଧମରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ କଳା ଓ ସଂସ୍କୃତିର ମିଳନରେ ହିଁ ଉତ୍କଳର ଅସ୍ମିତା ବଞ୍ଚି ରହିବ। ତେଣୁ ପ୍ରତ୍ୟେକ ଅଭିଭାବକ ନିଜ ନିଜ ପିଲାଙ୍କୁ କଳା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ସେଥିପ୍ରତି ଯତ୍ନବାନ ହେବାକୁ ନିବେଦନ କରିଥିଲେ। କଥାକାର ପ୍ରଦୀପ



ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିବା ସହ ଏହିଭଳି ଶିକ୍ଷାନୁଷ୍ଠାନ ଆମ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରୁ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ପତ୍ରକାର ଭାସ୍କର ଚନ୍ଦ୍ର ରାଉତରାୟ ଓ, ପ୍ରାଧାପକ ଶୁଭକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ରାଜେଶ କୁମାର ଲେଙ୍କା ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଇ ଅବସରରେ ଓଡିଶୀ ନୃତ୍ୟଶିଳ୍ପୀ ଆଦ୍ୟାଶା ଇନ୍ଦିରା ମହାନ୍ତି, ଉପଦେଷ୍ଟା ତଥା କବି ପ୍ରମୋଦ କୁମାର ସେଠୀ, କବି ସୁଶାନ୍ତ କୁମାର ଦାଶ, ନୃତ୍ୟ ଗୁରୁ ଦୀପକ ସାହୁ, ଚିତ୍ରଗୁରୁ ରମେଶ ଚନ୍ଦ୍ର ସ୍ୱାଇଁ, ସଙ୍ଗୀତ ଜ୍ଞାନ ଗୁରୁଜୀ ଓ ବହୁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ନିୟୋଗ ପ୍ରଶିକ୍ଷଣ ଯୋଜନା



**ରାଜନଗର,୩।୪ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କର ନିୟୋଗ ଉପରେ ଏକ ପ୍ରଶିକ୍ଷଣ ଯୋଜନା ସମାବେଶ ହୋଇଥିଲା। ଅଧକ୍ଷ ପ୍ରଣୟ ବେହେରାଙ୍କ ଅଧକ୍ଷତାରେ ଏହି ସମାବେଶରେ ଯୁବ ରେଡ଼କ୍ରସ କାଉନସେଲର ଅଧାପିକା ରାଜଶ୍ରୀ ସାମନ୍ତ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷା ଓ ଶିଳ୍ପ ମଧ୍ୟରେ ଥିବା ବେବଧାନ କୁ କିପରି ଏହା ମାଧ୍ୟମରେ ଦୁର କରାଯାଇପାରିବ ତାହା ବୁଝାଇଥିଲେ। ଇତିହାସ ବିଭାଗର ଅଧାପକ ମି. ପ୍ରଶାନ୍ତ ଏଥିପାଇଁ ଦରକାର ହୋଇଥିବା ନିମ୍ନତମ ଯୋଗ୍ୟତା, ବୟସ, ଅନୁଦାନ, ବୃତ୍ତି ଆଦିର ସୂଚନା ଦେବା ସହିତ ଏହା କିପରି ଆମର କୌଶଳର ବିକାଶ କରି ଥାଏ ତାହା ବୁଝାଇ ଥିଲେ। ବରିଷ୍ଠ କିରଣୀ ପ୍ରଦୀପ୍ତ ମିଶ୍ର ଏହାକୁ ସହଯୋଗ କରିଥିଲେ।

# ୬ ଦିନ ଧରି ଲିଙ୍ଗରାଜ ମହୋତ୍ସବ

## ଯୋଗଦେବେ ୭୦୦ରୁ ଊର୍ଦ୍ଧ୍ୱ କଳାକାର



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ଚଳିତବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଆସନ୍ତା ୫ରେ ଅନୁଷ୍ଠିତ ହେଉଥିବା ବେଳେ ଏଥିସକାଶେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବ ଆୟୋଜିତ ହେବ। ଏହା ୫ରୁ ଆରମ୍ଭ ହୋଇ ୬ ଦିନ ଧରି ଭଜନ ମଣ୍ଡପଠାରେ ଚାଲିବା ପରେ ଆସନ୍ତା ୧୦ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବେ। ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ରଥଯାତ୍ରା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ ସାଧାରଣ ସମ୍ପାଦକ ସନତ ମିଶ୍ର କହିଛନ୍ତି। ଆଜି ପୁରୁଣା ଭୁବନେଶ୍ୱରସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତରାୟ ଓ ଶ୍ରୀ ମିଶ୍ର କହିଛନ୍ତି ଯେ ଚଳିତବର୍ଷ ଅଧିକ ପଡ଼ୋଶୀ ରାଜ୍ୟ ଓ ଓଡ଼ିଶା କଳାକାର ନୃତ୍ୟ ପରିବେଷଣ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ ଦିନ ବ୍ୟାପୀ ମହୋତ୍ସବ ପାଳନ କରାଯିବ। ୫ରେ ତ୍ରିଧାରା ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇ କାର୍ଯ୍ୟକ୍ରମ ୧୦ ତାରିଖରେ ଆସାମର ରୂପମ ଶର୍ମାଙ୍କ ବିହୁ ନୃତ୍ୟ ସହ ଉଦ୍‌ଯାପିତ ହେବ। ଏହି ୬ ଦିନିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିବେ ବାସୁଦେବ ନାଥ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶନୀ ସଂସ୍ଥାର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ରଶ୍ମୀ ମହାପାତ୍ର, ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ମହାପାତ୍ର, କେଦାରନାଥ ମହାପାତ୍ର, ଶ୍ରୀବତ୍ସ ପତି, ଲଲାଟେନ୍ଦୁ ମହାନ୍ତି, ବାବନ ଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ଦାସ, ଗଣେଶ ପାଲ ଓ ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ

**ପୁରୀ,୩।୪ (ସଂଚାର ବ୍ୟୁରୋ) :** ଶ୍ରୀମନ୍ଦିରରେ ଦର୍ଶନ ଶୃଙ୍ଖଳା ଓ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ରାଜ୍ୟ ସରକାର । ଶ୍ରୀମନ୍ଦିରର ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ୫ ପର୍ଯ୍ୟାୟରେ ଚୟନ ଶିବିରରେ ଯୋଗ ଦେବେ ୧୭୨ ଅଫିସର୍,୧୪୯୯ ସିପାହୀ ,ହାବିଲଦାର। ଗୃହ ବିଭାଗର ବିଜ୍ଞପ୍ତି ପରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ସଶସ୍ତ୍ର ପୋଲିସ ବାଟାଲିୟନର ଅଭିଜ୍ଞ ପୋଲିସଙ୍କୁ ୩ ବର୍ଷ ପାଇଁ ଡେପୁଟେସନରେ ଅଣାଯିବ। ୯ ତାରିଖ ଯାଏଁ ଚାଲିବ ଏହି ଚୟନ ପ୍ରକ୍ରିୟା । ବ୍ୟାରିକେଡିଂ ଠାରୁ ଆରମ୍ଭ କରି ନୀତି ଅନୁଯାୟୀ ଦର୍ଶନ ଶୃଙ୍ଖଳା ରେ ନିୟୋଜିତ ହେବେ ଏହି ସ୍ୱତନ୍ତ୍ର ବାହିନୀ । ଦିନକୁ ଶ୍ରୀମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ବଢୁଥିବାରୁ ଦର୍ଶନ ବ୍ୟବସ୍ଥାର ସୁପରିଚାଳନା ସରକାର ଓ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି ।

# ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା ଦେଲେ ଭକ୍ତ



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ଓଡ଼ିଶାରେ ରାଜନୈତିକ ଉତ୍ତେଜନା ଦିନକୁ ଦିନ ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ ଏକ ଜୋରଦାର ଘୋଷଣା କରି ରାଜ୍ୟବ୍ୟାପୀ ଆନ୍ଦୋଳନର ସଙ୍କେତ ଦେଇଛନ୍ତି। ସମ୍ପ୍ରତି କଳାହାଣ୍ଡି ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କଂଗ୍ରେସ କର୍ମୀମାନଙ୍କୁ ପୁଲିସ ଅଟକାଇବା ଘଟଣାକୁ ନେଇ ଭକ୍ତ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ଏନେଇ ସେ କହିଛନ୍ତି ଯେ ପୁଲିସ ବିଭାଗ ଓ ଡିଜିପି ରାଜନୈତିକ କର୍ମୀ ଭଳି କାମ କରୁଛନ୍ତି। ଏହାକୁ ସେ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବୋଲି ମତ ଦେଇଛନ୍ତି।

ଗୁରୁବାର ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭକ୍ତ ପୁଣିଥରେ ଆନ୍ଦୋଳନ ଡାକରା ଦେଇଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦିନରେ ଆମେ ୧୦ ଗୁଣ ଶକ୍ତି ସହ ବିଧାନସଭା ଘେରାଉ କରିବୁ। ଆମେ ସାରା ଓଡ଼ିଶାରେ ଚାଲି ଚାଲି ଜନସାଧାରଣଙ୍କ ସହ ସମ୍ପର୍କ ସ୍ଥାପନ କରିବୁ। ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନ ନେଇ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। ଏପ୍ରିଲ ୧୫ରେ ରାଜ୍ୟବ୍ୟାପୀ କଂଗ୍ରେସର ମଶାଲ ଶୋଭାଯାତ୍ରା ହେବ। ସମସ୍ତ ବ୍ଲକ ମୁଖ୍ୟାଳୟରେ ଶୋଭାଯାତ୍ରା କରିବ କଂଗ୍ରେସ। ସେହିପରି ଏପ୍ରିଲ ୨୧ରେ ଜିଲ୍ଲାପାଳ ଅଫିସ ଘେରାଉ କରିବ କଂଗ୍ରେସ। ନାରୀ ନିର୍ଯାତନା ପ୍ରସଙ୍ଗରେ ଶୋଭାଯାତ୍ରା କରିବ ବୋଲି ଭକ୍ତ କହିଛନ୍ତି। ପିସିସି ସଭାପତିଙ୍କ ଏହି ଘୋଷଣା ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ଗଠନ କରିବାର ଏକ ପ୍ରୟାସ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସରକାର ବିରୋଧୀ ସ୍ୱରକୁ ଦବାଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ କଂଗ୍ରେସ କର୍ମୀମାନେ ସହ୍ୟ କରିବେ ନାହିଁ। ଏଥିସହ ସେ ଜନସାଧାରଣଙ୍କୁ ଏକଜୁଟ ହୋଇ ଅନ୍ୟାୟ ବିରୋଧରେ ଲଢ଼ିବାକୁ ମଧ୍ୟ ଆହ୍ୱାନ ଦେଇଛନ୍ତି।

# ବୟାଳିଶମୌଜା ବିକାଶ ପରିଷଦର ପ୍ରସ୍ତୁତି ବୈଠକ

**କଟକ,୩।୪(ସଂଚାର ବ୍ୟୁରୋ):** ବୟାଳିଶ ମୌଜା ବିକାଶ ପରିଷଦର ୨୪ତମ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ନେଇ ପ୍ରସ୍ତୁତି ବୈଠକ ବହଳପଡ଼ା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ଆଡଭୋକେଟ କେଶବ ଚନ୍ଦ୍ର କର ସଭାରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପରିଷଦର ପୂର୍ବତନ ସଦସ୍ୟ ପବିତ୍ର ମୋହନ ପ୍ରଧାନଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ସନ୍ତୋଷ କୁମାର ପତି ପୂର୍ବସଭାର ବିବରଣୀ ପାଠ କରିଥିଲେ। ଆସନ୍ତା ମେ' ୨୫ରେ ଦଧିବାମନପୁର ମା' ଭୂଆଶୁଣି ମନ୍ଦିର ପ୍ରାଙ୍ଗଣରେ ମେଧା ସମ୍ମାନ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ କୃତୀ ବିଦ୍ୟାର୍ଥୀଙ୍କୁ ମେଧା ସମ୍ମାନ ପ୍ରଦାନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରିଷଦ ସ୍ମରଣିକା 'ପଲ୍ଲୀଶ୍ରୀ' ପାଇଁ ଲେଖା ଏପ୍ରିଲ ୩୦ ତାରିଖ ସୁଦ୍ଧା ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି, ଉପଦେଷ୍ଟା ପ୍ରମୋଦ



କୁମାର ମହାପାତ୍ର କିମ୍ବା ସଂଯୋଜକ ନିକୁଞ୍ଜ କୁମାର ସ୍ୱାଇଁଙ୍କ ନିକଟକୁ ପଠାଇବା ପାଇଁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମର ଆଲୋଚନାରେ ଉପସଭାପତି ଗୌତମ ଚରଣ ପରିଡ଼ା, ଉପଦେଷ୍ଟା ଗଣେଶ୍ୱର ଦାଶ, ଡଃ. କଲିମୁଲ୍ଲା, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ପ୍ରମୋଦ ମହାପାତ୍ର, ଧୀରେନ୍ଦ୍ର ବେହେରା, ବୁଲେଇ ବେହେରା, କୃଷ୍ଣଚନ୍ଦ୍ର ଦାଶ, ସହସମ୍ପାଦକ ସୁରେଶ ଚନ୍ଦ୍ର ଦେବତା, କୋଷାଧ୍ୟକ୍ଷ ଭଜକୃଷ୍ଣ ଲେଙ୍କା, ନିକୁଞ୍ଜ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ଦଳାଇ, ତ୍ରିଲୋଚନ ଦଳାଇ, ଅକ୍ଷୟ କୁମାର ମୁଦୁଲି, ବିଜୟ କୁମାର ଦାସ, ରବୀନ୍ଦ୍ର କୁମାର ଦେବତା, ସୁବାସ ଚନ୍ଦ୍ର ସାହୁ, ଆଡଭୋକେଟ ସ୍ମୃତି ମହାନ୍ତି ଓ ସ୍ମୃତିଧର ପତି ଅଂଶଗ୍ରହଣ କରିଥିଲେ।



ବଢୁଛି ଖରା, ପାଦ ଚଞ୍ଚଳ ପକା...

# ସରକାରୀ କର୍ମଚାରୀ ପିନ୍ଧିବେ ହସ୍ତତନ୍ତ ପୋଷାକ



**ଭୁବନେଶ୍ୱର,୩।୪ (ସଂଚାର ବ୍ୟୁରୋ):** 'ଓଡ଼ିଆ ପକ୍ଷ' ଉତ୍ସବର ଏକ ଅଂଶ ସ୍ୱରୂପ, ଓଡ଼ିଶା ସରକାର ରାଜ୍ୟର ସମୃଦ୍ଧ ବୟନ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁବାର ହସ୍ତତନ୍ତ ପୋଷାକ ପିନ୍ଧିବାକୁ ତାଙ୍କର କର୍ମଚାରୀ ଏବଂ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। 'ଆମ ପୋଷାକ ଆମ ପରିଚୟ' ନାମକ ଏହି ପ୍ରୟାସର ଲକ୍ଷ୍ୟ ହେଉଛି ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କ୍ଷେତ୍ରକୁ ଆଲୋକିତ କରିବା ଏବଂ ସମର୍ଥନ କରିବା। ସଚିବ, ବିଭାଗୀୟ ମୁଖ୍ୟ ଏବଂ ଜିଲାପାଳମାନଙ୍କୁ ଲେଖାଯାଇଥିବା ଏକ ଚିଠିରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର-ସଚିବ ପୁନମ ଗୁହା ତାପସ କୁମାର ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଏହି ଉତ୍ସବ ଓଡ଼ିଶାର ବିବିଧ ହସ୍ତତନ୍ତ ପରମ୍ପରାକୁ ପ୍ରଦର୍ଶନ କରିବ ଏବଂ ସ୍ୱଦେଶୀ କପଡାକୁ ଅଧିକ ଗ୍ରହଣ କରିବାକୁ ଉତ୍ସାହିତ କରିବ। ହସ୍ତତନ୍ତ କ୍ରୟକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ, ବୟନିକା, ଉତ୍କଳିକା, ଅମ୍ଳାନ ଏବଂ ସମ୍ବଲପୁରୀ ବସ୍ତ୍ରାଳୟ ଭଳି ରାଜ୍ୟ ପରିଚାଳିତ ଆଉଟଲେଟ୍ ୧ ଏପ୍ରିଲ୍, ୨୦୨୫ଠାରୁ ହସ୍ତତନ୍ତ ଉତ୍ପାଦ ଉପରେ ୨୦% + ୧୦% ର ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛନ୍ତି। ଏହି ରିହାତି ୧୪ ଏପ୍ରିଲ୍, ୨୦୨୫ ପର୍ଯ୍ୟନ୍ତ ବୈଧ ରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର ବାର୍ତ୍ତାରେ 'ଓଡ଼ିଆ ପକ୍ଷ' ସମୟରେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ବୁଣାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବବା ସହ ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିବ । ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ ରାଜ୍ୟର ଲୋକମାନଙ୍କୁ ଓଡ଼ିଶାର ହସ୍ତତନ୍ତ ପରମ୍ପରାକୁ ଗ୍ରହଣ ଏବଂ ପ୍ରଚାର କରିବାକୁ ଉତ୍ସାହିତ କରିଥିଲେ।

## ଅଣଛାତ୍ର ପ୍ରବେଶକୁ ବିରୋଧ କରି ରେଭେନ୍ସା ଛାତ୍ରଙ୍କ ଆମରଣ ଅନଶନ




**କଟକ,୩।୪ (ସଂଚାର ବ୍ୟୁରୋ) :** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ଅନଶନ। ବିଶ୍ୱବିଦ୍ୟାଳୟ ପରିସରରେ ଅନେକ ସମୟରେ ଅଣଛାତ୍ର ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ଏହାସହ ଛାତ୍ର ମାନଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ କରି କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି ପିଲାମାନେ । ବିଶୃଙ୍ଖଳା କରୁଥିବା ଓ ମାଡ଼ ମାରିଥିବା ଅଣ ଛାତ୍ର ମାନଙ୍କୁ ଗିରଫ କରିବା ଦାବି କରାଯାଇଛି । ଗିରଫ କରାନଗଲେ ଆମରଣ ଅନଶନ ଜାରି ରହିବ ବୋଲି କହିଛନ୍ତି ପ୍ରତିବାଦ କରୁଥିବା ଛାତ୍ର ।

## ବାରହା ମାଂସ ଜବତ ମାମଲା, ଶିକାରୀକୁ ୩ ବର୍ଷ ଜେଲ ଦଣ୍ଡାଦେଶ

**ମୟୂରଭଞ୍ଜ, ୩।୪(ସଂଚାର ବ୍ୟୁରୋ):** ଶିକାରୀ ବିରୋଧରେ ହେଲା ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ । ଶିମିଳିପାଳରୁ ଗିରଫ ଶିକାରୀକୁ ୩ ବର୍ଷ ଜେଲ ଦଣ୍ଡାଦେଶ । ଏଥି ସହିତ ୫୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୯ ମାସ ଅଧିକ ଜେଲ ଦଣ୍ଡ ଶୁଣାଇଛନ୍ତି ମୟୂରଭଞ୍ଜ ମୁଖ୍ୟ ବିଚାର ବିଭାଗୀୟ ଅଦାଲତ ଜଜ୍ ଦେବାଶିଷ ମହାନ୍ତି । ଅଭିଯୁକ୍ତ ଜଣକ ଉଦଳା ଥାନା ଅନ୍ତର୍ଗତ କାଶିକୁଣ୍ଡଳ ଗ୍ରାମର ହରି ନାଏକ । ୨୦୨୧ ମସିହା ଫେବ୍ରୁଆରୀ ମାସରେ ବନବିଭାଗ ଡୁକୁରା ବନାଞ୍ଚଳରେ ପେଟ୍ରୋଲିଂ ସମୟରେ ଗିରଫ ହୋଇଥିଲା ଅଭିଯୁକ୍ତ ହରି । ଗିରଫ ବେଳେ ତା ନିକଟରୁ ୧୦ କିଲୋ ବାରହା ମାଂସ ଜବତ କରିଥିଲା ବିଭାଗ । ଏଭଳି କାର୍ଯ୍ୟାନୁଷ୍ଠାନ ପରେ ଶିକାରୀଙ୍କ ମଧରେ ଏକ ଭୟର ବାତାବରଣ ସୃଷ୍ଟି ହେବ । ଶିମିଳିପାଳରୁ ଶିକାର କରିବା ପୂର୍ବରୁ ପୁଣି ଥରେ ଭାବିବାକୁ ପଡିବ ଶିକାରୀମାନଙ୍କୁ ।

## ଠାକୁରାଣୀ ଯାତ୍ରା ବେଳେ ମହୁମାଛି ଆକ୍ରମଣ : ୮ ଆହତ




**ବୋରିଗୁମ୍ମା,୩।୪(ସଂଚାର ବ୍ୟୁରୋ):** ବୋରିଗୁମ୍ମା କୁପିଆ ଗାଁରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ମହୁମାଛି ଆକ୍ରମଣ। ଏଥିରେ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଗୁରୁତର ଅବସ୍ଥା ରହିଛି। ବୋରିଗୁମ୍ମା କୁପିଆ ଗାଁରେ ଠାକୁରାଣୀ ଯାତ୍ରା ଚାଲିଥିଲା ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହି ସମୟରେ ଏକ ପୁରୁଣା ଗଛରେ ମହୁଫେଣା ରହିଥିଲା । ହଠାତ ମହୁମାଛି ଆସି ଲୋକଙ୍କୁ ଆକ୍ରମଣ କଲେ । ଯିଏ ଯୁଆଡେ ଚାହିଁଲେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେଥିମଧ୍ୟରୁ ୮ ଆହତ ହୋଇଛନ୍ତି। ସମସ୍ତଙ୍କୁ ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ଡାକ୍ତର ତାଙ୍କୁ ଜୟପୁର ଜିଲ୍ଲା ମେଡ଼ିକାଲକୁ ସ୍ଥାନାନ୍ତରିତ କରିଛନ୍ତି।

# ରବୀନ୍ଦ୍ରମଣ୍ଡପରେ 'ସଂସ୍କୃତି ବିଚିତ୍ରା' କାର୍ଯ୍ୟକ୍ରମ



**ଭୁବନେଶ୍ୱର,୩।୪ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବଚିତ୍ରା' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ସଂଜୀବ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ପ୍ରତିଭାକୁ ପ୍ରତିଫଳିତ କରିବା ସହ ସେମାନଙ୍କୁ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଦିଗରେ ସଂକଳ୍ପବଦ୍ଧ ହେବା ନିମନ୍ତେ ଉତ୍ସାହିତ କରିବ ବୋଲି କହିଥିଲେ। ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡ. ରବିନାରାୟଣ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ କଳାର ପ୍ରଦର୍ଶନ ନିମନ୍ତେ ଏହିଭଳି ଅଭିନବ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଓ ପ୍ରାକ୍ତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ, ପ୍ରାକ୍ତନ ବରିଷ୍ଠ ପ୍ରଶାସକ ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀଙ୍କ ମାଧମରେ ଆଗାମୀ ଦିନରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ "ଚନ୍ଦନ ବାହୁଡ଼ା'କୁ ନେଇ ପାରମ୍ପରିକ ବୃନ୍ଦଗାନ ସଂଗୀତ ସହ ରାଗ- କାମୋଦୀ, ହଂସଧ୍ୱନୀ ଓ ଭୈରବୀ ପଲ୍ଲବୀ ଗୁରୁ ଡ. ଧୀରଜ କୁମାର ମହାପାତ୍ର ଓ ଡ. ନୀଳାଦ୍ରୀ କଲ୍ୟାଣ ଦାସଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିଲା। ଓଡ଼ିଶୀ ନୃତ୍ୟ ବିଭାଗ ପକ୍ଷରୁ "ଶିବ ବନ୍ଦନା' ଓ "ଦଶାବତାର' ନୃତ୍ୟାଭିନୟ ଗୁରୁ ଡ. ମନୋରଞ୍ଜନ ପ୍ରଧାନ ଓ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିଲା। ଛଉନୃତ୍ୟ ବିଭାଗ ପକ୍ଷରୁ ଗୁରୁ ଉତ୍ତମ କୁମାର ମହନ୍ତଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ଲୋକନୃତ୍ୟ "କେଉଟ-କେଉଟୁଣୀ' ସହ ଆଦିନୃତ୍ୟ ପରିବେଷଣ କରିଥିଲେ।

## ୧୪ ଲକ୍ଷ ଟନ୍ ଆଳୁ ଆବଶ୍ୟକ

**ଭୁବନେଶ୍ୱର,୩।୪:** ରାଜ୍ୟରେ ବର୍ଷକୁ ହାରାହାରି ୧୪ଲକ୍ଷ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ ରହିଥିବାବେଳେ ୨୦୨୪-୨୫ ବର୍ଷରେ ୫ଲକ୍ଷ ମେଟ୍ରିକ ଟନରୁ କମ୍ ଆଳୁ ଉତ୍ପାଦିତ ହୋଇଛି । ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ।

ମନ୍ତ୍ରୀ ତାଙ୍କ ଉତ୍ତରରେ ରକହିଛନ୍ତି ଯେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ତଥ୍ୟ ଅନୁଯାୟୀ ରାଜ୍ୟରେ ବର୍ଷକୁ ହାରାହାରି ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ଥିବା ବେଳେ ୨୦୨୪-୨୫ ବର୍ଷରେ ୪.୪୮ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେବାର ସମ୍ଭାବନା ରହିଛି । ଆଳୁ ଓ ପିଆଜ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟ ଯୋଜନା ଅର୍ନ୍ତଗତ ଆଳୁ, ପନିପରିବା ଓ ମସଲା ଚାଷକୁ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତମାନର ବିହନ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। (ତଥ୍ୟ)

# କର୍କଟ ନେଇ ଚେତିଲେ, ପ୍ରତିକାର କ'ଣ ?



**ଭୁବନେଶ୍ୱର,୩।୪:** ଅତ୍ୟଧିକ କୀଟନାଶକ ଓ ରସାୟନିକ ସାର ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବାରୁ ଓଡ଼ିଶାରେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ସରକାର ବହୁ ବିଳମ୍ବରେ ସ୍ୱୀକାର କରିଥିଲେ ମଧ୍ୟ ଏହାର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯିବ ସେ ସଂକ୍ରାନ୍ତରେ କିନ୍ତୁ ସମସ୍ତେ ନିରବ ।

ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ବୃଦ୍ଧି ପାଇଁ ବ୍ୟବହୃତ ହେଉଥିବା ହାଇବ୍ରିଡ ବିହନ ଚାଷ ପାଇଁ ଅଧିକ ପରିମାଣର ରସାୟନିକ ସାର ପ୍ରୟୋଗ କରିବାକୁ ପଡୁଛି । ଏହା ସହିତ ରୋଗପୋକଙ୍କ ଦାଉରୁ ଫସଲ ରକ୍ଷା ଲାଗି ଚାଷୀମାନେ ଅଧିକ ପରିମାଣର କୀଟନାଶକ ବ୍ୟବହାର କରୁଛନ୍ତି । ଅଧିକାଂଶ ସ୍ଥଳରେ କୃଷି ବିଶେଷଜ୍ଞଙ୍କ ମତାମତ ନିଆନଯାଇ ଆଖିବୁଜା କୀଟନାଶକ ଓ ରସୟାନିକ ସାର ପ୍ରୟୋଗ ହେଉଛି । କ୍ଷେତ୍ର ସ୍ତରରେ ସ୍ୱଳ୍ପ ସଂଖ୍ୟକ କୃଷି ଅଧିକାରୀ ଥିବା ଯୋଗୁଁ ସବୁ ଚାଷୀ ସେମାନଙ୍କ ନିକଟକୁ ଆସି କୀଟନାଶକ ଓ ରସାୟନିକ ସାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିବା ସମ୍ଭବପର ହେଉନାହିଁ ।

ନିଜ ଅଞ୍ଚଳର ସମସ୍ତ କୃଷି ଜମିକୁ ପରିଦର୍ଶନ କରିବା ମଧ୍ୟ ସୀମିତ ସଂଖ୍ୟକ କର୍ମଚାରୀଙ୍କ ପକ୍ଷରେ ସମ୍ଭବପର ହେଉନଥିବାରୁ କୀଟନାଶକ ଦୋକାନୀଙ୍କୁ ପଚାରି ମନଇଚ୍ଛା ବ୍ୟବହାର କରାଯାଉଛି । ଅନେକ କ୍ଷେତ୍ରରେ ନକଲି କୀଟନାଶକ ଓ ସାର ବି ପ୍ରୟୋଗ କରାଯାଉଛି ।

ପରିବେଶବିଜ୍ଞାନୀମାନେ କହୁଛନ୍ତି ଯେ ଅତ୍ୟଧିକ କୀଟନାଶକ ଓ ରସାୟନିକ ସାର ପ୍ରୟୋଗ ଯୋଗୁଁ ମାଟି, ପାଣି ଓ ପବନ ବିଷାକ୍ତ ହେଉଛି । ଏହି ଶସ୍ୟ, ଫଳ ଓ ପନିପରିବା ଖାଇବା ଫଳରେ କର୍କଟ ସମେତ ବିଭିନ୍ନ ପ୍ରକାରର ରୋଗବ୍ୟାଧି ଉପୁଜୁଛି । ବିଦେଶରେ ଯେଉଁସବୁ କୀଟନାଶକ ନିଷିଦ୍ଧ ହୋଇଛି ଆମ ରାଜ୍ୟରେ ସେଥିରୁ ଅଧିକାଂଶ ପ୍ରଚଳିତ ହେଉଛି । କେବଳ କୃଷି ସାମଗ୍ରୀ ନୁହେଁ, ମାଛ, ଚିଙ୍ଗୁଡି, କୁକୁଡା ଆଦି ଚାଷରେ ବି ବ୍ୟବହାର କରାଯାଉଥିବା ହରମୋନ୍ ଓ ଅନ୍ୟାନ୍ୟ ରସାୟନିକ ସାମଗ୍ରୀ ମଧ୍ୟ ଶରୀର ଉପରେ କୁପ୍ରଭାବ ପକାଉଛି । ଏହାଛଡା ଶସ୍ୟ ସଂରକ୍ଷଣ ପାଇଁ ବ୍ୟବହାର ହେଉଥିବା ରସାୟନିକ ପଦାର୍ଥର ମଧ୍ୟ ପ୍ରତିକୂଳ ପ୍ରଭାବ ହେଉଛି । ସେହଭଳି ବଜାରରେ କଦଳୀ, ଅମୃତଭଣ୍ଡା, ଆମ୍ବ ଭଳି ପାଚିଲା ଫଳରେ ବି ରସାୟନିକ ସିଞ୍ଚନ ହେଉଛି । ଲୋକଙ୍କ ଶରୀରକୁ ଏହା ସିଧାସଳଖ ଯାଉଛି ।

ବଜାରରେ ମିଳୁଥିବା ଗୁପଚୁପ୍, ଫାଷ୍ଟଫୁଡ୍ ଆଦିରେ ରଙ୍ଗ ସମେତ ବିଭିନ୍ନ କିସମର ରସାୟନିକ ପଦାର୍ଥ ସିଧାସଳଖ ଖାଇବାକୁ ଦିଆଯାଉଛି । ସଂଖ୍ୟାଧିକ କ୍ଷେତ୍ରରେ ଗୁପଚୁପ୍ ପ୍ରସ୍ତୁତି ପାଇଁ ତେନ୍ତୁଳି ପରିବର୍ତ୍ତେ ରସାୟନିକ ପଦାର୍ଥରେ ଖଟାପାଣି ପ୍ରସ୍ତୁତ ହେଉଛି । ସରବତ ଠାରୁ ଆରମ୍ଭ କରି ଆଖୁରସ ଏମିତିକି ଛତୁ ଆଦିରେ ବି ସଂକ୍ରମଣ ରହୁଛି । ଖାଦ୍ୟ ସାମଗ୍ରୀ ଯାଞ୍ଚ କରିବାପାଇଁ ଯେଉଁ ସରକାରୀ ବ୍ୟବସ୍ଥା ରହିଛି ତାହା ପର୍ଯ୍ୟାପ୍ତ ନଥିବା ଏବଂ ଉପଲବ୍ଧ ହେଉଥିବା ନକଲି ଔଷଧ, ବିଷାକ୍ତ ନିଶା ସାମଗ୍ରୀ ଆଦିର ବହୁଳ ବ୍ୟବହାର ଯୋଗୁଁ କର୍କଟ ସମେତ ବିଭିନ୍ନ ବ୍ୟୟବହୁଳ ରୋଗ ହେଉଥିବା କଥା ଚିକିତ୍ସା ବିଜ୍ଞାନୀମାନେ କହୁଛନ୍ତି । (ତଥ୍ୟ)

### ୧୦ ଜିଲ୍ଲାରେ କାର୍ଯ୍ୟ କରୁଛି ଅନ-କଲ୍ କୃତ୍ରିମ ପ୍ରଜନନ (ଏଆଇ) ସେବା

# ଟୋଲ୍ ଫ୍ରି ନମ୍ବରର ସୁବିଧା ନେଇପାରିବେ ଗୋପାଳକ



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ଅନ-କଲ୍ କୃତ୍ରିମ ପ୍ରଜନନ (ଏଆଇ) ସେବା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ। ଗୋପାଳକମାନେ ଏହି ସେବା ଘରେ ବସି ପାଇପାରିବେ। ଏଥିପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ଟୋଲ୍-ଫ୍ରି ନମ୍ବର '୧୫୫୩୩୩' ଜାରି କରାଯାଇଛି। ଏହି ବ୍ୟବସ୍ଥାରେ ଜଣେ ଚାଷୀ କଲ୍ କରିବା ପରେ ତାଙ୍କ ନାମ ପଞ୍ଜିକୃତ ହେବ। ପରେ କୃତ୍ରିମ ପ୍ରଜନନ ପାଇଁ ପ୍ରଜନନକାରୀଙ୍କୁ ନିର୍ଦ୍ଦେଶ ଦିଆଯାଏ ଓ ଏକ ଓଟିପି-ଆଧାରିତ ଯାଞ୍ଚ ବ୍ୟବସ୍ଥା ବ୍ୟବହାର କରି କାର୍ଯ୍ୟ ସମାପ୍ତ କରାଯାଇଥାଏ। ସୂଚନାଯୋଗ୍ୟ ଯେ ଏହି ସେବା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ। ଏହା ସେବା ଦ୍ୱାରା ରାଜ୍ୟର ଗୋପାଳକମାନଙ୍କୁ ସମୟ ଅନୁସାରେ ସହାୟତା ମିଳିପାରୁଛି। ଦକ୍ଷ ଟ୍ରାକିଂ ଓ ମନିଟରିଂ ଦିଗରେ ଏହା ମଧ୍ୟ କାର୍ଯ୍ୟ କରୁଛି। ଏହି ସେବା ପ୍ରଦାନ ମାଧ୍ୟମରେ ରାଜ୍ୟରେ ଗୋପାଳନର ଆଧୁନିକୀକରଣ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧିର ପ୍ରତିବଦ୍ଧତାକୁ ରାଜ୍ୟ ସରକାର ଦୋହରାଇଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶରେ ରାଜ୍ୟର ୧୦ ଜଣ କୃତ୍ରିମ ପ୍ରଜନନକାରୀଙ୍କୁ ଏହି ସେବା ପାଇଁ ପୁରସ୍କୃତ ହୋଇଥିଲେ। ସେମାନେ ବାଲେଶ୍ୱର, ଭଦ୍ରକ, ବରଗଡ଼, କଟକ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ପୁରୀକୁ ପ୍ରତିନିଧିତ୍ୱ କରୁଥିବା ବେଳେ ସେସବୁ ଜିଲ୍ଲାରେ ଏବେ ଅନ-କଲ୍ କୃତ୍ରିମ ପ୍ରଜନନ ସେବା କାର୍ଯ୍ୟକ୍ଷମ ରହିଛି। ଆଗାମୀ ଦିନରେ ଅନ୍ୟ ଜିଲ୍ଲାମାନଙ୍କରେ ଏହି ସେବା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ଏହି ସେବା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝରେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR ସଂଚାର




# ନଇଁ ପଡ଼ିଥିବ ଯେବେ...

ଓଡ଼ିଆରେ ଏକ ପ୍ରବାଦ ରହିଛି। ତାହା ହେଲା ନଁ ପଡ଼ିଥିବ ଯେବେ ବିଧାଏ ମାରିବୁ ସେବେ। ଅର୍ଥାତ ଶତ୍ରୁ ଯେତେବେଳେ ଦୁର୍ବଳ ଥିବ, ଯେତେବେଳେ ରକ୍ଷାତ୍ମକ ରଣନୀତି ଆପଣାଇଥିବ, ସେତେବେଳେ ଶତ୍ରୁକୁ ନିର୍ମମ ଭାବେ ଦମନ କରିବ। ଶତ୍ରୁକୁ କେବେ ଦୁର୍ବଳ ବୋଲି ଭାବିବନି କିମ୍ବା ଶାନ୍ତିରେ ନିଶ୍ୱାସ ମାରିବାକୁ ସୁଯୋଗ ଦେବନି। ସୁରକ୍ଷା ବାହିନୀର କ୍ରମାଗତ ଦମନ ଅଭିଯାନ ପରେ ଏବେ ମାଓବାଦୀମାନେ ଆତ୍ମରକ୍ଷା ପାଇଁ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ମଣିଷକୁ ବର୍ବର ଭାବେ ହତ୍ୟା କରୁଥିବା, ନିରୀହ ଲୋକଙ୍କ ଗଳାକାଟୁଥିବା ଲୋକଙ୍କୁ କେବେ ବିଶ୍ୱାସ କରାଯାଇପାରେନା କିମ୍ବା ସରକାରଙ୍କ ସହ ଆଲୋଚନା ନିମନ୍ତେ ସେମାନେ ଯୋଗ୍ୟ ନୁହଁନ୍ତି। ସେମାନଙ୍କ ପାଇଁ ଆତ୍ମରକ୍ଷାର ଏକମାତ୍ର ଉପାୟ ହେଲା ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିବା। ମାଓ ସଙ୍ଗଠନର ନେତୃତ୍ୱ ନେଉଥିବା ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟି ପକ୍ଷରୁ ଏଥିଲାଗି ଯେଉଁ ପ୍ରସ୍ତାବ ଦିଆଯାଇଛି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ହିଂସାରେ ବିଶ୍ୱାସ କରୁଥିବା ସଙ୍ଗଠନକୁ କେବେ ବିଶ୍ୱାସ କରାଯାଇପାରେନା। ସୁରକ୍ଷା ବାହିନୀର ଷଣ୍ଢୁଆସୀ ଆକ୍ରମଣରେ ସେମାନେ ଅଣନିଶ୍ୱାସୀ ଏବଂ ପଳାୟନପନ୍ଥୀ। ସେମାନ ଆତ୍ମରକ୍ଷା ନିମନ୍ତେ ଏବଂ ନିଜକୁ ପୁନର୍ବାର ଲଢ଼େଇ ପାଇଁ ପ୍ରସ୍ତୁତ ହେବା , ଶକ୍ତି ସଞ୍ଚୟ କରିବା ପାଇଁ ଏଭଳି ଶାନ୍ତି ଆଲୋଚନା ପ୍ରସ୍ତାବ ଦେଇଛନ୍ତି। କହିବା ବାହୁଲ୍ୟ ଯେ, କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓମୁକ୍ତ କରିବା ନିମନ୍ତେ ସଙ୍କଳ୍ପ ନେଇଛନ୍ତସି। ଏହାକୁ ସଫଳ କରିବା ପାଇଁ ଦୃଢ଼ତାର ସହ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସୁରକ୍ଷା ବାହିନୀର ଘନ ଘନ କମ୍ବିଂ ଅପରେସନ ଏବେ ସଫଳ ହେବା ପରି ମନେ ହେଉଛି। ପୂର୍ବରୁ କେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା। ଚଳିତ ବର୍ଷ ମାତ୍ର ୩ ମାସରେ ପ୍ରାୟ ଦେଢ଼ ଶହ ମାଓବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାଣ ହରାଇବା ଏବଂ ଶହେରୁ ଅଧିକ ମାଓକ୍ୟାଡର ଆତ୍ମସମର୍ପଣ କରିବା ପରେ ଏବେ ଲାଲଗଡ଼ରେ ଆତଙ୍କ ସୃଷ୍ଟି ହୋଇଛି। ଗତ ବର୍ଷ ମଧ ସୁରକ୍ଷା ବାହିନୀର ଗୁଳିରେ ପ୍ରାୟ ୩ ଶହ ମାଓବାଦୀ ପ୍ରାଣ ହରାଇଥିଲେ। ଛତିଶଗଡ଼ର ଦାନ୍ତେୱାଡ଼ା, ସୁକମା, ମହାରାଷ୍ଟ୍ରର ଗଡ଼ଚିରୋଲିରେ ମାଓବାଦୀଙ୍କୁ ନିର୍ମମଭାବେ ଦମନ କରାଯାଉଛି। ଏବେ ସାଧାରଣରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ବାସ୍ତବରେ ସରକାର ଦେଶକୁ ମାଓମୁକ୍ତ କରିବାକୁ ଯାଉଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓମୁକ୍ତ କରିବାକୁ ଘୋଷଣା କରିଛନ୍ତି। ଏଥିଲାଗି ସେ ଏକ ନିର୍ଦ୍ଦିଷ୍ଟ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ଯାହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ମାଓଦମନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହା ଯାହା ସଙ୍କଳ୍ପ କରନ୍ତି ତାହାକୁ କାର୍ଯ୍ୟକାରୀ କରନ୍ତି। ମାଓବାଦମୀନେ ଭଲଭାବେ ଜାଣିଛନ୍ତି କେନ୍ଦ୍ର ସରକାର ସେମାନଙ୍କୁ ସମୂଳେ ନିପାତ କରିବାକୁ ସଙ୍କଳ୍ପ ନେଇଛନ୍ତି। ଏଥିଲାଗି ଅପରେସନ କାଗର ଆରମ୍ଭ ହୋଇଛି। ରାଜ୍ୟ ପୋଲିସର ସ୍ୱତନ୍ତ୍ର ଫୋର୍ସ ସହିତ ସିଆରପିଏଫ ଏବଂ ବିଏସଏଫ ଏଥିରେ ସାମିଲ ହୋଇଛନ୍ତି। ମାଓଦମନ ନିମନ୍ତେ ରାଜ୍ୟ ପୋଲିସରେ ସ୍ୱତନ୍ତ୍ର ୟୁନିଟ ଡିଆରଜି ଗଠନ କରାଯାଇଛି। ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଛତିଶଗଡ଼ର ବସ୍ତର ଉପତ୍ୟକାରେ ଧାରାବାହିକ ଭାବେ କମ୍ବିଂ ଅପରେସନ ଜାରି ରହିଛି। ଏଥିରେ ଅନେକ କୁଖ୍ୟାତ ମାଓନେତା ପ୍ରାଣ ହରାଇଲେଣି। ସୁକମା, ଦାନ୍ତେୱାଡ଼ା, ନାରାୟଣଗଡ଼ ଆଦି ଜିଲ୍ଲାରେ ମାଓବାଦୀଙ୍କ ପ୍ରଭାବ ଧିରେ ଧିରେ ହ୍ରାସ ପାଉଛି। ମହିଳା ମାଓନେତ୍ରୀ ରେଣୁକା, ମାଓନେତା ଜଗଦୀଶ ଭଳି ଅନେକ ମାଓନେତା ନିହତ ହୋଇଛନ୍ତି। ଜଣେ ଜଣେ ମାଓନେତାଙ୍କ ମୁଣ୍ଡରେ ୨୫ରୁ ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଘୋଷଣା ଥିଲା। କେବଳ ଛତିଶଗଡ଼ ନୁହେଁ, ଓଡ଼ିଶା, ମହାରାଷ୍ଟ୍ରର ଗଡ଼ଚିରୋଲି, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ତେଲେଙ୍ଗାନାରେ ମଧ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି। ଏଥିରେ ଭୟଭୀତ ହୋଇ ମାଓବାଦନୀମାନେ ଏବେ ଶାନ୍ତି ଆଲୋଚନା ପାଇଁ ବାର୍ତ୍ତା ପଠାଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ବନ୍ଧୁକ ନୁହେଁ, ଆଇନର ଶାସନ ଚାଲେ। ମାଓବାଦୀମାନେ ସରକାରଙ୍କୁ ଦମନ ମୂଳକ ଅଭିଯାନ ଲାଗି ବାଧ କରୁଛନ୍ତି। ନଚେତ ଯବାନମାନେ କାହିଁକି ଜଙ୍ଗଲରେ ନିଜ ଜୀବନକୁ ବିପନ୍ନ କରି ମାଓବାଦୀଙ୍କ ସହ ଲଢ଼ନ୍ତେ? ମାଓବାଦୀମାନେ ସର୍ତ୍ତ ରଖିଛନ୍ତି ଯେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମାଓଦମନ ଅଭିଯାନ ବନ୍ଦ କଲେ ସେମାନେ ମଧ ଅସ୍ତ୍ର ପରିତ୍ୟାଗ କରିବେ। ଏହା ସ୍ୱାଗତଯୋଗ୍ୟ। ଗୃହମନ୍ତ୍ରୀ ବାରମ୍ବାର ମାଓବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି। କିନ୍ତୁ ମାଓବାଦୀମାନେ ପୋଲିସ ନିକଟରେ ଆତ୍ମସମର୍ପଣ ନୁହେଁ, ସର୍ତ୍ତମୂଳକ ଆ।ଲୋଚନା କଥା କହୁଛନ୍ତି। ସେଥିରେ ବି କିଛି ଆପତ୍ତି ନାହିଁ। କିନ୍ତୁ ଆଲୋଚନା ପୂର୍ବରୁ ସରକାର ସର୍ତ୍ତ ରଖିବା ଉଚିତ ଯେ, ସେମାନେ ସମ୍ପୂର୍ଣ୍ଣ ଭାବେ ଅସ୍ତ୍ର ପରିତ୍ୟାଗ କରନ୍ତୁ। ଅସ୍ତ୍ରବିରତି ସାମୟିକ ଭାବେ ନୁହେଁ, ସ୍ଥାୟୀ ଭାବେ ହେବା ଉଚିତ। ସେମାନଙ୍କର କ'ଣ ଅଭିଯୋଗ ରହିଛି, ଦାବି ରହିଛି ତାହା ସେମାନେ ଖୋଲାଖୋଲି ଭାବେ ଗଣମାଧମ ଜରିଆରେ ପ୍ରକାଶ କରନ୍ତୁ। ସମ୍ବିଧାନର ପରିସୀମା ଭିତର ଏହା କାର୍ଯ୍ୟକାରୀ ହୋଇପାରିବ କି ନାହିଁ ତାହା ସରକାର ବିଚାର କରନ୍ତୁ। କିନ୍ତୁ ମାଓବାଦୀଙ୍କ ଉପରେ ସୃଷ୍ଟି ହୋଇଥିବା ଚାପ ହ୍ରାସ କରାନଯାଉ। ମାଓବାଦୀଙ୍କୁ ନିର୍ମମ ଭାବେ ଦମନ କରିବା ଅଭିଯାନରେ ବିରତି ଅନୁଚିତ। ମାଓବାଦନୀମାନେ ଅଭିଯାଗ କରିଛନ୍ତି ଯେ, ସୁରକ୍ଷା ବାହିନୀର କମ୍ବିଂ ଅପରେସନରେ ବହୁ ସଂଖ୍ୟରେ ନିରୀହ ଆଦିବାସୀ ପ୍ରାଣ ହରାଇଛନ୍ତି। ଏଥିପାଇଁ ମାଓବାଦୀମାନେ ଦାୟୀ। ଆଦିବାସୀଙ୍କୁ ମାଓବାଦୀ ସଜାଇ ସେମାନଙ୍କ ହାତରେ କିଏ ଅସ୍ତ୍ର ଧରାଇଛି? ଯିଏ ଆଦିବାସୀଙ୍କୁ ବିଭ୍ରାନ୍ତ କରି ଚାଷ କମ ଛାଡ଼ି ବନ୍ଧୁକ ଧରିବାକୁ ପ୍ରବର୍ତ୍ତାଇଛି, ଯିଏ ଆଦିବାସୀଙ୍କୁ ଆଇନକୁ ନିଜ ହାତକୁ ନେବା ପାଇଁ ପ୍ରୋତ୍ସାହିତ କରିଛି ସେ ହିଁ ସେମାନଙ୍କ ବିନାଶ ପାଇଁ ଦାୟୀ। ତେଣୁ ମାଓବାଦୀମାନେ ପ୍ରଥମେ ହିଂସା ଛାଡ଼ି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହୁଅନ୍ତୁ, ତା ପରେ ଆଲୋଚନା ପାଇଁ ବାଟ ଫିଟିବ। ହାତରେ ବନ୍ଧୁକ ଧରି କେହି ଶାନ୍ତି ଆଲୋଚନା କରିପାରିବେ ନାହିଁ। ଯିଏ ବାସ୍ତବରେ ଶାନ୍ତି ପାଇଁ ଆଗ୍ରହୀ ସିଏ ବିନା ସର୍ତ୍ତରେ ଆଲୋଚନା ପାଇଁ ପ୍ରସ୍ତୁତ ହେବା ଉଚିତ। କେବଳ ସିପିଆଇ (ମାଓବାଦୀ) ନୁହେଁ, ଆହୁରି ଅନେକ ବାମପନ୍ଥୀ ଉଗ୍ରବାଦୀ ସଙ୍ଗଠନ ରହିଛି। ଝାଡ଼ଖଣ୍ଡରେ ଏକ ସ୍ୱତନ୍ତ୍ର ଉଗ୍ରବାଦୀ ସଙ୍ଗଠନ ରହିଛି। ସେମାନେ ସିପିଆଇ(ମାଓବାଦୀ) ପାର୍ଟୀର ଶାନ୍ତି ପ୍ରସ୍ତାବକୁ ଗ୍ରହଣ କରିନପାରନ୍ତି। ଶାନ୍ତି ଆଲୋଚନା ଯଦି ବି ହେବ, ତେବେ ଏହା କେଉଁ ଆଧାରରେ ହେବ? କିଏ ଏଥିଲାଗି ସରକାରଙ୍କ ସହିତ ଚୁକ୍ତି କରିବ? ଚୁକ୍ତିକୁ ଅନ୍ୟ ସଙ୍ଗଠନ ଗୁଡ଼ିକ ଗ୍ରହଣ କରିବା ଆବଶ୍ୟକ। ମାଓବାଦୀଙ୍କ ଶାନ୍ତି ପ୍ରସ୍ତାବ ଉପରେ ଏ ଯାବତ ସରକାର କିଛି ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି। ଗୃହମନ୍ତ୍ରୀ ଏହାକୁ କିପରି ବିଚାର କରୁଛନ୍ତି, ତାଙ୍କ ବିଚାରଧାରା କ'ଣ ତାହା ଜାଣିବା ଉଚିତ।

# ଧର୍ମ-କର୍ମରେ ଅପରିହାର୍ଯ୍ୟ



## ଡକ୍ଟର ତପନ କୁମାର ପାଲ

ଆମ ସନାତନ ସଂସ୍କୃତି ଓ ହିନ୍ଦୁ ପରମ୍ପରା ତଥା ବିଶ୍ୱାସରେ ଧର୍ମ କାର୍ଯ୍ୟର ଯେଉଁ ଅପରିହାର୍ଯ୍ୟତା ରହିଛି ଏବଂ ଆମ ଦୈନନ୍ଦିନ ଜୀବନରେ ପ୍ରତ୍ୟେହ ଆଧାତ୍ମିକ କାର୍ଯ୍ୟ ସମ୍ପର୍କରେ ଆସନ୍ତୁ ଛୋଟିଆ ଆଲୋଚନାଟି ରଖିବା।

**ଧର୍ମ ପ୍ରଚାର:** ଧର୍ମ ପ୍ରଶଂସା କରିବା ଓ ଧର୍ମ ବିଷୟରେ ଜାଣି ଅନ୍ୟମାନଙ୍କୁ ବୁଝାଇବା ପ୍ରତ୍ୟେକ ହିନ୍ଦୁର କର୍ତ୍ତବ୍ୟ। ଧର୍ମ ପ୍ରଚାରରେ ବେଦ, ଉପନିଷଦ ଓ ଗୀତା ଜ୍ଞାନ ପ୍ରଚାର କରିବା ସବୁଠୁ ଉତ୍ତମ। ପ୍ରତ୍ୟେକ ବ୍ୟକ୍ତି ଧର୍ମ ପ୍ରଚାରକ ହେବା ଉଚିତ। ଏଥିପାଇଁ କୌଣସି ସ୍ୱତନ୍ତ୍ର ପୋଷାକ କିମ୍ବା ସନ୍ୟାସ ହେବା ଦରକାର ନାହିଁ। କେବଳ ହିନ୍ଦୁ ଧର୍ମକୁ ଠିକ୍ ଭାବରେ ବୁଝିବା ଓ ଅନ୍ୟକୁ ବୁଝାଇବା ଏକ ଉତ୍ତମ ସେବା।

**ସନ୍ଧ୍ୟା ଉପାସନା:** ସନ୍ଧ୍ୟା ସମୟରେ ମନ୍ଦିର ଯାଇ ସନ୍ଧ୍ୟା ଆଳତି କରିବା ଦରକାର। ଶୌଚ ସହ ଏକାନ୍ତ ଶୁଦ୍ଧ ମନରେ ସନ୍ଧ୍ୟା ସମୟରେ ମନ୍ଦିର ଯିବେ ନଚେତ୍ ଘରେ ଧୂପଦୀପ ଆଳତି କରି ଭଗବାନଙ୍କୁ ସ୍ମରଣ କରନ୍ତୁ। ସକାଳ ୫ଟା ସୂର୍ଯ୍ୟ ଉଦୟ ହେବା ଓ ସନ୍ଧ୍ୟା ୫ଟା ସୂର୍ଯ୍ୟ ଅସ୍ତ ଯିବା ସମୟ ସବୁଠୁ ଉତ୍ତମ। ଏହି ସମୟରେ ଈଶ୍ୱରଙ୍କୁ ଧାନ ପ୍ରାର୍ଥନା କଲେ, ସେ ସନ୍ତୁଷ୍ଟି ହୋଇଥାନ୍ତି। ସନ୍ଧ୍ୟା ଉପାସନା ଚାରି ପ୍ରକାର। ଯଥା ସନ୍ଧ୍ୟା ଦର୍ଶନ, ପ୍ରାର୍ଥନା-ଧାନ, କୀର୍ତ୍ତନ-ଭଜନ, ପୂଜା-ଆରତି।

**ସାମୂହିକ ପୂଜାପର୍ବ:** ଉତ୍ସବ, ପର୍ବ ଓ ଉପାସନାର ଅଲଗା ଅଲଗା ଅର୍ଥ ଏବଂ ମହତ୍ତ୍ୱ ରହିଛି। ପ୍ରତ୍ୟେକ ଋତୁରେ ପଡ଼େ ଉତ୍ସବ। ଏଗୁଡ଼ିକ ସାମୂହିକ ଭାବରେ ପାଳନ କରିବା ଦ୍ୱାରା ବହୁତ ଲାଭ ହୋଇଥାଏ। ୧୨ଟି ସୂର୍ଯ୍ୟ ସଂକ୍ରାନ୍ତି ରହିଛି। ଏଥିମଧ୍ୟରୁ ମକର, ମେଷ, ତୁଳା ଓ କର୍କଟ ଚାରି ସଂକ୍ରାନ୍ତି ରହିଛି। ଏହି ଚାରିଟି ମଧ୍ୟରୁ ମକର ସଂକ୍ରାନ୍ତି ଅଧିକ ମହତ୍ତ୍ୱପୂର୍ଣ୍ଣ। ସୂର୍ଯ୍ୟୋପାସନା ପାଇଁ ପ୍ରମୁଖ ପର୍ବ ହେଉଛି ଛଠ୍, ସଂକ୍ରାନ୍ତି ଓ କୁମ୍ଭ। ପର୍ବ ମଧ୍ୟରେ ରାମନବମୀ, କୃଷ୍ଣ ଜନ୍ମାଷ୍ଟମୀ, ଗୁରୁପୂର୍ଣ୍ଣିମା, ବସନ୍ତ ପଞ୍ଚମୀ, ହନୁମାନ ଜୟନ୍ତୀ, ନବରାତ୍ରି, ହୋଲି, ଦୀପାବଳି, ଗଣେଶ ଚତୁର୍ଥୀ ଓ ରକ୍ଷାବନ୍ଧନ ପ୍ରମୁଖ। ଏହି ପର୍ବମାନଙ୍କରେ ମିଳିମିଶି ପର୍ବ ପାଳନ କରିବା ଦରକାର।

**ସେବା:** ସର୍ବ ପ୍ରଥମ ମାତା-ପିତା, ଭଉଣୀ-ଝିଅ, ଭାଇ-ଭାଉଜ ଆଦିଙ୍କୁ କୌଣସି ପ୍ରକାର ସାହାଯ୍ୟ କରିବା ଏବ ଧାର୍ମିକ ସେବା। ଏହା ବ୍ୟତୀତ ଦିବ୍ୟାଙ୍ଗ, ମହିଳା, ବିଦ୍ୟାର୍ଥୀ, ସନ୍ୟାସୀ, ଚିକିତ୍ସକ ଓ ଧର୍ମ ରକ୍ଷକଙ୍କ ସେବା ସହାୟତା କରିବା ଆଦି ପୂଣ୍ୟ କାର୍ଯ୍ୟ। ଏହାପରେ ସମସ୍ତ ପ୍ରାଣୀ, ପକ୍ଷୀ, ଗାଈ, କୁକୁର ଆଦିଙ୍କୁ ଅନ୍ନ ଜଳ ଦେବା ଉଚିତ। ଏହା ସମସ୍ତ ପଞ୍ଚ ଯଜ୍ଞ କର୍ମ ସହିତ ସମାନ।

**ଦାନ:** ଦାନ କରିବା ଦ୍ୱାରା ଇନ୍ଦ୍ରୀୟ ଭୋଗ ପ୍ରତି ଆସକ୍ତି ଦୂର ହୋଇଥାଏ। ମନର ଗ୍ରନ୍ଥି ଖୋଲିଥାଏ, ଏହାଦ୍ୱାରା ମୃତ୍ୟୁ ସମୟରେ ଲାଭ ମିଳିଥାଏ। ତେବେ ଆରାଧନାରେ ଦାନ ସବୁଠାରୁ ସରଳ ଓ ଉତ୍ତମ ଉପାୟ। ବେଦରେ ଦାନକୁ ତିନି ପ୍ରକାର ବର୍ଣ୍ଣନା ହୋଇଛି - ଉତ୍ତମ, ମଧମ, ନିକୃଷ୍ଟ। ଧର୍ମର ଉନ୍ନତି ପାଇଁ ଦାନ କରାଯାଏ, ତାହା ଉତ୍ତମ। ସ୍ୱାର୍ଥ ପାଇଁ ଯେଉଁ ଦାନ କରାଯାଏ ତାହା ମଧମ। ବେଶ୍ୟାଳୟ ଯିବା, ଚୋର, ଠକ ଓ ଗୁଣ୍ଡାଗିରି ପାଇଁ ଯେଉଁ ଦାନ କରାଯାଏ ତାହା ନିକୃଷ୍ଟ ଧରଣର। ପୁରାଣରେ ଅନ୍ନଦାନ, ବସ୍ତ୍ରଦାନ, ବିଦ୍ୟାଦାନ, ଅଭୟଦାନ ଓ ଧନଦାନକୁ ଶ୍ରେଷ୍ଠ ବୋଲି ବର୍ଣ୍ଣନା କରାଯାଇଛି।

**ଯଜ୍ଞ:** ଯଜ୍ଞ ମୁଖ୍ୟତଃ ପାଞ୍ଚ ପ୍ରକାର। ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବିଶ୍ୱଦେବ ଯଜ୍ଞ ଓ ଅତିଥି ଯଜ୍ଞ। ଯଜ୍ଞ ପାଳନ କରିବା ଦ୍ୱାରା ଋଷିଋଣ, ଦେବ ଋଣ, ପିତୃଋଣ, ଧର୍ମଋଣ, ପ୍ରକୃତିଋଣ ଓ ମାତୃ ଋଣ ସମାପ୍ତ ହୋଇଥାଏ। ପ୍ରତିଦିନ ସନ୍ଧ୍ୟା ଆଳତି କରିବା ଓ ବେଦପାଠ କରିବା ଦ୍ୱାରା ବ୍ରହ୍ମଯଜ୍ଞ ସମ୍ପନ୍ନ ହୋଇଥାଏ। ଦେବଯଜ୍ଞ ସତ୍‌ସଙ୍ଗ ତଥା ଅଗ୍ନିହୋତ୍ର କର୍ମରେ ସମ୍ପନ୍ନ ହୋଇଥାଏ। ଅଗ୍ନି ଜଳାଇ ହୋମ କରିବାକୁ ଅଗ୍ନିହୋତ୍ର ଯଜ୍ଞ କୁହାଯାଏ। ପିତୃଯଜ୍ଞକୁ ଶ୍ରାଦ୍ଧକର୍ମ ମଧ କୁହାଯାଏ। ଏହି ଯଜ୍ଞ ପିଣ୍ଡଦାନ, ତର୍ପଣ ଓ ସନ୍ତାନୋତ୍ପତ୍ତିରେ ସମ୍ପନ୍ନ ହୋଇଥାଏ। ବିଶ୍ୱଦେବ ଯଜ୍ଞକୁ ଭୁତ ଯଜ୍ଞ କୁହାଯାଏ। ସମସ୍ତ ପ୍ରାଣୀ



ତଥା ବୃକ୍ଷ ପ୍ରତି କରୁଣା ଏବଂ କର୍ତ୍ତବ୍ୟ ମନୋଭାବ ନେଇ ଅନ୍ନ-ଜଳ ଦେବାକୁ ଭୁତ ଯଜ୍ଞ କୁହାଯାଏ। ଅତିଥିଯଜ୍ଞର ଅର୍ଥ ଅତିଥିଙ୍କ ସେବା କରିବା। ଦିବ୍ୟାଙ୍ଗ, ମହିଳା, ବିଦ୍ୟାର୍ଥୀ, ସନ୍ନ୍ୟାସୀ, ଚିକିତ୍ସକ ଓ ଧର୍ମ ରକ୍ଷକଙ୍କ ସେବା - ସହାୟତା କରିବା ହେଉଛି ଅତିଥିଯଜ୍ଞ। ଏହା ବ୍ୟତୀତ ଅଗ୍ନିହୋତ୍ର, ଅଶ୍ୱମେଧ, ସୋମଯଜ୍ଞ, ରାଜସୂୟ ଓ ଅଗ୍ନିଚୟନର ବର୍ଣ୍ଣନା ଯଜୁର୍ବେଦରେ ମିଳିଥାଏ।

**ପ୍ରାୟଶ୍ଚିତ:** ପ୍ରାଚୀନକାଳରୁ ଆଜି ପର୍ଯ୍ୟନ୍ତ ହିନ୍ଦୁମାନେ ମନ୍ଦିର ଯାଇ ପାପ ପ୍ରାୟଶ୍ଚିତ କରିବାର ପରମ୍ପରା ରହିଛି। ପ୍ରାୟଶ୍ଚିତ କରିବାର ମହତ୍ତ୍ୱ ବିଷୟରେ ସ୍ମୃତି ଓ ପୁରାଣରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି। ଗୁରୁ ଓ ଶିଷ୍ୟ ପରମ୍ପରାରେ ଗୁରୁ ତାଙ୍କର ଶିଷ୍ୟଙ୍କୁ ପ୍ରାୟଶ୍ଚିତ କରିବାର ଭିନ୍ନ ଭିନ୍ନ ଉପାୟ ବତାଇଥାନ୍ତି। ଦୁଷ୍କର୍ମ ପାଇଁ ପ୍ରାୟଶ୍ଚିତ କରିବା ହେଉଛି ତପସ୍ୟାର ଅନ୍ୟ ଏକ ରୂପ।

**ଦୀକ୍ଷା ଦେବା :** ଦୀକ୍ଷା ଦେବା ପ୍ରଚଳନ ବୈଦିକ ଋଷିମାନେ ଆରମ୍ଭ କରିଥିଲେ। ପ୍ରାଚୀନ କାଳରୁ ଶିଷ୍ୟ ଓ ବ୍ରାହ୍ମଣ କରିବା ପାଇଁ ଦୀକ୍ଷା ଦିଆଯାଉଥିଲା। ମାତା-ପିତା ପିଲାକୁ ପଢ଼ାଇବା ପୂର୍ବରୁ ଦୀକ୍ଷା ଦିଅନ୍ତି। ହିନ୍ଦୁ ଧର୍ମାନୁସାରେ ଦିଗହୀନ ଜୀବନକୁ ଦିଗ ଦେବା ହିଁ ଦୀକ୍ଷା। ଦୀକ୍ଷା ହେଉଛି ଶପଥ, ଏକ ଅନୁବନ୍ଧ ଓ ଏକ ସଂକଳ୍ପ। ଦୀକ୍ଷା ପରେ ବ୍ୟକ୍ତି ଦ୍ୱିଜ ହୋଇଥାଏ। ଦ୍ୱିଜ୍ ଅର୍ଥାତ୍ ଅନ୍ୟ ଏକ ଜନ୍ମ। ଭିନ୍ନ ବ୍ୟକ୍ତିତ୍ୱ।

**ମନ୍ଦିର ଯିବା:** ସବୁଦିନ ନ ହେଲେ ପ୍ରତି ଗୁରୁବାର ମନ୍ଦିର ଯିବା ଦରକାର। ମନ୍ଦିର ଯାଇ ପରିକ୍ରମା କରନ୍ତୁ। ଭାରତରେ ମନ୍ଦିର, ତୀର୍ଥ ଓ ଯଜ୍ଞାଦି ପରିକ୍ରମା ପ୍ରଚଳନ ପ୍ରାଚୀନକାଳରୁ ରହିଆସିଛି। ମନ୍ଦିରକୁ ୭ଥର ପରିକ୍ରମା କରିବା ବହୁତ ମହତ୍ତ୍ୱପୂର୍ଣ୍ଣ। ମନ୍ଦିର ପରିକ୍ରମା ଦ୍ୱାରା ବିଭିନ୍ନ ରିଷ୍ଟ ଦୂର ହୋଇଥାଏ। ଏଣୁ ମନ୍ଦିର ଯାଇ ମନ୍ଦିର ପରିକ୍ରମା କରିବା ଏକାନ୍ତ ଆବଶ୍ୟକ।

**ତୀର୍ଥ କରିବା:** ତୀର୍ଥ ଓ ତୀର୍ଥଯାତ୍ରା କରିବା ବହୁତ ପୁଣ୍ୟଦାୟୀ। ତୀର୍ଥ ମଧ୍ୟରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଯାତ୍ରାର ମହତ୍ତ୍ୱ ରହିଛି। ଏହାସହିତ ଅଯୋଧ୍ୟା, ମଥୁରା, କାଶୀ ଓ ପ୍ରୟାଗ ତୀର୍ଥର ପ୍ରମୁଖ କେନ୍ଦ୍ର। ଏହାବ୍ୟତୀତ କୈଳାସ ମାନସସରୋବର, ବଦ୍ରିନାଥ, ଦ୍ୱାରିକାନାଥ, ରାମେଶ୍ୱରମ୍ ଓ ଜଗନ୍ନାଥ ପୁରୀ, ଆଦି ସ୍ଥାନକୁ ତୀର୍ଥ କରିବାରେ ପୁଣ୍ୟ ଫଳ ମିଳିଥାଏ।

**ସଂସ୍କାର:** ହିନ୍ଦୁ ଧର୍ମରେ ୧୬ ପ୍ରକାର ସଂସ୍କାର ରହିଛି, ଯାହାକୁ ପାଳନ କରିବା ପ୍ରତ୍ୟେକ ହିନ୍ଦୁର କର୍ତ୍ତବ୍ୟ। ଗର୍ଭଧାନ, ପୁସ୍‌ବନ, ସୀମନ୍ତୋନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ ଅବା ମୁଣ୍ଡନ, କର୍ଣ୍ଣଭେଦ, ଉପନୟନ, ବିଦ୍ୟାରମ୍ଭ, ସମବର୍ତ୍ତନ, ବିବାହ, ବାନପ୍ରସ୍ଥ. ସନ୍ୟାସ ଓ ଅନ୍ତେଷ୍ଟି ଆଦି ୧୬ ପ୍ରକାର ସଂସ୍କାରକୁ ଉପଯୁକ୍ତ ନିୟମପୂର୍ବକ ପାଳନ କରିବା ଆବଶ୍ୟକ। ଏହା ମନୁଷ୍ୟକୁ ସଭ୍ୟ ଓ ହିନ୍ଦୁ ହେବାର ପଥ ଦେଖାଇଥାଏ।

**ପାଠ କରିବା:** ବେଦ, ଉପନିଷଦ ଓ ଗୀତା ପାଠ କରିବା ଓ ଶୁଣିବା ପ୍ରତ୍ୟେକ ହିନ୍ଦୁର ଏକ କର୍ତ୍ତବ୍ୟ। ଉପନିଷଦ ଓ ଗୀତା ସ୍ୱୟଂ ଅଧ୍ୟୟନ କରିବା ଓ ଏହାର କଥାବସ୍ତୁ କୌଣସି ଜ୍ଞାନୀ ବ୍ୟକ୍ତିଙ୍କ ସହିତ ଚର୍ଚ୍ଚା କରିବା ଦ୍ୱାରା ପୁଣ୍ୟଫଳ ମିଳିଥାଏ। ହେଲେ କୌଣସି ଅଜ୍ଞାନୀ ଅର୍ଥାତ୍ ଯିଏ ଏହାକୁ ଶୁଣିବାକୁ ପସନ୍ଦ କରୁନଥିବେ ସେମାନଙ୍କ ସହ ଏସବୁ ଆଲୋଚନା କରିବା ଅନୁଚିତ। ପ୍ରତିଦିନ ଧର୍ମ ଗ୍ରନ୍ଥର କିଛି ପାଠ କରିବା ଦ୍ୱାରା ଦେବ ଶକ୍ତିଙ୍କ କୃପା ମିଳିଥାଏ। ହିନ୍ଦୁ ଧର୍ମରେ ବେଦ, ଉପନିଷଦ ଓ ଗୀତା ପାଠ କରିବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି।

**ବ୍ରତ ଉପବାସ:** ବ୍ରତ କରିବା ଦ୍ୱାରା ନିରୋଗ ରହିବା ସହିତ ଜୀବନରେ ଶାନ୍ତି ମିଳିଥାଏ। ବ୍ରତ କରିବା ପାଇଁ ୧୨ ମାସ ମଧ୍ୟରୁ ଶ୍ରାବଣ ମାସ ହେଉଛି ସର୍ବଶ୍ରେଷ୍ଠ। ଏହା ବ୍ୟତୀତ ଏକାଦଶୀ, ଚତୁର୍ଦ୍ଦଶୀ, ଚତୁର୍ଥୀ, ପୂର୍ଣ୍ଣିମା, ଅମାବାସ୍ୟା ଓ ମଳମାସରେ ବ୍ରତ କରିବା ମଧ ବହୁତ ଭଲ। ସାଧୁଜନମାନେ ମଧ ଚାରିମାସ ଶ୍ରବାଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ ମାସରେ ବ୍ରତ କରିଥାନ୍ତି।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ମୋବାଇଲ୍: ୯୯୩୭୬୫୮୩୬୨**

# ଗୋଷ୍ଠିଗତ ପ୍ରବଞ୍ଚନାରେ ବିପର୍ଯ୍ୟସ୍ତ ମଣିଷ ସମାଜ-୩



## ପଙ୍କଜ କୁମାର ପାଣିଗ୍ରାହୀ

ପୂର୍ବ ବର୍ଣ୍ଣିତ ଅନ୍ୟୁନ ୩୮ଟି ଜଣାଶୁଣା ଗୋଷ୍ଠୀର ମଣିଷଙ୍କ ମଧ୍ୟରୁ କେବଳ କୃଷକ, ଶ୍ରମିକ, ବାହାନ ଚାଳକ ତଥା ସୁରକ୍ଷା ବାହିନୀ ଗୋଷ୍ଠୀ ହିଁ ସମାଜରେ ସବୁ ବର୍ଗର ମଣିଷଙ୍କ ସାଧାରଣ ଜୀବନ ଯାତ୍ରାର ସାରଥୀ ଭଳି କାର୍ଯ୍ୟ କରିଥା'ନ୍ତି ଯାହାଙ୍କ ସାହାଯ୍ୟରେ ଆମେ ଆନନ୍ଦରେ ବଂଚିବାର ସୁଯୋଗ ପାଇଥାଉ। ସେମାନେ କି'ନ୍ତୁ ସମାଜରେ ସବୁଠାରୁ ନିମ୍ନରେ ରହି ସମସ୍ତଙ୍କ ଠାରେ ଆଜି ଅବହେଳିତ। ଦ୍ୱିତୀୟତଃ ଶିକ୍ଷକ, ଚିକିତ୍ସକ, ଲେଖକ, ସାହିତ୍ୟିକ, ଗବେଷକ, ବୈଜ୍ଞାନିକ, ଖବରଦାତା ତଥା ସମାଜ ସେବକଙ୍କ ଦ୍ୱାରା ସମାଜରେ କେତେକ ମାତ୍ରାରେ ମଙ୍ଗଳ କାର୍ଯ୍ୟ ସାଧିତ ହୋଇଥାଏ ଯାହା ମଣିଷକୁ ଜ୍ଞାନ ପ୍ରଗତିର ପଥ ପ୍ରଦର୍ଶକ ଭଳି କାର୍ଯ୍ୟ କରିଥାଏ। ଏମାନଙ୍କ ସାମାଜିକ ମାନ୍ୟତା ଆଜି ପୋଥି ତଳେ ରହିଛି କାରଣ ସେମାନେ ମଧ ମଙ୍ଗଳ କାର୍ଯ୍ୟ କମ୍ କରି ବ୍ୟକ୍ତିଗତ ସ୍ୱାର୍ଥର ମାତ୍ରାକୁ ଯଥେଷ୍ଟ ଉତ୍କଣ୍ଠାର ସହିତ ପ୍ରୟୋଗ କରୁଛନ୍ତି। ଏହା ବ୍ୟତୀତ ଆଉ ଯେତେସବୁ ଦଳ ବା ଗୋଷ୍ଠୀ ସମାଜରେ ଉଦୟମାନ ହୋଇ କାର୍ଯ୍ୟରତ ସେମାନେ ସମାଜର ଅନାବଶ୍ୟକ ଗୋଟିଏ ଗୋଟିଏ କଳଙ୍କ ସଦୃଶ୍ୟ ଯାହା ମଣିଷକୁ ଅହରହ ଅଶାନ୍ତି ଘେରରେ ରଖି କେବଳ ଶୋଷଣର ଶିକାର କରିଥା'ନ୍ତି ବିଭିନ୍ନ ଉପାୟ / ମାର୍ଗରେ। ସେମାନଙ୍କ ସାମାଜିକ ମାନ୍ୟତା / ମର୍ଯ୍ୟାଦା ଆଜି ସର୍ବାଗ୍ରେ ରହିଛି, କାରଣ ମିଥ୍ୟା / ଅଲୌକିକ ପ୍ରବଞ୍ଚନା ସହିତ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇ ଜୀବନରେ କେବେହେଲେ କୌଣସି ଉନ୍ନତିରେ ସହଯୋଗ କରିବାରେ ଅସମର୍ଥ ରହି ମଧ ସର୍ବମଙ୍ଗଳକାରୀ ଭଳି ପ୍ରଦର୍ଶନ ସେମାନଙ୍କର ଆମ ନିର୍ବୋଧ ସାଧାରଣ ଜନତାଙ୍କୁ ଏମିତି ଅନ୍ଧ ମାୟାରେ ମୋହିତ କରି ରଖିଛି ଯେ ପ୍ରାୟତଃ ସମସ୍ତେ ସେମାନଙ୍କୁ ହିଁ ଜଗଠିତଗୁରୁ ଭଳି ମାନ୍ୟତା ଦେଇ ସମାଜର ଶୀର୍ଷରେ ସ୍ଥାପନ କରି ସେମାନଙ୍କ ଦ୍ୱାରା ବ୍ୟାପକ ଲୁଣ୍ଠନର ଶିକାର ହେଉଛନ୍ତି। ତଥାପି ଚେତା ନାହିଁ କାହାର କି କହିଲେ ମଧ ସହଜରେ ଗ୍ରହଣୀୟ ହେବନାହିଁ କେବଳ ସେମାନଙ୍କ ମାୟାର ବଶବର୍ତ୍ତୀତା କାରଣରୁ। ଏମାନେ ସମାଜରେ ନରହିଲେ ଯେ ଆମେ ଚଳିପାରିବା ତା'ନୁହେଁ ବରଂ ଅତ୍ୟନ୍ତ ଆନନ୍ଦରେ ସୁଖ ସମୃଦ୍ଧି ସହିତ ନିରୋଳା ଜୀବନ ଯାପନ କରିବାରେ ୧୦୦ ପ୍ରତିଶତ କୃତକାର୍ଯ୍ୟ ହୋଇ ପାରିବା। ତେଣୁ ଆମକୁ ଏହି କଳଙ୍କିତ ଗୋଷ୍ଠୀ ଗୁଡିକ ସହିତ ଟିକେ ସନ୍ତର୍ପଣର ସହିତ ବ୍ୟବହାର କରିବା ବିଧେୟ। ଆଜିର ମଣିଷ କି'ନ୍ତୁ ସେମାନଙ୍କ ସହିତ ହିଁ ସମ୍ପୂର୍ଣ୍ଣ ଭାବେ ଜଡିତ ଯଦ୍ୱାରା ସମସ୍ତେ ପ୍ରାୟ ଆଜି ନିରାନନ୍ଦରେ ରହିବାକୁ ବାଧ ହେଉଛନ୍ତି। ସମ୍ପୃକ୍ତ ଲୁଟେରା ଗୋଷ୍ଠୀ ଗୁଡିକର କାର୍ଯ୍ୟଧାରା, ଶୈଳୀ ତଥା ମାର୍ଗ ଗୁଡିକ ଭିନ୍ନ ଭିନ୍ନ ଦିଗରେ ଗତିଶୀଳ ରହିଥିବା ବେଳେ ଲକ୍ଷ କି'ନ୍ତୁ ଏକ ହୋଇଥାଏ ଯେ ନିରୀହ ନିର୍ବୋଧଙ୍କୁ ବଶବର୍ତ୍ତୀ କରି ସେମାନଙ୍କ ସମ୍ବେଦନଶୀଳ ବିଚାରକୁ କୁଠାରାଘାତ କରି ଯଥେଷ୍ଟ ସ୍ୱାର୍ଥ ଆଦାୟ କରିବା। ସେମାନଙ୍କ ପାରିଶ୍ରମିକକୁ ଲୁଣ୍ଠନ କରି ନିଜର ପ୍ରତିପତ୍ତି ବୃଦ୍ଧି କରିବା ସହିତ ଆର୍ଥିକ ସମ୍ଭାର ବୃଦ୍ଧିକରି ସେମାନଙ୍କୁ ନିଜ ପାଦ ତଳର କ୍ରୀତଦାସ, ଚାକର ଭଳି ରଖିବା। ସାଧାରଣ ନିର୍ବୋଧଙ୍କୁ ମଧୁର ବଚନ କହି ସେମାନଙ୍କ ନିର୍ବୋଧ ମନକୁ କୁଠାରାଘାତ କରି ଶୂନ୍ୟରେ ଅଲୌକିକ ଦିବାସ୍ୱପ୍ନ ଦେଖାଇବା। ଏମିତି କି ଜଣେ ସାଧାରଣ ନିରୀହ ନିର୍ବୋଧ ମଣିଷ ମରିଯିବା ପର୍ଯ୍ୟନ୍ତ ନିଜର ସମସ୍ତ ପାରିଶ୍ରମିକ ପ୍ରଦାନ



କଲେ ମଧ କୌଣସି ମାତ୍ରାରେ ଦୟାମାୟା ନଥାଏ ସେମାନଙ୍କ ହୃଦୟରେ ଯେ ଆଉ ଅଧିକ ଶୋଷଣ କରିବା ନାହିଁ ବୋଲି। ତଥାପି ସାଧାରଣ ଲୋକେ ସେମାନଙ୍କ ଷଡ଼ଯନ୍ତ୍ରକୁ ବୁଝିବା ତ ବହୁତ ଦୂର ବରଂ ସେମାନଙ୍କୁ ସମାଜର ଜଣେ ଜଣେ ଶୀର୍ଷ ସ୍ଥାନିତ ଉଚ୍ଚ କୋଟିର ମଣିଷ ବୋଲି ମାନ୍ୟତା ଦେଇ ଜୀବନ ସମାପ୍ତ ହେବା ପର୍ଯ୍ୟନ୍ତ ନିଜର ସର୍ବ ସୁଖ ଜଳାଞ୍ଜଳି ଦେବା ପାଇଁ ମଧ ଆଦୌ କୁଣ୍ଠିତ ହେଉ ନଥିବା ଦେଖିବାକୁ ମିଳୁଛି ଆଜି ସମୟରେ। ଏମିତି ମାନେ ହେଉଛି ଯେ ସତେ ଯେମିତି ଏ ଦୁଷ୍କର୍ମକାରୀଙ୍କ ଆଉ କେବେହେଲେ ପର୍ଦାଫାଶ ହେବନାହିଁ କିମ୍ବା ସାଧାରଣ ଲୋକେ ସତ୍ୟର ପଥଚାରୀ ହୋଇପାରିବେ ନାହିଁ ! ତଥାପି କିଂଚିତ ଆଶା ଜାଗ୍ରତ ହୁଏ ଆମ ମନରେ ଯେ କେବେହେଲେ ଏମାନଙ୍କ କ୍ରୁର ଚାତୁରୀ ନିଶ୍ଚିତ ପଦାରେ ପଡିବ ଏବଂ ସାଧାରଣ ନିର୍ବୋଧ ସେଗୁଡିକୁ ଜାଣିପାରି ସେମାନଙ୍କୁ ନିଶ୍ଚିତ ପ୍ରତ୍ୟାଖ୍ୟାନ କରିବେ।

ଏହି କ୍ରୁର ଚତୁରଙ୍କ ମଧ୍ୟରୁ ବ୍ୟବସାୟୀ ସମାଜକୁ କିଛି ବସ୍ତୁବାଚକ ଦ୍ରବ୍ୟ ପ୍ରଦାନ ପୂର୍ବକ ପ୍ରାୟତଃ ତା'ର ଦଶଗୁଣ ମୂଲ୍ୟ ନେଇ ଲୁଣ୍ଠନ କରିଥା'ନ୍ତି। ବ୍ୟବସାୟୀ ବ୍ୟତୀତ ପ୍ରାୟତଃ ଅନ୍ୟାନ୍ୟ ଗୋଷ୍ଠୀ ଗୁଡିକର ସଦସ୍ୟ ମାନେ ସମାଜକୁ କିଛି ନଦେଇ କେବଳ ଶୂନ୍ୟରେ ୫୦-୧୦୦ ଶତକଡା ଅର୍ଥ ଲୁଣ୍ଠନ କରିଥା'ନ୍ତି ସାଧାରଣ ଲୋକଙ୍କ ଠାରୁ ! ପ୍ରତ୍ୟେକ ସାଧାରଣ ବ୍ୟକ୍ତି ଏକ ନିରୋଳା ସମୟରେ କେବେ ଚିନ୍ତା କରି ଦେଖିଲେ ହୁଏତ ନିଜେ କିଛି ବୁଝି ପାରିବେ ଯେ ଏସବୁ ଦଳ ବା ଗୋଷ୍ଠୀ ମାନଙ୍କ ସହିତ ସଂଯୋଜିତ ହୋଇ କେବେ କିଛି ଲାଭ ପାଇବା ତ ବହୁତ ଦୂର ବରଂ ମାନସିକ ଅଶାନ୍ତି ଏବଂ ଆର୍ଥିକ କ୍ଷତି ପୂର୍ବକ କେବଳ ଦିବା ସ୍ୱପ୍ନ ଛଡା ଆଉ କିଛି ମିଳେନାହିଁ ସେମାନଙ୍କ ଠାରୁ ! ଏ ବିଷୟକୁ ଆମେ କେବେ ଗୁରୁତର ସହିତ ନେଇ ନିରୀକ୍ଷଣ କରି ଅନୁସନ୍ଧିତ୍ସା ପ୍ରକଟ କରିନଥିବା କାରଣରୁ କ୍ରୁର ଚତୁର ଅତି ସହଜରେ ଆମକୁ ପାର କରିଥା'ନ୍ତି ଭୁଆଁ ବୁଲାଇ ପ୍ରତାରିତ ଲୁଣ୍ଠିତ କରିବା ପାଇଁ।

ଆମର ଏହି କଥାରେ ହୁଏତ ସାଧାରଣ ଲୋକେ ଏକମତ ହୋଇପାରିବେ ନାହିଁ, କାରଣ ଏସବୁ ଦଳଗତ କାର୍ଯ୍ୟ ଗୁଡିକ ସହିତ ଆଜିର ମଣିଷ ଏକ ପ୍ରକାର ଓତପ୍ରୋତଃ ଭାବେ ଏମିତି ଜଡିତ ହୋଇ ଗଲାଣି ଯେ ସେଗୁଡିକର ବିପରୀତମୁଖୀ ଉଦ୍ଦେଶ୍ୟ ଗୁଡିକ ଆଉ ସହଜରେ ଅନ୍ତର୍ଜ୍ଞାନ ହେବା ସମ୍ଭବ ନୁହେଁ। କି'ନ୍ତୁ ଏହା କୌଣସି ଅସମ୍ଭବ କାର୍ଯ୍ୟ ମଧ ନୁହେଁ ! ଜଣେ ମଣିଷ ଯଦି ଅନୁସନ୍ଧିତ୍ସା ଉଦେଶ୍ୟରେ ଏସବୁ ଦଳୀୟ କାର୍ଯ୍ୟ ଗୁଡିକ ଉପରେ ସମୀକ୍ଷା କରି ତାର ଅନ୍ତର୍ନିହିତ ଉଦ୍ଦେଶ୍ୟ, ରହସ୍ୟ ଗୁଡିକ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରିବେ ତା ହେଲେ ଅନେକ ବାଟ ରହିଛି ସେଗୁଡିକୁ ଜାଣିବା ପାଇଁ। କି'ନ୍ତୁ ବିଡମ୍ବନାର ବିଷୟ ଏହାକି, ଯେ ଆଜି ସମୟର ମଣିଷଙ୍କ ମାନସିକ ଅସ୍ଥିରତା କାରଣରୁ ତାହା ଆଉ ସମ୍ଭବ ହେଉନାହିଁ କାହା ପାଖରେ। ବାସ୍ତବିକ ଏହି କ୍ରୁର ଚତୁରଙ୍କ ଷଡ଼ଯାନ୍ତ୍ରୀକ ପ୍ରବଞ୍ଚନାରୁ ମୁକୁଳି ଏକ ଭାର୍ତ୍ତୃଭାବାପନ୍ନ ସମାଜ ଗଠନରେ ସାଧାରଣ ଲୋକଙ୍କ ଆନ୍ତରିକ ସହଭାଗିତା ଉଦ୍ଦେଶ୍ୟ ରହିଲେ ଯେ ସବୁ ବିଷୟ ସାର୍ବଜନୀନ କରି ଲୋକଙ୍କୁ ପ୍ରତାରଣାରୁ ରକ୍ଷା କରାଯାଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ। କି'ନ୍ତୁ ଯଥେଷ୍ଟ ଇଚ୍ଛାଶକ୍ତି ସହିତ ଆନ୍ତରିକ ମନୋଭାବର ଯଥେଷ୍ଟ ଆବଶ୍ୟକତା ରହିଛି ଏସବୁ କରିବା ପାଇଁ ଯାହା ଆଜି କାହା ପାଖରେ ଆଉ ଦେଖିବାକୁ ମିଳୁନାହିଁ ! ତଥାପି ଆମେ ଆମ ଲକ୍ଷରେ ଅଟଳ ରହିଛୁ ଯେ କଳେ ବଳେ କୌଶଳେ ସାଧାରଣ ନିର୍ବୋଧଙ୍କ ପାଖରେ ଏସବୁ ଦଳ ବା ଗୋଷ୍ଠୀ ମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ତଥା ଷଡ଼ଯନ୍ତ୍ରର ପର୍ଦାଫାଶ କରି ଏକ ସୁନ୍ଦର ଭାତୃଭାବାପନ୍ନ ସମାଜ ଗଠନ କରିବୁ। ସମୟ କହିବ ତାହା କେତେଦୂର ସମ୍ଭବ ହେବ। ଆପଣ ମାନଙ୍କ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ /ଉତ୍ତର କିମ୍ବା ଉପଦେଶ ଥିଲେ ନିଶ୍ଚିତ ଭାବେ ଆମ ସହିତ ବ୍ୟକ୍ତ କରି ଏକ ନୂତନ ଦିଗନ୍ତରେ ମଣିଷ ସମାଜକୁ ପ୍ରଗତିଶୀଳ କରିବାରେ ସହଯୋଗ କରିବା ପାଇଁ ଆମର ଆହ୍ୱାନ। ଦୟାକରି ଆପଣଙ୍କ ମହତ୍ତ୍ୱପୂର୍ଣ୍ଣ ମନ୍ତବ୍ୟ ଦେବାରେ କୁଣ୍ଠା ବୋଧ ନକରି ଆମ ସହିତ ଯୋଡି ହୁଅନ୍ତୁ। ଧନ୍ୟବାଦ। (ସମାପ୍ତ)

**ୟୁଟ୍ୟୁବ-ସାମାଜିକ ଜନମଂଚ (ଭାରତ), ଛତ୍ରପୁର, ଗଞ୍ଜାମ-୭୬୧୦୨୦, ମୋବାଇଲ୍: ୯୪୩୭୩୨୪୯୧୭**

# ପିଲାଙ୍କ ପାଠପଢ଼ାରେ ମା' ବାପାଙ୍କ ଭୂମିକା



## ଡକ୍ଟର ସୁରେଶ କୁମାର ନାୟକ

ଆଜିକାଲି ପ୍ରତ୍ୟେକ ଅଭିଭାବକ ସେମାନଙ୍କ ସନ୍ତାନଙ୍କ ଭବିଷ୍ୟତ ନେଇ ଚିନ୍ତିତ। ତେଣୁ ସ୍କୁଲରେ ପିଲାର ପାଠପଢ଼ା ଆରମ୍ଭ ନ ହେଉଣୁ ତାକୁ ଘରୋଇ ଟିଉସନ୍ ପଠାଇବା ସହିତ, କଅଁଳ ବୟସରୁ ସେମାନଙ୍କ ଉପରେ ପାଠପଢ଼ିବା ପାଇଁ ଚାପ ପ୍ରୟୋଗ କରିଥାନ୍ତି। ଯାହାଫଳରେ ସେମାନେ ପାଠ ପ୍ରତି ବିତସ୍ପୃହ ହୋଇ ପଡ଼ନ୍ତି। ତେଣୁ ପାଠକୁ ନେଇ ସେମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରିବା ଉଚିତ ନୁହେଁ। ସେମାନଙ୍କ ଉପରେ ବିରକ୍ତ ହେବା ଠିକ୍ ନୁହେଁ। ମାନସିକ ଚାପ ମଧ୍ୟରେ ମଣିଷ କୌଣସି କାମକୁ ସୂଚାରୁ ରୂପେ ପରିଚାଳନା କରିପାରେ ନାହିଁ। ପିଲାମାନେ କିପରି ଚାପ ମଧ୍ୟରେ ପାଠ ପଢ଼ି ପାରିବେ। ଯଦି ପ୍ରଥମରୁ ସେମାନଙ୍କ ପାଠ ପ୍ରତି ଦୃଷ୍ଟି ଦିଆଯାଏ ଓ କେତେକ ଦଗ ପ୍ରତି ଯତ୍ନ ଦିଆଯାଏ ତେବେ ସେମାନଙ୍କୁ ସବୁ ସମୟରେ ବହି ପାଖରେ ବସିବାକୁ ହୁଏ ନାହିଁ।

ପିଲା ସ୍କୁଲରରେ ପ୍ରତ୍ୟହ କ'ଣ ପଢ଼ିଛି ସଂଧାରେ ଅଭିଭାବକ ତାର ନିକଟରେ ବସି ତାଠୁଁ ବୁଝିବା ଦରକାର। ସଂଧାରେ ଦେଢ଼ରୁ ଦୁଇ ଘଣ୍ଟା ପିଲାକୁ ପଢ଼ିବାକୁ ବସାଇବା ଦରକାର। ପ୍ରତ୍ୟେହ ଯାହା ସ୍କୁଲରେ ପଢ଼ା ହୋଇଛି ଘରେ ତାହାର ପୁନଃ ଆଲୋଚନା ବା ଅଧ୍ୟୟନ ପରେ ସେ ଏହାକୁ ସହଜରେ ମନେରଖି ପାରିବ। ଯଦି ସ୍କୁଲରେ କୌଣସି ସନ୍ଦେହ ଥିବ ଘରେ ତାହା ଦୂର ହୋଇପାରିବ। ଯଦି ଅଭିଭାବକ ପଢ଼ାଇ ପାରନ୍ତି ନାହିଁ ତାହାକୁ ପୁନଃ ସ୍କୁଲ ଶିକ୍ଷକଙ୍କୁ ପଚାରିବାକୁ ବୁଝାଇବା ଉଚିତ। କୌଣସି ବିଷୟକୁ ଘୋଷିବା ଅପେକ୍ଷା ଏହାକୁ ପିଲା ବୁଝିପାରିଲେ ତାହା ତାର ମସ୍ତିଷ୍କରେ ଘର କରି ରହିଯାଏ। ପରୀକ୍ଷାକୁ ଶିଶୁର ବୌଦ୍ଧିକ ବିକାଶର ମାନଦଣ୍ଡ ବୋଲି ଭାବିବା ଅନୁଚିତ ଏବଂ ଏଥିପାଇଁ ତାର ଉପରେ ଚାପ ପ୍ରୟୋଗ କରିବା ଅନୁଚିତ। ଏହାଦ୍ୱାରା ସେ ଆପଣଙ୍କ ଆଶାପୂରଣ କରିବାକୁ ଯାଇ ବହୁ କ୍ଷତିଗ୍ରସ୍ତ ହେବ। ପିଲା ଗୋଟିଏ ବିଷୟ ପଢ଼ି ସଂଗେ ସଂଗେ ତାର ଉତ୍ତର ଦେଇଥାଏ। କିନ୍ତୁ କିଛି ଦିନ ପରେ ସେ ସବୁ ପାଶୋରି ଯାଇଥାଏ। ତେଣୁ ଯେଉଁ ପାଠ ଆଜି ପଢ଼ିବ ତାର କିଛିଦିନ ପରେ ତା ଉପରେ ପ୍ରଶ୍ନ କରିପାରନ୍ତି। ଏପରି ହେବା ଦ୍ୱାରା ସେହି ବିଷୟ ପୁଣି ତା ମନକୁ ଆସେ ଓ ସେ ସମ୍ପୂର୍ଣ୍ଣ ଭାବେ ମନେ ରଖିପାରେ। ପରୀକ୍ଷା ପ୍ରସ୍ତୁତି ସମୟରେ ସବୁଦିନ ପିଲାମାନଙ୍କ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର। ପ୍ରତିଦିନ ପାଇଁ ରୁଟିନ ପ୍ରସ୍ତୁତ କରିବା ଦରକାର। ପିଲା ଏହାକୁ କେତେ ଦୂର ପୂରଣ କରୁଛି ତାହା ଉପରେ ମଧ ଲକ୍ଷ୍ୟ ରଖିବା ଦରକାର।ଅନେକ ପିଲା ଦଳଗତ ଭାବେ ପଢ଼ିବାକୁ ପସନ୍ଦ କରିଥାନ୍ତି। ଏହାଦ୍ୱାରା ସେମାନଙ୍କ ମଧ୍ୟରେ ସେହି ବିଷୟକୁ ନେଇ ଆଲୋଚନା ହୁଏ। ଯାହା ସେମାନଙ୍କୁ ବୁଝିବାକୁ ସହଜ ହୁଏ।

ତେବେ ଦଳଗତ ପଢ଼ିବା ସମୟରେ ଅଭିଭାବକଙ୍କୁ ଦେଖିବା ଦରକାର ସେମାନଙ୍କ ପିଲାର ପାଠସାଥୀର ଜ୍ଞାନ କେତେ। ଯଦି ସେ ମେଧାବୀ ହୋଇନଥିବ ତେବେ ଆପଣଙ୍କ ପିଲାର ସ୍ତର କମିଯାଇପାରେ। ପଢ଼ିବା



ସମୟରେ ପିଲା ଯେପରି ଗପସପ ନକରେ ସେଥିପ୍ରତି ବିଶେଷ ଧାନ ଦେବା ଦରକାର। ପାଠପଢ଼ା ବ୍ୟତୀତ ପିଲାର ଅନ୍ୟାନ୍ୟ ଦିଗରେ ବୌଦ୍ଧିକ ବିକାଶ ହେବା ଦରକାର। ତେଣୁ ଏଥିପାଇଁ ପ୍ରତିଦିନ କିଛି ସମୟ ଖେଳକୁଦ ପାଇଁ ସୁଯୋଗ ଦେବା ଦରକାର। ଫଳରେ ସେ ଅନୁଭବ କରିବ। କିଛି ସମୟ ଟିଭି ଦେଖିବାକୁ ଦେବା ଦରକାର। ତେବେ ସେହି କାର୍ଯ୍ୟକ୍ରମ ଶିଶୁ ସମ୍ବନ୍ଧିତ ହୋଇଥିବା ଦରକାର ବା ସେଥିରୁ କିଛି ଭଲ ଶିକ୍ଷା ମିଳିପାରୁଥିବା ଦରକାର। ଟିଭିରେ ବିଭିନ୍ନ ଧାର୍ମିକ ଧାରାବାହିକ ଦେଉଛି। ଏହାକୁ ପିଲା ଦେଖିଲେ ଭଲ କଥା ଶିଖିବା ସହ ନିଜ ସଂସ୍କୃତି ବିଷୟରେ ଜାଣିବାକୁ ପାଇବ। ପିଲାଟିକୁ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷେତ୍ରରେ ଆପଣ ତାର ମାର୍ଗ ଦର୍ଶକ ଓ ପ୍ରେରଣାଦାତା ହେବା ସହିତ ଜଣେ ଭଲ ବନ୍ଧୁ ହୁଅନ୍ତୁ। ପିଲାମାନଙ୍କ ସହିତ ଖୋଲା ହୃଦୟର କଥା ହୋଇ ସେମାନଙ୍କୁ ସମାଜର ଉତ୍ତମ ରାସ୍ତାରେ ଚାଲିବା ପାଇଁ ପଥ ପ୍ରଦର୍ଶନ ଏକ ଜୀବନ ସଂସ୍କାର କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ମର୍ମରେ ମନେପଡୁଛି କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ ସେହି ସ୍ମରଣୀୟ ଧାଡ଼ି - "ଶିଶୁ ବୋଲି ଦୁଇ ଅକ୍ଷର, ଅଟେ ସଂସାରେ ସାର। ପିତାମାତାଙ୍କର ଗଳାରେ, ସେହି କୁସୁମ ହାର। ଶିଶୁଟି ଆହା କି ସୁନ୍ଦର, ମଣି ରଙ୍ଗ ରତନ, ଅଞ୍ଚଳରେ ବାନ୍ଧି ରଖିବ, କରି ଅତି ଯତନ। ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର। ଶିଶୁଟିଏ ନାହିଁ ଯା କୋଳେ ତାର ଘର ଅନ୍ଧାର। ସମ୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ, ପାପ ହେବ, ତାକୁ ସେ ଯେବେ ନ କରଇ ଯତନ। ଆପେ ହୋଇଥିଲେ ତୁମେ ଗୋ ଦିନେ ଶେଯ ପିଲାଟି, ହାତ ଗୋଡ଼ ଚଳୁ ନଥିଲା ଫିଟୁ ନଥିଲା ପାଟି। ସେ କାଳେ ତୁମ୍ଭର ଜନନୀ ସ୍ନେହେ ଥିବାରୁ ପାଳି, ଆଜି ସିନା ଜୀଇଁ ରହିଛି, ସୁଖେ ବୁଲୁଛ ଖେଳି। ସେ କଥାକୁ ମନେ ହେଜି ଗୋ ଶିଶୁ ପାଳନ କର। ପାଳିବାର ବିଧିବିଧାନମାନ ହୃଦରେ ଧର।'

**ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**

# ସାର୍ବଜନୀନ ହେବ ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପତ୍ତି

● ୱେବ୍‌ସାଇଟ୍‌ରେ ରହିବ ତାଲିକା



ନୂଆଦିଲ୍ଲୀ,୩।୪: ଏଣିକି ସୁପ୍ରିମକୋର୍ଟ ବିଚାରପତିଙ୍କ ସମ୍ପତ୍ତି ତାଲିକା ସାର୍ବଜନୀନ ହେବ। ଏନେଇ ୩୦ ଜଣ ବିଚାରପତି ସମ୍ପତ୍ତି ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ବିଚାରପତିଙ୍କ ସମ୍ପତ୍ତି ତାଲିକା ରହିବ। ପ୍ରଧାନ ବିଚାରପତିଙ୍କ ସମ୍ପତ୍ତି ମଧ୍ୟ କୋର୍ଟ ଓ୍ୱେବସାଇଟ୍‌ରେ ରହିବ। ଏନେଇ ଗତ ୧ରେ ଫୁଲ୍ କୋର୍ଟ ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା। ପୂର୍ବରୁ ବିଚାରପତିଙ୍କ ସମ୍ପତ୍ତି ତାଲିକା ପ୍ରଧାନ ବିଚାରପତିଙ୍କୁ ଦିଆଯାଉଥିଲା। ଏବେ ସମସ୍ତଙ୍କର ସମ୍ପତ୍ତି କୋର୍ଟ ୱେବ୍‌ସାଇଟ୍‌ରେ ସ୍ଥାନ ପାଇବ।। ସୂଚନା ଥାଉକି, ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ଘରୁ ପୁଳାପୁଳା ଟଙ୍କା ମିଳିବା ପରେ ଏପରି ବଡ଼ ନିଷ୍ପତ୍ତି ନିଆଯାଇଛି। ଏହା ପରେ ମାମଲାର ତଦନ୍ତ ପାଇଁ ସିଜେଆଇ ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ୩ ଜଣିଆ ସଦସ୍ୟ ସହ ତଦନ୍ତ ଆରମ୍ଭ କରିଥିଲେ।

# ସ୍ୱାମୀଙ୍କ ଛାତି ଉପରେ ବସି ନିର୍ଘୁମ ଛେଚିଲେ ସ୍ତ୍ରୀ, ଭିଡିଓ ଭାଇରାଲ



ନୂଆଦିଲ୍ଲୀ,୩।୪: ସୋସିଆଲ ମିଡିଆରେ ନିଷ୍ଠୁରତାର ଅନେକ ଭିଡିଓ ଭାଇରାଲ ହୋଇଥାଏ। ବେଳେବେଳେ ଏହା ଅନେକ କଷ୍ଟ ଦିଏ। ନିକଟରେ ମଧ୍ୟପ୍ରଦେଶର ପାନ୍ନା ଜିଲାରୁ ଏମିତି ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ଜଣେ ଲୋକୋ ପାଇଲଟଙ୍କ ସ୍ତ୍ରୀ ତାଙ୍କୁ ନିର୍ଘୁମ ପିଟୁଥିବା ଦେଖାଯାଇଛି। ମଧ୍ୟପ୍ରଦେଶରୁ ସାମ୍ନାକୁ ଆସିଥିବା ଏହି ନୂତନ ଭିଡିଓରେ, ମହିଳା ଜଣକ ନିଷ୍ଠୁରତାର ସମସ୍ତ ସୀମା ଅତିକ୍ରମ କରିଛନ୍ତି। ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ଛାତି ଉପରେ ବସିଥିବାର ଦେଖିବାକୁ ମିଳୁଛି। ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ, ମହିଳା ଲୋକୋ ପାଇଲଟ ତାଙ୍କ ସ୍ୱାମୀ ଲୋକେଶଙ୍କ ଛାତି ଉପରେ ବସି ତାଙ୍କୁ ନିର୍ମମ ଭାବରେ ପିଟୁଛନ୍ତି। ଏହି ସମ୍ପୂର୍ଣ୍ଣ ଭିଡିଓଟି କ୍ୟାମେରାରେ କଏଦ ହୋଇଥିଲା ଏବଂ ଏବେ ଏହାକୁ ପ୍ରମାଣ ଭାବରେ ବ୍ୟବହାର କରାଯାଉଛି। ଭିଡିଓରେ ଦେଖାଯାଉଛି ଯେ, ଲୋକୋ ପାଇଲଟଙ୍କୁ ତାଙ୍କ ସ୍ତ୍ରୀ ହର୍ଷିତା ରାଇକ୍ୱାର ପିଟୁଛନ୍ତି, ତାଙ୍କ ମା' ତାଙ୍କ ପାଖରେ ଠିଆ ହୋଇଛନ୍ତି। କୁହାଯାଉଛି ଯେ ହର୍ଷିତା ତାଙ୍କ ମା'ଙ୍କ ନିର୍ଦ୍ଦେଶରେ ତାଙ୍କ ସ୍ୱାମୀଙ୍କୁ ବହୁତ ପିଟୁଛନ୍ତି। ହର୍ଷିତାଙ୍କ ଭାଇଙ୍କୁ ମଧ୍ୟ ପାଖରେ ଦେଖାଯାଇଛି। ଏହି ଭିଡିଓଟି ମାର୍ଚ୍ଚ ୨୦ର ବୋଲି କୁହାଯାଉଛି। ଲୋକୋ ପାଇଲଟ ଲୋକେଶ କୁମାର ତାଙ୍କ ସ୍ତ୍ରୀ ଏବଂ ଶାଶୁଙ୍କ ଦ୍ୱାରା ତାଙ୍କୁ ମାଡ଼ ମାରୁଥିବାର ଭିଡିଓ ବିଷୟରେ ଏସପି ସାଇ କୃଷ୍ଣଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୂର୍ବରୁ ଲୋକେଶ ଏକ ଭିଡିଓ ମଧ୍ୟ ଜାରି କରିଥିଲେ, ଯେଉଁଥିରେ ତାଙ୍କୁ ତାଙ୍କ ସ୍ତ୍ରୀ ତାଙ୍କୁ ପିଟୁଥିବାର ଶୁଣିବାକୁ ମିଳିଥିଲା। ଲୋକେଶ କହିଛନ୍ତି, ତାଙ୍କ ସ୍ତ୍ରୀ ତାଙ୍କୁ ମିଥ୍ୟା ମାମଲା ଏବଂ ଯୌତୁକ ମାମଲାରେ ଫସାଇ ଦେବାକୁ ଧମକ ଦେଉଛନ୍ତି। କେବଳ ଏତିକି ନୁହେଁ, ପୂରା ପରିବାର ତାଙ୍କୁ ହଇରାଣ କରୁଛନ୍ତି।

# ମର୍ମନ୍ତୁଦ ଦୁର୍ଘଟଣା: କୂଅରେ ପଡ଼ି ଚାଲିଗଲା ୮ ଜୀବନ

ଭୋପାଳ,୩।୪: ମଧ୍ୟପ୍ରଦେଶର ଖଣ୍ଡୱା ଜିଲାର କୋଣ୍ଡାଭାଟ ଗାଁରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଠାରେ ଗଙ୍ଗୌର ମାତାଙ୍କ ବିସର୍ଜନ ପାଇଁ କୂଅ ସଫା କରିବାକୁ ଯାଇଥିବା ୮ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାର କାରଣ କୂଅ ଭିତରେ ମିଥେନ ଗ୍ୟାସର ଲିକେଜ ବୋଲି କୁହାଯାଉଛି। ଗଙ୍ଗୌର ମାତାର ଜୋୱାରଗୁଡ଼ିକର ବିସର୍ଜନ କୋଣ୍ଡାଭଟ ଗାଁରେ ହେବାର ଥିଲା। ଏହାକୁ ଦୃଷ୍ଟିରେ ରଖି ଗାଁ ଲୋକେ ୧୫୦ ବର୍ଷ ପୁରୁଣା ସାର୍ବଜନୀନ କୂଅକୁ ସଫା କରିବାକୁ ଯାଇଥିଲେ, କିନ୍ତୁ କୂଅରେ ସେମାନେ ଶ୍ୱାସରୁଦ୍ଧ ହୋଇ ସମସ୍ତଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କୂଅରେ ପ୍ରାଣ ହରାଇଥିବା ପରିବାରକୁ ଜିଲା କଲେକ୍ଟର ପ୍ରତ୍ୟେକଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହି ହୃଦୟବିଦାରକ ଦୁର୍ଘଟଣା ପରେ, ସମଗ୍ର ଗାଁରେ ଶୋକର ଛାୟା ଖେଳିଯାଇଛି।

# ମୁମ୍ବାଇ ପରିବର୍ତ୍ତେ ତୁର୍କୀରେ ପହଞ୍ଚିଲା ଲଣ୍ଡନ ବିମାନ




ନୂଆଦିଲ୍ଲୀ,୩।୪: ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟଗତ ମାମଲା ଯୋଗୁଁ ଲଣ୍ଡନରୁ ମୁମ୍ବାଇ ଆସୁଥିବା ଭର୍ଜିନ ଆଟଲାଣ୍ଟିକ ଏୟାରଲାଇନ୍ସର ବିମାନକୁ ତୁର୍କୀକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇଛି ବିମାନ କମ୍ପାନୀ। ଏଥିରେ କୁହାଯାଇଛି ଯେ ମେଡିକାଲ ଏମରଜେନ୍ସି ଏବଂ ଯାଞ୍ଚ ପାଇଁ ବିମାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡିଲା। ତଥାପି, ଏହା ଆଶ୍ଚର୍ଯ୍ୟଜନକ ଯେ ଏକ ବିମାନରେ ଏକକାଳୀନ ଚିକିତ୍ସା ଜରୁରୀକାଳୀନ ଏବଂ ଯାନ୍ତ୍ରିକ ତ୍ରୁଟି ଘଟିଛି। କିନ୍ତୁ, ଏହି ପରିବର୍ତ୍ତନ ଯୋଗୁ ଯାତ୍ରୀମାନେ ୧୫ ଘଣ୍ଟାରୁ ଅଧିକ ସମୟ ଧରି ତୁର୍କୀରେ ଫସି ରହିଛନ୍ତି। ସୂଚନାଯୋଗ୍ୟ, ଭର୍ଜିନ ଆଟଲାଣ୍ଟିକ ବିମାନ ଗିଏସ୍୩୫୮ ଏପ୍ରିଲ ୨ତାରିଖରେ ଲଣ୍ଡନରୁ ମୁମ୍ବାଇ ଅଭିମୁଖେ ଉଡ଼ାଣ କରିଥିଲା। କିନ୍ତୁ ହଠାତ୍ ଏହାକୁ ତୁର୍କୀର ଦିୟାରବାକିର ବିମାନବନ୍ଦରକୁ ସ୍ଥାନାନ୍ତରିତ କରାଯାଇଥିଲା। ବିମାନ କମ୍ପାନୀ କହିଛି ଯେ ଉଡ଼ାଣର ଏକ ବୈଷୟିକ ତଦନ୍ତ ମଧ୍ୟ କରାଯିବ। ଏହି ପରିପ୍ରେକ୍ଷୀରେ, ଜଣେ ପୂର୍ବତନ ଉପଭୋକ୍ତା ଭାରତୀୟ ଦୂତାବାସକୁ ହସ୍ତକ୍ଷେପ ପାଇଁ ଆବେଦନ କରିଥିଲେ। ସେ ଲେଖିଛନ୍ତି, 'ଲଣ୍ଡନରୁ ଉଡ଼ାଣ ଆରମ୍ଭ କରିବା ପରେ ମୁମ୍ବାଇ ଯାଉଥିବା ଭର୍ଜିନ ଆଟଲାଣ୍ଟିକ ବିମାନକୁ ଦିଆର୍ବାକିର ବିମାନବନ୍ଦର (ଡିଆଇୱାଇ) ରେ ଜରୁରୀକାଳୀନ ଅବତରଣ କରିବାକୁ ପଡିଲା।' ଜଣେ ଗର୍ଭବତୀ ମହିଳାଙ୍କ ସମେତ ୨୦୦ରୁ ଅଧିକ ଭାରତୀୟ ଯାତ୍ରୀ ପାଣି ଏବଂ ମୌଳିକ ସୁବିଧା ବିନା ଫସି ରହିଛନ୍ତି। ଦୟାକରି ତୁରନ୍ତ ହସ୍ତକ୍ଷେପ କରନ୍ତୁ।' ଏହାର ଜବାବରେ ଭାରତୀୟ ଦୂତାବାସ ଲେଖିଲା - 'ଅଙ୍କାରାରେ ଥିବା ଭାରତୀୟ ଦୂତାବାସ ଦିୟାରବାକିର ବିମାନବନ୍ଦର ନିର୍ଦ୍ଦେଶାଳୟ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛି।' ଫସି ରହିଥିବା ଯାତ୍ରୀମାନଙ୍କର ସୁବିଧା ପାଇଁ ସମସ୍ତ ପ୍ରକାରର ସମନ୍ୱୟ ଏବଂ ପ୍ରୟାସ କରାଯାଉଛି। ୟୁଜର ଏହା ମଧ୍ୟ ଦାବି କରିଛନ୍ତି ଯେ ଫସି ରହିଥିବା ଯାତ୍ରୀଙ୍କ ମଧ୍ୟରେ ତାଙ୍କର ଜଣେ ସମ୍ପର୍କୀୟ ଅଛନ୍ତି ଏବଂ ତାଙ୍କ ପରିବାର ତାଙ୍କ ପାଇଁ ଚିନ୍ତିତ। ସେ କହିଛନ୍ତି ଯେ ଯାତ୍ରୀମାନଙ୍କୁ ଖାଇବାକୁ କେବଳ ଗୋଟିଏ ସାଣ୍ଡୱିଚ ଦିଆଯାଇଥିଲା।

# ମମତାଙ୍କୁ 'ସୁପ୍ରିମ' ଝଟ୍‌କା



➘ ୨୫ ହଜାର ଶିକ୍ଷକ ଓ କର୍ମଚାରୀଙ୍କ ନିଯୁକ୍ତି ରଦ୍ଦ

➘ ବିଜେପି-ସିପିଆଇ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କଲେ

ନୂଆଦିଲ୍ଲୀ,୩।୪(ସଂଚାର ବ୍ୟୁରୋ): ଶିକ୍ଷକ ଓ କର୍ମଚାରୀ ଦୁର୍ନୀତି ମାମଲାରେ ଆଜି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ସୁପ୍ରିମ୍‌କୋର୍ଟ ଜବରଦସ୍ତ ଝଟ୍‌କା ଦେଇଛନ୍ତି। ଶିକ୍ଷକ ଓ କର୍ମଚାରୀ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ କଲିକତା ହାଇକୋର୍ଟ କହିବା ପରେ ଏନେଇ ପଶ୍ଚିମବଙ୍ଗ ସରକାର ସୁପ୍ରିମ୍‌କୋର୍ଟ ଯାଇଥିଲେ। କିନ୍ତୁ ମମତାଙ୍କ ସରକାରଙ୍କୁ ସୁପ୍ରିମକୋର୍ଟ ନିରାଶ କରିଛନ୍ତି ଏବଂ ଦୁର୍ନୀତିପୂର୍ଣ୍ଣ ଉପାୟରେ ନିଯୁକ୍ତି ପାଇଥିବା ପାଖାପାଖି ୨୫ ହଜାର ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ରଦ୍ଦ କରିବା ସକାଶେ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏହି ନିଯୁକ୍ତିଗୁଡ଼ିକ ଗତ ୨୦୧୬ରେ ପଶ୍ଚିମବଙ୍ଗ ସ୍କୁଲ ସର୍ଭିସ କମିଶନ (ଡବ୍ଲ୍ୟୁବିଏସଏସସି) ମାଧ୍ୟମରେ ହୋଇଥିଲା। ଏହି ନିଯୁକ୍ତି ପାଇଁ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ରହିଥିଲା। ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଓ ବିଚାରପତି ପି.ଭି. ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇ କହିଛନ୍ତି ଯେ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ହେରଫେର ଓ ଅନିୟମିତତା ହୋଇଛି। ଯାହା ଏହି ପଦବୀର ବିଶ୍ୱସନୀୟତା ଓ ବୈଧତାକୁ ନଷ୍ଟ କରିଛି। ଏଥିସହ କଲିକତା ହାଇକୋର୍ଟ ଦେଇଥିବା ରାୟରେ କୌଣସି ପ୍ରକାର ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ବୋଲି ଖଣ୍ଡପୀଠ କହିବା ସହ ଏପରି କାରବାରକୁ 'ମାରାତ୍ମକ' ବୋଲି ଅଭିହିତ କରିଛନ୍ତି। ଏଥିସହ ଆଗାମୀ ୩ ମାସ ମଧ୍ୟରେ ନୂଆ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ମଧ୍ୟ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏହି ନୂଆ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେବେ, ସେମାନଙ୍କୁ ୨୦୧୬ ପରେ ପ୍ରାପ୍ତ ବେତନ ଫେରାଇବାକୁ ପଡ଼ିବ ନାହିଁ। କିନ୍ତୁ ଯେଉଁମାନେ ଉତ୍ତୀର୍ଣ୍ଣ ହେବେନାହିଁ, ସେମାନଙ୍କୁ ପୂର୍ବରୁ ପ୍ରାପ୍ତ ବେତନ ଫେରାଇବାକୁ ମଧ୍ୟ କୋର୍ଟ ଆଦେଶ ଦେଇଛନ୍ତି। ଅବଶ୍ୟ ସୁପ୍ରିମକୋର୍ଟ ଅକ୍ଷମ କର୍ମଚାରୀଙ୍କ ପାଇଁ ମାନବିକ ଆଧାରରେ ସାମାନ୍ୟ ରିହାତି ଦେଇ ସେମାନଙ୍କୁ ଚାକିରି ହରାଇବାକୁ ପଡ଼ିବ ନାହିଁ ବୋଲି କହିଛନ୍ତି।

# ଥାଇ କଳା ସଂସ୍କୃତିର ଝଲକ ଦେଖିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩।୪: ଥାଇଲ୍ୟାଣ୍ଡରେ ମଞ୍ଚସ୍ଥ ହେଲା ରାମାୟଣ । ପ୍ରଧାନମନ୍ତ୍ରୀ ମୋଦୀ ଥାଇଲ୍ୟାଣ୍ଡ ଗସ୍ତରେ ଥିବା ବେଳେ ତାଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ଥାଇ କଳାକାର ମାନେ ରାମାୟଣ ପରିବେଷଣ କରିଥିଲେ। ଏହି ସମୟରେ ଭାରତୀୟ କଳା ଓ ସଂସ୍କୃତିର ଝଲକ ଦେଖିଥିଲେ ପିଏମ ମୋଦୀ । ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ରାମାୟଣ ଏବଂ ଭାରତ ନାଟ୍ୟମ ପରିବେଷଣ କରି ଖୁବ୍ ଗର୍ବ ଅନୁଭବ କରୁଥିବା କହିଛନ୍ତି ଥାଇକଳାକାର ମାନେ । ମୋଦି ଏକ୍ସ ରେ ଏକ ପୋଷ୍ଟରେ କହିଛନ୍ତି କି, ଏହା ଏକ ଅନନ୍ୟ ସାଂସ୍କୃତିକ ମିଶ୍ରଣ। ଥାଇ ରାମାୟଣର ଏକ ସୁନ୍ଦର ପରିବେଷଣ ଦେଖିଲି, ରାମାକିଏନ୍। ଏହା ପ୍ରକୃତରେ ଏକ ଚମତ୍କାର ଅଭିଜ୍ଞତା ଥିଲା, ଯାହା ଭାରତ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ ଥିବା ସାଂସ୍କୃତିକ ଏବଂ ସଭ୍ୟତା ସମ୍ପର୍କକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରୁଥିଲା। ସେ କହିଛନ୍ତି, 'ରାମାୟଣ ପ୍ରକୃତରେ ଏସିଆର ଅନେକ ଭାଗରେ ହୃଦୟ ଏବଂ ପରମ୍ପରାକୁ ସଂଯୋଗ କରେ।' ସେ ଆହୁରି ମଧ୍ୟ କହିଛନ୍ତି କି,'ଭାଷା ଏବଂ ପରମ୍ପରାରେ ସଂସ୍କୃତ ଏବଂ ପାଲିର ପ୍ରଭାବ ଏବେ ବି ଦୃଶ୍ୟମାନ। ମୋର ଗସ୍ତ ସମୟରେ ୧୮ ବିଂଶ ଶତାବ୍ଦୀର ରାମାୟଣ ପଟ୍ଟଚିତ୍ର ଉପରେ ଆଧାରିତ ଏକ ସ୍ମାରକୀ ଡାକଟିକଟ ଜାରି କରିବା ପାଇଁ ମୁଁ ଥାଇଲ୍ୟାଣ୍ଡ ସରକାରଙ୍କ ପ୍ରତି କୃତଜ୍ଞ।

# ବାୟୁସେନାର ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ

● ନିଖୋଜ ପାଇଲଟଙ୍କୁ ଖୋଜା ଚାଲିଛି

ଗାନ୍ଧିନଗର,୩।୪: ବୁଧବାର ରାତିରେ ଗୁଜରାଟର ଜାମନଗରରେ ବାୟୁସେନାର ଏକ ଜାଗୁଆର ଲଢ଼ୁଆ ବିମାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନଟି ଦୁଇଜଣ ପାଇଲଟଙ୍କ ସହିତ ଏକ ପଶିକ୍ଷଣ ମିଶନରେ ଥିଲା। ଏହି ପାଇଲଟମାନଙ୍କ ମଧ୍ୟରୁ ଜଣେ ଗୁରୁତର ଆହତ ହୋଇଛନ୍ତି ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏଥି ସହ ଅନ୍ୟ ଜଣଙ୍କୁ ଖୋଜା ଚାଲିଛି । ଦୁର୍ଘଟଣା ପରେ ସାମ୍ନାକୁ ଆସିଥିବା ଦୁର୍ଘଟଣା ସ୍ଥଳର ଭିଡିଓ ଦେଖି ଘଟଣାର ଗମ୍ଭୀରତା ଅନୁମାନ କରାଯାଇପାରିବ । କ୍ରାସ୍ ଅବତରଣ ପରେ ବିମାନଟି ଖଣ୍ଡ ଖଣ୍ଡ ହୋଇଗଲା ଏବଂ ନିଆଁ ମଧ୍ୟ ଲାଗିଗଲା । ଏ ବିଷୟରେ ସୂଚନା ଦେଇ ଜାମନଗର ଏସ୍ ପି କହିଛନ୍ତି ଯେ ଜାମନଗରରୁ ପ୍ରାୟ ୧୨ କିଲୋମିଟର ଦୂରରେ ଅବସ୍ଥିତ ସୁଭାରଦା ଗ୍ରାମର ଏକ ଖୋଲା ପଡିଆରେ ରାତି ୯:୩୭ ସମୟରେ ଦୁର୍ଘଟଣା ଘଟିଥିଲା ।

# ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବେ ଶୁଭାଂଶୁ



ନୂଆଦିଲ୍ଲୀ,୩।୪: ମହାକାଶରେ ଭାରତ ରଚିବ ଆଉ ଏକ ନୂଆ ଇତିହାସ। ଆକ୍ସିଅମ୍ ମିଶନ ମାଧ୍ୟମରେ ଭାରତୀୟ ବାୟୁସେନା ଗ୍ରୁପର କ୍ୟାପଟେନ ଶୁଭାଂଶୁ ଶୁକ୍ଲା ଆସନ୍ତା ମେ ମାସରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଯିବେ । ଯାହା ଫଳରେ ୪୦ ବର୍ଷ ପରେ ଭାରତର ଏହି ସ୍ୱପ୍ନ ପୂରଣ ହେବ । ଭାରତୀୟ ବାୟୁସେନା ଗ୍ରୁପର କ୍ୟାପଟେନ ଶୁଭାଂଶୁ ଶୁକ୍ଲା ମେ ମାସରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଯାତ୍ରା କରିବେ । ଆକ୍ସିଅମ୍ ମିଶନ ମାଧ୍ୟମରେ ସେ ମହାକାଶ ଯାତ୍ରା କରିବେ । ଏହି ଅଭିଯାନ ଜରିଆରେ ଆଗାମୀ ଦିନରେ ଭାରତ ମହାକାଶ ଯାତ୍ରା କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିବ। ଏହି ଯାତ୍ରାରେ ଅନ୍ୟ ୪ଟି ଦେଶର ଅନ୍ତରୀକ୍ଷ ଯାତ୍ରୀ ମଧ୍ୟ ସାମିଲ ରହିବେ । ଶୁଭାଂଶୁ ଶୁକ୍ଲାଙ୍କ ପୂର୍ବରୁ ଭାରତର ରାକେଶ ଶର୍ମା ୧୯୮୪ ମସିହାରେ ମହାକାଶ ଯାତ୍ରା କରିଥିଲେ । ଏହି ମିଶନ ୧୪ ଦିନ ଧରି ଚାଲୁ ରହିବ। ଏହି ମିଶନ ପ୍ରକ୍ରିୟାକୁ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷଣ କରାଯିବ । ସ୍ପେସଏକ୍ସ ଡ୍ରାଗନ କ୍ୟାପସୁଲରେ ମହାକାଶକୁ ଯାତ୍ରା କରିବେ । ଏହାର ଉତକ୍ଷେପଣ ଆମେରିକାର ନାସାରୁ କରାଯିବ । ଏହି ଯାନର ସମସ୍ତ ପ୍ରସ୍ତୁତି ପରେ ଉତକ୍ଷେପଣର ତାରିଖ ଧାର୍ଯ୍ୟ କରାଯିବ । ସୂଚନାନୁଯାୟୀ, ଏହି ମିଶନ ଅଧୀନରେ ଅନେକ ବଡ କାମ କରାଯିବ । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ଟେକନୋଲୋଜି ଉପକରଣର ପରୀକ୍ଷଣ କରିବା । ଗବେଷଣା ଦ୍ୱାରା ପୃଥିବୀ ଲୋକଙ୍କୁ ସଚେତନ କରାଯିବ ।

# ମହାରାଷ୍ଟ୍ରରେ ଭୂକମ୍ପ ଝଟକା

ମୁମ୍ବାଇ,୩।୪: ମହାରାଷ୍ଟ୍ରରେ ଆଜି ଭୂକମ୍ପ ଅନୁଭୂତ ହୋଇଛି । ରାଷ୍ଟ୍ରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନାନୁଯାୟୀ ଭୂକମ୍ପର ତୀବ୍ରତା ୨.୬ରିକ୍ଟର ସ୍କେଲରେ ରହିଥିଲା । ଏପ୍ରିଲ ୩ (ଗୁରୁବାର) ଅର୍ଥାତ୍ ଆଜି ୧୧ଟା ୨୨ମିନିଟରେ ମହାରାଷ୍ଟ୍ର ସୋଲାପୁରରେ ଭୂକମ୍ପ ଅନୁଭୂତ ହୋଇଥିଲା। ଯାହା କିଛି ସମୟ ପାଇଁ ମାଟିକୁ ଥରାଇ ଦେଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ମାଟିରୁ ୫ କିଲୋମିଟର ତଳେ ଥିଲା । ଯାହା ମହାରାଷ୍ଟ୍ର ଉପରେ ହାଲକା ଝଟକାର ପ୍ରଭାବ ଦେଖିବାକୁ ମିଳିଥିଲା । ରାଷ୍ଟ୍ରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନାନୁଯାୟୀ ଭୂକମ୍ପର ତୀବ୍ରତା ୨.୬ ରିକ୍ଟର ସ୍କେଲରେ ରହିଥିଲା । ଅନ୍ୟପଟେ ଏହା ପୂର୍ବରୁ ଏପ୍ରିଲ ୧ ମଙ୍ଗଳବାର ଦିନ ଭାରତର ଅନେକ ସ୍ଥାନ ଯେପରି କୋଲକତା ଏବଂ ଇମ୍ଫାଲରେ ଭୂକମ୍ପ ଅନୁଭୂତ ହୋଇଥିଲା। ୨୮ ମାର୍ଚ୍ଚରେ ବିହାର, ସିଲିଗୁଡ଼ି ଏବଂ ନେପାଳ ଭଳି ଅନ୍ୟାନ୍ୟ ଅଞ୍ଚଳରେ ଭୂକମ୍ପର ପ୍ରଭାବ ପଡିତିବା ଦେଖିବାକୁ ମିଳିଥିଲା ।

# ଆମେରିକାରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼

**ବନ୍ୟା ଚେତାବନୀ ଜାରି**



ୱାଶିଂଟନ,୩।୪: ଏକ ଭୟଙ୍କର ଝଡ଼ ଆମେରିକାର ମଧ୍ୟ-ପଶ୍ଚିମ ଏବଂ ଦକ୍ଷିଣର କିଛି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି, ଯାହା ଫଳରେ ସାଧାରଣ ଜୀବନଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଝଡ଼ ଯୋଗୁଁ କିଛି ଘରର ଛାତ ଉଡ଼ିଯାଇଥିଲା ଏବଂ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିଲା ଏବଂ ଗଛ ଉପୁଡି ପଡିଥିଲା। ପାଣିପାଗ ବିଭାଗ ଲୋକଙ୍କୁ ଘର ଭିତରେ ରହିବାକୁ ନିବେଦନ କରିଛି। ଟେକ୍ସାସରୁ ମିଶିଗାନ ପର୍ଯ୍ୟନ୍ତ ଏକ ଶକ୍ତିଶାଳୀ ଘୂର୍ଣ୍ଣିବାତ୍ୟା ଆସି ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାରୁ ଜାତୀୟ ପାଣିପାଗ ସେବା ଆମେରିକାର ଦକ୍ଷିଣ ଏବଂ ମଧ୍ୟପଶ୍ଚିମ ଅଞ୍ଚଳରେ ବନ୍ୟା ଚେତାବନୀ ଜାରି କରିଛି। ଓହାଇଓରୁ ମିସିସିପି ପର୍ଯ୍ୟନ୍ତ ପ୍ରାୟ ୧୫ ନିୟୁତ ଲୋକ ଝଡ଼ର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି। ଯେଉଁଥିରେ ନାଶଭିଲ, ଟେନେସି ଏବଂ ଟୁପେଲୋ, ମିସିସିପିର ଲୋକମାନେ ମଧ୍ୟ ଅଛନ୍ତି। ପ୍ରାୟ ୬୦ ଲକ୍ଷ ଲୋକ ଝଡ଼ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଛନ୍ତି। ପାଣିପାଗ ବିଭାଗ ଅନୁଯାୟୀ, ଏହି ଶକ୍ତିଶାଳୀ ଝଡ଼ ଜାରି ରହିବ ଏବଂ ଝଡ଼ ଘଣ୍ଟା ପ୍ରତି ୭୫ ମାଇଲ ବେଗରେ ବହିପାରେ। ଏହି କାରଣରୁ ଇଣ୍ଡିଆନାରେ ଏକ ରେଡିଓ ଟାୱାର ଭୁଶୁଡ଼ି ପଡ଼ିଛି। ଇଣ୍ଡିଆନାପୋଲିସରେ ଅନେକ ଯାନବାହନ ବୁଡ଼ି ଯାଇଥିଲା ଏବଂ ଆର୍କାନସାସରେ ଘର କ୍ଷତିଗ୍ରସ୍ତ ହୋଇଥିଲା। ଏହା ସହିତ, ଇଣ୍ଡିଆନା, ଆର୍କାନସାସ, ମିସୌରୀ ଏବଂ ମିସିସିପିରେ ୨୦୦,୦୦୦ ରୁ ଅଧିକ ଲୋକଙ୍କ ବିଦ୍ୟୁତ କାଟ ହୋଇଛି। ଝଡ଼ ଯୋଗୁଁ ଅନେକ ଅଞ୍ଚଳରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି ଏବଂ ପାଗ ବିପଦପୂର୍ଣ୍ଣ ରହିଛି। ଜାତୀୟ ପାଣିପାଗ ବିଭାଗ ସତର୍କ କରାଇ ଦେଇଛି ଯେ ଏହି ଶକ୍ତିଶାଳୀ ଝଡ଼ ଶନିବାର ପର୍ଯ୍ୟନ୍ତ ବନ୍ୟାର ଆଶଙ୍କା ସୃଷ୍ଟି କରିବ ଏବଂ ଆଗାମୀ ଚାରି ଦିନ ମଧ୍ୟରେ ୩୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। କ୍ଲାଇମେଟ ସେଣ୍ଟ୍ରାଲ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ୧୯୭୦ପରଠାରୁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆମେରିକାର ୯୦% ସହରରେ ପ୍ରତି ଘଣ୍ଟାରେ ବର୍ଷାର ହାର ବୃଦ୍ଧି ପାଇଛି। ଏହା ସହିତ, ଅନୁଯାୟୀ, ଟେକ୍ସାସରୁ ଓହାଇଓ ପର୍ଯ୍ୟନ୍ତ ୧,୦୦୦ ମାଇଲ ଲମ୍ବା ଅଞ୍ଚଳରେ ପାଞ୍ଚ ଦିନରେ ଚାରି ମାସର ବର୍ଷା ହେବ। ଏଥିପାଇଁ ବନ୍ୟା ସତର୍କତା ଜାରି କରାଯାଇଛି।

# ବାର୍ଡ ଫ୍ଲୁ ନେଲା ୨ ବର୍ଷୀୟ ଶିଶୁର ଜୀବନ

ନୂଆଦିଲ୍ଲୀ,୩।୪: ଆନ୍ଧ୍ରପ୍ରଦେଶରେ ଜଣେ ୨ ବର୍ଷର ଝିଅ ବାର୍ଡ ଫ୍ଲୁରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛି । ଏହା ସହ ଦେଶରେ ବାର୍ଡ ଫ୍ଲୁ ଯୋଗୁଁ ମଣିଷ ମୃତ୍ୟୁର ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ୨୦୨୧ ମସିହାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟ ବିଭାଗ ଅନୁଯାୟୀ, ଝିଅଟି କଞ୍ଚା କୁକୁଡ଼ା ମାଂସ ଖାଇଥିଲା। ଏହି କାରଣରୁ ସେ ବାର୍ଡ ଫ୍ଲୁରେ ସଂକ୍ରମିତ ହୋଇଥିଲା। ଝିଅଟିକୁ ପୂର୍ବରୁ ସାମାନ୍ୟ ଜ୍ୱର ହୋଇଥିଲା। ଏହା ପରେ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିଛି ଦିନର ଚିକିତ୍ସା ପରେ ତାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବାର୍ଡ ଫ୍ଲୁ ଯୋଗୁଁ ଝିଅଟିର ମୃତ୍ୟୁ ହୋଇଥିବା ନେଇ ପୁଣେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ବୈଜ୍ଞାନିକମାନେ ନିଶ୍ଚିତ କରିଛନ୍ତି। ଏହି ଝିଅଟିର ନମୂନା ଏନ୍‌ଆଇଭି କୁ ପଠାଯାଇଥିଲା। ସେପଟେ ଏହି ଭାଇରସ ପରିବାରର ଅନ୍ୟ କୌଣସି ସଦସ୍ୟଙ୍କୁ ସଂକ୍ରମିତ କରିନାହିଁ। ଯଦିଓ ରାଜ୍ୟ ସରକାର ଲୋକଙ୍କୁ ସତର୍କ କରାଇଛନ୍ତି ଏବଂ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି, କିନ୍ତୁ ଏହି ଘଟଣା ପରେ କୁକୁଡ଼ା ମାଂସ ଖାଇବା ଉପରେ ପ୍ରଶ୍ନ ଉଠିଛି। ବାର୍ଡ ଫ୍ଲୁ ସଂପର୍କରେ ରାଜସ୍ଥାନର ପ୍ରାଣୀ ବିଜ୍ଞାନ ବିଭାଗର ଡାକ୍ତର ଏନଆର ରାୱତ ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ବାର୍ଡ ଫ୍ଲୁ ଭୂତାଣୁ ଜନିତ ସଂକ୍ରମଣ। ଏହା ପକ୍ଷୀମାନଙ୍କଠାରେ, ମୁଖ୍ୟତଃ କୁକୁଡ଼ାଠାରେ ଦେଖାଯାଏ।




# ଉଜ୍ଜୟିନୀ ସୀମାରେ ମଦ ବ୍ୟାନ୍

● ଏବେ କେମିତି କାଳ ଭୈରବ ବାବାଙ୍କୁ ଲାଗିହେବ ଭୋଗ ?



ନୂଆଦିଲ୍ଲୀ ୩।୪: ମହାକାଳଙ୍କ ନଗରୀ ଉଜ୍ଜୟିନୀର ନଗର ନିଗମ ସୀମାରେ ମଦକୁ ବ୍ୟାନ୍ କରାଯାଇଛି । ଯାହାର ପ୍ରଭାବ ବିଶ୍ୱ ପ୍ରସିଦ୍ଧ କାଳ ଭୈରବ ମନ୍ଦିର ଉପରେ ମଧ୍ୟ ଦେଖିବାକୁ ମିଳିଛି। ଖାସ୍ କଥା ହେଉଛି ଭଗବାନ କାଳ ଭୈରବଙ୍କୁ ଭୋଗ ସ୍ୱରୂପ ମଦିରା ପାନ କରାଯାଇଥାଏ ତେଣୁ ଭକ୍ତ ବାବାଙ୍କ ପାଇଁ ମଦ ନେଇ ଯାଇଥା'ନ୍ତି । ବାବାଙ୍କୁ ମଦିରା ଭୋଗ ଲଗାଇବା ପାଇଁ ମନ୍ଦିର ବାହାରେ ୨ ଟି ମଦ ଦୋକାନ ମଧ୍ୟ ଥିଲା ଯାହାକୁ ଏବେ ବନ୍ଦ କରି ଦିଆଯାଇଛି । ଏନେଇ ଜିଲ୍ଲାପାଳ ନୀରଜ୍ କୁମାର ସିଂ କହିଛନ୍ତି, କାଳ ଭୈରବ ମନ୍ଦିରରେ ଯଦି କୌଣସି ଭକ୍ତ ବାହାରୁ ମଦିରା କିଣି ବାବାଙ୍କୁ ଚଢ଼ାଇବା ପାଇଁ ଆଣନ୍ତି ତେବେ ତାହାକୁ ଗ୍ରହଣ କରାଯିବ । କିନ୍ତୁ ମନ୍ଦିର ପରିସରରେ ମଦ ବିକ୍ରି ହେବ ନାହିଁ । ଆପଣଙ୍କୁ ଏଠାରେ କହିରଖୁଛୁ କି, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ଼. ମୋହନ ଯାଦବ ଏପ୍ରିଲ୍ ୧ ତାରିଖରୁ ସୀମାରେ ମଦ ବ୍ୟାନ୍ କରିଛନ୍ତି । ଉଜ୍ଜୟିନୀର ନଗର ନିଗମ ସୀମାରେ ୧୭ ଟି ମଦ ଦୋକାନ ଏବଂ ୧୧ ଟି ବାର୍ ଥିଲା । ଯାହାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରି ଦିଆଯାଇଛି । ନିର୍ଦ୍ଦେଶର ପାଳନ ପାଇଁ ସହରର ପ୍ରତିଟି ମଦ ଦୋକାନ ବାହାରେ ପୁଲିସର କଡ଼ା ପ୍ରହରା ଦେଖିବାକୁ ମିଳୁଛି । ଏମିତିକି ଯିବା ଆସିବା କରୁଥିବା ଗାଡ଼ିର ବି କଡ଼ାକଡ଼ି ଚେକିଂ ହେଉଛି । ମଦ ଦୋକାନ ବନ୍ଦ ହେବାକୁ ନେଇ ଜିଲ୍ଲା କଲେକ୍ଟର କହିଛନ୍ତି , ୧୭ଟି ମଦ ଦୋକାନରୁ ୨୬୨ କୋଟି ଟଙ୍କାର ରାଜସ୍ୱ ପ୍ରାପ୍ତ ହେଉଥିଲା । ଏହି ସବୁ ଦୋକାନକୁ ଏବେ ସହର ବାହାର ଗ୍ରାମୀଣ ଅଞ୍ଚଳରେ ସିଫ୍ଟ କରାଯାଉଛି । ଯେଉଁ କାରଣରୁ ରାଜସ୍ବ ସହ ବ୍ୟବସାୟରେ ମଧ୍ୟ କୌଣସି କ୍ଷତି ହେବ ନାହିଁ ।

# କୃଷ୍ଣା ଘାଟିରେ ପାକ୍‌ର ଅସ୍ତ୍ରବିରତି ଉଲ୍ଲଂଘନ



ଇସଲାମାବାଦ,୩।୪: ସୁଧୁରୁନି ପାକିସ୍ତାନ। ପୁଣିଥରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରିବାକୁ ଚେଷ୍ଟା କରିଛି। ବୁଧବାର ବିଳମ୍ବିତ ରାତିରେ ପୁଞ୍ଚର କୃଷ୍ଣା ଘାଟି ସେକ୍ଟରରେ ଭାରତୀୟ ସେନାର ଆଗୁଆ ପୋଷ୍ଟଗୁଡ଼ିକୁ ଟାର୍ଗେଟ କରି ପାକିସ୍ତାନୀ ସେନା ପୁଣି ଥରେ ଗୁଳି ଚାଳନା କରିଛି। ପାକିସ୍ତାନ ସେନାର ଅସ୍ତ୍ରବିରତି ଉଲ୍ଲଂଘନର ଜବାବ ପୁଣି ଥରେ ଭାରତୀୟ ସେନା ଦେଇଛି। ପ୍ରାୟ ୨୦ ମିନିଟ ଧରି ଚାଲିଥିବା ଗୁଳିଚାଳନାରେ କୌଣସି ପ୍ରକାରର କ୍ଷତି ହୋଇନାହିଁ। ପାକିସ୍ତାନ ଲଗାତାର କୃଷ୍ଣା ଘାଟି ସେକ୍ଟରକୁ ଟାର୍ଗେଟ କରୁଥିବାରୁ, ଭାରତୀୟ ସେନା ଏହି ଅଞ୍ଚଳରେ ସତର୍କ ରହିଛି। ଏହା ପୂର୍ବରୁ ଏପ୍ରିଲ ୧ ତାରିଖରେ, ପାକିସ୍ତାନ ଜମ୍ମୁ ଓ କଶ୍ମୀରର ପୁଞ୍ଚ ଜିଲାର କୃଷ୍ଣା ଘାଟି (କେଜି) ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତୀୟ ପୋଷ୍ଟ ଉପରେ ଗୁଳି ଚଳାଇଥିଲା। ମଙ୍ଗଳବାର ଭାରତୀୟ ସେନା ପଡ଼ୋଶୀ ଦେଶର ଏହି ଘୃଣ୍ୟ କାର୍ଯ୍ୟର ଉଚିତ ଜବାବ ଦେଇଛି। କୃଷ୍ଣା ଘାଟି ବ୍ରିଗେଡ ଅଧୀନରେ ଥିବା ଭାରତୀୟ ସେନାର ଏକ ବାଟାଲିୟନ (ନାଙ୍ଗୀ ଟେକ୍ରି ବାଟାଲିୟନ) ପାକିସ୍ତାନୀ ଆକ୍ରମଣର ଉପଯୁକ୍ତ ଜବାବ ଦେଇଥିଲା। ଏହା ସହିତ କୃଷ୍ଣା ଘାଟିରେ ଭାରତୀୟ ସେନା ସତର୍କ ସ୍ଥିତିରେ ଅଛି। ତଥାପି ଏହା ପ୍ରଥମ ଥର ନୁହେଁ ଯେ ପାକିସ୍ତାନ କୃଷ୍ଣା ଘାଟି ସେକ୍ଟରକୁ ଟାର୍ଗେଟ କରିଛି। ପୁଞ୍ଚର କୃଷ୍ଣାଘାଟି ସେକ୍ଟରରେ ପୂର୍ବରୁ ଅନେକ ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇଛି। ପାକିସ୍ତାନ ଦ୍ୱାରା ଏପରି କାର୍ଯ୍ୟକଳାପ ନିରନ୍ତର କରାଯାଉଛି, ଯାହାର ଭାରତୀୟ ସେନା ପ୍ରତ୍ୟେକ ଥର କଡ଼ା ଜବାବ ଦେଉଛି ଏବଂ ପାକିସ୍ତାନକୁ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି।

# ଏମସ୍‌ରେ ଲାଲୁ, ହେଲା ସଫଳ ଅସ୍ତ୍ରୋପଚାର



ନୂଆଦିଲ୍ଲୀ ୩।୪: ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କର ଦିଲ୍ଲୀ ଏମସ୍ ରେ ଗୁରୁବାର ଅସ୍ତ୍ରୋପଚାର ହୋଇଛି। ଏହି ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ତାଙ୍କୁ ଆଇସିୟୁରୁ ୱାର୍ଡକୁ ସିଫ୍ଟ କରାଯାଇଛି। ସୂଚନା ଅନୁସାରେ ଲାଲୁ ଯାଦବ ଗତ ୨ ଦିନ ହେଲା ପିଠିରେ ଗଭୀର ଜଖମ ଯୋଗୁ ଯନ୍ତ୍ରଣାରେ ଥିଲେ। ଏଣୁ ବୁଧବାର ସନ୍ଧ୍ୟାରେ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ପାଟନାରୁ ଦିଲ୍ଲୀ ଏମସକୁ ନିଆଯାଇଥିଲା। ଏମସର ସିନିୟର ଡାକ୍ତରମାନେ ତାଙ୍କ ପିଠିରେ ଅସ୍ତ୍ରୋପଚାର କରିଛନ୍ତି। ଏହି ଅସ୍ତ୍ରୋପଚାର ସଫଳ ହୋଇଛି ଏଣୁ ତାଙ୍କୁ ଆଇସିୟୁରୁ ଜେନରାଲ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟରେ ଏବେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଲାଲୁ ଯାଦବଙ୍କ ସହ ହସ୍ପିଟାଲରେ ତାଙ୍କ ପତ୍ନୀ ରାବଡୀ ଦେବୀ ଓ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଅଛନ୍ତି। ଡାକ୍ତର ଲାଲୁଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖି ରହିଛନ୍ତି। ଡାକ୍ତରଙ୍କ ଅନୁସାରେ ଲାଲୁ ଯାଦବଙ୍କ ସ୍ୱାସ୍ଥ୍ୟରେ ଖୁବ୍ ଶୀଘ୍ର ସୁଧାର ଆସିବ ଓ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କର ଦିଲ୍ଲୀ ଏମସ୍ ରେ ଗୁରୁବାର ଅସ୍ତ୍ରୋପଚାର ହୋଇଛି।

### ବିସିସିଆଇର ଘରୋଇ ଅନ୍ତର୍ଜାତୀୟ ସୂଚୀ ଘୋଷଣା

# ଡିସେମ୍ବର ୯ରେ ବାରବାଟୀରେ ଭାରତ-ଦ.ଆଫ୍ରିକା ଟି-ଟ୍ୱେଣ୍ଟି ଟକ୍କର

- ଅକ୍ଟୋବରରେ ଇଣ୍ଡିଜ ଖେଳିବ ୨ ଟେଷ୍ଟ
- ଦ.ଆଫ୍ରିକା ଖେଳିବ ୨ ଟେଷ୍ଟ, ୩ ଦିନିକିଆ ଓ ୫ ଟି-ଟ୍ୱେଣ୍ଟି



**ଭୁବନେଶ୍ୱର/କଟକ,୩।୪:** ପୁଣି ୧୦ ମାସ ପରେ କଟକ ବାରବାଟୀ ଷ୍ଟାଡିୟମକୁ ଫେରିବ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ଏଥର ଦିନିକିଆ ନୁହେଁ, ଦର୍ଶକ ଦେଖିବେ ଟି-ଟ୍ୱେଣ୍ଟି। ଭାରତ ଓ ଦକ୍ଷିଣ ଆଫ୍ରିକା ହେବେ ମୁହାଁମୁହିଁ। ଡିସେମ୍ବର ୯ ତାରିଖରେ ଖେଳାଯିବ ଏହି ମ୍ୟାଚ୍। ବିସିସିଆଇ ତା'ର ଘରୋଇ ଅନ୍ତର୍ଜାତୀୟ ସୂଚୀ ଘୋଷଣା କରିବା ପରେ ଏ ବିଷୟ ଆଜି ସ୍ପଷ୍ଟ ହୋଇଛି। ଏ ଖବର ଜାଣିବା ପରେ ଓଡ଼ିଶାର କ୍ରିକେଟ୍‌ପ୍ରେମୀ ଉତ୍ସାହିତ ହୋଇପଡ଼ିଛନ୍ତି। ପୁଣି ବାରବାଟୀ ଷ୍ଟାଡିୟମରେ ଏକ ନୂଆ ଲଢ଼େଇ ଦେଖିବା ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଛନ୍ତି। ଗତ ମାସ ୨୨ ତାରିଖରେ ଏ ସଂପର୍କିତ ଏକ ରିପୋର୍ଟ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମାତ୍ର ବିସିସିଆଇ ପକ୍ଷରୁ ସୂଚୀ ଚୂଡ଼ାନ୍ତ ହୋଇ ନଥିବାରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପାଖରେ କିଛି ସୂଚନା ନଥିଲା। ଗତ ଫେବ୍ରୁଆରୀ ୯ ତାରିଖରେ ବାରବାଟୀରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା। ଶେଷ ଥର କଟକରେ ୨୦୨୨ ଜୁନ ୧୨ ତାରିଖରେ ଭାରତ- ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଥିଲେ।

ବିସିସିଆଇ ଘୋଷିତ କ୍ରୀଡ଼ାସୂଚୀ ଅନୁସାରେ, ୱେଷ୍ଟଇଣ୍ଡିଜ ଦଳ ପ୍ରଥମେ ଭାରତ ଗସ୍ତରେ ଆସି ଘରୋଇ ଦଳ ସହ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ଅହମ୍ମଦାବାଦରେ ଏବଂ ଦ୍ୱିତୀୟ ଟେଷ୍ଟ ୧୦ ତାରିଖରୁ କୋଲକାତାରେ ଆରମ୍ଭ ହେବ। ୱେଷ୍ଟଇଣ୍ଡିଜ ଦଳ ବାହୁଡ଼ି ଯିବା ପରେ ନଭେମ୍ବର ମାସରେ ଦକ୍ଷିଣ ଆଫ୍ରିକା ଦଳ ଆସିବ। ଏହି ଗସ୍ତରେ ଦଳ ଏକ ପୂର୍ଣ୍ଣାଙ୍ଗ ସିରିଜ ଖେଳିବ। ଯେଉଁଥିରେ ରହିଛି ୨ଟି ଟେଷ୍ଟ, ୩ଟି ଦିନିକିଆ ଏବଂ ୫ଟି ଟି-ଟ୍ୱେଣ୍ଟି।

ନଭେମ୍ବର ୧୪ରୁ ପ୍ରଥମ ଟେଷ୍ଟ ଦିଲ୍ଲୀରେ ଏବଂ ୨୨ ତାରିଖରୁ ଦ୍ୱିତୀୟ ଟେଷ୍ଟ ଗୌହାଟୀରେ ଆରମ୍ଭ ହେବ। ଏହାପରେ ୩୦ରୁ ଦିନିକିଆ ସିରିଜ୍ ଖେଳାଯିବ। ନଭେମ୍ବର ୩୦ରେ ପ୍ରଥମ ଦିନିକିଆ ରାଞ୍ଚିରେ, ଡିସେମ୍ବର ୩ରେ ଦ୍ୱିତୀୟ ଦିନିକିଆ ରାୟପୁରରେ ଏବଂ ୬ ତାରିଖରେ ଅନ୍ତିମ ମ୍ୟାଚ୍ ଭାଇଜାଗରେ ଖେଳାଯିବ। ଏହାପରେ ଆରମ୍ଭ ହେବ ଟି-ଟ୍ୱେଣ୍ଟି ସିରିଜ୍। ସିରିଜର ପ୍ରଥମ ମ୍ୟାଚ୍ ଡିସେମ୍ବର ୯ ତାରିଖରେ କଟକ, ଦ୍ୱିତୀୟ ମ୍ୟାଚ୍ ୧୧ରେ ନୂଆ ଚଣ୍ଡୀଗଡ଼, ତୃତୀୟ ମ୍ୟାଚ୍ ୧୪ରେ ଧର୍ମଶାଳା, ଚତୁର୍ଥ ମ୍ୟାଚ୍ ୧୭ରେ ଲକ୍ଷ୍ନୌ ଏବଂ ପଞ୍ଚମ ମ୍ୟାଚ୍ ୧୯ ତାରିଖରେ ଅହମ୍ମଦାବାଦରେ ଖେଳାଯିବାର ସୂଚୀ ଚୂଡ଼ାନ୍ତ ହୋଇଛି।

## ତେନ୍ଦୁଲକରଙ୍କ ଝିଅ ମୋର ମୁମ୍ବାଇ ଟିମ୍‌ର ମାଲିକାଣୀ



### ଆଇପିଏଲ୍ ୨୦୨୫ ମଧ୍ୟରେ କିଣିଲେ ପୂରା ଫ୍ରାଞ୍ଚାଇଜ୍

ମୁମ୍ବାଇ, ୩।୪: ଭେଟରାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ହେଲେ ମୁମ୍ବାଇ ଟିମର ମାଲିକାଣୀ। ଆଇପିଏଲ୍ ୨୦୨୫ମଧ୍ୟରେ ପୂରା ଟିମକୁ କିଣି ନେଇଛନ୍ତି। ଆଜ୍ଞା ହଁ ସାରା ତେନ୍ଦୁଲକର ଗ୍ଲୋବାଲ ଇ-କ୍ରିକେଟ ପ୍ରିମିୟର ଲିଗ(ଜିଇପିଏଲ)ରେ ମୁମ୍ବାଇ ଟିମର ମାଲିକାଣୀ ହୋଇଛନ୍ତି। ଜିଇପିଏଲକୁ ବିଶ୍ୱର ସବୁଠାରୁ ବଡ଼ ଇ-କ୍ରିକେଟ ଲିଗ୍ ମଧ୍ୟରୁ ଗୋଟିଏ ବୋଲି ଗଣାଯାଏ। ୨୦୨୫ରେ ଏହି ଲିଗର ଦ୍ୱିତୀୟ ସିଜନ ଆୟୋଜିତ ହେବ। ପ୍ରକାଶ ଯେ, ଏହି ଲିଗ୍ ରିୟଲ କ୍ରିକେଟ ଆପରେ ଖେଳାଯିବ। ଯାହାକୁ ଇଣ୍ଟରନେଟରେ ୩୦କୋଟିରୁ ବି ଅଧିକ ଥର ଡାଉନଲୋଡ଼ କରାଯାଇ ସାରିଛି। ଡେବ୍ୟୁ ସିଜନ ପରେ ଗ୍ଲୋବାଲ ଇ-କ୍ରିକେଟ ଲିଗ୍ ଭଲ ପରିଚୟ ସୃଷ୍ଟି କରିପାରିଛି। ପ୍ରଥମ ସିଜନରେ ୨ଲକ୍ଷ ଖେଳାଳୀ ରେଜିଷ୍ଟର କରିଥିଲେ। ଯାହାକି ସିଜନ ୨ ଲାଗି ୯ଲକ୍ଷ ୧୦ହଜାର ରେଜିଷ୍ଟ୍ରେଶନ ଆସିଛି।

## ଏଥର, ଅରେଞ୍ଜ କ୍ୟାପ୍ ରେସ୍‌ରେ ଏହି ୩ ଖେଳାଳି

**ନୂଆଦିଲ୍ଲୀ ୩।୪:** ଆଇପିଏଲ୍ ୨୦୨୫। ଦୁଲୁକୁଛି ପଡିଆ। ଝୁମୁଛନ୍ତି ଫ୍ୟାନ୍ସ। ମ୍ୟାଚ୍ ଦେଖିବାକୁ ଲାଗୁଛି ଭିଡ। ରୋମାଞ୍ଚକର ହେଉଛି ସବୁ ମ୍ୟାଚ୍। ଭାଙ୍ଗୁଛି ଅନେକ ରେକର୍ଡ। ନୂଆ ନୂଆ ରେକର୍ଡ କରୁଛନ୍ତି ପ୍ଲେୟର। ଏବେ ଅରେଞ୍ଜ କ୍ୟାପକୁ ନେଇ ବେଶ ଚର୍ଚ୍ଚା। ରେସ୍‌ରେ ଅଛନ୍ତି ବଡ ପ୍ଲେୟର। ଆଇପିଏଲ୍ ୨୦୨୫ରେ ଅରେଞ୍ଜ କ୍ୟାପ୍ ଦୌଡରେ ବିରାଟ କୋହଲି କିମ୍ବା ଶୁଭମନ ଗିଲଙ୍କ ଭଳି ବଡ଼ ନାଁ ସାମ୍ନାକୁ ଆସୁନି। କିନ୍ତୁ ସିଜିନ୍‌ରେ ଏହି ୩ ଭାରତୀୟ ପ୍ଲେୟର କରୁଛନ୍ତି ରନ ବର୍ଷା। ଆଇପିଏଲ୍ ୨୦୨୫ରେ ବର୍ତ୍ତମାନ ଯାଏଁ ଖେଳାଯାଇଛି ୧୫ ମ୍ୟାଚ୍। ପ୍ରତ୍ୟକ ଟିମ୍ ଅତିକମ୍‌ରେ ୨ଟି ଲେଖାଏଁ ମ୍ୟାଚ୍ ଖେଳିସାରିଲେଣି। ଗୋଟିଏ ପଟେ ପଏଣ୍ଟ ଟେବୁଲ୍ ନିଜର ପ୍ରାରମ୍ଭିକ ସ୍ଥିତି ନେବାରେ ଲାଗିଛି। ଅନ୍ୟପଟେ ଅରେଞ୍ଜ କ୍ୟାପ ରେସ୍‌ରେ ହେବାରେ ଲାଗିଛି ରୋମାଞ୍ଚକର। ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଇତିହାସରେ ସର୍ବାଧିକ ଥର ଅରେଞ୍ଜ କ୍ୟାପ୍ ଜିତିଥିବା ଖେଳାଳି ହେଉଛନ୍ତି ଡେଭିଡ୍ ୱାର୍ଣ୍ଣର। ସେ ଏହି ପୁରସ୍କାର ୩ ଥର ଜିତିଛନ୍ତି। କିନ୍ତୁ ଆଇପିଏଲ୍ ୨୦୨୫ର କଥା ଯଦି କହିବା ତେବେ ଏଥର ବିରାଟ କୋହଲି କିମ୍ବା ଶୁଭମନ ଗିଲ ଭଳି ପ୍ରସିଦ୍ଧ ବ୍ୟାଟର ନୁହଁନ୍ତି ବରଂ ୩ଜଣ ନୂଆ ଭାରତୀୟ ଷ୍ଟାର ବ୍ୟାଟର କରୁଛନ୍ତି ରନ୍ ବର୍ଷା। ଆସନ୍ତୁ ଜାଣିବା କିଏ କିଏ ଅଛନ୍ତି ଲିଷ୍ଟରେ...




ଲିଷ୍ଟର ପ୍ରଥମରେ ରହିଛନ୍ତି ସାଇ ସୁଦର୍ଶନ। ସେ ୨୦୨୩ରୁ ଗୁଜୁରାଟ ଟାଇଟାନ୍ସ ଟିମ୍‌ରେ ରହିଛନ୍ତି। ସାଇ ସୁଦର୍ଶନ ଗୁଜରାଟର ଶ୍ରେଷ୍ଠ ବ୍ୟାଟରଙ୍କ ମଧ୍ୟରୁ ଜଣେ। ଏପର୍ଯ୍ୟନ୍ତ ଆଇପିଏଲ୍ ୨୦୨୫ ସେ ୨ଟି ଇନିଂସରେ ୧୩୭ ରନ କରିଛନ୍ତି। ସୁଦର୍ଶନ ଏପର୍ଯ୍ୟନ୍ତ ଉଭୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଆଉ ରହିଛନ୍ତି ଦମ୍‌ଦାର୍ ଫର୍ମରେ। ସେ ବର୍ତ୍ତମାନ ଅରେଞ୍ଜ କ୍ୟାପ୍ ଲିଷ୍ଟର ତୃତୀୟ ସ୍ଥାନରେ ରହିଛନ୍ତି। ଏହାପଛକୁ ରହିଛନ୍ତି ଶ୍ରେୟସ ଆୟର୍। ସେ ପଞ୍ଜାବ କିଙ୍ଗ୍ସ ଟିମ୍‌ର ଅଂଶ। ଶ୍ରେୟସ ବର୍ତ୍ତମାନ ଆଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସ୍କୋର୍ କରିଥିବା ଭାରତୀୟ ବ୍ୟାଟର। ଏହାବ୍ୟତୀତ ସେ ଅରେଞ୍ଜ କ୍ୟାପ୍ ରେସ୍‌ର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆୟର ଏପର୍ଯ୍ୟନ୍ତ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳିଛନ୍ତି ୨ଟି ମ୍ୟାଚ୍। ଆଉ କରିଛନ୍ତି ୧୪୯ ରନ୍। ଉଭୟ ମ୍ୟାଚରେ ଶ୍ରେୟର ଅପରାଜିତ ରହିଥିଲେ। ପୂର୍ବରୁ ଚାମ୍ପିଅନ୍ସ ଟ୍ରଫିରେ ଆୟର ଭାରତର ସର୍ବାଧିକ ସ୍କୋରର ଥିଲେ। ଯେଉଁଠାରେ ସେ ୨୪୩ ରନ କରିଥିଲେ। ସେ ଆଇପିଏଲରେ ମଧ୍ୟ ତାଙ୍କର ଉତ୍କୃଷ୍ଟ ଫର୍ମ ବଜାୟ ରଖିଛନ୍ତି। ଲିଷ୍ଟର ତୃତୀୟରେ ରହିଛନ୍ତି ଋତୁରାଜ ଗାଏକ୍ୱାଡ଼୍। ସେ ହେଉଛନ୍ତି CSKର ଅଧିନାୟକ। ଯଦିଓ ଆଇପିଏଲ୍ ୨୦୨୫ରେ ଭାରତ ପାଇଁ ତୃତୀୟ ସର୍ବାଧିକ ରନ ସ୍କୋରର ହେଉଛନ୍ତି ଅନିକେତ ବର୍ମା। କିନ୍ତୁ ଫର୍ମ ଏବଂ ସ୍ଥିରତା ଆଧାରରେ ଋତୁରାଜ ଗାଏକ୍ୱାଡ୍ ଭଲ ଲୟରେ ଦେଖିବାକୁ ମିଳିଛନ୍ତି। ଗାୟକୱାଡ ଏପର୍ଯ୍ୟନ୍ତ ଆଇପିଏଲ୍ ୨୦୨୫ରେ ୩ଟି ମ୍ୟାଚ୍ ଖେଳି ୧୧୬ ରନ କରିଛନ୍ତି। ଯେଉଁଥିରେ ତାଙ୍କ ବ୍ୟାଟରୁ ୨ଟି ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ତେବେ ଅପେକ୍ଷା ଫାଇନାଲ୍‌କୁ, କିଏ ହାତେଉଛନ୍ତି ଅରେଞ୍ଜ କ୍ୟାପ୍।



### କଳାହାଣ୍ଡି କପ୍

## ଗୁରୁଦୀପନ, ଆୟୁଷ, ପ୍ରଶାନ୍ତଙ୍କ ଶତକ

### ବାଲେଶ୍ୱର, ଝାରସୁଗୁଡ଼ା, ଭଦ୍ରକ, କିଟ୍, ବିଜୟୀ

**କଟକ, ୩।୪:** ଚଳିତ କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟର ବୁଧବାର ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର-ଏ, ଭଦ୍ରକ, କିଟ୍, ସମ୍ବଲପୁର-ବି ବିଜୟୀ ହୋଇଛନ୍ତି। ଆଜି ବାଲେଶ୍ୱରର ଗୁରୁଦୀପନ ଜେନା, ସମ୍ବଲପୁରର ଆୟୁଷ ନାୟକ ଓ କିଟ୍‌ର ମରୋଜୁ ପ୍ରଶାନ୍ତ ଶତକ ଅର୍ଜନ କରିଛନ୍ତି। ଏମ୍‌ଜିଏମ୍ ପଡ଼ିଆରେ ବାଲେଶ୍ୱର ୭୮ ରନ୍‌ରେ ସୋନପୁରକୁ, ରେଳବାଇ ଷ୍ଟାଡିୟମ୍‌ରେ ସମ୍ବଲପୁର-ଏ' ୨୦୨ ରନ୍‌ରେ କେନ୍ଦ୍ରାପଡ଼ାକୁ, ରେଭେନ୍ସା ପଡ଼ିଆ-୨ରେ କିଟ୍ ୯୯ ରନ୍‌ରେ ଢେଙ୍କାନାଳକୁ, ପଡ଼ିଆ-୧ରେ ସମ୍ବଲପୁର-ବି' ୪ ୱିକେଟ୍‌ରେ କଟକ-ବି'କୁ, ଡ୍ରିମ୍ସ ଖେଳ ପଡ଼ିଆରେ ଭଦ୍ରକ ୨ ୱିକେଟ୍‌ରେ ଗଞ୍ଜାମକୁ ଏବଂ ସନ୍‌ସାଇନ୍ ପଡ଼ିଆରେ ଝାରସୁଗୁଡ଼ା ୧୪୯ ରନ୍‌ରେ ବରଗଡ଼କୁ ପରାସ୍ତ କରିଛି।

### ବଢ଼ିଲା ସାମୀଙ୍କ ଭଉଣୀ-ଭିଣୋଇଙ୍କ ଅଡୁଆ

## ଠକେଇ ଅଭିଯୋଗରେ ଫସିଲେ ପରିବାର

**ନୂଆଦିଲ୍ଲୀ ୩।୪:** ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ଶାମି ଆଜିକାଲି ଆଇପିଏଲ୍ ୨୦୨୫ ଖେଳିବାରେ ବ୍ୟସ୍ତ ଅଛନ୍ତି । ହେଲେ ଏହାରି ଭିତରେ ତାଙ୍କ ଭଉଣୀ ଓ ଭିଣୋଇ ଠକେଇରେ ଫସିଛନ୍ତି । ଠକେଇରେ ଉଭୟଙ୍କ ନାମ ଥିବା ସାମ୍ନାକୁ ଆସିଛି। ଭଉଣୀ ଓ ଭିଣୋଇଙ୍କ ବ୍ୟତୀତ, ଶାମୀଙ୍କ ଅନ୍ୟ କିଛି ସମ୍ପର୍କୀୟ ଅର୍ଥାତ୍ ୧୮ ଜଣ ଠକେଇରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତଦନ୍ତରେ, ସମସ୍ତେ ମନରେଗା ଅଧୀନରେ ବେଆଇନ ଭାବରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି।ବୁଧବାର, ଏପ୍ରିଲ ୨ ତାରିଖରେ, ଜିଲ୍ଲା ଡିଏମ୍ ନିଧି ଗୁପ୍ତା ଭାଟସ୍ କହିଥିଲେ ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ମନରେଗାରେ ଟଙ୍କା ବଣ୍ଟନରେ ଜାଲିଆତି ହୋଇଛି। ଏଥିରେ ଦୋଷୀ ସାବ୍ୟସ୍ତ ହୋଇଥିବା କର୍ମଚାରୀମାନଙ୍କୁ ନିଲମ୍ବିତ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଏଥିସହ ତାଙ୍କ ବିରୋଧରେ ପଞ୍ଚାୟତ ରାଜ ଆଇନ ଅନୁଯାୟୀ ଏକ ପୋଲିସ ରିପୋର୍ଟ ମଧ ରୁଜୁ କରାଯାଇଛି।

ଡିଏମ୍‌ଙ୍କ ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ମାମଲାର ତଦନ୍ତରେ ମୋଟ ୧୮ ଜଣଙ୍କ ନାମ ପ୍ରକାଶ ପାଇଛି । ଯେଉଁମାନେ କୌଣସି କାମ ନକରି ମନରେଗା ଭତ୍ତାରୁ ଟଙ୍କା ନେଉଥିଲେ। ସେହି ୧୮ ଜଣଙ୍କ ମଧରେ ମହମ୍ମଦ ଶାମୀଙ୍କ ବଡ଼ ଭଉଣୀ ଶବିନା, ତାଙ୍କ ସ୍ୱାମୀ ଗଜନବୀ, ଶବିନାଙ୍କ ତିନି ଭାଇଭଉଣୀ ଆମିର ସୁହେଲ, ନାସିରୁଦ୍ଦିନ ଏବଂ ଶେଖୁ ଥିଲେ। ଡିଏମ୍ ଆହୁରି କହିଛନ୍ତି ଯେ ଏଥିରେ ଗ୍ରାମ ମୁଖିଆ ଗୁଲେ ଆୟେଶାଙ୍କ ଝିଅ ଏବଂ ପୁଅମାନଙ୍କ ନାମ ମଧ ଅନ୍ତର୍ଭୁକ୍ତ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା...

ବିକାଶ ସହିତ ଇଣ୍ଡଷ୍ଟ୍ରୀ-ରେଡ୍ଡି କରି ଗଢ଼ି ତୋଳିବାର ଆବଶ୍ୟକତା ରହିଛି। ଏଥିସକାଶେ ପ୍ରଧାନମନ୍ତ୍ରୀ ପିଏମ୍ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତେଣୁ ଆସନ୍ତା ୫ ବର୍ଷରେ ରାଜ୍ୟରେ ଶିଳ୍ପ ବିପ୍ଳବ ଆସିବ ଓ ଏଥିସକାଶେ ଯୁବପିଢ଼ି ପ୍ରସ୍ତୁତ ଥିବେ। ଯୁବବର୍ଗ ଆମ ଅଭିବୃଦ୍ଧିର ଇଞ୍ଜିନ। ସେମାନଙ୍କ ଦକ୍ଷତା ବିକାଶ ପାଇଁ ସିଏମ୍ ଆସ୍ୱାୟାର ଯୋଜନା, ନୂଆ-ଓଡ଼ିଶା ଯୋଜନା ଓ ଆଇଟିଆଇ ଓ ପଲିଟେକ୍‌ନିକଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ୱାର୍ଲ୍ଡ ସ୍କିଲ ସେଣ୍ଟରରେ ସେମିକଣ୍ଡକ୍ଟର ସହିତ ଆହୁରି ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଟ୍ରେନିଂ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଉଦ୍‌ଘାଟିତ ହୋଇଥିବା ବରୁଣ ବେଭରେଜ ପ୍ଲାଣ୍ଟରେ ବହୁସଂଖ୍ୟକ ଓଡ଼ିଆ ଯୁବକଙ୍କ ନିଯୁକ୍ତିକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି।

ସେହିପରି କାର୍ଯ୍ୟକ୍ରମରେ ଶିଳ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଆଜି ଓଡ଼ିଶାରେ ଲୋକମାନେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହ ଯୋଡ଼ି ହୋଇ ଅଛନ୍ତି ଓ ଓଡ଼ିଶାର ସମୃଦ୍ଧି ପାଇଁ ଦିନରାତି ଏକ କରି କାମ କରୁଛନ୍ତି ବୋଲି ହୃଦ୍‌ବୋଧ କରୁଛନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନର ୨ ମାସ ମଧ୍ୟରେ ଆଜି ଏଠାରେ ଶିଳ୍ପ ପ୍ରତିଷ୍ଠା ହେବ। ଏସବୁ ଶିଳ୍ପପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଆୟୋଜନ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ରୋଡ୍ ଶୋ'ରେ କଥାବାର୍ତ୍ତା ହୋଇଥିଲେ। ବରୁଣ ବେଭରେଜର ଏହି ପେପ୍‌ସି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ଆହୁରି ଅନେକ କମ୍ପାନୀ ଏଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସିବେ। ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। କାରଣ ଆମ ସରକାର ଯାହା କଥା ଦିଅନ୍ତି, ତାହା ରଖନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ଧନ୍ୟବାଦ ଦେଇଥିଲେ।

### ଭାଙ୍ଗିଦେଲେ...

ସେଠାରେ ଏକ ବଡ଼ ପାଇପ ସଂଯୋଗ କରାଯାଇଛି। ପାଇପ ପଟେ ମନ୍ଦିର ଭିତରର ବର୍ଜ୍ୟ ଜଳ ନିଷ୍କାସିତ ହେଉଥିବା ଜଣାପଡିଛି। ତେବେ ଐତିହାସିକ କୀର୍ତ୍ତିରାଜିକୁ ଭାଙ୍ଗି ଏପରି ନିର୍ମାଣ କରିବାକୁ ନେଇ ସେବାୟତ ମହଲରେ କ୍ଷୋଭ ପ୍ରକାଶ ପାଇଛି ।

ଜଗନ୍ନାଥଙ୍କ ମେଘନାଦ ପାଚେରୀରେ ପାଇପଲାଇନ ନେଇ ପାଚେରୀର ପ୍ରଣାଳୀ ଭାଙ୍ଗିବା ନେଇ ବର୍ଷିଛି ଏଏସଆଇ। ଏହା ବହୁତ ବଡ଼ ଭୁଲ ଓ ଯିଏ ଏହା କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାଇ ଦେଇଛି ସଂସ୍ଥା। ଏହା ଭାଙ୍ଗିବା ପୂର୍ବରୁ ଏଏସଆଇକୁ ଜଣାଯାଇନାହିଁ କିମ୍ବା ଖବର ମଧ୍ୟ ଦିଆଯାଇନାହିଁ। ସାଇଟ ଇନଚାର୍ଜ ଏସବୁ ଦେଖିବା ପରେ ଏ ବିଷୟରେ ଅବଗତ କରାଇଛନ୍ତି ଓ ଭାଙ୍ଗିବାର ଫଟୋ ଦେଇଛନ୍ତି। ଏହା ବହୁତ ଖରାପ ଲାଗୁଛି ବୋଲି କହିଛି ଏଏସଆଇ। ଏ ସମ୍ପର୍କରେ ଆଡ୍‌ମିନିଷ୍ଟ୍ରେଟିଭ ପଦକ୍ଷେପ ନିଆଯିବ। ଏ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ।

ମନ୍ଦିରର କେଉଁଠି ପାଇପାଇଲ୍ ନେଲେଣି ତ କେଉଁଠି ଘର କରିଦେଲେଣି ଓ ଅନ୍ୟ କିଛି କରାଯାଉଛି ଯାହାକି ବାଧା ସୃଷ୍ଟି କରୁଛି ଓ କରିବ। ଏହାକୁ ସମସ୍ତେ ଧ୍ୟାନ ଦେବା ଦରକାର। ସମସ୍ତେ ନିଜର ମନମାନୀ କରିବା କଥା ନୁହେଁ। ଷ୍ଟ୍ରକ୍ଚରକୁ ବାଧା ଦେବା କଥା ନୁହେଁ। କିନ୍ତୁ ବାଧା ଦିଆଯାଉଛି, ଯାହାକି ଦୁଃଖଦ। ମେଘନାଦ ପାଚେରୀ କଟାଯାଉଥିବାରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ଏଏସଆଇର ସୁପରିଣ୍ଟେଣ୍ଡିଙ୍ଗ ଆର୍କିଓଲୋଜିଷ୍ଟ ବ୍ରଜସୁନ୍ଦର ଗଡ଼ନାୟକ କହିଛନ୍ତି।

### ପୁଲିସ...

ଆସିଥିବା ଜଣାପଡିଛି। ସେମାନଙ୍କୁ ପୁଲିସ ଗିରଫ କରିବାକୁ ଯାଉଥିବା ସମୟରେ ସେମାନେ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଫଳରେ ପୁଲିସର ପାଲଟା ଗୁଳି ଚଳନାରେ ଦୁଇ ଜଣ ଆହତ ହୋଇଥିବା ଜଣାପଡିଛି। ପୁଲିସ ଏନକାଉଣ୍ଟରରେ ଆହତ ଦୁଇ ଲୁଟେରା ହେଲେ ସୋନୁ ଯାଦବ ଓ ମନୀଷ ଯାଦବ। ସମ୍ପୃକ୍ତ ୨ ଜଣଙ୍କୁ ଧରିବାକୁ ଦୀର୍ଘଦିନ ହେବ ଯୋଜନା କରୁଥିଲା ପୁଲିସ । ଗୁଇନ୍ଦା ସୂଚନାକୁ ଆଧାର କରି ଜାଲ ବିଛାଇଥିଲା ପୁଲିସ। ଉଭୟ ଲୁଟେରାଙ୍କ ନାଁରେ ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା।

### ନବୀନ...

ରାଜ୍ୟ ଶାସନ ଭାର ନେବା ଦିନରୁ କେବେ ବି ରାତି ଉଜାଗର ରହି ବିଧାନସଭା କାର୍ଯ୍ୟରେ ଯୋଗଦେବାର ନଜିର ନାହିଁ। ଏପରିକି କେବଳ ଗୃହ କି ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଆଲୋଚନା ପାଇଁ ଗୋଟିଏ ଦିନ ସନ୍ଧ୍ୟାରେ ସେ ଗୃହକୁ ଆସିଥାନ୍ତି। ଅନ୍ୟ କୌଣସି ଦିନ ସନ୍ଧ୍ୟାରେ ବିଧାନସଭା ଆସି ଗୃହରେ ବସିବା ବହୁତ କ୍ୱଚିତ ଦେଖିବାକୁ ମିଳୁଥିଲା।

### ପକେଇଲା...

ମୁଜିବୁଲ୍ଲା ଖାନ ମୁସଲିମ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରି କଥା ରଖିବେ। ବିଲରେ ଥିବା ଦୁର୍ବଳତା ବିଜେଡି ସଂସଦରେ ଉଠାଇବ।" ସସ୍ମିତ ଯାହା ପୂର୍ବରୁ କହିଥିଲେ ବା ଆଜି କହିଛନ୍ତି, ତାହା ଅବଶ୍ୟ ତାଙ୍କ ନିଜସ୍ୱ ମତ ନୁହେଁ। ନିଶ୍ଚିତ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସେ ଏପରି କହିଥିବେ। କିନ୍ତୁ ଏହାଦ୍ୱାରା ଦଳର ତଳ ସ୍ତରରେ ନେତାମାନେ କହୁଛନ୍ତି ଲଢ଼ିବାର ଦମ ନାହିଁ ତ ସରେଣ୍ଡର କରିଯାଅ। କର୍ମୀଙ୍କୁ ବେଲୁନ ଭଳି ବ୍ୟବହାର କରନାହିଁ। ଏହାଦ୍ୱାରା ସଂଗଠନ ଯେତିକି ଦୁର୍ବଳ ହେଉଛି ନେତୃତ୍ୱ ପ୍ରତି ସେତିକି ବିଶ୍ୱାସନୀୟତା କମୁଛି।

### ଆସିପାରିଲାନି...

ବିଧାୟକମାନଙ୍କୁ ସେମାନଙ୍କ ୧ ଲକ୍ଷ ଟଙ୍କାର ଦରମା ଓ ପୂର୍ବତନ ବିଧାୟକମାନଙ୍କୁ ୩୦ ଟଙ୍କାର ପେନସନ ଅଣ୍ଟୁନାହିଁ ବୋଲି ଗୃହରେ ସଦସ୍ୟମାନେ କହିଲା ବେଳେ ଅନ୍ୟମାନେ ଟେବୁଲ ବାଡେଇ ସେମାନଙ୍କୁ ସମର୍ଥନ କରିଥିଲେ। ବିଧାନସଭାରେ ଏଭଳି ଆଲୋଚନା ପରେ ଦରମା ବୃଦ୍ଧି ବିଲ୍ ନିଶ୍ଚୟ ଆସିବ ବୋଲି ସମସ୍ତେ ଧରି ନେଇଥିଲେ। ହେଲେ କୌଣସି କାରଣରୁ ଏହା ଅଟକିଯାଇଛି। ଫଳରେ ବହୁ ବିଧାୟକ ଉପରକୁ କିଛି କହିପାରୁନଥିଲେ ମଧ୍ୟ ଭିତରେ ଭିତରେ ମନସ୍ତାପରେ ଅଛନ୍ତି। କାରଣ ଦରମା ବୃଦ୍ଧି ପାଇଁ ସେମାନଙ୍କୁ ଆସନ୍ତା ବର୍ଷାକାଳୀନ ଅଧିବେଶନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

ତେବେ ନାମ ଗୋପନ ସର୍ତ୍ତରେ କିଛି ବିଧାୟକଙ୍କ କହିବା କଥା ଯେ ମଢେଇ କମିଟିର ରିପୋର୍ଟ ଏ କ୍ଷେତ୍ରରେ କଣ୍ଟା ସାଜିଛି। ଦରମା ବୃଦ୍ଧିକୁ ଦୁଇ ଗୁଣରୁ ଅଧିକ କରିବାକୁ ମଢେଇ କମିଟି ରିପୋର୍ଟ ଦେଇଛନ୍ତି। ସେହିଭଳି ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ବି ତିନିଗୁଣ ପର୍ଯ୍ୟନ୍ତ ବଢାଇବାକୁ ସୁପାରିସ୍ କରିଛନ୍ତି। ହଠାତ୍ ଏତେ ପରିମାଣର ଦରମା ଓ ପେନ୍‌ସନ ବୃଦ୍ଧି ହେଲେ ଦରଦାମ ବୃଦ୍ଧିରେ ସନ୍ତୁଳି ହେଉଥିବା ସାଧାରଣ ଲୋକେ ଜୋରଦାର ପ୍ରତିକ୍ରିୟା ପ୍ରକାଶ କରିବେ ଓ ସାମାଜିକ ଭତ୍ତା ପରିମାଣ ବଢାଇବାକୁ ଚାପ ପକାଇବେ ବୋଲି ସରକାରଙ୍କ ଗୋଟିଏ ଗୋଷ୍ଠୀ ଆକଳନ କରୁଛନ୍ତି। ଅନ୍ୟ ପକ୍ଷରେ କଂଗ୍ରେସ ସଦସ୍ୟଙ୍କ ଅନୁପସ୍ଥିତି ବି ବିଲ୍ ନ ଆସିବାର ଅନ୍ୟତମ କାରଣ ବୋଲି ଆକଳନ କରାଯାଉଛି। କାରଣ ଯଦି ବିଲ୍ ପାସ୍ ହୋଇ ଦରମା ବଢ଼ିବ, ତେବେ କଂଗ୍ରେସ ପକ୍ଷରୁ ଏହାକୁ ନାପସନ୍ଦ କରାଯାଇ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରାଯିବ। ସେହି ଭୟରେ ସରକାର ବିଲ୍ ଆଣିନଥିବା ନେଇ ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି।

ତେବେ ସେ ଯାହା ହେଉ ପଛେ ୨୩ ବର୍ଷ ପରେ ସାରା ରାତି ବିଧାନସଭାରେ ଆଲୋଚନା କରି ରେକର୍ଡ ସୃଷ୍ଟି କରିଥିବା ବିଜେପି ଓ ବିଜେଡି ବିଧାୟକମାନେ କିନ୍ତୁ ଦରମା ବିଲ୍‌କୁ ନେଇ ସେତେଟା ଖୁସି ନୁହନ୍ତି। କାରଣ ବିଜେଡି ସରକାର ସମୟରୁ ଦରମା ବୃଦ୍ଧି ନେଇ ବିଲ୍ ପ୍ରସ୍ତୁତି ସହ ଉଦ୍ୟମ ହୋଇଥିବା ବେଳେ ନିର୍ବାଚନ ଥିବାରୁ ତତ୍କାଳୀନ ସରକାର କୌଣସି ପ୍ରକାରେ ଏହାକୁ ଟାଳି ଦେଇଥିଲେ। ନୂଆ ସରକାର ନିଶ୍ଚୟ ଦରମା ବଢାଇବେ ବୋଲି ସମସ୍ତେ ଆଶା ବାନ୍ଧିଥିବାବେଳେ ତାହା ବି ମରୁଭୂମିର ମରୀଚିକା ପରି ହୋଇଛି।

### ଅରୁଣଙ୍କୁ...

ହେବା ପରେ ବିଜେଡିରେ ଏକପ୍ରକାର ଭାଳେଣି ପଡିଛି। ସମସ୍ତ ପ୍ରକାର ସମାଲୋଚନା ସତ୍ତ୍ୱେ ପାଣ୍ଡିଆନ ହିଁ ନବୀନଙ୍କ ନିକଟତର ଥିଲେ ଓ ବିଜେଡିକୁ ମାର୍ଗଦର୍ଶନ କରୁଥିଲେ ।

ଏକାଧିକ ଗୋଷ୍ଠୀ ଓ ଅସନ୍ତୋଷ ସତ୍ତ୍ୱେ ବିଜେଡି ନେତାମାନେ ନବୀନଙ୍କ ନେତୃତ୍ୱକୁ ମାନିବାକୁ ବାଧ୍ୟ ହେଉଥିଲେ। ତେଣୁ ପାଣ୍ଡିଆନ ଓଡିଶା ଛାଡିବାର କଥା ଶୁଣିବା ପରେ ସମସ୍ତେ ଏବେ ଦଳର ଉତ୍ତରାଧିକାରୀ ଖୋଜିବାରେ ଲାଗିପଡିଛନ୍ତି ।

ଉଲ୍ଲେଖନୀୟ ଯେ ବିଜୁ ଲିଗାସୀ ଭାବେ ଅରୁଣ ହିଁ ହେଉଛନ୍ତି ବିଜୁ ପରିବାରର ଦାୟାଦ। ନବୀନ ଅବିବାହିତ ଥିବା ବେଳେ ପ୍ରେମ୍‌ଙ୍କ ଏକମାତ୍ର ପୁତ୍ର ବା ବିଜୁଙ୍କ ନାତି ଅରୁଣ ହିଁ ସମସ୍ତଙ୍କ ଆଖିଆଗରେ ରହିଛନ୍ତି । ବିଜେଡି ଗଠନ ସମୟରେ ରାଜନୀତିର ଧାର ଧାରିନଥିବା ନବୀନ ଯେଭଳି ବିଜେଡିର ମଙ୍ଗ ଧରି ଓଡିଶାର ଜନପ୍ରିୟ ନେତା ହୋଇପାରିଛନ୍ତି ଅନୁରୂପ ଭାବେ ଅରୁଣ ଓଡିଶା ଆସିଲେ କିଛି ଅସୁବିଧା ନାହିଁ ବୋଲି କିଛି ବିଜେଡି ନେତା ମତ ଦେଉଛନ୍ତି । ତେବେ ରାଜନୀତିରୁ ଦୂରରେ ରହି ବ୍ୟବସାୟରେ ନିମଗ୍ନ ଥିବା ଅରୁଣ କେତେ ପରିମାଣରରେ ଆଗ୍ରହୀ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ।

### ବ୍ଲେଡ୍‌ରେ...

ମାଡ଼ ମାରିବା ସହ ହାତକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ଅଧିକନ୍ତୁ ଉକ୍ତ କ୍ଷତରେ ଲୁଣ ବି ଘଷିଦେଇଥିଲେ। ଫଳରେ ଭୀଷଣ ଯନ୍ତ୍ରଣାରେ ସେ ଛଟପଟ ହୋଇଯାଇଥିଲେ ବୋଲି ଛାତ୍ର ଜଣଙ୍କ ଅଭିଯୋଗ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ନିର୍ଯାତନା ଦେବା ପରେ ସିନିୟର୍ ଛାତ୍ରମାନେ ତାଙ୍କୁ ଏ ସମ୍ପର୍କରେ କାହାକୁ କିଛି ବି ନ କହିବାକୁ ଧମକାଇଥିଲେ।

ଏପରିକି ତାଙ୍କୁ ଜୀବନରେ ମାରିବାକୁ ବି ସେମାନେ ଧମକ ଦେଇଥିଲେ। ତେଣୁ ସେ ଭୟରେ କାହାକୁ କିଛି ବି କହିନଥିଲେ ବୋଲି ପୀଡ଼ିତ ଛାତ୍ର ଜଣଙ୍କ କହିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଗତ ଫେବୃଆରୀରେ ଏହି ଘଟଣା ଘଟିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ଛାତ୍ରଙ୍କ ଅଭିଭାବକଙ୍କୁ ଘଟଣା ସମ୍ପର୍କରେ ଜଣାଇ ନଥିବାରୁ ଏନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ପୀଡ଼ିତ ଛାତ୍ରଙ୍କୁ ନ୍ୟାୟ ଦେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଡିସିଙ୍କୁ ଭେଟିଲେ ୨୦୨୩ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍

- ସମୃଦ୍ଧ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପରାମର୍ଶ



ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୩ ବ୍ୟାଚ୍‌ର ୯ ଜଣ ଓଡ଼ିଶା କ୍ୟାଡ଼ର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଆଜି ଲୋକସେବା ଭବନରେ ରାଜ୍ୟ ଉନ୍ନୟନ କମିଶନର (ଡିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନର ପ୍ରୋବେସନରେ ଥିବା ଏହି ପ୍ରଶାସନିକ ଅଧିକାରୀମାନଙ୍କୁ ରାଜ୍ୟର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ସମୃଦ୍ଧ ଓଡ଼ିଶା ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଲୋଚନା କରିବା ସହ ସେମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଜନା ଓ ସଂଯୋଜନ ବିଭାଗ ଓ ଏହା ଅଧୀନସ୍ଥ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା।

ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇ ଉନ୍ନୟନ କମିଶନର କହିଥିଲେ ଯେ ପ୍ରଶିକ୍ଷଣ ପରେ ସେମାନେ ବିଭିନ୍ନ ଜିଲ୍ଲାରେ ପ୍ରଶାସନିକ ଅଧିକାରୀ ଭାବେ ଯୋଗ ଦେବେ। ସେମାନେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଏହି ବିଭାଗ ଅନ୍ତର୍ଗତ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତରଫରୁ କରାଯାଉଥିବା ବିଭିନ୍ନ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି। ରାଜ୍ୟର ଚିହ୍ନଟ ହୋଇଥିବା ୧୦ଟି ଆକାଂକ୍ଷୀ ଜିଲ୍ଲା ଓ ୨୯ ଆକାଂକ୍ଷୀ ବ୍ଲକର ବିକାଶ ପ୍ରତି ଆଲୋକପାତ କରି ଯେଉଁ ପ୍ରଶାସନିକ ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲାରେ କାମ କରିବେ, ତା'ର ପ୍ରଗତିକୁ ନିୟମିତ ଦୃଷ୍ଟି ଦେବା ସକାଶେ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲେ।

ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ବିକାଶ କ୍ଷେତ୍ରରେ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ କହିଥିଲେ ଯେ ପରିସଂଖ୍ୟାନ ବ୍ୟବସ୍ଥାରେ ଓଡ଼ିଶାର ସ୍ଥିତି ଉଲ୍ଲେଖନୀୟ ରହିଛି। ପ୍ରଧାନମନ୍ତ୍ରୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ତଥ୍ୟ ବା ଡାଟା ଉପଲବ୍ଧତା ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ କୃଷି, ସାମାଜିକ-ଅର୍ଥନୈତିକ, ଶିଳ୍ପ, ମୂଲ୍ୟ ପରିସଂଖ୍ୟାନ ଆଦି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ପ୍ରସ୍ତୁତ କରାଯାଇ ବିଭିନ୍ନ ବିଭାଗର କାର୍ଯ୍ୟ ନିମନ୍ତେ ତଥ୍ୟ ଉପଲବ୍ଧ କରାଯାଉଥିବା ନେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିଲେ।

ବୈଠକରେ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ, ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଗୋପବନ୍ଧୁ ଏକାଡେମୀର ଅତିରିକ୍ତ ମହାନିର୍ଦ୍ଦେଶକ ମନୀଷ ଅଗ୍ରୱାଲ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଯେଦ୍ଦୁଲା ବିଜୟଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ସାଲେପୁର ମହୋତ୍ସବ ଉଦ୍‌ଘାଟିତ

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକ ମସଗୁଲ




**ସାଲେପୁର, ୩।୪ (ସଂଚାର ବ୍ୟୁରୋ) :** ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ସାଲେପୁରର ହରିଚନ୍ଦନପୁର ବ୍ୟାରେଜ ପଡ଼ିଆଠାରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସାଲେପୁର ମହୋତ୍ସବ ଓ ଉତ୍କଳ ଦିବସ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ଦିବସ ଅବସରରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିରୋଧି ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ମଧୁବାବୁ ଏହି ଜାତିର ଗର୍ବ ଓ ଗୌରବ। ମଧୁବାବୁ ନଥିଲେ ଓଡ଼ିଶା ପ୍ରଦେଶ ତାର ନିଜର ପରିଚୟ ପାଇପାରିନଥାନ୍ତା। ତେଣୁ ମଧୁବାବୁଙ୍କ ଏହି ମାଟିକୁ ମୁଁ ଶତ ଶତ ପ୍ରଣାମ କରୁଛି ବୋଲି ସେ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ଭାବେ ବିରୋଧି ଦଳ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଜିଲ୍ଲାପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହ ସାଲେପୁର ଭଳି ସ୍ଥାନରେ ଉତ୍କଳ ଦିବସ ଓ ସାଲେପୁର ମହୋତ୍ସବ ମହା ଆଡମ୍ବରରେ ପାଳନ କରାଯାଉଥିବାରୁ ସାଲେପୁର ବିଧାୟକଙ୍କୁ ପ୍ରଶଂସା କରିଥିଲେ। ସେହିପରି ଦ୍ୱିତୀୟ ଦିନ ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ମଧୁବାବୁଙ୍କ ଗାରିମା ଓ ଗୌରବକୁ ସମଗ୍ର ଦେଶରେ ପ୍ରତିଷ୍ଠିତ କରିବାପାଇଁ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉଦ୍ୟମକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଟାଙ୍ଗୀ ବ୍ଲକ ଅଧକ୍ଷା ମିନାକ୍ଷୀ ଦାଶ, ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ମସଗୁଲ ହୋଇଥିଲେ ଦର୍ଶକ।

## ୨୫ରୁ ସାଲେପୁର ଖେଳପଡ଼ିଆରେ ପାଳିତ ହେବ ମଧୁ ଜୟନ୍ତୀ

**ସାଲେପୁର, ୩।୪ (ସଂଚାର ବ୍ୟୁରୋ) :** ଆଜି ସନ୍ଧ୍ୟାରେ ସାଲେପୁର ମଧୁମଣ୍ଡପଠାରେ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା ଯୋଗଦେଇ ଚଳିତ ମାସ ୨୫ତାରିଖରୁ ୨୮ତାରିଖ ୪ଦିନ ବ୍ୟାପୀ ମଧୁବାବୁଙ୍କ ଜୟନ୍ତୀକୁ ମହା ଆଡମ୍ବରରେ ପାଳନ କରିବା ପାଇଁ ସ୍ଥିର କରିଥିଲେ।

## ଦୁର୍ବୃତ୍ତ ପୋଡ଼ିଦେଲେ ୩ ଦୋକାନ ୫ ଲକ୍ଷ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

**କୁଜଙ୍ଗ, ୩।୪ (ସଂଚାର ବ୍ୟୁରୋ) :** ବୁଧବାର ବିଳମ୍ବିତ ରାତିରେ କୁଜଙ୍ଗ ଥାନା ଅନ୍ତର୍ଗତ ଅରଖିଆ ଗ୍ରାମ୍ୟ ରାସ୍ତାରେ ଥିବା ଗ୍ରାମର ସର୍ବେଶ୍ୱର ବିଶ୍ୱାଳଙ୍କ ଟେସ୍‌ନାରି ଦୋକାନ୍, ଶ୍ରୀନାଥ ଦାସଙ୍କ ଗ୍ରୋଷରି ଦୋକାନ ଓ ଅଭୟ ବାରିକଙ୍କ ସେଲୁନ୍‌କୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିବା ନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ ଉପରୋକ୍ତ ତିନି ଜଣ ବ୍ୟକ୍ତି ପ୍ରାୟ ୧୪ ବର୍ଷ ହେବ ସେହି ଛକରେ ଚାଳ ଘରରେ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ବୁଧ ବାର ପ୍ରାୟ ୧ ଘ ୩୦ ମିନିଟ ସମୟରେ ଦୋକାନରେ ନିଆଁ ଲାଗି ଜଳୁଥିବର ଦେଖି ଗ୍ରାମର କେତେକ ଲୋକ ସେମାନଙ୍କୁ ଡାକ ପକାଇଥିଲେ। ସେମାନେ ଆସି ଦେଖିଲା ବେଳକୁ ଦୋକାନ ତିନିଟା ହୁତୁ ହୁତୁ ହୋଇ ଜଳୁଛି । କୁଜଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେବାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେବୀ ଦୋକାନ ସମେତ ସେଥିରେ ଥିବା ଲକ୍ଷ ଲକ୍ଷ ଟଙ୍କା ର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ମନୋହରୀ ଦୋକାନରେ ୧ ଲକ୍ଷ ୨୦ ହଜାର ଟଙ୍କାର ସାମଗ୍ରୀ ସମେତ ଖୁଚୁରା ୩ ହଜାର ଟଙ୍କା ଥିବା ବେଳେ, ଗ୍ରୋଷରୀ ଦୋକାନରେ ୨ ଲକ୍ଷ ୫୦ ହଜାର ଟଙ୍କାର ସାମଗ୍ରୀ ଓ ସେଲୁନର ୫୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ନେଇ ସର୍ବେଶ୍ୱର ଅଭିଯୋଗ କରିଛନ୍ତି । ସେ ଅଭିଯୋଗ କରିଛନ୍ତି କେହି ଦୁର୍ବୃତ୍ତ ତାଙ୍କ ଦୋକାନରେ ନିଆଁ ଲଗାଇ ପୋଡି ଦେଇଛନ୍ତି । ପୋଲିସ ତଦନ୍ତ କରି ଦୁର୍ବୃତ୍ତ ମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ଅଭିଯୁକ୍ତ ପାଖରେ ପହଞ୍ଚିପାରୁନି ପୁଲିସ

### ରହସ୍ୟ ଘେରରେ ରହିଯାଉଛି ଅନେକ ମାମଲା | ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ

**କାକଟପୁର/ଅସ୍ତରଙ୍ଗ, ୩।୪ (ସଂଚାର ବ୍ୟୁରୋ) :** ଉପାନ୍ତ ଅଞ୍ଚଳ ଭିନ୍ନ କଥା। ଖୋଦ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ ହେବାରେ ଲାଗିଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଆତଙ୍କ ଖେଳାଇ ଚାଲିଥିଲେ ମଧ ପୁଲିସ ସେହି ଅନୁପାତରେ ଅପରାଧ ମୁକାବିଲା କରିବାରେ ସମର୍ଥ ହେଉନାହିଁ। ଚୋରି, ଡକାୟତି, ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କୌଣସି ଅପରାଧିକ ମାମଲାରେ ପୁଲିସ ଟେର ମଧ ପାଉନାହିଁ।

ଗତ ୫ମାସ ମଧରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଏକାଧିକ ଚୋରି ହୋଇଥିବା ବେଳେ କେବଳ ଥାନାରେ ମାମଲା ରୁଜୁ ବ୍ୟତୀତ କୌଣସି ଅପରାଧିକୁ ପୁଲିସ ଧରି ନାହିଁ। ପୁଣି ଅନେକ ମାମଲା ରହସ୍ୟମୟ ହୋଇ ରହିଯାଉଛି ଓ ପୁଲିସ ଶେଷ ଯାଏଁ ପହଂଚି ପାରୁନାହିଁ। ଅନ୍ୟ ପଟେ ଅସ୍ତରଙ୍ଗରେ ନୂତନ ଥାନା ଗୃହ ହୋଇଥିଲେ ମଧ



ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ ହୋଇ ନ ପାରିବାରୁ ତଦନ୍ତରେ ବାଧକ ସାଜିଛି। ଯାହାକି ଅପରାଧ ନିୟନ୍ତ୍ରଣରେ ବାଧକ ସାଜିଛି।

୧୬ ସେପ୍ଟେମ୍ବର ୨୦୨୪ ତାରିଖ ସନ୍ଧ୍ୟା ୬ଟା ୩୦ମିନିଟ ସମୟରେ ୨ଜଣ ଦୁର୍ବୃତ୍ତ ଏକ ନମ୍ବର ବିହୀନ ବାଇକି ଆସି କୁଣ୍ଡେଇ ୩ ମୁହାଣୀ ନିକଟରେ ସୁନା ଦୋକାନୀଙ୍କୁ ଗୁଳି କରିଥିବା ବେଳେ ଏ ପର୍ଯ୍ୟନ୍ତ ଅଭିଯୁକ୍ତକୁ ଧରି ପାରିନାହିଁ ପୁଲିସ। ସେହିପରି କାକଟପୁର ଲତାହରଣ ସ୍ଥିତ ବାସୁଦେବ ମନ୍ଦିର, ଅସ୍ତରଙ୍ଗ ଝାଡ଼ଲିଙ୍ଗ ଶିବ ମନ୍ଦିରରୁ ବିଳମ୍ବିତ ରାତ୍ରରେ ବିଭିନ୍ନ ସରଞ୍ଜାମ ଚୋରି ହୋଇଥିବା ପୁନର୍ବାର କିଛି ମାସ ପରେ କୁଆଁରପୁର ସ୍ଥିତ କଲ୍ଲେଶ୍ୱର ମନ୍ଦିରରୁ ଚୋରି ହୋଇଥିଲା କିନ୍ତୁ ପୁଲିସ କେବଳ ଥାନାରେ ମାମଲା ରୁଜୁ କରିଥିବା ବେଳେ କାକଟପୁର ଓ ଅସ୍ତରଙ୍ଗ ପୁଲିସ ଅପରାଧିକଙ୍କୁ ଧରିବାରେ ବିଫଳ।

ଅନ୍ୟପଟେ କାକଟପୁର ଓ ଅସ୍ତରଙ୍ଗ ଥାନାରେ ଚୋରି ଅଭିଯୋଗ ଫର୍ଦ ବଢ଼ିବାରେ ଲାଗିଛି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି କିନ୍ତୁ ଅପରାଧିକ ଟେର ପାଉନି। ଗତ ୫ରୁ ୬ମାସ ମଧରେ ହୋଇଥିବା ଚୋରି ଅଭିଯୋଗରେ ଏ ଯାବତ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି ପୁଲିସ। ଏଭଳି ଘଟଣା ପରେ ପୁଲିସର କଡା ପାଟ୍ରୋଲିଂ ପାଇଁ ବିଭିନ୍ନ ମହଲରେ ଦାବୀ କରାଯାଇଥିଲେ ହେଁ ଏହା କରାଯାଉନଥିବାରୁ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଯାହାକୁ ନେଇ ବୁଦ୍ଧିଜୀବୀ ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ କରିଛନ୍ତି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ବାଲିଅନ୍ତା, ୩।୪ (ସଂଚାର ବ୍ୟୁରୋ):** ବାଳକାଟି ଫାଣ୍ଡି ସରକଣା ପଞ୍ଚାୟତ ଅଧୀନ ଲୁଣା ଗ୍ରାମର ଭରତ ଚନ୍ଦ୍ର ସାହୁଙ୍କ ବଡ଼ପୁଅ ଲିଙ୍ଗରାଜ ସାହୁ (୩୧)(ମଣ୍ଟୁ)ଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଯାଇଛି। ପରିବାର ଲୋକେ ଲିଙ୍ଗରାଜଙ୍କୁ ସଂକଟାପର୍ଣ୍ଣ ଅବସ୍ଥାରେ ପ୍ରଥମେ ବାଳକାଟି ଏବଂ ପରେ ଏମସ୍ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ଲିଙ୍ଗରାଜଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ଲିଙ୍ଗରାଜ ଏକ ଘରୋଇ ସଂସ୍ଥାରେ ଚାକିରି କରିଥିଲେ। ବୁଧବାର ଅପରାହ୍ନ ୪ଟା ସମୟରେ ଲିଙ୍ଗରାଜ ହଠାତ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଲିଙ୍ଗରାଜଙ୍କୁ ହସ୍ପିଟାଲ ନେଇଯାଇଥିଲେ। ସୂଚନା ଅନୁସାରେ ଲିଙ୍ଗରାଜ ବାତରୋଗରେ ପୀଡିତ ଥିଲେ । ଔଷଧ ସେବନ ଜନିତ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ମୃତ୍ୟୁ ଘଟିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଖବର ପାଇ ବାଳକାଟି ଫାଣ୍ଡି ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବାଲିଅନ୍ତା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ପୋଷାକ ପରିଧାନ



**ନବରଙ୍ଗପୁର, ୩।୪ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ, ଏପ୍ରିଲ ୧ ତାରିଖ ଠାରୁ ୧୪ ପର୍ଯ୍ୟନ୍ତ ଓଡ଼ିଶା 'ଓଡ଼ିଆ ପକ୍ଷ' ପାଳନ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟା ସଭାଗୃହରେ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଏପ୍ରିଲ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ ଭାବେ ପାଳନ କରାଯିବା ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ତତଃପକ୍ଷେ ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କୁ ପାରମ୍ପରିକ ପୋଷାକ ପରିଧାନ କରିବା ପାଇଁ ଜିଲ୍ଲାପାଳ ଡଃ ମହାପାତ୍ର ଅନୁରୋଧ କରିଥିଲେ । ଆଗାମୀ ୧୩ ତାରିଖ ରବିବାର ଦିନ ଜିଲ୍ଲା କାର୍ଯ୍ୟାଳୟ ମଧରେ ଏକ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନଙ୍କ ସହିତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମହମବତୀ ଜାଳି ଓପିଟିସିଏଲ ଯନ୍ତ୍ରୀ ସଙ୍ଘର ପ୍ରତିବାଦ

**ଖୋର୍ଦ୍ଧା, ୩।୪ (ସଂଚାର ବ୍ୟୁରୋ):** ଓପିଟିସିଏଲ ଅଧିକାରୀ ମାନଙ୍କ ମନମୁଖୀ କାର୍ଯ୍ୟଯୋଗୁ ରାଜ୍ୟ ବିକାଶର ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ବିଭିନ୍ନ ଶକ୍ତି ପ୍ରକଳ୍ପ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିନା ଭୂମି ଅଧିଗ୍ରହଣ, ଲାଇନ ରୁଟ ସର୍ଭେ, ମୃତ୍ତିକା ସର୍ବେକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପୂର୍ବ ଆବଶ୍ୟକୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ନିଗମ କର୍ତ୍ତୃପକ୍ଷଙ୍କ ଚାପ ଯୋଗୁଁ କର୍ମଚାରୀ ମାନେ ପ୍ରକଳ୍ପର ଆର୍ଥିକ ଆକଳନ ସହିତ ଟେଣ୍ଡର ପ୍ରକ୍ରିୟା ସମାପ୍ତ କରିବାକୁ ବାଧ ହେଉଛନ୍ତି। ଯୋଜନାର ଅଭାବ ଯୋଗୁ ପ୍ରକଳ୍ପ ସମାପ୍ତିରେ ବିଳମ୍ବ ଘଟୁଛି। ଏ ବିଷୟରେ ନିଗମର ସର୍ବୋଚ୍ଚ ଅଧିକାରୀଙ୍କୁ ଯନ୍ତ୍ରୀ ସଂଘ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନଥିବା ଯନ୍ତ୍ରୀ ସଂଘ କହିଛି।




୨୦୨୧ ମସିହା ଠାରୁ ରାଜ୍ୟ ସରକାରଙ୍କ ଅଧିନରେ ଥିବା ପ୍ରତ୍ୟେକ ବୈଷୟିକ ବିଭାଗ ସହିତ ୨୦୨୪ ମସିହା ଅକ୍ଟୋବର ମାସଠାରୁ ବିଦ୍ୟୁତ ବିତରଣ ସଂସ୍ଥା ମାନଙ୍କର କ୍ୟାଡର ପୁନର୍ଗଠନ ହୋଇସାରିଥିବା ବେଳେ ଓପିଟିସିଏଲର କ୍ୟାଡର ପୁନର୍ଗଠନ ପ୍ରସ୍ତାବ ଶକ୍ତି ବିଭାଗରେ ଦୀର୍ଘ ଦେଢ ବର୍ଷ ହେବ ପଡି ରହିଛି। ଶକ୍ତିବିଭାଗ ଅଧୀନରେ ଥିବା ନିଗମରେ କାର୍ଯ୍ୟରତ ଯନ୍ତ୍ରୀ ମାନଙ୍କର ଚାକିରୀ ସର୍ତ୍ତାବଳୀ ଓ ନୀତିରେ ସମାନତା ରହିବା କଥା । କିନ୍ତୁ ବିଭାଗୀୟ ସଚିବଙ୍କର ଉଦାସୀନତା ପକ୍ଷପାତିତା ଏଥିରେ ବିତ୍ରୁ୍ୟତି ସୃଷ୍ଟି କରିଛି ଯାହାକି ନିଗମରେ କାର୍ଯ୍ୟରତ ଯନ୍ତ୍ରୀ ମାନଙ୍କ ପଦୋନ୍ନତିରେ ବାଧକ ସାଜିଛି ବୋଲି ଓପିଟିସିଏଲ ଯନ୍ତ୍ରୀ ସଂଘର ସାଧାରଣ ସମ୍ପାଦକ ଇଂ ଯୋଗେନ୍ଦ୍ର କୁମାର ଜେନା ଏକ ପ୍ରେସ ବିବୃତିରେ କହିଛନ୍ତି। ଏହି ଉପଲକ୍ଷେ ସଂଘ ପକ୍ଷରୁ ମହମବତୀ ଜାଳି ପ୍ରତିବାଦ କରାଯାଇଥିଲା। ଖୁବଶୀଘ୍ର ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧରେ ସଂଘ ସଭାପତି ଇଂ ବିପ୍ଳବ କୁମାର ବେହେରାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

## ଆମ ପୋଷାକ ଆମ ପରିଚୟ



**କାକଟପୁର/ଅସ୍ତରଙ୍ଗ, ୩।୪ (ସଂଚାର ବ୍ୟୁରୋ) :** ଓଡିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ନୃତ୍ୟ, ସଙ୍ଗୀତ ପରମ୍ପରା ଆଦି ହେଉଛି ସମୃଦ୍ଧ ଏବଂ ଏହାକୁ ନେଇ ଆମେ ଗର୍ବିତ। ଏହାର ସଂରକ୍ଷଣ କରିବା ସହ ସଂସ୍କୃତି ଆଦିକୁ ବିଶ୍ୱବିଦିତ କରାଇବା ହେଉଛି ଆମର କର୍ତ୍ତବ୍ୟ। ଆମର ଏହି ସଂସ୍କୃତି ଓ ପରମ୍ପରାକୁ ମହାଆଡ଼ମ୍ବରେ ସହକାରେ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧକ୍ଷତାରେ ଅତିଥି ଭାବେ ଶିକ୍ଷାବିତି ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ରବୀନ୍ଦ୍ର ମହାନ୍ତି, ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀ, ବ୍ଲକ ବଡ଼ବାବୁ ଭୁବନେଶ୍ୱର ରଥ, କ୍ୟାସିୟର ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ନିଜ ବକ୍ତବ୍ୟରେ ପାରମ୍ପରିକ ଓଡ଼ିଆ ପୋଷାକ ତଥା ଓଡିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର ପ୍ରସାର ପାଇଁ ହସ୍ତତନ୍ତ, ପାରମ୍ପରିକ ପୋଷାକ ପରିଧାନ-ଆମ ପୋଷାକ ଆମ ପରିଚୟ ସମ୍ପର୍କୀତ ବାର୍ତ୍ତା ପ୍ରଦାନ କରିଥିଲେ। ଏହା ସହ ସମ୍ମିଳନୀ କକ୍ଷ ପରିସରରେ ଉପସ୍ଥିତ ଥିବା ବୁଦ୍ଧିଜୀବୀ, ଶିକ୍ଷାବିତି, ସମାଜସେବୀ ଓ ବ୍ଲକର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ରେ ଶିକ୍ଷାବିତି ପ୍ରଦୀପ୍ତ ତ୍ରିପାଠୀ, ଶଙ୍କର ଦାଶ, ନଟକିଶୋର ମହାନ୍ତି, ଅଲେଖ ବସ୍ତିୟା, ରାଜକିଶୋର ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ସତ୍ୟବ୍ରତ ଲେଙ୍କା, ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି,ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

### ସରସ୍ୱତୀ ଶିଶୁମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ ଓ ଖଡ଼ିଛୁଆଁ ପର୍ବ

## ବିଦ୍ୟାଳୟରେ ପ୍ରଥମ ଦିନ ସ୍ମରଣୀୟ ରହିବ



**କାକଟପୁର/ଅସ୍ତରଙ୍ଗ, ୩।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁଆଁରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଗୁରୁବାର ପ୍ରାତଃ ସମୟରେ ଦେବୀ ନଦୀପାର୍ଶ୍ୱବର୍ତ୍ତୀ ଭଉଁରିଆ ନଦୀରୁ ଅଭିଭାବକ ମା ଓ ଶିଶୁ ଭଉଣୀମାନେ କଳସ ଯାତ୍ରା, ଘୋଷ ବାଦ୍ୟର ତାଳରେ ଅସ୍ତରଙ୍ଗ ବଜାର ପରିକ୍ରମା କରି ବିଦ୍ୟାଳୟ ପରିସରରେ ପହଂଚିଥିଲେ। ତତ୍‌ପରେ ବିଦ୍ୟାଳୟ ପରିସରରେ ବିଦ୍ୟାରମ୍ଭ ଯଜ୍ଞ ବିଦ୍ୟାଳୟ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀଙ୍କ ସମୂହ ଉପସ୍ଥିତରେ ଅନୁଷ୍ଠିତ ହୋଇଥିଲା। ନୂତନ କରି ବିଦ୍ୟାଳୟର ପ୍ରବେଶ ଉତ୍ସବରେ ୪୫ଜଣ ନୂତନ ଛାତ୍ରଛାତ୍ରୀଙ୍କୁ ଶିଶୁମାନଙ୍କୁ ଖଡ଼ିଛୁଆଁ ଯାଇଯାଇଥିଲା। ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଯୁକ୍ତ ରମାନାଥ ପରିଡା, ସଭ୍ୟା ପୂଜାରାଣୀ ନାୟକ, ସ୍ୱପ୍ନା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଗୁରୁଜୀ ଅଶୋକ ପରିଡା ନୂତନ ଛାତ୍ର ଛାତ୍ରୀଙ୍କୁ ଖଡ଼ି ଛୁଆଁ କରାଇଥିଲେ। ଉପସ୍ଥିତ ଅତିଥି ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ "ପ୍ରବେଶ ଉତ୍ସବ "ଏବଂ ଖଡିଛୁଆଁ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଛି ବୋଲି ମତ ଦେଇଥିଲେ। ଯାହାକି ସେମାନଙ୍କ ନାମ ଲେଖା ଓ ବିଦ୍ୟାଳୟରେ ପ୍ରଥମ ଦିନ ସ୍ମରଣୀୟ କରିବ। ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପ୍ରତିଶ୍ରୁତି ବଦ୍ଧ। ଶିଶୁ ନୂଆ ପିଢ଼ିର ଭବିଷ୍ୟତ ଗଠନ କରି ପିଲା ମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବ ବୋଲି ଅତିଥି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଗୁରୁଜୀ ସନ୍ତୋଷ ଜେନା, ପ୍ରଦୀପ ବେହେରା ସଂଯୋଜନା କରିଥିଲେ। ଗୁରୁଜୀ ଦିବାକର ପ୍ରଧାନ, ରବି ସେନାପତି ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ଭଞ୍ଜ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

### ପ୍ରଦୂଷଣ ମୁକ୍ତ ହୋଇପାରୁନି ପରିବେଶ



## ବେଧଡ଼କ ଚାଲିଛି ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର

**ବାଲିଆପାଳ, ୩।୪ (ସଂଚାର ବ୍ୟୁରୋ) :** ସରକାରୀ କଟକଣା ଓ ନିର୍ଦ୍ଦେଶନାମା ଥାଇ ବି ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇପାରୁ ନାହିଁ। ବାଲିଆପାଳ ବ୍ଲକରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବହୁଳ ଭାବରେ ଚାଲିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ଏହାର ବ୍ୟବହାର ଉପରେ କଟକଣା ଜାରି କରାଯାଉ ନାହିଁ। ଯାହାଫଳରେ କି ସହରର ଗଳିକନ୍ଦିରେ ବହୁଳ ଓ ବ୍ୟାପକ ଭାବେ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର ଚାଲିଛି। ପଲିଥିନ କମ୍ ଦାମ୍‌ରେ ମିଳୁଥିବାରୁ ଏଥିରେ ଜିନିଷ ପତ୍ର ଭର୍ତ୍ତି କରି ଗ୍ରାହକଙ୍କୁ ଦେବାରେ ବ୍ୟବ ସାୟୀମାନଙ୍କୁ ସୁବିଧା ହେଉଛି। ପୂର୍ବରୁ କାଗଜ ଠୁଙ୍ଗାର ବହୁଳ ବ୍ୟବହାର ହେଉଥିବା ବେଳେ ଏବେ ବଜାରରେ କାଗଜ ଠୁଙ୍ଗା ପ୍ରାୟତଃ ଦେଖିବାକୁ ମିଳୁ ନାହିଁ। ସେହିପରି ଝୋଟରେ ତିଆରି ବ୍ୟାଗ ସବୁ ବଜାରରେ ବିକ୍ରି ହେଉନଥିବାରୁ ଶସ୍ତାରେ ବିକ୍ରି ହେଉଥିବା ପ୍ଲାଷ୍ଟିକ୍ ବ୍ୟାଗର ବ୍ୟବହାର ବହୁଳ ଭାବେ ଦେଖାଯାଉଛି।

ବାଲିଆପାଳ ବ୍ଲକ ଓ ଆଖପାଖ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ହୋଟେଲ ଓ ବିବାହ ମଣ୍ଡପ ରହିଥିବାରୁ ଏଠାରେ ମାଙ୍ଗଳିକ, ସାଂସ୍କୃତିକ ଓ ଶୁଦ୍ଧିସଭା ଭଳି କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହେଉଛି। ଫଳରେ ବହୁଳ ଭାବେ ପ୍ଲାଷ୍ଟିକ୍ ଓ ସୋଲରେ ତିଆରି ହୋଇଥିବା ଗ୍ଲାସ୍, ଥାଳି ଏବଂ ଦନା ଗୁଡିକ ଭୋଜି ଉତ୍ସବ ପାଇଁ ବ୍ୟବହାର କରା ଯାଇଛି। ଏହି ଗୁଡିକ ବର୍ଜ୍ୟବସ୍ତୁ ଭାବେ କୁଢ଼ କୁଢ଼ ଜମା ହୋଇ ରହୁଥିବା ଦେଖିବାକୁ ମିଳୁଛି। ଯାହା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବା ବେଳେ ପ୍ଲାଷ୍ଟିକ ଓ ସୋଲ ବ୍ୟବହାର କରି ସେଥିରେ ଖାଦ୍ୟ ପଦାର୍ଥ ଖାଇଲୋକମାନଙ୍କର ସାସ୍ଥ୍ୟ ଖରାପ ହେଉଛି। ପଲିଥିନ କିମ୍ବା ପ୍ଲାଷ୍ଟିକ୍ ବ୍ୟବହାର କରି କେହି ଧରାପଡ଼ିଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜରିମାନା କରାଯିବା ନେଇ ନିୟମ ରହିଛି। କିନ୍ତୁ ଇତି ମଧରେ ଗୋଟିଏ ବର୍ଷ ବିତିଯିବା ପରେ ବି ଜାରି କରିଥିବା କଟକଣା କେବଳ କାଗଜ କଲମରେ ସୀମିତ ରହିଛି। ତେଣୁ ପରିବେଶକୁ ସ୍ୱଚ୍ଛ ରଖିବାକୁ ପ୍ରଶାସନ ପଦକ୍ଷେପ ନେବା ପାଇଁ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

### ମନରେଗାରେ ବ୍ୟକ୍ତିଗତ ପୋଖରୀରେ ରାତିଅଧିଆ ଖନନ

## ଅର୍ଥ ହଡ଼ପ ମସୁଧା, ଜିଲ୍ଲାପାଳଙ୍କଠାରେ ଗ୍ରାମବାସୀ ଫେରାଦ

**କୋଣାର୍କ, ୩।୪ (ସଂଚାର ବ୍ୟୁରୋ) :** କୋଣାର୍କ ଥାନା ଅଧିନସ୍ଥ ସିମିଳି ଗ୍ରାମପଞ୍ଚାୟତର ଶିରିପୁର ଗ୍ରାମରେ ବ୍ୟକ୍ତିଗତ ପୋଖରୀକୁ ଗ୍ରାମ୍ୟ ପୋଖରୀ ଦର୍ଶାଇ ମନରେଗା ଯୋଜନାରେ ଶ୍ରମିକ ବଦଳରେ ରାତି ଅଧିଆ ମେସିନ ଲଗାଇ ଟଙ୍କା ହଡପ ପାଇଁ କିଛି ମୁଷ୍ଟିମେୟ ବ୍ୟକ୍ତି ଚକ୍ରାନ୍ତ ଚଳାଇଥିବା ବେଳେ ଶିରିପୁରୀ ଗ୍ରାମବାସୀଙ୍କ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଖବରରୁ ପ୍ରକାଶ ଯେ ଜବକାର୍ଡ ହିତାଧିକାରୀମାନଙ୍କୁ ୧୦୦ ଦିନର କର୍ମ ସଂସ୍ଥାନ ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ସିମିଳି ଗ୍ରାମପଞ୍ଚାୟତର ଶିରିପୁର ଗ୍ରାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଗ୍ରାମରେ ଶ୍ରମିକ ବଦଳରେ ରାତି ଅଧରେ ମେସିନ ଲଗାଯାଇ ଦୁଇଟି ପୋଖରୀ ନାମକୁ ମାତ୍ର ଖନନ କାର୍ଯ୍ୟ କରାଯାଇ ଲକ୍ଷାଧିକ ଟଙ୍କା ହାତେଇବା ପାଇଁ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ଚକ୍ରାନ୍ତ କରିବା ଘଟଣାକୁ ନେଇ ଗ୍ରାମବାସ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବୀ କରିଛନ୍ତି। ଏହି ଅଭିଯୋଗ ପତ୍ରରେ



ଉଲ୍ଲେଖ କରିଛନ୍ତି ଯେ ବ୍ୟକ୍ତି ବ୍ୟକ୍ତିଗତ ପୋଖରୀକୁ ଗ୍ରାମ୍ୟ ପୋଖରୀ ଦର୍ଶାଇ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ହରିଲୁଟ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ସେହି ପୋଖରୀକୁ ଗ୍ରାମ୍ୟ ପୋଖରୀ ଦର୍ଶାଇ ଜବକାର୍ଡ ହିତାଧିକାରୀ ମାନଙ୍କୁ ଉପେକ୍ଷା କରି ରାତି ଅଧରେ ମେସିନ ଲଗାଇ ମନରେଗା ଯୋଜନାରେ ନାମକୁ ମାତ୍ର ଖନନ କାର୍ଯ୍ୟ କରି ୫ଲକ୍ଷ ଟଙ୍କା ହଡ଼ପ କରିବା ପାଇଁ ମସୁଧା କରିବା ନେଇ ପୁରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି।

ଏହି ଘଟଣାକୁ ନେଇ କୋଣାର୍କ ଥାନାରେ ଶିରିପୁର ଗ୍ରାମର କର୍ଣ୍ଣ ରାଉତରାୟ ନାମକ ଜଣେ ଜବକାର୍ଡ ହିତାଧିକାରୀ ବେଆଇନ ପୁଷ୍କରିଣୀ ଖନନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏହି ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ସହ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଶିରିପୁର ଗ୍ରାମର ଜନ୍ମେଜୟ ରାଉତରାୟ, କର୍ଣ୍ଣ ରାଉତରାୟ, ପବିତ୍ର ରାଉତରାୟ, ଗଣେଶ ଚନ୍ଦ୍ର ରାଉତରାୟ ଓ ରଶ୍ମିରଞ୍ଜନ ରାଉତରାୟଙ୍କ ସମେତ ଗ୍ରାମବାସୀ ମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସିମିଳି ପଞ୍ଚାୟତ ଦାଇତୋରେ ଥିବା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ମହାପାତ୍ରଙ୍କୁ ପଚାରିବାରେ ସେ କୁହନ୍ତି ଅଭିଯୋଗ ହସ୍ତଗତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରାଜନୀତି ବିଜ୍ଞାନ ବିଭାଗର ଶ୍ରଦ୍ଧାଞ୍ଜଳି ସଭା




**ବୋରିଗୁମ୍ମା, ୩।୪ (ସଂଚାର ବ୍ୟୁରୋ) :** ଅବିଭକ୍ତ କୋରାପୁଟ ଜିଲ୍ଲା ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଜୟପୁର ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ସିଡିସି ଡଃ ମହେଶ୍ୱର ଦୁରିୟାଙ୍କ ସଭାପତିତ୍ୱରେ ଦିବଙ୍ଗତ ରାଜନୀତି ବିଜ୍ଞାନ ଅଧାପକ ଡ଼ଃ ପ୍ରଫୁଲ୍ଲ କୁମାର ମହାରଣା ଓ ଡଃ ହରି ପ୍ରସାଦ ତୁଳଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲ୍ଲା ରାଧାକୃଷ୍ଣ ଉଚ୍ଚମାଧମିକ ବିଦ୍ୟାଳୟ ଅଧାପକ ଡ଼ଃ ପ୍ରଫୁଲ୍ଲ କୁମାର ମହାରଣା ଓ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡଃ ହରି ପ୍ରସାଦ ତୁଳ ଉଭୟ ସ୍ନେହି, ମିଷ୍ଟଭାଷୀ ଓ ଛାତ୍ର ବତ୍ସଳ ବୋଲି ଉପସ୍ଥିତ ଅଧାପକ ଅଧାପିକାମାନେ ମତପୋଷଣ କରିଥିଲେ। ବିକ୍ରମଦେବ ଉଚ୍ଚମାଧମିକ ବିଦ୍ୟାଳୟ ଜୟପୁର ଅଧକ୍ଷ କ୍ୟାପଟେନ ଲକ୍ଷଣ ପାତ୍ର, ଅଧାପକ ଡ଼ଃ ଗିରସ କୁମାର ଦାସ, ଡଃ ପ୍ରଦୀପ କୁମାର ସ୍ୱାଇଁ ଓ ଡଃ ପବିତ୍ର କୁମାର ବେଦାନ୍ତ ମଞ୍ଚାସିନ ରହି ଉଭୟ ସ୍ୱର୍ଗତ ମହାରଣା ଓ ତୁଳଙ୍କ ସ୍ମୃତିଚାରଣ କରିଥିଲେ। ବିଜୁ ପଟ୍ଟନାୟକ ଉଚ୍ଚମାଧମିକ ବିଦ୍ୟାଳୟ ଅଧାପକ ବସନ୍ତ ରଥ ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଅଧାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଇସି ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ରାଜନଗର, ୩।୪ (ସଂଚାର ବ୍ୟୁରୋ) :** ରାଜନଗରବ୍ଲକ୍ ଇସି ସଂଘ ପକ୍ଷରୁ ଆଜି ବିଡିଓ ଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଗତମାସ ୨୩ ତାରିଖ ଚିଠିର ନିର୍ଦ୍ଦେଶ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ ସମୟ ସୀମା ସାମୟିକ ଭାବେ ବୃଦ୍ଧି କରିବା ପାଇଁ ଆଜି ସବୁ ପଂଚାୟତର ଇସି ମେମ୍ବର ମାନେ ବିଡିଓଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି। ୨୭/୩/୨୦୨୫ରିଖ ଚିଠିର ନିର୍ଦ୍ଦେଶ ନାମା ଅନୁଯାୟୀ ଇସି ମାନଙ୍କର ପୂର୍ଣର ଗଠନ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖିବା କାରଣରୁ ଇସି ମାନେ ସ୍କୁଟର ଯୋଜନାରେ ଋଣ ଗ୍ରସ୍ତ ହୋଇ ଗ୍ରୁପ୍‌ରେ ଥିବା ବେଳେ ସେମାନଙ୍କ ପ୍ରତି ସରକାର ସମ୍ବେଦନଶୀଳ ହୋଇ ନୂତନ ନିର୍ଦ୍ଦେଶନାମାରେ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ସୁଜଗ ଦେବା ପାଇଁ ଇସି ସଂଘ ପକ୍ଷରୁ ତା ୩୧/୩/୨୦୨୫ରିଖରେ ସାମ୍ବାଦିକ ସମ୍ମିଳନୀ ମାଧମରେ ନିବେଦନ କରାଯାଇଛି। ଏଣୁ ଆପଣ ସରକାରଙ୍କର ପ୍ରତିକ୍ରିୟା ଆସିବା ପର୍ଯ୍ୟନ୍ତ ଆମ୍ଭମାନଙ୍କର କାର୍ଯ୍ୟକୁ ସ୍ଥଗିତ ରଖିବାକୁ ବ୍ଲକ ଇସି ସଙ୍ଘର କର୍ମକର୍ତ୍ତାମାନେ ବିଡିଓଙ୍କୁ ଅଭିଯୋଗ କରିଛନ୍ତି।

# ଓଡ଼ିଆ ପକ୍ଷ ପାଇଁ ସ୍ୱତନ୍ତ୍ର ୱେବସାଇଟ୍ ଉନ୍ମୋଚିତ




ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖଠାରୁ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟ୍ ଲୋକାର୍ପିତ ହୋଇଛି। ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ଏଥିସହିତ ଏପ୍ରିଲ ୧ ତାରିଖଠାରୁ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ମଧ୍ୟ ଉକ୍ତ ୱେବ୍‌ସାଇଟ୍‌ରେ ପ୍ରଦାନ କରାଯାଇଛି। ଏହାଛଡ଼ା ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ଏକ କୁଇଜ୍ ମଧ୍ୟ ରଖାଯାଇଛି। ଏହି କୁଇଜ୍‌ରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। ସମସ୍ତେ ଏହି କୁଇଜ୍‌ରେ ଅଂଶଗ୍ରହଣ କରି ନିଜର ଡିଜିଟାଲ୍ ପ୍ରମାଣପତ୍ର ମଧ୍ୟ ଡାଉନଲୋଡ୍ କରିପାରିବେ। ଆହୁରି ମଧ୍ୟ ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, କ୍ଲବ, ଜିଲ୍ଲାରେ ଓଡ଼ିଆ ପକ୍ଷ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେଲ୍ଫି ସହ ଏହି ଓଡ଼ିଆ ପକ୍ଷ ୱେବସାଇଟରେ ଅପଲୋଡ୍ କରିପାରିବେ। ତେଣୁ ସମସ୍ତେ ମିଶି 'ଓଡ଼ିଆ ପକ୍ଷ' ପାଳନ କରିବା ସହ ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲିଚଳଣି, ଗାଥା ଗୌରବ ଓ ଆମ ପରମ୍ପରାକୁ ପୁନଶ୍ଚ ଜୀବନ୍ତ କରିବା ସକାଶେ ବିଭାଗ ପକ୍ଷରୁ କୁହାଯାଇଛି।

# ବିଶ୍ୱବିଦ୍ୟାଳୟକୁ ଫେରିବ ସିନେଟ୍

- ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ନଷ୍ଟ ହେବ: ବିଜେଡି
- କୁଳପତିଙ୍କ ପୁନଃନିଯୁକ୍ତି ମାତ୍ର ଥରେ ହୋଇପାରିବ
- ୬ ମାସ ପୂର୍ବରୁ ହେବ କୁଳପତି ନିଯୁକ୍ତି ପ୍ରକ୍ରିୟା

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ସାଢ଼େ ୧୨ ଘଣ୍ଟାର ଘମାଘୋଟ ବିତର୍କ ପରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ ହୋଇଛି। ବିଲକୁ ନେଇ ଉଚ୍ଚଶିକ୍ଷା ଶାସକ ଦଳ ଶିକ୍ଷାମନ୍ତ୍ରୀ କହିଛନ୍ତି, ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଦପଦବୀ ପୂରଣ ପାଇଁ ବିଲ୍ ପାରିତ ହେବା ଜରୁରୀ ଥିଲା। ଏହା ଫଳରେ ଏଣିକି ସରକାରୀ ନିଯୁକ୍ତିରୁ ମୁକ୍ତ ହେବ ୟୁନିଭର୍ସିଟି। ତେବେ ବିଜେଡି କଡ଼ା ସମାଲୋଚନା କରି ତଥ୍ୟକତ୍ତୃତ୍ୱ ଭାବେ ଆକ୍ଷେପ କରିଛି ଯେ ଏ ବିଲ୍ ୟୁନିଭର୍ସିଟିର ସ୍ୱାୟତ୍ତତାକୁ ନଷ୍ଟ କରିଦେବ ବୋଲି କହିଛି। ବିଧାନସଭାରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ ହେବା ପରେ ଫେରିବ ସିନେଟ୍ ବ୍ୟବସ୍ଥା, ପୂରଣ ହେବ ସବୁ ପଦପଦବୀ। କୁଳପତିଙ୍କ କାର୍ଯ୍ୟକାଳ ୪ ବର୍ଷ କିମ୍ବା ସର୍ବାଧିକ ୭୦ ବର୍ଷ ବୟସ ରହିବ ଗୁରୁରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଆରମ୍ଭ ହେଲା ସରଗରମ ଚର୍ଚ୍ଚା। ମୋସନ୍ ଆଣି ରାତି ୯ଟା ପରେ ବି ଆଲୋଚନା ଜାରି ରହିଲା। ରାତି ପ୍ରାୟ ୧୧ଟା ବିଲ୍ ଉପରେ ଉତ୍ତର ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଲ୍‌ରେ ଥିବା ୧୨ଟି ଧାରା ଓ ଗୋଟିଏ ଅନୁସୂଚୀ ଉପରେ ଘମାଘୋଟ ଯୁକ୍ତିତର୍କ ଚାଲିଲା। ଭୋର୍ ସମୟରେ ଓଡ଼ିଶା ପ୍ରତି ଶିକ୍ଷାର ସୂର୍ଯ୍ୟୋଦୟ ହେବ ବୋଲି କହିଲେ ଉଚ୍ଚଶିକ୍ଷା ମନ୍ତ୍ରୀ। ପାଖାପାଖି ୧୨ ଘଣ୍ଟା ପରେ... ଗୁରୁବାର ଭୋର୍ ପ୍ରାୟ ୪ଟା ସମୟରେ ଧ୍ୱନିମତ ଭୋଟରେ ପାରିତ ହେଲା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୪। କାହିଁକି ଏହି ବିଲ୍‌ର ଆବଶ୍ୟକତା ପଡିଲା, ସେନେଇ ସ୍ପଷ୍ଟ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ। ସେ କହିଛନ୍ତି ଯେ ରାଜ୍ୟ ସରକାର ଏହି ବିଲ୍ ଆଣିବା ପାଇଁ ବାଧ୍ୟ। କାରଣ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧୩୦୦ଟି ଟିଚିଂ ଷ୍ଟାଫ୍ ନାହାନ୍ତି। ସେଥିପାଇଁ ସରକାର ଅବସରପ୍ରାପ୍ତଙ୍କୁ ନିଯୁକ୍ତ ଦେଉଛନ୍ତି। ଏବେ ୧୫ ପ୍ରତିଶତ ପ୍ରଫେସର ଓ ୪୫ ପ୍ରତିଶତ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ୪୫ ପ୍ରତିଶତ ପ୍ରଫେସରଙ୍କୁ ନେଇ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଚାଲୁଛି। ରାଜ୍ୟରେ ୧୭ଟି ବିଶ୍ୱବିଦ୍ୟାଳୟରୁ ୮ଟିର ନାକ୍ ଗ୍ରେଡ୍ ରହିଛି, ୯ଟିକୁ ମିଳିନି। ତେଣୁ ଏହି ବିଲ୍ ଆଣିବା ଅତି ଜରୁରୀ ଥିଲା।

## ବଦଳିବ ରଘୁରାଜପୁର ରୂପରେଖ

ପୁରୀ,୩।୪(ସଂଚାର ବ୍ୟୁରୋ): ଐତିହ୍ୟ ଗ୍ରାମ ରଘୁରାଜପୁରର ବଦଳିବ ରୂପରେଖ। ରଘୁରାଜପୁରର ବିକାଶ ସହିତ ଅଧିକରୁ ଅଧିକ ପର୍ଯ୍ୟଟକମାନଙ୍କୁ କିଭଳି ଏହି କଳା ଗ୍ରାମ ଆକର୍ଷିତ କରିବ, ସେନେଇ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ଏଦିଗରେ ପ୍ରୟାସ ଆରମ୍ଭ କରିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ରଘୁରାଜପୁରରେ ନିର୍ମିତ ହେବ ବ୍ୟାଖ୍ୟାନ କେନ୍ଦ୍ର ଓ ଆକର୍ଷଣୀୟ ତୋରଣ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ପ୍ରବେଶ ତୋରଣକୁ ମଧ୍ୟ ଆକର୍ଷଣୀୟ କରାଯିବ। ଗ୍ରାମରେ ଥିବା ଗ୍ୟାଲେରୀ ଓ ପ୍ରଦର୍ଶନୀ ହଲର ଉନ୍ନତି କରାଯିବ। ଫଳରେ ଶିଳ୍ପୀମାନଙ୍କର କଳାଚାତୁରୀ ସିଧାସଳଖ ପର୍ଯ୍ୟଟକମାନେ ଦେଖିପାରିବେ। ଏଥିସହ ମୁକ୍ତାକାଶ ମାର୍କେଟ ସହ କିଣାକିଣି ସୁବିଧା ପାଇଁ ରହିବ ପାଥ୍ ୱେ। ଗ୍ରାମର ମଧ୍ୟଭାଗରେ ଥିବା ମନ୍ଦିରଗୁଡ଼ିକର ପୁନରୁଦ୍ଧାର ସହ ଏକ ସ୍ୱତନ୍ତ୍ର ଥିମ୍ ଆଧାରରେ ବିକଶିତ କରାଯିବ। ଏନେଇ ଡିଜାଇନ୍ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ସେହିପରି ରଘୁରାଜପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସଂପ୍ରସାରଣ କରାଯିବା ସହ ଗ୍ରାମରେ ପର୍ଯ୍ୟଟକମାନଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ସହିତ ଏକ କ୍ୟାଫେଟେରିଆ ମଧ୍ୟ ନିର୍ମାଣ କରାଯିବ। ଏହାଦ୍ୱାରା ଆଗାମୀ ଦିନରେ ରଘୁରାଜପୁରର ଉନ୍ନତି ହେବା ସହ ଆହୁରି ଅଧିକରୁ ଅଧିକ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ଐତିହ୍ୟ ଗ୍ରାମ ରଘୁରାଜପୁର।

## କଇଁଛ ବୋଝେଇ ଗାଡ଼ି ଜବତ, ଦୁଇ ଗିରଫ



କାଲିମେଲା,୩।୪(ସଂଚାର ବ୍ୟୁରୋ): ଆଜି ବନ ବିଭାଗ ପକ୍ଷରୁ ଏକ କଇଁଛ ବୋଝେଇ ଗାଡ଼ିକୁ ଧରାଯିବା ସହ ଏହି ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ଚେକ୍ ପଏଣ୍ଟରେ ଏମ୍‌ଭି-୭୯ ବନ ବିଭାଗ ଏହି କଇଁଛ ଗାଡ଼ିକୁ ଜବତ କରିଛି। ଗିରଫ ହୋଇଥିବା ୨ ଆସାମୀ ହେଲେ ଏମ୍. ଭି-୮୮ ଗାଁର ସୂରଜ ମଲ୍ଲିକ ଓ ଏମ୍‌ପିଭି-୮୩ ଗାଁର ଶକ୍ତିପଦ ଗାଇନ। ଏଥିସହ ବନ ବିଭାଗ ଉକ୍ତ ଗାଡ଼ିରେ ଥିବା ୩୦୮ଟି କଇଁଛକୁ ଜବତ କରିଛି। ଏହି କଇଁଛଗୁଡ଼ିକର ବଜାର ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଏହି ମାମଲାରେ ଏକ ମିନି ଟ୍ରକ ଓ ଦୁଇଟି ବାଇକ୍ ଜବତ କରାଯିବା ସହ ଦୁଇ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମ୍‌ଭି-୭୯ ରେଞ୍ଜର୍ ରଶ୍ମି ରଞ୍ଜନ ସ୍ୱାଇଁଙ୍କ ସହ ବନ ବିଭାଗର କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ୍ ଥିଲେ।

## କୋଟିଏରୁ ଊର୍ଦ୍ଧ୍ୱ ସୁନାଅଳଙ୍କାର ଲୁଟ୍

- ନଗଦ ଲକ୍ଷେ ନେଇଗଲେ ୫ ଦୁର୍ବୃତ୍ତ



ସୋରୋ,୩।୪(ସଂଚାର ବ୍ୟୁରୋ): ଜୁଏଲାରୀ ଦୋକାନ ମାଲିକଙ୍କ ଘରୁ ବଡ଼ ଧରଣର ଲୁଟ୍ ହୋଇଛି। ୫ ଜଣ ଦୁର୍ବୃତ୍ତ ଆସି ଲୁଟିନେଇଛନ୍ତି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଅଳଙ୍କାର। ସେମାନେ ନଗଦ ୧ ଲକ୍ଷ ଟଙ୍କା ମଧ୍ୟ ଲୁଟିନେଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ଖଇରା ଥାନା ପ୍ରହରାଜପୁର ଗାଁରେ ଏହି ଡକାୟତି ଘଟିଛି। ମିଳିଥିବା ସୂଚନାନୁସାରେ, ସଞ୍ଜୟ ସାହୁ ଡୁଡ଼ିଗଡିଆ ବଜାରରେ ଏକ ଜୁଏଲାରୀ ଦୋକାନ କରିଛନ୍ତି। ତେବେ ଗତକାଲି ବିଳମ୍ବିତ ରାତିରେ ଦୋକାନ ବନ୍ଦ କରି ସେ ଘରେ ଶୋଇବା ପରେ କବାଟ ଆଉ ଗ୍ରୀଲ ଭାଙ୍ଗି ଉକ୍ତ ଦୁର୍ବୃତ୍ତମାନେ ଘରେ ପଶିଥିଲେ। ସେମାନେ ଅତି ଅମାନୁଷିକ ଭାବେ ପରିବାରର ଜନୈକା ଗର୍ଭବତୀ ମହିଳାଙ୍କ ହାତଗୋଡ଼ ବାନ୍ଧି ଖଟ ଉପରକୁ ଫିଙ୍ଗିଦେଇଥିଲେ। ଏହାଛଡ଼ା ସେମାନେ ଘରେ ଥିବା ଶିଶୁ ଓ ବୟସ୍କଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭିତ କରାଇବା ସହ ବ୍ୟାଟରେ ଆକ୍ରମଣ ବି କରିଥିଲେ। ଏଥିରେ ସଞ୍ଜୟଙ୍କ ମା' ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ସଞ୍ଜୟ ଔପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ପୁଲିସ୍ କିଛି ବି ଜାଣିପାରିନାହିଁ।

- ସମ୍ବଲପୁର ଗସ୍ତରେ ଖୁରାନିଆ

## ଦକ୍ଷ ପୁଲିସ୍ କର୍ମଚାରୀଙ୍କୁ ଡିଜି ପଦକ ବାଣ୍ଟିଲେ

ସମ୍ବଲପୁର,୩।୪(ସଂଚାର ବ୍ୟୁରୋ): ସମ୍ବଲପୁର ଗସ୍ତରେ ଆସି ଗୁରୁବାର



ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆ। ସମ୍ବଲପୁରରେ ଗତ ରାତିରେ ରହଣି ପରେ ଆଜି ସକାଳେ ସର୍ବପ୍ରଥମେ ମା' ସମଲେଶ୍ୱରୀ ପୀଠରେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ସେ ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରି ଦକ୍ଷତାର ସହ ଲୋକଙ୍କୁ ସେବା ଯୋଗାଇଥିବା ଉତ୍ତରାଞ୍ଚଳ ରେଞ୍ଜ ଅନ୍ତର୍ଗତ ୬ ଜଣ ଦକ୍ଷ ପୁଲିସ କର୍ମଚାରୀଙ୍କୁ ପୁଲିସ୍ ମହାନିର୍ଦ୍ଦେଶକ ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ସେ ସମସ୍ତ ପଦକ ବିଜେତା ପୁଲିସ କର୍ମଚାରୀ ଓ ତାଙ୍କ ପରିବାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ଦକ୍ଷତା ସହକାରେ ଉତ୍କୃଷ୍ଟ କାର୍ଯ୍ୟ କରିବାକୁ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦକ୍ଷତାର ସହ କାର୍ଯ୍ୟ କରି ଶହୀଦ ହୋଇଥିବା ଦିବଂଗତ ପୁଲିସ ଅଧିକାରୀଙ୍କ ପରିବାରଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଡିଜି ପ୍ରତିଶ୍ରୁତି ଦେଇଥିଲେ। ପରେ ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଜାରି ଥିବା ବୈଠକରେ ଯୋଗଦେଇ ଆସନ୍ତା ୬ ଓ ୧୪ ତାରିଖରେ ସମ୍ବଲପୁରରେ ଆୟୋଜିତ ହେବାକୁ ଥିବା ରାମନବମୀ ଓ ହନୁମାନ ଜୟନ୍ତୀ ଉତ୍ସବ ପାଇଁ ଆଇନଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା କରିଥିବା ଜଣାପଡ଼ିଛି।



ଏନସିସି ଗ୍ରୁପ ମୁଖ୍ୟାଳୟର ପ୍ରତିଷ୍ଠା ଦିବସ ଓ ଏନସିସି ସାଇକ୍ଲୋଥନ ଉଦ୍‌ଯାପିତ

# ଏନ୍‌ସିସି ଆଦର୍ଶରେ ଅନୁପ୍ରାଣିତ ହେବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ଓଡ଼ିଶାର ବିକାଶ କାହାଣୀରେ ଯୁବବର୍ଗଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଆମ ପାଇଁ ଏହା ଗର୍ବର ବିଷୟ ଯେ ଆମ ରାଜ୍ୟର ଏନସିସି କ୍ୟାଡେଟ୍‌ମାନେ ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଗ୍ରଭାଗରେ ରହିଛନ୍ତି। ରାଜ୍ୟର ବିକାଶ ନିମନ୍ତେ ଶୃଙ୍ଖଳିତ, ଦାୟିତ୍ୱବାନ ଓ ଦୂରଦୃଷ୍ଟିସମ୍ପନ୍ନ ଯୁବକ ଭାବେ ଏନସିସି କ୍ୟାଡେଟ୍‌ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ପ୍ରଗତି, ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରତି ଯୁବକ ପରିବର୍ତ୍ତନର ମଶାଲ ହୁଅନ୍ତୁ। ଏନସିସି ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ଓ ଉତ୍ସର୍ଗୀକୃତ ପଥରେ ଚାଲିବା ପାଇଁ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି।

କଟକ ଏନସିସି ଗ୍ରୁପ ମୁଖ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ ଓ ଏନସିସି ବିଶାଳ ସାଇକ୍ଲୋଥନ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଦୀର୍ଘ ୨୩ ଦିନବ୍ୟାପୀ ଚାଲିଥିବା ସାଇକ୍ଲୋଥନ ୮୫୦ କିମି ପଥ ଅତିକ୍ରାନ୍ତ କରି ୧୫ଟି ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶା ନିବାରଣ, ସାଇବର ସୁରକ୍ଷା, ଡିଜିଟାଲ ସାକ୍ଷରତା, ସଡ଼କ ସୁରକ୍ଷା ଆଦି ଉପରେ ସଚେତନତାର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିବା କ୍ୟାଡେଟ୍‌ମାନଙ୍କର ନିଷ୍ଠା, ଉଦ୍ୟମ, ଦେଶପ୍ରେମ ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟପାଳ ସାଇକ୍ଲୋଥନରେ ଅଂଶଗ୍ରହଣ କରିଥିବା ୨୧ ଜଣ କ୍ୟାଡେଟଙ୍କୁ ପୁରସ୍କୃତ କରିଥିଲେ। ମେଜର ଆଶୁତୋଷ ତ୍ରିପାଠୀ ଏନସିସି ସାଇକ୍ଲୋଥନ୍‌ର ଟିମ ଲିଡର୍ ରାଜ୍ୟପାଳଙ୍କୁ କ୍ଷୁଦ୍ରାକାର ପତାକା ପ୍ରଦାନ କରିଥିଲେ। ଗତ ୧୨ ତାରିଖରେ ପୁରୀଠାରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ ଆଜି ଉଦଯାପିତ ହୋଇଛି। ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଏନସିସି କ୍ୟାଡେଟ୍‌ମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସାଇକେଲ ଶୋଭାଯାତ୍ରାକୁ ସଫଳ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ଭୂମିକାକୁ ପ୍ରଶଂସା କରି ଏହି ଅଭିଯାନ ସାମୂହିକ ପ୍ରୟାସର ଶକ୍ତି ଓ ସଚେତନତାକୁ ପୂରଣ କରିବାରେ ସମର୍ଥ ହୋଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ନବନିର୍ମିତ ଏନସିସି ମୁଖ୍ୟାଳୟ ଭବନକୁ ଉଦଘାଟନ କରିବା ସହ ପୁରୁଣା ସଚିବାଳୟ ପରିସରରେ ଥିବା ସମ୍ପ୍ରସାରିତ ଏନସିସି କ୍ୟାଣ୍ଟିନ ପରିଦର୍ଶନ କରିଥିଲେ।

# ୮ରୁ ବର୍ଷା ସମ୍ଭାବନା, ୨୦ ଜିଲ୍ଲାକୁ କାଳବୈଶାଖୀ ୱାର୍ଣ୍ଣିଂ

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦/୫୦ କିମି ରହିବ। ଏନେଇ ୨୦ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ ଢେଙ୍କାନାଳ, କେଉଁଝର, ମୟୂରଭଞ୍ଜ,



ସୋନପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର , ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ବାଲେଶ୍ୱର। ସେହିପରି ଆସନ୍ତାକାଲି ମଧ୍ୟ କାଳବୈଶାଖୀ ବର୍ଷା ହେବ। ବିଶେଷ ଭାବେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, କେଉଁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ ଜିଲ୍ଲା ପ୍ରଭାବିତ ହେବ। ଏଭଳି ପାଗ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରହିବ। ଅନ୍ୟ ପକ୍ଷରେ ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ ଆଗକୁ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଏହାର ପ୍ରଭାବରେ ଆସନ୍ତା ୮ରୁ ଉପକୂଳରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

# ପାରାଦୀପ ହେବ ରାଜ୍ୟ ବିକାଶ ମୁକୁଟର ମଣି



ଭୁବନେଶ୍ୱର, ୩।୪ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଜଗତସିଂହପୁରର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା । ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଜଗତସିଂପୁର ଜିଲ୍ଲାରେ ବହୁତ ଶୀଘ୍ର ସ୍ଥାପିତ ହେବାକୁ ଯାଉଛି ମେଡିକାଲ କଲେଜ, ଯାହା ଫଳରେ ଭବିଷ୍ୟତରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମୃଦ୍ଧି ଘଟିବା ସହିତ ସମସ୍ତ ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ ୨୦୨୫ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଏକ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ଓ ଓଡିଶାର ଅନ୍ୟତମ ଶିଳ୍ପ ସମୃଦ୍ଧ ଅଞ୍ଚଳ ପାରାଦୀପ ହେବ ଆମ ରାଜ୍ୟର ବିକାଶ ମୁକୁଟର ମଣି ସଦୃଶ। ଜଗତସିଂହପୁର ଜିଲ୍ଲା ପାଇଁ ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ ରାଜ୍ୟ ସରକାର ମଂଜୁର କରିଛନ୍ତି, ଯାହା ଏହି ଅଞ୍ଚଳର ବିକାଶ ପାଇଁ ଖର୍ଚ୍ଚ ହେବ। ସରକାର ଯେଉଁ ବନ୍ଦର ବିକାଶର ମୂଳଦୁଆ ପାଇଁ ବଜେଟ୍‌ରେ ପ୍ରସ୍ତାବ ଆଣିଛନ୍ତି, ସେଥିରେ ପାରାଦ୍ୱୀପ ହେବ ଅଗ୍ରଣୀ। ଆଧୁନିକିକରଣ ଓ ଶିଳ୍ପ ବିକାଶର ଅକ୍ଷ ପାଲଟିବ ଓଡିଶାର ସର୍ବୋପୁରାତନ ବନ୍ଦର ପାରାଦୀପ ବନ୍ଦର। ଜଗତସିଂହପୁର ଜିଲ୍ଲା ହେବ ରାଜ୍ୟର ଏକ ନମ୍ବର ଜିଲ୍ଲା ଯାହା ଆମ ସରକାରଙ୍କ ସମୃଦ୍ଧ ଓଡ଼ିଶାର ଜୟ ଯାତ୍ରାରେ ଗ୍ରୋଥ ଇଞ୍ଜିନ ଭାବେ କାର୍ଯ୍ୟ କରିବ। ରୋଜଗାର ବୃଦ୍ଧି ହେଲେ ହିଁ ଏକ ଅଞ୍ଚଳର ବିକାଶ ହୁଏ। ଏଣୁ ଆମ ସରକାର ନିଷ୍ପତ୍ତି ନେଇଛି ଯେ ଜଗତସିଂହପୁରରେ ଏକ ବୟନ ଉତ୍ପାଦନ ୟୁନିଟ ପ୍ରତିଷ୍ଠା ହେବ, ଯାହା ଏହି ଅଞ୍ଚଳର ପାଖାପାଖି ୨୦ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବ। ଏହି ଜିଲ୍ଲାର ଐତିହ୍ୟର ପ୍ରତୀକ ମୃତ ଅଳକା ନଦୀର ପୁନରୁଦ୍ଧାର ପାଇଁ ମଧ୍ୟ ଆମ ସରକାର ଚେଷ୍ଟିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗତ ପ୍ରାୟ ୧୦ ମାସ ହେଲା ଆମ ସରକାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଆମ ସରକାର ବିକାଶ ସହିତ ଓଡିଆ ସଂସ୍କୃତି, ପରମ୍ପରା ଓ ଓଡ଼ିଆ ଅସ୍ମିତାକୁ ନେଇ କାର୍ଯ୍ୟରତ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଆମ ସରକାର କିଛି ନା କିଛି ସମ୍ଭାର ନେଇ ଆସିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ କଳା ଓ ସଂସ୍କୃତିର ମାଟି ଜଗତସିଂହପୁର ହେବ ଭାରତବର୍ଷର ସବୁଠାରୁ ଉତ୍କର୍ଷ ଜିଲ୍ଲା ଯାହା ଆମ ସରକାରର ବିକାଶର ଧାରାକୁ ତ୍ୱରାନ୍ୱିତ କରିବ।

# ଉଦ୍‌ଘାଟନର ୩ ମାସ ପୂରିନି, ଭୁଶୁଡ଼ିଲା ଗ୍ୟାଲେରୀ

ସଂଗ୍ରହାଳୟ କାର୍ଯ୍ୟରେ ଦୁର୍ନୀତି ଗନ୍ଧ



ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ରାଜ୍ୟରେ ପୁରୁଣା ସରକାରକୁ ମାତ୍ ଦେଇ ବିଜେପି ସରକାର ଗଠନ କରିବା ପରେ ଗତ ଜାନୁଆରୀ ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟ ସଂଗ୍ରହାଳୟରେ ୯ଟି ନୂତନ ଗ୍ୟାଲେରୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜକୀୟ ଗ୍ୟାଲେରୀ, ପ୍ରାକ୍-ଐତିହାସିକ ଗ୍ୟାଲେରୀ, ରୟାଲ ଆଣ୍ଡ ଆଇଭରି ଗ୍ୟାଲେରୀ, ପ୍ରାଣୀ ଉଦ୍ୟାନ, ଖଣି ଓ ଭୂବିଜ୍ଞାନ ଗ୍ୟାଲେରୀ, କଣ୍ଢେଇ ଗ୍ୟାଲେରୀ, ମାସ୍କ ଗ୍ୟାଲେରୀ, ଟ୍ରାଇବ୍ସ ଗ୍ୟାଲେରୀ, ହସ୍ତଶିଳ୍ପ ଗ୍ୟାଲେରୀ ଓ ଆଇଡେଣ୍ଟିଫିକେସନ୍ ରୁମ୍ ଅନ୍ତର୍ଭୁକ୍ତ ଥିଲା। ତେବେ ଏହି ଉଦ୍‌ଘାଟନକୁ ୩ ମାସ ପୂରି ନ ଥିଲେ ହେଁ ଆଜି ସଂଗ୍ରହାଳୟର ରାଜକୀୟ ଗ୍ୟାଲେରୀଟି ଭୁଶୁଡ଼ି ପଡ଼ିଛି। ଉପରୋକ୍ତ କାର୍ଯ୍ୟ ପାଇଁ ରାକୋଷରୁ ୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି। ତେବେ ଏହି ଗ୍ୟାଲେରୀର ନିର୍ମାଣରେ ବ୍ୟାପକ ଅନିୟମିତତା ଓ ନିମ୍ନ ମାନର କାମ ଯୋଗୁଁ ଏହା ଭୁଶୁଡ଼ିପଡ଼ିଥିବା ଅନୁମାନ କରାଯାଉଛି।

ତା'ଛଡ଼ା ଏହି କାମ କୌଣସି ଓଡ଼ିଆ ଠିକାଦାର କରିନାହାନ୍ତି। କାରଣ ତତ୍କାଳୀନ ଭାଷା ଓ ସଂସ୍କୃତି ସଚିବଙ୍କର ଅଣଓଡ଼ିଆ ଠିକାଦାର ପ୍ରୀତି ରହିଥିଲା ଓ ତାଙ୍କ ସୁପାରିସ୍‌ରେ ଏହି କାମ କରିଥିଲେ ଜଣେ ଦିଲ୍ଲୀ ଠିକାଦାର। ଉକ୍ତ ସଚିବ ଜଣଙ୍କ ନିଜର ଅଣଓଡ଼ିଆ ଠିକାଦାର ପ୍ରୀତି ପାଇଁ ଅଡୁଆରେ ପଡ଼ି ସିବିଆଇ ଯାଞ୍ଚର ସମ୍ମୁଖୀନ ହୋଇଛନ୍ତି। ତେଣୁ ଆଲୋଚ୍ୟ କାର୍ଯ୍ୟରେ ମଧ୍ୟ ଦୁର୍ନୀତି ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ରାଜକୀୟ ଗ୍ୟାଲେରୀ ଭୁଶୁଡ଼ି ପଡ଼ିବା ପରେ ଉକ୍ତ ଅଞ୍ଚଳକୁ ସାଧାରଣ ଦର୍ଶକଙ୍କ ପାଇଁ ବନ୍ଦ ରଖାଯାଇଛି। ତେବେ ସରକାର ବଦଳିଥିଲେ ମଧ୍ୟ ବିଜେଡି ଅମଳରେ ଅମଲାମମାନଙ୍କର ଯେପରି ଦବ୍‌ଦବା ଥିଲା, ଏବେ ବି ତାହା ଜାରି ରହିଛି ବୋଲି ଚର୍ଚ୍ଚା ହେଉଛି। ଅମଲାମାନେ ନିଜ ପସନ୍ଦର ଠିକାଦାରଙ୍କୁ ସରକାରୀ କାମ ଦେଇ ବେଶ୍ ମୋଟା ଅଙ୍କର କମିଶନ୍ ଆଦାୟ କରୁଛନ୍ତି, ଯାହା ଫଳରେ କାମର ମାନ ସଠିକ୍ ରହୁନଥିବା କୁହାଯାଉଛି। ତେଣୁ ବିଜେପି ସରକାର ଅଧିକ କିଛି ଦୁର୍ନାମ ମୁଣ୍ଡାଇବା ପୂର୍ବରୁ ଅମଲାମାନଙ୍କୁ ନିୟନ୍ତ୍ରଣରେ ରଖିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

## ବନ୍ଧାହେଲେ ଲାଞ୍ଚୁଆ ସହକାରୀ ଯନ୍ତ୍ରୀ



ଭୁବନେଶ୍ୱର, ୩।୪ (ସଂଚାର ବ୍ୟୁରୋ): ବିଲ୍ କରାଇଦେବା ସକାଶେ ଲକ୍ଷେ ଟଙ୍କା ଲାଞ୍ଚ ମାଗି ଗତକାଲି ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିବା ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସଙ୍କୁ ଆଜି ଗିରଫ କରାଯାଇଛି। ଗତକାଲି ୧ ଲକ୍ଷ ଟଙ୍କା ଲାଞ୍ଚ ନେବା ସମୟରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଶ୍ରୀ ଦାସଙ୍କୁ ପ୍ରମାଣ ସହ ଧରିଥିଲା। ଭିଜିଲାନ୍ସ ପଞ୍ଝାରେ ପଡ଼ିଥିବା ଏହି ବାବୁ ଜଣଙ୍କ ହେଲେ ଗ୍ରାମ୍ୟ ନିର୍ମାଣ (ଜନସ୍ୱାସ୍ଥ୍ୟ) ବିଭାଗ ସହକାରୀ ଯନ୍ତ୍ରୀ (ଏଇ)। ଭିଜିଲାନ୍ସ ଅଧିକାରୀମାନେ ୧ ଲକ୍ଷ ଲାଞ୍ଚ ଟଙ୍କାକୁ ସହ ତାଙ୍କ ପାଖରୁ ୨ ଲକ୍ଷ ୨୬ ହଜାର ଟଙ୍କା ଓ ଭଡ଼ା ଘରୁ ୧.୩୦ ଲକ୍ଷ ଟଙ୍କା ଏହିପରି ସର୍ବମୋଟ ନଗଦ ୩ ଲକ୍ଷ ୫୬ ହଜାର ଟଙ୍କା ଜବତ କରିଛନ୍ତି। ଜନୈକ ଠିକାଦାରଙ୍କର ୭ ଲକ୍ଷ ଟଙ୍କା ବିଲ୍ ବାକି ଥିଲା। ତେବେ ଏହି ବିଲ୍ ପାସ୍ କରାଇଦେବା ସକାଶେ ଶ୍ରୀ ଦାସ ଲକ୍ଷେ ଟଙ୍କା ଲାଞ୍ଚ ଦାବି କରିଥିଲେ। ଠିକାଦାର ଏନେଇ ଭିଜିଲାନ୍ସକୁ ଅବଗତ କରାଇବା ପରେ ଶ୍ରୀ ଦାସ ପ୍ରମାଣ ସହ ଧରାପଡିଥିଲେ।

# ବିଡିଏରେ ସାମିଲ୍ ହେବ ୧୪୩ ନୂତନ ରାଜସ୍ୱ ଗ୍ରାମ



ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୦ତମ କର୍ତ୍ତୃପକ୍ଷ ବୈଠକ ଗୁରୁବାର ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଡିଏ ଅଧ୍ୟକ୍ଷ ତଥା ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆକଳନ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନ ଉପସ୍ଥାପିତ ହୋଇଥିଲା। ତେବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧,୫୩୬.୦୮ କୋଟିର ବଜେଟ୍‌କୁ ଅନୁମୋଦନ କରାଯାଇଥିବା ବେଳେ ବିଶେଷକରି ସହରର ସମ୍ପ୍ରସାରଣ ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

ବିଡିଏ ପକ୍ଷରୁ ସହର ସମ୍ପ୍ରସାରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏନେଇ ସମୁଦାୟ ୧୪୩ ନୂତନ ରାଜସ୍ୱ ଗ୍ରାମକୁ ବିଡିଏ ସହ ସାମିଲ କରିବା ନେଇ ଅନୁମୋଦନ ମିଳିଛି। ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର୍ ସୁଲୋଚନା ଦାସ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବିଡିଏ ଉପାଧ୍ୟକ୍ଷ ଡା ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ମାନସ ରଞ୍ଜନ ପାଢୀଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଷୟରେ ବିଶଦ ଆଲୋଚନା କରିଥିଲେ। ସମ୍ପ୍ରତି ବିଡିଏ ବିଏମ୍‌ସି, ଖୋର୍ଦ୍ଧା ପୌର ପରିଷଦ, ଜଟଣୀ ପୌର ପରିଷଦ ଓ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଆଦି ୪ଟି ସହରାଞ୍ଚଳ ସହ ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତ ଅଞ୍ଚଳଗୁଡ଼ିକର ତଦାରଖ କରୁଛି। ତେବେ ଏହି ସହର ସମ୍ପ୍ରସାରଣ ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହନ କରିବ, ଭିତ୍ତିଭୂମିର ଉନ୍ନତି ତଥା ଦ୍ରୁତ ସହରୀକରଣରେ ବାଧକ ସାଜୁଥିବା ସମସ୍ୟାର ସମାଧାନ କରିବ ବୋଲି ବୈଠକରେ ଅଧିକାରୀମାନେ ମତ ଦେଇଥିଲେ।୧୯୮୩ରେ ମାତ୍ର ୧୧୬ଟି ରାଜସ୍ୱ ଗ୍ରାମକୁ ନେଇ ବିଡିଏର ସହର ବିକାଶ ଚିନ୍ତାଧାରା ଆରମ୍ଭ ହୋଇଥିଲା। ପରେ ୨୦୦୨, ୨୦୦୩ ଓ ୨୦୧୧ରେ ଏହାର କଳେବରକୁ ସମ୍ପ୍ରସାରଣ କରାଯାଇଛି। ତେବେ ଏହି ନୂତନ ଯୋଜନାବଦ୍ଧ ସହର ସମ୍ପ୍ରସାରଣ ଯୋଜନା ସହର ସହ ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ ଦେବା ସହ ଭିତ୍ତିଭୂମି ବିକାଶରେ ସହାୟକ ହେବ। ଏହି ନୂତନ ଗ୍ରାମଗୁଡ଼ିକ ମିଶିବା ପରେ ବିଡିଏ ଅଧିକାର କ୍ଷେତ୍ରରେ ଥିବା ମୋଟ ଗ୍ରାମ ସଂଖ୍ୟା ୫୬୯ରୁ ବୃଦ୍ଧି ପାଇ ୭୧୨କୁ ପହଞ୍ଚିବ। ବିଡିଏ ଅନୁମୋଦନ ପରେ ଏହି ପ୍ରସ୍ତାବ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ , ୧୯୮୨ର ଧାରା ୩ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟକୁ ବିଚାର ଓ ଅନୁମୋଦନ ପାଇଁ ପଠାଯିବ। ଏଥିସହ ବିଡିଏର ରାଜସ୍ୱ ସୃଷ୍ଟି କରିବା ଲାଗି କର୍ତ୍ତୃପକ୍ଷ ଜମି ମୁଦ୍ରୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଉଦ୍ୟମକୁ ସମର୍ଥନ କରିବା ପାଇଁ ଅନେକ ଜମି ଖଣ୍ଡକୁ ନିଲାମ ପାଇଁ ଚିହ୍ନଟ କରାଯାଇଛି।

୧୫୦ତମ ବୈଠକରେ ସମ୍ପ୍ରସାରଣ ଓ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଚମକୁଛି ସୁନା, ବଢୁଛି ଦର। ବିଶ୍ୱ ବଜାରରେ ଅସ୍ଥିରତା ଓ ଅନିଶ୍ଚିତତା ମଧ୍ୟରେ ସୁନାର ଚମକ ବଢ଼ିଚାଲିଛି। ଯଦି ସୁନା କିଣିବାକୁ ଯାଉଛନ୍ତି ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୩ ହଜାର ୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୫ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୩ ହଜାର ୩୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୫, ୬୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୫,୬୦୦ ଟଙ୍କା ଓ ୯୩, ୩୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୫, ୭୫୦ ଟଙ୍କା ଓ ୯୩, ୫୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୫,୬୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୨, ୩୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୫, ୬୦୦ ଓ ୯୨,୩୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୯୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଏପ୍ରିଲ ୫ରୁ ପିପିଏଫ୍‌ରେ ଟଙ୍କା ଜମାରେ ମିଳିବ ଫାଇଦା

**ନୂଆଦିଲ୍ଲୀ, ୩ା୪:** ଆପଣ ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ)ରେ ଇନଭେଷ୍ଟ କରିବାକୁ ଚାହୁଁଛନ୍ତି, ତେବେ ରହିଛି ଆପଣଙ୍କ ପାଇଁ ଗୁଡ୍ ନ୍ୟୁଜ୍। ପ୍ରକୃତରେ ଏହି ଫଣ୍ଡରେ ଇନଭେଷ୍ଟ କରୁଥିବା ଲୋକଙ୍କ ପାଇଁ ଏହି ମାସର ୫ ତାରିଖ ବହୁତ ଖାସ୍ ହେବାକୁ ଯାଉଛି। ଯଦି ଆପଣ ଏପ୍ରିଲ୍ ୫ ପୂର୍ବରୁ ଆପଣଙ୍କର ମନ୍ଥଲି ଇନଭେଷ୍ଟମେଣ୍ଟ କରନ୍ତି, ତେବେ ଆପଣଙ୍କୁ ସେହି ମାସର ସମ୍ପୂର୍ଣ୍ଣ ସୁଧ ମିଳିବ। କିନ୍ତୁ ଯଦି ଆପଣ ଏହା କରିବାରେ ବିଫଳ ହୁଅନ୍ତି, ତେବେ ଆପଣଙ୍କୁ ସୁଧ ମିଳିବ ନାହିଁ। ଏପରି ପରିସ୍ଥିତିରେ ପିପିଏଫରେ ଇନଭେଷ୍ଟ କରିବା ପାଇଁ ଆପଣଙ୍କ ପାଖରେ ଏପ୍ରିଲ୍ ୫, ୨୦୨୫ ପର୍ଯ୍ୟନ୍ତ ସମୟ ଅଛି। ତେବେ ଆସନ୍ତୁ ଏହାର ପୁରା ଡିଟେଲ୍ସ ଜାଣିବା।

ଅଧିକାଂଶ ଲୋକ ଟ୍ୟାକ୍ସ ସେଭିଙ୍ଗ ପାଇଁ ପିପିଏଫ ରେ ଇନଭେଷ୍ଟମେଣ୍ଟ କରନ୍ତି, କିନ୍ତୁ ଯଦି ଆପଣ ବୁଦ୍ଧିମାନ ଭାବରେ ଇନଭେଷ୍ଟ କରନ୍ତି। ତେବେ ଆପଣ ଭଲ ରିଟର୍ଣ୍ଣ ପାଇପାରିବେ। ପ୍ରଥମେ, ପିପିଏଫ ରେ ମନ୍ଥଲି ଇନଭେଷ୍ଟମେଣ୍ଟ କରନ୍ତୁ ଏବଂ ପ୍ରତି ମାସର ୫ ତାରିଖ ସୁଦ୍ଧା ଟଙ୍କା ଜମା କରନ୍ତୁ। ଯାହା ଦ୍ୱାରା ଆପଣ ସେହି ମାସର ସୁଧ ମଧ ପାଇବେ। ପିପିଏଫ ରେ ଇନଭେଷ୍ଟମେଣ୍ଟ ସହିତ ମେଚୋରିଟି ଆମାଉଣ୍ଟ ଏବଂ ଇଣ୍ଟ୍ରେଷ୍ଟ ମଧ Tax Free ରହିଥାଏ। ପିପିଏଫ ଲଙ୍ଗ ଟର୍ମ ଇନଭେଷ୍ଟମେଣ୍ଟ ଏବଂ ବଡ଼ ଫଣ୍ଡ ଗଠନ କରିବାର ଏକ ଭଲ ଉପାୟ। ପିପିଏଫ ଆକାଉଣ୍ଟରେ ଇନଭେଷ୍ଟ କଲେ ଧାରା ୮୦ C ଅନୁଯାୟୀ ୧.୫୦ ଲକ୍ଷ ଟଙ୍କାର ଟ୍ୟାକ୍ସ ଡିଡକ୍ସନ୍ ମିଳିଥାଏ। ଯଦି ଆପଣ ପ୍ରତି ଆର୍ଥିକ ବର୍ଷର ଆରମ୍ଭରେ ପିପିଏଫ ରେ ଏକକାଳୀନ ଭାବରେ ଟଙ୍କା ନିବେଶ କରନ୍ତି, ତେବେ ଏପ୍ରିଲ ୫ ଭିତରେ ନିବେଶ ଆପଣଙ୍କ ପାଇଁ ଆହୁରି ଲାଭଦାୟକ ପ୍ରମାଣିତ ହେବ। ଏହା ପଛରେ ଥିବା କାରଣ ବିଷୟରେ କହିବାକୁ ଗଲେ, ପ୍ରତି ମାସରେ ୫ ତାରଖରେ ପିପିଏଫ ଆକାଉଣ୍ଟରେ ସୁଧ ଗଣନା କରାଯାଏ। ଏହାର ଅର୍ଥ ହେଉଛି ଯେ ଯଦି ଆପଣ ପ୍ରତି ଆର୍ଥିକ ବର୍ଷ ଆରମ୍ଭରେ ଏପ୍ରିଲ ୫ ସୁଦ୍ଧା ଏକକାଳୀନ ରାଶି ଜମା କରନ୍ତି, ତେବେ ଆପଣ ସମ୍ପୂର୍ଣ୍ଣ ମାସ ପାଇଁ ସୁଧର ଲାଭ ପାଇପାରିବେ।




ଏଥି ସହ ଯଦି ଜଣେ ବ୍ୟକ୍ତି ମାସର ୫ ତାରିଖ ସୁଦ୍ଧା ପିପିଏଫ ଆକାଉଣ୍ଟରେ ନିବେଶ କରନ୍ତି, ତେବେ ତାଙ୍କୁ ଜମା ରାଶି ଉପରେ ସମ୍ପୂର୍ଣ୍ଣ ମାସ ପାଇଁ ସୁଧର ଲାଭ ମିଳିଥାଏ। ଯଦି ୫ ତାରିଖ ପରେ ନିବେଶ କରାଯାଏ, ତେବେ ଆପଣ କେବଳ ୫ ତାରିଖରୁ ୩୦ ତାରିଖ ମଧ୍ୟରେ ସର୍ବନିମ୍ନ ବାଲାନ୍ସ ଉପରେ ମଧ ସୁଧ ପାଇପାରିବେ। ଜାଣିରଖନ୍ତୁ ଯେ ପିପିଏଫ ଆକାଉଣ୍ଟରେ ସୁଧ ମାସିକ ହିସାବ କରାଯାଏ। କିନ୍ତୁ ଏହା କେବଳ ପ୍ରତି ଆର୍ଥିକ ବର୍ଷର ଶେଷରେ ଆକାଉଣ୍ଟରେ ଜମା ହୁଏ। ଭଲ ଭାବରେ ବୁଝିବାକୁ ଗଲେ, ଏଥିର ଯଦି ଆପଣ ଏପ୍ରିଲ୍ ୫, ୨୦୨୫ ପୂର୍ବରୁ ଆପଣଙ୍କର ପିପିଏଫ ଆକାଉଣ୍ଟରେ ୧.୫ ଲକ୍ଷ ଟଙ୍କା ଜମା କରନ୍ତି, ତେବେ ସେହି ମାସର ସୁଧ ଗଣନା ପାଇଁ ସମ୍ପୂର୍ଣ୍ଣ ରାଶିର ହିସାବକୁ ନିଆଯିବ। ଅର୍ଥାତ୍ ୭.୧% ସୁଧ କାର ଉପରେ ଆଧାର କରି, ଆପଣଙ୍କୁ ବାର୍ଷିକ ୧୦,୬୫୦ ଟଙ୍କା ସୁଧ ମିଳିବ।

ସେହିଭଳି ଆପଣ ଯଦି ଏପ୍ରିଲ ୫ ପରେ ଟ୍ରାଞ୍ଜାକ୍ସନ୍ ପୁରା ପରନ୍ତି, ତେବେ ଆପଣ ପ୍ରଥମ ମାସ ପାଇଁ ସୁଧ ପାଇପାରିବେ ନାହିଁ। ଏହାର ଅର୍ଥ ହେଉଛି ଏପ୍ରିଲ୍ ବ୍ୟତୀତ ଆର୍ଥିକ ବର୍ଷର କେବଳ ୧୧ ମାସ ପାଇଁ ସୁଧ ଉପଲବ୍ଧ ହେବ। ଏଥି ସହ ସୁଧ ହାର ଅନୁସାରେ ଗଣନା ପରେ ୧.୫ ଲକ୍ଷ ଟଙ୍କା ଜମା ରାଶି ଉପରେ ଏହା ୯,୭୬୨.୫୦ ଟଙ୍କା ହେବ।

## ଦି ଇଣ୍ଟରଭ୍ୟୁ ଟାଇମ୍ସ ଉତ୍କର୍ଷ ଓଡ଼ିଶା ବ୍ୟବସାୟ ନେତୃତ୍ୱ ପୁରସ୍କାର ଉତ୍ସବ




**ଭୁବନେଶ୍ୱର,୩ା୪(ସଂଚାର ବ୍ୟୁରୋ):** ଓଡ଼ିଶା ଇଣ୍ଟରଭ୍ୟୁ ଟାଇମ୍ସ ଏକ ମର୍ଯ୍ୟାଦାପୂର୍ଣ୍ଣ ମାଗାଜିନ୍ ଯାହା ଦୀର୍ଘ ୧୩ ବର୍ଷ ଧରି ନୀରବଚ୍ଛିନ୍ନ ଭାବେ ସମ୍ବାଦ ପ୍ରକାଶ କରିଆସୁଛି । ଏହି ଅନୁଷ୍ଠାନ ଦ୍ୱାରା "ପ୍ରଗତି ପଥେ ଓଡ଼ିଶା" ନାମରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ଏପ୍ରିଲ ୧ ତାରିଖ ଦିନ ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ବିଭିନ୍ନ ବଡ଼ ବଡ଼ କମ୍ପାନୀମାନଙ୍କ ପରିଚାଳନା ନିର୍ଦ୍ଦେଶକଙ୍କ ମଧ୍ୟରେ ଏକ ବୈଠକ ମାଧ୍ୟମରେ ଓଡ଼ିଶାର ପ୍ରଗତି କିପରି ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ମୁଖ୍ୟ ଅତିଥି ଭାବେ ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଆଡ଼ିସନାଲ ଡିଜି ପୋଲିସ ଏସ କେ ପ୍ରିୟଦର୍ଶୀ, ପାରାଦ୍ୱୀପ ପୋର୍ଟ ଅଧକ୍ଷ ପିଏଲ ହରନାଧ୍, ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଡଃ ଓଁକାର ମହାନ୍ତି, ସୌମ୍ୟ ରଞ୍ଜନ ସାମଲ, ସି.ଏମ.ଡି, କେ.ସି. ସି, ଇଂ. ଦେବବ୍ରତ ବେହେରା ପ୍ରମୁଖ ଅତିଥି ଯୋଗଦେଇଥିଲେ ।ଓଡ଼ିଶା ରାଜ୍ୟ ଗଠନ ଦିବସ ଅବସରରେ ଆୟୋଜିତ ହେଉଥିବା ଏହି ପ୍ରତିଷ୍ଠିତ ଅବସରଟି ଶିଳ୍ପ ନେତାମାନେ, ଉଦ୍ୟମୀମାନେ ଏବଂ ସେମାନଙ୍କ ଅଭିନନ୍ଦନୀୟ ଅବଦାନ ଦେଇ ଓଡିଶାର ଅର୍ଥନୈତିକ ବୃଦ୍ଧିକୁ ଉନ୍ନତ କରିଥିବା ପ୍ରମୁଖ ବ୍ୟକ୍ତି ବିଶେଷମାନଙ୍କୁ ଏକତ୍ର କରିବ। ଉତ୍କର୍ଷ ଓଡିଶା ବ୍ୟବସାୟ ନେତୃତ୍ୱ ପୁରସ୍କାର ଏହି ସମ୍ମାନୀୟ ବ୍ୟକ୍ତିବିଶେଷ ଏବଂ ସଂସ୍ଥାମାନଙ୍କୁ ସ୍ୱୀକାର କରିବେ, ଯେଉଁମାନେ ଅସାଧାରଣ ନେତୃତ୍ୱ, ନବପ୍ରବର୍ତ୍ତନ ଏବଂ ଉତ୍କୃଷ୍ଟତା ପ୍ରତି ଅତୁଟ ସମର୍ପଣ ପ୍ରଦର୍ଶନ କରିଛନ୍ତି। ଏହି ଅବସରଟି ଏକ ଗର୍ବର ବିଷୟ କାରଣ ବ୍ୟବସାୟ ନେତାମାନଙ୍କୁ ସମ୍ମାନ ଦିଆଯାଉଛି ଏବଂ ଓଡିଶାର ଶିଳ୍ପ ବିକାଶକୁ ଉତ୍ସାହିତ କରୁଛୁ ବୋଲି ଡ଼ଃ ଦିବ୍ୟଜିତ୍ ସାହୁ, ଦି ଇନ୍ଟରଭ୍ୟୁ ଟାଇମ୍ସର ସଂସ୍ଥାପକ କହିଥିଲେ। ଏହି ସଭା ଉଦ୍ୟମୀମାନେ, ଶିଳ୍ପପତିମାନେ ଏବଂ ନୀତି ନିର୍ଦ୍ଦେଶକମାନଙ୍କୁ ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ପ୍ରେରିତ କରିବ ବୋଲି ସେ କହିଥିଲେ । ପ୍ରତିଷ୍ଠାତା ଦିବ୍ୟଜିତ ସାହୁ, ସହ ପ୍ରତିଷ୍ଠାତା ଡ଼ଃ ଅରୁଣ କୁମାର ମାହାନା ଧନ୍ୟବାଦ ଅର୍ପଣ କରିଥିଲେ ।

**ଟ୍ରମ୍ପଙ୍କ ଶୁଳ୍କ ଘୋଷଣାର ପ୍ରଭାବ**

# ଭାରତୀୟ ସେୟାର ବଜାରରେ ବଡ଼ ଧରଣର କ୍ଷତି

**ମୁମ୍ବାଇ, ୩ା୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ସମସ୍ତ ଦେଶ ଉପରେ ଶୁଳ୍କ ଘୋଷଣା କରିଛନ୍ତି। ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଘୋଷଣା କରାଯାଇଛି। ଯାହା ବିଶ୍ୱର ୧୪୦ ରୁ ଅଧିକ ଦେଶ ସହିତ ସମାନ। ଯାହା ଯୋଗୁ ଭାରତୀୟ ସେୟାର ବଜାରରେ ଆତଙ୍କ ଦେଖାଦେଇଛି।

ବଜାର ଖୋଲିବା ମାତ୍ରେ ସେନସେକ୍ସ ୪୫୦ ପଏଣ୍ଟ ହ୍ରାସ ପାଇଛି। ଅନ୍ୟପକ୍ଷରେ, ନିଫ୍ଟି ମଧ ୧୮୦ପଏଣ୍ଟରୁ ଅଧିକ ହ୍ରାସ ପାଇଛି। ଏମକେ ରିପୋର୍ଟରେ କୁହାଯାଇଛି ଯେ, ଯଦି ଦେଶ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଏ, ତେବେ ଭାରତ ୩୧ ବିଲିୟନ ଡଲାର ପର୍ଯ୍ୟନ୍ତ କ୍ଷତି ସହିପାରେ।

ଭାରତ ଉପରେ ଆମେରିକା ୨୬ ପ୍ରତିଶତ ଶୁଳ୍କ ଲାଗୁ କରିଛି। ଏହି ଶୁଳ୍କ ଯୋଗୁ ଆଇଟି ଷ୍ଟକ୍ ଏବଂ ବ୍ୟାଙ୍କିଙ୍ଗ୍ ଷ୍ଟକ୍‌ରେ ବଡ଼ ହ୍ରାସ ପରିଲକ୍ଷିତ ହୋଇଛି। ଟିସିଏସ୍ ଏବଂ ଇନଫୋସିସର ସେୟାରରେ ୨ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ବିଶେଷଜ୍ଞମାନଙ୍କ ଅନୁସାରେ ଷ୍ଟକ୍ ମାର୍କେଟରେ ଟାରିଫ୍‌ର ପ୍ରଭାବ ଅଧିକ ଦିନ ପର୍ଯ୍ୟନ୍ତ ଦେଖାଯିବ ନାହିଁ।

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସ ଗୁରୁବାର ପୂର୍ବାହ୍ନ ୯ଟା ୩୫ରେ ୪୦୦ପଏଣ୍ଟରୁ ଅଧିକ ହ୍ରାସ ପାଇ ୭୬,୨୧୩.୯୯ ପଏଣ୍ଟରେ କାରବାର କରୁଥିଲା। ସେହି ସମୟରେ ସେନସେକ୍ସରେ ୮୦୯.୮୯ ପଏଣ୍ଟ ହ୍ରାସ ଘଟିଥିଲା। ଗୁରୁବାର ସେନସେକ୍ସ ୭୫,୮୧୧.୮୬ ପଏଣ୍ଟରେ ଖୋଲିଥିଲା। ଯେତେବେଳେ ଗୋଟିଏ ଦିନ ପୂର୍ବରୁ ସେନସେକ୍ସରେ ୫୯୩ ପଏଣ୍ଟ ବୃଦ୍ଧି ଘଟିଥିଲା।



ଅନ୍ୟପକ୍ଷରେ, ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜର ମୁଖ୍ୟ ସୂଚକାଙ୍କ ନିଫ୍ଟି ମଧ ପୂର୍ବାହ୍ନ ୯ଟା ୩୫ରେ ପ୍ରାୟ ୬୫ ପଏଣ୍ଟ ବୃଦ୍ଧି ସହିତ ୨୩,୨୬୭.୮୦ ପଏଣ୍ଟରେ କାରବାର କରୁଥିଲା। ଯେତେବେଳେ ବାଣିଜ୍ୟ ଅଧିବେଶନ ସମୟରେ, ଏହା ପ୍ରାୟ ୧୮୦ପଏଣ୍ଟ ହ୍ରାସ ପାଇ ଦିନର ସର୍ବନିମ୍ନ ୨୩,୧୪୫.୮୦ପଏଣ୍ଟରେ ପହଞ୍ଚିଥିଲା। ପ୍ରକାଶ ଥାଉକି, ନିଫ୍ଟି ୨୩,୧୫୦.୩୦ ପଏଣ୍ଟରେ ଖୋଲିଥିଲା। ଟ୍ରମ୍ପଙ୍କ ଘୋଷଣା ପରେ ସକାଳେ ଖୋଲିଥିବା ସେୟାର ବଜାରରେ, ବ୍ୟାଙ୍କିଙ୍ଗ ଏବଂ ଆଇଟି ସେୟାରରେ ସବୁଠାରୁ ଅଧିକ ହ୍ରାସ ଦେଖିବାକୁ ମିଳିଥିଲା। ଦେଶର ସର୍ବବୃହତ ଆଇଟି କମ୍ପାନୀ ଟିସିଏସର ସେୟାର ୨.୪୦ ପ୍ରତିଶତ ହ୍ରାସ ସହିତ କାରବାର ହୋଇଥିଲା। ଯେତେବେଳେ ଇନଫୋସିସ୍ ସେୟାରରେ ୨.୨୮ ପ୍ରତିଶତ ହ୍ରାସ ପରିଲକ୍ଷିତ ହେଉଥିଲା। ଏଚ୍‌ସିଏଲ ଟେକ୍ ଏବଂ ଟେକ୍ ମହିନ୍ଦ୍ରାର ସେୟାର ୨ ପ୍ରତିଶତରୁ ଅଧିକ ହ୍ରାସ ସହିତ କାରବାର ହେଉଥିଲା। ଅନ୍ୟପକ୍ଷରେ, ଟାଟା ମୋଟର୍ସ ଏବଂ ଆଦାନୀ ପୋର୍ଟର ସେୟାର ମଧ ଏକ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଭାରତ ଆସେଟେଲର ସେୟାର ପ୍ରାୟ ଗୋଟିଏ ପ୍ରତିଶତ ହ୍ରାସ ପାଉଛି।

ଅନ୍ୟପକ୍ଷରେ, ଷ୍ଟକ୍ ମାର୍କେଟ ନିବେଶକମାନେ ମଧ ବିପୁଳ କ୍ଷତି ସହିଛନ୍ତି। ଯାହା ବିଏସଇର ବଜାର ପୁଞ୍ଜି ସହିତ ଲିଙ୍କ୍ ହୋଇଛି। ଗୋଟିଏ ଦିନ ପୂର୍ବରୁ, ଯେତେବେଳେ ଷ୍ଟକ୍ ମାର୍କେଟ ବନ୍ଦ ହୋଇଥିଲା, ବିଏସଇର ମାର୍କେଟ କ୍ୟାପ ୪,୧୨,୯୮,୦୯୫.୬୦ କୋଟି ଟଙ୍କା ଥିଲା। ଗୁରୁବାର ବଜାର ଖୋଲିବା ମାତ୍ରେ ଏହା ୪,୦୯,୭୧,୦୦୯.୫୭ କୋଟି ଟଙ୍କାରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଗୋଟିଏ ମିନିଟରେ ବିଏସଇ ବଜାର ୩,୨୭,୯୮୬.୦୩ କୋଟି ଟଙ୍କା ହରାଇଛି। ଏହାର ଅର୍ଥ ହେଉଛି ସକାଳେ ଷ୍ଟକ୍ ବଜାରରେ ୨୧କୋଟିରୁ ଅଧିକ ନିବେଶକଙ୍କୁ ୩.୨୭ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି।

**ଇପିଏଫ୍ ସଦସ୍ୟଙ୍କ ପାଇଁ ଆସିଲା ଖୁସି ଖବର**

## ସହଜ ହେଲା କ୍ଲେମ୍ ସେଟେଲମେଣ୍ଟ ପ୍ରକ୍ରିୟା

**ନୂଆଦିଲ୍ଲୀ,୩ା୪:** ଇପିଏଫ୍‌ଓ ସଦସ୍ୟଙ୍କ ପାଇଁ ଖୁସି ଖବର। ଏଣିକି ଇପିଏଫ କ୍ଲେମ୍ ସେଟେଲମେଣ୍ଟ ହେବ ଆହୁରି ସରଳ। କେବଳ ଏତିକି ନୁହେଁ, ଖୁବ୍‌ଶୀଘ୍ର ଏଟିଏମ୍‌ରୁ ପ୍ରୋଭିଡେଣ୍ଟ ଫଣ୍ଡ ବା ପିଏଫ ଟଙ୍କା ଉଠାଇବାର ସୁବିଧା ମଧ୍ୟ ମିଳିବ। ଆଉ ଏଥିପାଇଁ ଆରମ୍ଭ ହୋଇଯାଇଛି କାମ। କୋଟି କୋଟି ଇପିଏଫ ସଦସ୍ୟ ଏବଂ ନିଯୁକ୍ତିଦାତାଙ୍କ ପାଇଁ କ୍ଲେମ୍ ପ୍ରକ୍ରିୟାକୁ ସରଳ କରିବା ପାଇଁ ଦୁଇଟି ପ୍ରମୁଖ ପରିବର୍ତ୍ତନ କରାଯାଇଛି। ପ୍ରଥମତଃ ଚେକ୍ ପତ୍ର / ପ୍ରମାଣିତ ବ୍ୟାଙ୍କ ପାସବୁକର ଫଟୋ ଅପଲୋଡ୍ କରିବାର ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ପୂର୍ବରୁ, ଯଦି ଆପଣଙ୍କୁ କ୍ଲେମ୍ କରିବାକୁ ପଡୁଥିଲା, ତେବେ ଆପଣଙ୍କୁ ପ୍ରଥମେ ଚେକ୍ କିମ୍ବା ପ୍ରମାଣିତ ବ୍ୟାଙ୍କ ପାସବୁକର ଫଟୋ ଅପଲୋଡ୍ କରିବାକୁ ପଡୁଥିଲା। ସରକାର ବିଶ୍ୱାସ କରନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୮ କୋଟି ସଦସ୍ୟ ଉପକୃତ ହେବେ। ସେହିପରି ଅନ୍ୟ ଏକ ପରିବର୍ତ୍ତନ ଅନୁଯାୟୀ ଏବେ ଜଣେ ସଦସ୍ୟଙ୍କୁ ୟୁଏଏନ (ୟୁନିଭର୍ସାଲ ଆକାଉଣ୍ଟ ନମ୍ବର) ସହିତ ବ୍ୟାଙ୍କ ଆକାଉଣ୍ଟ ସିଡ୍ କରିବା ପାଇଁ ନିଯୁକ୍ତିଦାତାଙ୍କ ଅନୁମୋଦନର ଆବଶ୍ୟକତା ନାହିଁ। ପୂର୍ବରୁ, ସଦସ୍ୟମାନେ ନିଯୁକ୍ତିଦାତାଙ୍କ ଅନୁମୋଦନ ବିନା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସହିତ ୟୁଏଏନ ସିଡ୍ କରିପାରୁନ ଥିଲେ। ତେବେ ଏହି ସୁବିଧାରେ ପ୍ରାୟ ୧୫ ଲକ୍ଷ ସଦସ୍ୟଉପଲବ୍ଧ ହେବେ। ସରକାର ଇପିଏଫଓ ରୁ କ୍ଲେମ୍ କରିବାର ପ୍ରକ୍ରିୟାକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି।

# ଖୁବଶୀଘ୍ର ଲଞ୍ଚ ହେବ ମାରୁତିର ପ୍ରଥମ ଇଲେକ୍ଟ୍ରିକ କାର




**ନୂଆଦିଲ୍ଲୀ, ୩ା୪:** ଭାରତୀୟ ବଜାରରେ ମାରୁତି ସୁଜୁକି କାରଗୁଡ଼ିକର ପ୍ରାଧାନ୍ୟ ବିସ୍ତାର କରିଛି। ଗତ କିଛି ଦଶନ୍ଧି ଧରି କମ୍ପାନୀର କାରଗୁଡ଼ିକ ଏଠାରେ ରାଜ କରିଆସୁଛନ୍ତି। ଏବେ ବିଶେଷ କଥା ହେଉଛି ଯେ କମ୍ପାନୀ ଏହାର ପ୍ରଥମ ଇଲେକ୍ଟ୍ରିକ୍ କାର ଲଞ୍ଚ କରିବାକୁ ଯାଉଛି, ଯାହାକୁ ସଦ୍ୟତମ ଅଟୋ ଏକ୍ସପୋ ୨୦୨୫ରେ ପ୍ରଦର୍ଶିତ କରାଯାଇଥିଲା। ମାରୁତି ସୁଜୁକିର ଏହି ଇଭି କାରରେ ଅନେକ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷା ବୈଶିଷ୍ଟ୍ୟ ରହିବ। ଏହାର ଶକ୍ତିଶାଳୀ ବ୍ୟାଟେରୀ ପ୍ୟାକ୍ ଏବଂ ଲମ୍ବା ରେଞ୍ଜ ଯୋଗୁଁ, ଏହା ଭାରତୀୟ ଗ୍ରାହକମାନଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ହୋଇପାରିବ। ମାରୁତି ଇ-ଭିଟାରା ଦୁଇଟି ବ୍ୟାଟେରୀ ପ୍ୟାକ୍ ବିକଳ୍ପ ସହିତ ଆସିବ, ଯାହା ୧୪୧ ବିଏଚପି ପାୱାର ଜେନେରେଟ୍ କରେ ଏବଂ ୫୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦିଏ। ଇ-ଭିଟାରା ୧୭୧ ବିଏଚପି ପାୱାର ଜେନେରେଟ କରେ ଏବଂ ଥରେ ଚାର୍ଜ କଲେ ପ୍ରାୟ ୫୦୦ କିଲୋମିଟର ରେଞ୍ଜ ପ୍ରଦାନ କରିବ। ଉଭୟ ବ୍ୟାଟେରୀ ଭାରିଆଣ୍ଟରେ ୧୮୯ ଏନଏମର ସର୍ବାଧିକ ଟର୍କ ମିଳିବ।

ଏହି ଇଲେକ୍ଟ୍ରିକ୍ ଏସୟୁଭିରେ ଭିନ୍ନ ପ୍ରକାରର ଏଲଇଡ଼ି ଡେଟାଇମ୍ ରନିଂ ଲାଇଟ୍ (DRLs) ଦିଆଯାଇଛି, ଯାହା ଏହାର ଲୁକ୍କୁ ଷ୍ଟାଇଲିସ୍ କରିଥାଏ। ଏହାର ସାମ୍ନାରେ ଏକ ଖାଲି ଗ୍ରୀଲ୍ ଅଛି, ଯାହା ଉପରେ ମାରୁତିର ବଡ଼ ଲୋଗୋ ରହିଛି। ଏହି କାରଟି ୧୦ଟି ଭିନ୍ନ ରଙ୍ଗ ବିକଳ୍ପରେ ଉପଲବ୍ଧ ହେବ, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ପସନ୍ଦ ଅନୁସାରେ ରଙ୍ଗ ବାଛିବାର ବିକଳ୍ପ ଦେବ।

ଏହି କାରରେ ଚାରୋଟି ଡୁଆଲ୍-ଟୋନ୍ ଇଣ୍ଟେରିଅର ବିକଳ୍ପ ରହିବ, ଯାହା ଏହାର କ୍ୟାବିନକୁ ଅଧିକ ପ୍ରିମିୟମ୍ ଦେଖାଯିବ। କାରରେ ସ୍ଲିଟ୍-ଫୋଲ୍ଡିଂ ସିଟ୍ ଅଛି, ଯାହାକୁ ଅଧିକ ଲଗେଜ୍ ସ୍ଥାନ ପାଇଁ ଫୋଲ୍ଡ କରାଯାଇପାରିବ। ଏହା ବ୍ୟତୀତ, ଏଥିରେ ଏକ ଡୁଆଲ୍ ସ୍କ୍ରିନ୍ ଡିସପ୍ଲେ ଅଛି, ଯେଉଁଥିରେ ଏକ ନୂତନ ଅପରେଟିଂ ସିଷ୍ଟମ୍ ରହିବ। ମାରୁତି ଇ-ଭିଟାରା ତିନୋଟି ଭିନ୍ନ ଭିନ୍ନ ଭାରିଆଣ୍ଟ ଡେଲଟା, ଜେଟା ଏବଂ ଆଲଫାରେ ଲଞ୍ଚ ହେବ, ଏହି ଇଲେକ୍ଟ୍ରିକ୍ ଏସୟୁଭିର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ୨୫ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ମଧ୍ୟରେ ହୋଇପାରେ।




## ମହଙ୍ଗା ହେବ ମାରୁତି ଗାଡ଼ି

### ଏପ୍ରିଲ ୮ରୁ ଲାଗୁ ହେବ ବର୍ଦ୍ଧିତ ଦର

**ନୂଆଦିଲ୍ଲୀ,୦୩/୦୪:** ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚକୁ ନଜର ରଖି କାର୍ ନିର୍ମାତା ମାରୁତି ସୁଜୁକି ଏହାର ବିଭିନ୍ନ ମଡେଲ୍ ଦରରେ ବୃଦ୍ଧି ଘୋଷଣା କରିଛି। ଏପ୍ରିଲ ୮ରୁ କାର୍‌ଗୁଡ଼ିକର ଦର ବଢ଼ିବ। ମାର୍ଚ୍ଚ ୧୭ରେ କମ୍ପାନି ଘୋଷଣା କରିଥିଲା ଯେ, ୨୦୨୫ ଏପ୍ରିଲରୁ ଏହାର ଗାଡ଼ିଗୁଡ଼ିକର ଦର ୪% ପର୍ଯ୍ୟନ୍ତ ମହଙ୍ଗା ହେବ। ଚଳିତବର୍ଷ ଜାନୁଆରୀରେ ବି କମ୍ପାନି ସମାନ ମାତ୍ରାରେ ବୃଦ୍ଧିକୁ ଲାଗୁ କରିଥିଲା। ଫେବ୍ରୁଆରୀରେ ମଧ କମ୍ପାନି ଏହାର ନିର୍ଦ୍ଦିଷ୍ଟ ମଡେଲ ଦରରେ ୧୫୦୦ରୁ ୩୨,୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ବର୍ତ୍ତମାନର ଏହି ବୃଦ୍ଧି ଫଳରେ ମାରୁତି ସୁଜୁକି ଗ୍ରାଣ୍ଡ ଭିଟାରା ସବୁଠାରୁ ଅଧିକ ୬୨,୦୦୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବ। ଇକୋ ୨୨,୫୦୦ ଟଙ୍କା ପର୍ଯ୍ୟନ୍ତ, ୱାଗନ୍- ଆର୍ ୧୪,୦୦୦ ଟଙ୍କା ପର୍ଯ୍ୟନ୍ତ, ଆର୍ଟିଗା ୧୨,୫୦୦ ଟଙ୍କା ପର୍ଯ୍ୟନ୍ତ, ଏକ୍ସଏଲ୍୬ ୧୨,୫୦୦ ଟଙ୍କା ପର୍ଯ୍ୟନ୍ତ, ଡିଜାୟାର୍ ଟୁର୍ ଏସ୍ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ଫ୍ରଙ୍କ୍ସ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବ।

## ମନ୍ଦିର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁନି

# ଛାୟା ଅନ୍ଧାରରେ ମା' ବିରଜାଙ୍କ ପୀଠ



**ବିଞ୍ଝାରପୁର,୩।୪(ସଂଚାର ବ୍ୟୁରୋ):** ବିରଜା କ୍ଷେତ୍ର ର ମାହାତ୍ମ୍ୟ ୫୧ ଟି ଶକ୍ତି କ୍ଷେତ୍ର ରୁ ଭିନ୍ନ। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ମା ବିରଜା ଙ୍କ ଦର୍ଶନ କରିବା ପାଇଁ ଆସିଥାନ୍ତି ହଜାର ହଜାର ଶ୍ରଦ୍ଧାଳୁ କିନ୍ତୁ ଦିନ ରେ ମା ବିରଜା ଙ୍କ ଦର୍ଶନ ସୁରୁଖୁରୁ ରେ ହୋଇପାରୁଥିବା ବେଳେ ରାତି ରେ ଦୃଶ୍ୟ ଅଲଗା। କାରଣ ରାତିରେ ଛାୟା ଅନ୍ଧାର ରୁହେ ମା ବିରଜା ଙ୍କ ପୀଠ। ମିଳିଥିବା ସୂଚନା ଅନୁଯାୟୀ ମା ବିରଜା ଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଆଲୋକିତ କରଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ପାଖାପାଖି ୫୦ ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିଲା। ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଲାଇଟ୍ ମଧ୍ୟ ଲଗାଯାଇଥିଲା କିନ୍ତୁ ଏବେ ସେହି ଲାଇଟ୍ ଗୁଡ଼ିକ ଅଚଳ ହୋଇ ପଡ଼ିଛି। ମନ୍ଦିର ଚାରି ପାଖ ରେ ରାସ୍ତା କାର୍ଯ୍ୟ ପରେ ଉକ୍ତ ଲାଇଟ୍ ଗୁଡ଼ିକ ଆଉ ଜଳୁ ନାହିଁ।ଖାଲି ସେତିକି ନୁହେଁ ମନ୍ଦିର ସମ୍ମୁଖରେ ଥିବା ହାଇ ମାସ୍ଟ ଲାଇଟ୍ ମଧ୍ୟ ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିଛି। ଗତ ମାସ ମୁଖ୍ୟମନ୍ତ୍ରୀ ଙ୍କ ବିରଜା ମନ୍ଦିର ପରିଦର୍ଶନ ସମୟ ରେ ମଧ୍ୟ ସଜାଗ ହୋଇ ନଥିଲା ପ୍ରଶାସନ ଆଉ ସେଇ ହାଇ ମାସ ଲାଇଟ୍ ଟି ସେବେ ମଧ୍ୟ ଅଚଳ ହୋଇ ପଡ଼ିଥିଲା। ଏ ନେଇ ମନ୍ଦିର ପ୍ରଶାସନ ର ନିଘା ନାହିଁ କିମ୍ବା ଜିଲ୍ଲା ପ୍ରଶାସନ ର ଦୃଷ୍ଟି ପଡ଼ୁ ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ରାତି ସମୟ ରେ ମନ୍ଦିର ପରିକ୍ରମା ସମୟ ରେ ଯଦି ବିଦ୍ୟୁତ୍ କାଟ୍ ହେଉଛି ତେବେ ମୋବାଇଲ ଟର୍ଚ୍ଚ ଜଳେଇ ଶ୍ରଦ୍ଧାଳୁ ପାର୍ଶ୍ୱ ଦେବଦେବୀଙ୍କର ଦର୍ଶନ କରୁଥିବା ନଜର ମଧ୍ୟ ରହିଛି କିନ୍ତୁ ଏତେ ପରେବି ଉଭୟ ମନ୍ଦିର ଏବଂ ଜିଲ୍ଲା ପ୍ରଶାସନ ଚୁପ୍। ଅନ୍ଧାର ମୟ ପରିବେଶ ରେ ବିରଜା ମନ୍ଦିର କୁ ଛାଡ଼ି ଦେଇଛନ୍ତି ପ୍ରଶାସନ। ପୂର୍ବ ସରକାର ରେ ହୋଇଥିବା ଏହି ଆଲୋକିକରଣ ଏବେ ନୂଆ ସରକାର ରେ ବନ୍ଦ ହୋଇ ପଡ଼ିଛି। ବାରମ୍ବାର ଏ ନେଇ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ତେବେ କେବେ ପ୍ରଶାସନ ସଜାଗ ହେଉଛି ଆଉ କେବେ ଛାୟା ଅନ୍ଧାର ମଧ୍ୟ ରୁ ବିରଜା ମନ୍ଦିର ପୂର୍ଣ୍ଣ ଆଲୋକ ମୟ ପରିବେଶ ରେ ରହୁଛି ତାହା କେବଳ ସମୟ କହିବ।

# ୨୭ରୁ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା

**ଫୁଲବାଣୀ,୩।୪(ସଂଚାର ବ୍ୟୁରୋ):** ଆସନ୍ତା ଏପ୍ରିଲ ୨୭ରୁ ମେ ୮ଯାଏ ଦୀର୍ଘ ୧୨ଦିନ ବ୍ୟାପୀ ଫୁଲବାଣୀ ସ୍ଥିତ କୋରୋନେସନ୍ ପଡ଼ିଆ ଠାରେ କନ୍ଧ ମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା -୨୦୨୫ଅନୁଷ୍ଠିତ ହେବ। ଏହି ଅବସରରେ ବନାନୀ କଳା ସଙ୍ଗମ ସମ୍ମିଳନୀ କକ୍ଷ ଠାରେ ବରିଷ୍ଠ ସାମ୍ବାଦିକ ତଥା କମିଟି ର ସଭାପତି ସୁନୀଲ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ମହୋତ୍ସବ କୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା କମିଟି ର ଉପଦେଷ୍ଟା ତଥା ବରିଷ୍ଠ ଆଦିବାସୀ ନେତା, ଆଇନଜୀବି କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସଂପାଦକ ଲମ୍ବୋଦର କଂହର ଓ ବରିଷ୍ଠ ସାମ୍ବାଦିକ, ଜିଲ୍ଲା ନାଗରିକ ମଞ୍ଚ ସଭାପତି ଡ ଅରୂପ ଜେନାଙ୍କୁ ପୁଷ୍ପ ଗୁଚ୍ଛଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ ପରିଚଳନକ୍ଷ କମିଟି ଅଧ୍ୟକ୍ଷ ରାଧା ମୋହନ ମହାପାତ୍ର, ସଂପାଦକ ଡ଼ କାହ୍ନୁ ଚରଣ ଶତପଥୀ, ଙ୍କ ସମେତ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ଆଦିବାସୀ ଯୁବ ନେତା ସମୀର ଘଟାଲ୍, ଫୁଲବାଣୀକୁଇ ସମାଜ ସମିତି ସଂପାଦକ ଅବନୀ କଂହର, ସମାଜସେବୀ ତଥା ମହୋତ୍ସବ କମିଟି କେଶୀୟର ପ୍ରସନ୍ନ କୁମାର ସ୍ୱାଇଁ, ବିରେନ୍ଦ୍ର କହଁର, ସୁନିତି ଅକ୍ଷଚାରି, ରୁପମ୍ବିକା ତ୍ରିପାଠୀ, ସରସ୍ୱତୀ ସାହୁ, ସକ୍ଷମ୍ବକ୍ଷ ଦିକା ତଥା ରେଡିଓ ମୁଷ୍କାନ୍ ର ମୁଖ୍ୟ ସୁଶ୍ରୀ ଶିବାନୀ ସୁଆର, ରୋଟାରୀ କ୍ଲବ୍ ପୂର୍ବତନ ସଭାପତି ଶ୍ରୀମତୀ ବିରକ୍ଷ ଜିନୀ ମହାପାତ୍ର, ଦିନେଶ ବେହେରା, ମହାଦେବ ସାହୁ, ଖ ଡ ରା ସଂଘ ସଂପାଦକ ଉମା ଶଙ୍କର, ବଣିକ ସଂଘ ସଭାପତି ଅଶୋକ ପଟ୍ଟନାୟକ, ପ୍ରମୁଖ ଯୋଗ ଦେଇ ମେଳା ଯେପରି ଶତ ପ୍ରତିଶତ ସଫଳ ହେବ ସେ ନେଇ ସୁଚିନ୍ତିତ ମତାମତ ଦେଇଥିଲେ। କନ୍ଧ ମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା ରେ ପ୍ରାୟ ୨ଶହ ଷ୍ଟଲ କରାଯିବ। ବିଭିନ୍ନ ପ୍ରକକ୍ଷର ବାଇକ୍, , ଇ ବାଇକ୍, ଠାରୁ ଆରମ୍ଭ କରି ଟ୍ରାକ୍ଟର, ଅଟୋ, କକ୍ଷର, ଟିଭି, ଫ୍ରିଜ୍, ଆଲ ମୀରା, ସୋଫା ସେଟ୍, ପମ୍ପ ସେଟ୍ ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ସହ ମୀନା ବଜାର, ଘର୍ କରଣକ୍ଷ, ଖେଳନା, ଡ୍ରେସ, ଶାଢ଼ୀ ର ଷ୍ଟଲ ମଧ୍ୟ ରହିବ। ଏଥିସହ ବିଭିନ୍ନ ପ୍ରକାର ସୁ ସ୍ୱା ଦୁ ଖାଦ୍ୟ ଓ ଆଇସକ୍ରିମ, ଲସି, ଥଣ୍ଡା ପାନୀୟ ଷ୍ଟଲ ବି ରହିବ। ପ୍ରତ୍ୟହ ସନ୍ଧ୍ୟା ରେ ଲୋକଙ୍କ ମନୋରଂଜନ ପାଇଁ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି। ମେଳାରେ ଅଧିକ ରୁ ଅଧିକ ଜନ ସମାଗମ ଯେପରି ହେବ ଓ ବ୍ୟବସାୟ ଯେପରି ହେବ ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବା ଦିଗରେ ଗୁରୁତ୍ୱ ଦିଆଯିବ। ଶେଷରେ କମିଟି ଉପ ସଭାପତି ସୁଜିତ କୁମାର ବେହେରା ଧନ୍ୟବାଦ୍ ଦେଇ ଥିଲେ ।




# ଟଲକ ହଟିଙ୍ଗ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



**ଯୋଡ଼ା,୩।୪(ସଂଚାର ବ୍ୟୁରୋ):** ଆଜି ଯୋଡ଼ା ପୌର ପରିଷଦ ଅଧିନସ୍ଥ ଟଲକ ହଟିଙ୍ଗ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ସାବତଙ୍କ ଅଧ୍ୟକ୍ଷତାରେ ପାଞ୍ଚ ବର୍ଷ ପିଲା ମାନଙ୍କୁ ଶିଶୁ ବାଟିକା ରେ ନାମ ଲେଖାଇ ଖଡ଼ିଛୁଆଁ କରା ଯାଇଥିଲା। ଶିଶୁ ମାନଙ୍କ ସହ ପିତା ମାତା ମାନେ ବିଦ୍ୟାଳୟ ରେ ଯୋଗ ଦେବା ପରେ ସେମାନଙ୍କୁ ଚନ୍ଦନ ସିନ୍ଦୁର, ଫୁଲ ଦେଇ ପାଛୋଟି ଅଣାଯାଇଥିଲା। ବିଦ୍ୟାଳୟ ପରିସର ଏବଂ ଶ୍ରେଣୀ ପ୍ରକୋଷ୍ଠକୁ ସୁସଜ୍ଜିତ କରାଯାଇ ପିତା ମାତା ମାନଙ୍କୁ ମୁଖ୍ୟ ମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇ ସେମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ପିଲାମାନଙ୍କୁ ନାମ ଲେଖାଇ ସେମାନଙ୍କର ଖଡ଼ି ଛୁଆଁ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ସାବତ, ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ଦୀପ୍ତିସିଖା ପୃଷ୍ଟି ଓ ଗଣ ମାଧ୍ୟମ ପ୍ରତିନିଧି ସରୋଜିନୀ ଶତପଥୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଉପସ୍ଥିତ ପିତା ମାତାଙ୍କୁ ସରକାର ଙ୍କ ଦ୍ୱାରା ପ୍ରଚଳିତ ଶିଶୁବାଟିକା ଓ ଜାତୀୟ ଶିକ୍ଷା ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଲୋକ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଆଜି ପ୍ରଥମ ଦିନରେ ଶିଶୁ ବାଟିକାରେ ୫ଜଣ ଓ ପ୍ରଥମ ଶ୍ରେଣୀରେ ୧୦ଜଣ ଛାତ୍ର ଛାତ୍ରୀ ମାନଙ୍କୁ ନାମ ଲେଖାଇଥିଲେ। ସରକାରଙ୍କ ଦ୍ୱାରା ପ୍ରଚଳିତ ପୋଷଣ ଯୁକ୍ତ ମାଣ୍ଡିଆ ଲଡୁ ସହ ମଧ୍ୟାନ୍ନ ଭୋଜନ ପରିବେଷଣ କରାଯାଇଥିଲା। ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷୟିତ୍ରୀ, ପିତା ମାତାଙ୍କୁ ନେଇ ପ୍ରବେଶ ଉତ୍ସବ ଓ ଶିଶୁବାଟିକା ଖଡ଼ି ଛୁଆଁ ସଚେତନତା ରାଲି କରାଯାଇଥିଲା।

## ଖରା ସହ ତାଳ ଦେଇ ବଢୁଛି ଜଳ ଯନ୍ତ୍ରଣା

**କେନ୍ଦୁଝର,୩।୪(ସଂଚାର ବ୍ୟୁରୋ):** ଖରାର ପ୍ରକୋପ ଯେତେ, ଜଳ ଯନ୍ତ୍ରଣାର ଖବର ସେତେ । ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଲୋକ । ଆଉ ଚୁପ୍ ବସୁଛି ପ୍ରଶାସନ। କେନ୍ଦୁଝର ଚମ୍ପୁଆ ବ୍ଲକରୁ ଆସିଛି ଜଳ ଯନ୍ତ୍ରଣାର ଏମିତି ଏକ ଘଟଣା। ପୂରା ଗାଁ ବଞ୍ଚିଛି ଗୋଟିଏ ନଳକୂପରେ । ବାରମ୍ବାର ଅଭିଯୋଗ ପରେ ବି ପାନୀୟ ଜଳର ସୁବିଧା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକ । କେନ୍ଦୁଝର ଜିଲ୍ଲାର ଚମ୍ପୁଆ । ପାହାଡ଼ ଜଙ୍ଗଲ ଖଣି ଖାଦାନ ଭରା ଅଞ୍ଚଳ। ହେଲେ ଆଜି ଆମେ ଚର୍ଚ୍ଚା କରିବା ପାଣିକୁ ନେଇ। ସୁନପଶି ପଞ୍ଚାୟତର ସରସପଶି ଗାଁ । ୫୦ରୁ ଅଧିକ ପରିବାର ବସବାସ କରୁଥିବା ଏହି ଗାଁରେ ପିଇବା ପାଣିର କୌଣସି ସୁବିଧା ନାହିଁ । ୩ଟି ନଳକୂପରୁ ୨ଟି ଅଚଳ ହୋଇପଡ଼ିଛି । ଗୋଟିଏ ନଳକୂପ ଆଶ୍ରାରେ ବଞ୍ଚୁଛି ପୂରା ଗାଁ।

# ଓଡ଼ିଆ ପକ୍ଷ ପାଳନ, ପାରମ୍ପରିକ ପୋଷାକ ପିନ୍ଧିଲେ ଅଧିକାରୀ ଓ ଜନସାଧାରଣ



**ସୁବର୍ଣ୍ଣପୁର,୩।୪(ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଅପ୍ରେଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲାରେ ଗୁରୁବାର ଆମ ପୋଷକ ଆମ ପରିଚୟ ଦିବସ ଭାବେ ପାଳନ କରାଯାଇଥିଲା। ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କ ସହ ଜନସାଧାରଣ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ୧୪ ଦିନ ଧରି ଚାଲିବାକୁ ଥିବା ଓଡିଆ ଅସ୍ମିତାର ଉତ୍ସବ ଓଡ଼ିଆ ପକ୍ଷ ୨୦୨୫ ପାଳନ ଅବସରରେ ଆମ ପୋଷାକ ଆମ ପରିଚୟରେ ସମସ୍ତ ଅଧିକାରୀ କର୍ମଚାରୀ ତଥା ଜନସାଧାରଣ ପାରମ୍ପରିକ ପୋଷାକ ପରିଧାନ ପୂର୍ବକ ଏହି ଉତ୍ସବରେ ଯୋଡି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଙ୍କ ସମେତ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରସାର ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମରେ ଭାଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

# ନେହରୁ ଯୁବ ପ୍ରତିଷ୍ଠାନ ତରଫରୁ ଉତ୍କଳ ଦିବସ ପାଳନ

**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ନେହେରୁ ଯୁବ ପ୍ରତିଷ୍ଠାନ ତରଫ ରୁ ୮୯ ତମ ଉତ୍କଳ ଦିବସରେ ଅନୁଷ୍ଠାନ ପ୍ରାଙ୍ଗଣ ରେ ପାଳିତ ହେଇ ଯାଇଛି, ଏହି ଅବସର ରେ ଉତ୍କଳ ପ୍ରଦେଶ ଗଠନ ରେ ବରପୁତ୍ର ମାନଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଇଯାଇଛି, ଅର୍ଥ ବିଶାରଦ ଡଃ ସିଦ୍ଧାର୍ଥ କାନୁନଗୋ, ବରିଷ୍ଟ ସାମ୍ବାଦିକ ତଥା ଭାଷା ପ୍ରେମୀ ପବିତ୍ର ମହାରଥା, ଆମେ ଓଡ଼ିଆ ସଂସ୍ଥା ର ପ୍ରତିଷ୍ଠାତା, ପ୍ରାବନ୍ଧିକ ରମେଶ ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶା ର ବରପୁତ୍ର ମାନଙ୍କୁ ସ୍ମରଣ କରି ସେମାନଙ୍କ ଅବଦାନ ବିଷୟ ରେ ବୁଝେଇ ଥିଲେ, ଆଜି ନୂତନ ଓଡିଶାରେ ତାଙ୍କର ଅବଦାନ କୁ ସମସ୍ତେ ଭୁଲି ଗଲେଣି ତେଣୁ ସେମାନଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ବକ୍ତା ମାନେ ମତଦେଇଥିଲେ, ପ୍ରାରମ୍ଭ ରେ ଅତିଥି ମାନେ ଅନୁଷ୍ଠାନ ର ସ୍ମରଣିକା କୁ ଲୋକାର୍ପଣ କରିଥିଲେ, ଉତ୍କଳ ଦିବସ ଉପଲକ୍ଷେ ସ୍କୁଲ ପିଲା ମାନଙ୍କ ମଧ୍ୟ ରେ ଓଡିଶା ଉପରେ ଜଣା ଅଜଣା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ ପୁରସ୍କୃତ କରାଯାଇ ଥିଲା, ଅନୁଷ୍ଠାନର ସଭାପତି ସହଦେବ ଜୟସିଂହ ଅଧ୍ୟକ୍ଷତାରେ ବିଶିଷ୍ଟ ଲେଖିକା ମିନତୀ ଦାଶ ଏହି କାର୍ଯ୍ୟକ୍ରମ କୁ ସଞ୍ଚାଳନ କରିଥିଲେ ଓ ସଂଯୋଜକ ଆଶିଷ ବେବର୍ତ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ, ବରିଷ୍ଟ ସଭ୍ୟ ରଜତ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ, କାର୍ଯ୍ୟକ୍ରମ ସଂଯୋଜକ ଉମେଶ ନନ୍ଦ ଙ୍କ ପରିଚାଳନା ରେ ସୁମନ୍ତ ନାୟକ, ଲିପ୍ସା ମହାପାତ୍ର, ମଞ୍ଜୁ ନନ୍ଦ, ଶଶିପ୍ରଭା ଦାଶ, କମଳ ପତି, ବିରୂପାକ୍ଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ, ଶୁଭେଚ୍ଛୁ ଓ ବୁଦ୍ଧିଜୀବୀ ମାନେ ବହୁ ସଂଖ୍ୟା ରେ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ଥିଲେ।

# ସରକାରୀ ଉପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳିତ



**ଯାଜପୁର ରୋଡ଼,୩।୪(ସଂଚାର ବ୍ୟୁରୋ):** ଆଜିର କୁନି କୁନି ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ। ପିଲାମାନଙ୍କ ଗତିପଥକୁ ଶିକ୍ଷା ହିଁ ବଦଳାଇଦେଇଥାଏ। ପିଲାମାନଙ୍କ ଠାରୁ ଅନ୍ଧବିଶ୍ୱାସକୁ ଦୂରେଇବା ପାଇଁ ଶିକ୍ଷା ହେଉଛି ପ୍ରକୃତ ମାଧ୍ୟମ। ପାଠ ପଢିବା ଦ୍ୱାରା ପିଲାମାନେ ନିଜର ଉଜ୍ଜଳ ଭବିଷ୍ୟତର ଗତିପଥକୁ ଆଗେଇ ନେଇଥାନ୍ତି। ପିଲାମାନଙ୍କ ପାଖରେ ପାଠ ପଢିବା ସହିତ କିଛିଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ରହିବା ନିତ୍ୟାନ୍ତ ଆବଶ୍ୟକ ବୋଲି କୋରେଇ ବ୍ଲକ ଅର୍ନ୍ତଗତ ପାଟରଙ୍ଗା ପଂଚାୟତର ଗୋହିରାଗାଡ଼ିଆ ସରକାରୀ ଉ.ପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ସରପଂଚ ରଞ୍ଜନ କୁମାର ଦାସ କୁନିକୁନି ପିଲାମାନଙ୍କୁ ଏଭଳି ସୁବାର୍ତ୍ତା ଦେଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ପିତାମ୍ବର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ମଦନ ମୋହନ କର, ସଂମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ଦାସ, ସିଆରସିସି ବୀରବର ପାତ୍ର ଯୋଗ ଦେଇ ନୂତନ ଭାବେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲା ମାନଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମକୁ ଅତି ଆନନ୍ଦର ସହକାରେ କରିବା ସହିତ ଅଭିବାବକ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସଂମ୍ମାନିତ କରିଥିଲେ।

# ଯୁବକଙ୍କୁ ପିଟିପିଟି ମାରିଦେଲେ

**ମୋରଡ଼ା,୩।୪(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ପାରିଆଉଡ଼ା ଗ୍ରାମର ଜଣେ ଯୁବକଙ୍କୁ ସାମନ୍ୟ ବଚସାକୁ ନେଇ ହତ୍ୟା କରାଯାଇଛି। ମୃତକ ହେଲେ ରାଜୀବ ବେହେରା ଓରଫ ଟୁନୁ। ଦୁର୍ବୃତ୍ତମାନେ ତାଙ୍କୁ ଯୋଜନାବଦ୍ଧ ଭାବେ ପିଟି ପିଟି ମାରି ଦେଇଥିବା ମୃତକଙ୍କ ବଡ଼ଭାଇ ସଞ୍ଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୯୨/୨୫) ରୁଜୁକରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରାଜୀବ ତାଙ୍କର ଜଣେ ବନ୍ଧୁ ଅରୁଣ କୁମାର ସାହୁଙ୍କ ସହିତ ଶୀର୍ଷାପାଳ ଛକ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ଜଣେ ଅଜଣା ଯୁବକ ବାଇକ୍ ଯୋଗେ ଆସି ହଳଦୀପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଠିକଣା ପଚାରିଥିଲେ। ଏନେଇ ରାଜୀବଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ଠିକଣା ପଚାରିଥିବା ଯୁବକ ଏବଂ ତାଙ୍କର କେତେଜଣ ସହଯୋଗୀ ସଂଘବଦ୍ଧ ଭାବେ ପେଟ୍ରୋଲ ପମ୍ପ ନିକଟରେ ରାଜୀବଙ୍କୁ ନିସ୍ତୁକ ମାଡ଼ମାରି ଗୁରୁତର କରିଥିଲେ। ହଳଦୀପାଳ ଗ୍ରାମର ଅମ୍ବରିଶ ବେହେରା ରାଜୀବଙ୍କୁ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକତ୍ସାଧୀନ ଅବସ୍ଥାରେ ୨ ତାରିଖରେ ରାଜୀବଙ୍କ ମୃତ୍ୟୁ ଘଟିଥିଲା। ବେତନଟୀ ଏସ୍ଡିପିଓ ମିନତୀ ବିଶ୍ୱାଳ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରଉଚରା କରୁଛି।




# ହିଣ୍ଡାଲକୋ ବିରୋଧରେ ବିସ୍ଥାପିତ ଲୋକଙ୍କ ଆନ୍ଦୋଳନ




**କାଶୀପୁର,୩।୪(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର କାଶୀପୁର ଅଞ୍ଚଳରେ ଥିବା ହିଣ୍ଡାଲକୋ କମ୍ପାନୀ ନେଇ ବିସ୍ଥାପିତ ଲୋକଙ୍କ ମଧ୍ୟରେ ଏବେ ମଧ୍ୟ କ୍ରୋଧ ରହିଛି। ୨୮ ବର୍ଷ ହେଉଥିଲେ ମଧ୍ୟ କମ୍ପାନୀ ନିଜ ଚୁକ୍ତିନାମା ଅନୁଯାୟୀ ବିସ୍ଥାପିତ, ଜମିହରା ଓ ଅଞ୍ଚଳବାସୀଙ୍କୁ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ନଥିବା ଅଭିଯୋଗ ଉଠିଛି। ଏହି ଅଭିଯୋଗକୁ ନେଇ ଆଞ୍ଚଳିକ ଲୋକେ ନିରନ୍ତର ଆନ୍ଦୋଳନ କରୁଛନ୍ତି ଏବଂ ହିଣ୍ଡାଲକୋ ଅଧୀନସ୍ଥ କିଛି ଘରୋଇ କମ୍ପାନୀ ବିରୋଧରେ ତୀବ୍ର ପ୍ରତିବାଦ ଜଣାଇ ଆସୁଛନ୍ତି। ଗତ ୨୪ ମାର୍ଚ୍ଚ ୨୦୨୫ ତାରିଖରେ ଏକ ଗଣଧାରଣା ମାଧ୍ୟମରେ ବିସ୍ଥାପିତ ଲୋକମାନେ ହିଣ୍ଡାଲକୋ ବିରୋଧରେ ବିକ୍ଷୋଭ କରିଥିଲେ ଏବଂ କମ୍ପାନୀର ଉରଙ୍ଗ ମହାନ୍ତ୍ର ବେକଙ୍କ ସହ ଆଲୋଚନା ହୋଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ଯେତେବେଳେ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ଅଧିକାର ସମ୍ପର୍କରେ ପ୍ରଶ୍ନ କଲେ। ଉରଙ୍ଗ ଏହାର ସ୍ପଷ୍ଟ ଉତ୍ତର ଦେଇ ନଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଅଞ୍ଚଳର ବିକାଶ ଏବଂ ବିସ୍ଥାପିତଙ୍କ ଉନ୍ନତି ପାଇଁ କମ୍ପାନୀ ଦ୍ୱାରା ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ ସେଗୁଡ଼ିକ ଅପ୍ରାୟୋଗିକ ରହିଯାଇଛି। ଅଞ୍ଚଳବାସୀମାନେ କମ୍ପାନୀ ତଥା ସରକାରଙ୍କ ଉଦାସୀନତା ବିରୋଧରେ ରୋଷ ପ୍ରକାଶ କରି ତୁରନ୍ତ ଅନୁକମ୍ପା ରାଶି ଏବଂ ଅନ୍ୟାନ୍ୟ ଅଧିକାର ଦାବି କରୁଛନ୍ତି। କିଛି ଅଂଶ ଦେଖାଏ କି ଏହି ବିରୋଧ କେବଳ ଆଞ୍ଚଳିକ ଅସନ୍ତୋଷ ନୁହେଁ ବରଂ ଏକ ବିଶାଳ ସାମାଜିକ ଆନ୍ଦୋଳନର ରୂପ ନେଇପାରେ। ବିସ୍ଥାପିତମାନେ ଚାହୁଁଛନ୍ତି ଯେ ସରକାର ଏହି ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ତୁରନ୍ତ ହସ୍ତକ୍ଷେପ କରନ୍ତୁ ଏବଂ ଏକ ତ୍ରିପାକ୍ଷୀଆ ଆଲୋଚନା ହେଉ ଯେଉଁଥିରେ ପ୍ରଶାସନ, ହିଣ୍ଡାଲକୋ କମ୍ପାନୀ ଏବଂ ବିସ୍ଥାପିତ ଲୋକମାନେ ଉପସ୍ଥିତ ରହିବେ। ଏହି ପ୍ରତିଷ୍ଠାନ ଯଦି ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ନ କରେ ତେବେ ଏହି ଆନ୍ଦୋଳନ ଆରମ୍ଭ ହୋଇ ବୃହତ୍ତର ରୂପ ନେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

**ଛତ୍ରପୁର,୩।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅନ୍ତର୍ଗତ କତୁରୁ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗତ ୨୬ ତାରିଖରେ କତୁରୁ ଗ୍ରାମର ଜଣେ ନାବାଳିକାକୁ ସେହି ଗ୍ରାମର ୩ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ସେଦିନ ରାତିରେ ଘରୁ ବାହାରକୁ ଆସିଥିବା ବେଳେ ୩ ଜଣ ଯୁବକ ଏକ ବାଇକରେ ଆସି ତାଙ୍କ ଘରୁ ତାଙ୍କୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ । ଏନେଇ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୋଲିସ ୪୦/୨୦୨୫ରେ ଏକ ଥାନାରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ଅଭିଯୁକ୍ତମାନେ ଫେରାର ଅଛନ୍ତି ।

# ଜିଲ୍ଲା ସମବାୟ ଉନ୍ନୟନ ପରିଷଦ ବୈଠକ ଅନୁଷ୍ଠିତ

**ସୁନ୍ଦରଗଡ଼,୩।୪(ସଂଚାର ବ୍ୟୁରୋ):** ଗୁରୁବାର ସ୍ଥାନୀୟ ସଦଭାବନା ଭବନଠାରେ ଚତୁର୍ଥ ଜିଲ୍ଲା ସମବାୟ ଉନ୍ନୟନ ପରିଷଦର ବୈଠକ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇ ଅଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବୈଠକକୁ ଜିଲ୍ଲା ସମବାୟ ଅଧିକାରୀ ଉମାଶଙ୍କର ଦାସ ପରିଚାଳନା କରିଥିଲେ। ବୈଠକ ରେ ଅନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ତଥା ସମବାୟକୁ ସୁଦୂର ପ୍ରସାର କରିବା ନେଇ ବିଭିନ୍ନ ଯୋଜନା ଗୁଡିକ ଉପରେ ଆଲୋଚନା କରାଯାଇଥିଲା। ସମବାୟ ଆନ୍ଦୋଳନକୁ ମଜବୁତ କରିବାରେ ସଦସ୍ୟମାନଙ୍କ ଅବଦାନ ଉଲ୍ଲେଖନୀୟ, ତେଣୁ ନୂତନ ସଦସ୍ୟତା ଅଭିଯାନ ଉପରେ ବୈଠକରେ ବିଶେଷ ଆଲୋଚନା ହେଲା। ଜିଲ୍ଲାରେ ସମବାୟ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଉପରେ ସମୀକ୍ଷା କରାଗଲା, ବିଭିନ୍ନ ସମବାୟ ସମିତି ଗୁଡିକର ଭିତ୍ତିଭୂମି ବିକାଶ ଏବଂ ନୂତନ ପରିବେଶ ଅନୁକୂଳ ବ୍ୟବସାୟ ହାତକୁ ନେଇ ସେଠାରେ ସଦସ୍ୟ ମାନଙ୍କୁ ସୁଲଭ ସୁବିଧା ଯୋଗାଇ ଦେବା, ନୂତନ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିବା, ସଦସ୍ୟମାନଙ୍କୁ ସ୍ୱାବଲମ୍ବୀ କରେଇବା, କୃଷି, ପଶୁପାଳନ, ମତ୍ସ୍ୟ କ୍ଷେତ୍ରରେ ସମବାୟ ମାଧ୍ୟମରେ ସମୃଦ୍ଧି କରିବା ଓ ଚାଷୀଙ୍କୁ ଲାଭନ୍ୱିତ କରେଇବା ନିମନ୍ତେ ବିଶେଷ ଆଲୋଚନା ହୋଇଥିଲା। ଶେଷରେ ୨୦୨୫ କୁ ସମବାୟ ବର୍ଷ ପାଳନ ଅବସରରେ ଶୁଭେଚ୍ଛା ଦିଆଯାଇଥିଲା।

# ବରିଡ଼ା ଶାଗ ପାଇଁ ଜମୁଛି ଗ୍ରାହକଙ୍କ ଭିଡ଼



**ଫୁଲବାଣୀ,୩।୪(ସଂଚାର ବ୍ୟୁରୋ):** ସାଧାରଣତଃ ପଖାଳ ଭାତ ସାଙ୍ଗକୁ ଶାଗଭଜା ଖାଇବାକୁ ଲୋକଙ୍କୁ ଭାରି ଇଚ୍ଛା ହୁଏ।ତେଣୁ ବଜାର ରେ ଲୋକେ ଅନ୍ୟାନ୍ୟ ପନିପରିବା କିଣିବା ଅପେକ୍ଷା ଶାଗ ଟିକେ କିଣିବାକୁ ବେଶୀ ପସନ୍ଦ ମଧ୍ୟ କରନ୍ତି। ଖରା ଦିନ ଆସିଲେ କନ୍ଧମାଳ ଜିଲ୍ଲାର ପ୍ରାୟ ଅଞ୍ଚଳ ରେ ବରିଡା ଶାଗ ର ଚାହିଦା ବଢ଼ିଯାଏ। ଜିଲ୍ଲାବାସୀ ଙ୍କ ପାଇଁ ବରିଡା ଶାଗ ଏକ ପ୍ରକୃତି ର ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଶାଗ ଦେଖିବାକୁ ଯେତିକି ସୁନ୍ଦର ସେତିକି ସ୍ୱାଦିଷ୍ଟ ମଧ୍ୟ ଏବଂ ଶାଗରେ ଭିଟାମିନ ମଧ୍ୟ ଭରି ରହିଛି। ତେଣୁ ଅନ୍ୟ ଶାଗ ମାନଙ୍କ ଅପେକ୍ଷା ବରିଡା ଶାଗ ର ସ୍ୱାଦ ମଧ୍ୟ ନିଆରା।ଏପ୍ରିଲ ମାସ ର ପହିଲି ବର୍ଷା ରେ ବରିଡା ଗଛରେ ନୂଆଁ ପତ୍ର କଅଁଳେ। ଆଉ ବିଶେଷ କରି ଜଙ୍ଗଲ ରେ ଏହି ଗଛ ସବୁ ମିଳୁଥିବାରୁ ସ୍ଥାନୀୟ ଲୋକେ ଜଙ୍ଗଲ କୁ ଯାଇ ବରିଡା ଗଛରେ ଚଢି ତାର କଅଁଳିଆ ପତ୍ରସବୁ ସଂଗ୍ରହ କରି ଆଣିଥାନ୍ତି ଏବଂ ନିଜ ଘରେ ରୋଷେଇ କରି ଖାଇବା ସହ ବଳକା ଶାଗ ସବୁକୁ ଗାଁ ରେ ହେଉ କି ହାଟ ରେ ହେଉ ନେଇକି ବିକ୍ରି କରି ବେଶ ଦୁଇ ପଇସା ରୋଜଗାର ମଧ୍ୟ କରିଥାନ୍ତି। ବଜାର ରେ ବିକ୍ରୟ ପାଇଁ ଆସିଥିବା ବରିଡା ଶାଗ ଆଖି ପିଛୁଳାକେ ବିକ୍ରି ହୋଇଯାଏ। ଯେଉଁ ବ୍ୟକ୍ତି କିମ୍ବା ମହିଳା ବରିଡା ଶାଗ ବିକ୍ରୟ କରନ୍ତି ତାଙ୍କୁ କିଛି ବ୍ୟକ୍ତି ଆଗୁଆ ଶାଗ ପାଇଁ ଟଙ୍କା ଦେଇ ବରାଦ କରିଥାନ୍ତି। ବରିଡା ଶାଗ ବିକ୍ରୟ କରି ସ୍ଥାନୀୟ ମହିଳା ମାନେ ପ୍ରତିଦିନ ୧୦୦ ରୁ ୧୫୦ ଟଙ୍କା ରୋଜଗାର କରୁଥିବା କୁହନ୍ତି। ଆମ ପ୍ରତିନିଧି ଜଣେ ଶାଗ ବିକୁଥିବା ବିଧବା ମହିଳା ମାଧୁରୀ ନାୟକ ଙ୍କୁ ରୋଜଗାର କଥା ପଚାରିଲାରୁ ସେ କହିଲେ, ସ୍ୱାମୀ ଙ୍କ ମୃତ୍ୟୁ ପରେ ପରିବାର ର ବୋଝ ମୋ ଉପରେ ପଡ଼ିଛି ତେଣୁ ରାତି ୪ଟା ରୁ ଉଠି ପ୍ରତି ଗାଁ ବୁଲି ଶାଗ ସଂଗ୍ରହ କରେ ଓ ବଜାର ରେ ଆଣିକି ବିକ୍ରିକରେ। ଶାଗ କିଲୋ ପ୍ରତି ୧୩୦ ଟଙ୍କା ରେ ବିକ୍ରି କରୁଥିବା ବେଳେ ପାଏ କୁ ୩୦ ଟଙ୍କା ରେ ବିକ୍ରି କରୁଥିବା ସେ କହିଛନ୍ତି। ଶସ୍ତା ମୂଲ୍ୟ ରେ ଏହି ଶାଗ ମିଳୁଥିବାରୁ ସ୍ଥାନୀୟ ଲୋକେ ବଡ଼ ସରାଗ ରେ କିଣନ୍ତି। କିଛି କିଛି ଗ୍ରାହକ ଙ୍କ କହିବା ପ୍ରକାରେ, କେବଳ ଖରାଦିନେ ହିଁ ଏହି ଶାଗ ଖାଇବାକୁ ମିଳେ ଏବଂ ଅତି ସ୍ୱାଦିଷ୍ଟ ହୋଇଥିବାରୁ ଆମେ ଆଖପାଖରେ ଥିବା ସବୁ ବଜାର କୁ ଯାଇ ଶାଗ ସଂଗ୍ରହ କରିକି ଆଣୁ।

# ମା' ଖଣ୍ଡୁରାଇଙ୍କ ଯଜ୍ଞ ଉତ୍ସବ



**କଳିଙ୍ଗନଗର,୩।୪(ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ର ମାନଗୋବିନ୍ଦ ପୁର ଗ୍ରାମ ରେ ଅଗ୍ନି ସ୍ୱରୂପା ମା ଖଣ୍ଡୁରାଇ ଙ୍କ ପୀଠ ରେ ମା ଙ୍କର ବାର୍ଷିକ ପୂଜା ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି, ଏହି ଯଜ୍ଞ ଉତ୍ସବରେ ଶୁଭାଧିବାସ, କଳସ ଯାତ୍ରା, ଘଟ ସ୍ଥାପନ, ଧ୍ୱଜ ପୂଜା, ସୂର୍ଯ୍ୟପୂଜା, ଗୋ ପୂଜା ଓ ନାମ ଯଜ୍ଞ ଓ ନାମ ସଂକ୍ରିତନ, ପୂର୍ଣ୍ଣା ହୁତି ହୋଇଥିଲା, ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ରେ ହରିନାମ ସଂକ୍ରିତନ ଅନୁଷ୍ଠିତ ହୋଇଥିଲା, ଉକ୍ତ ଯଜ୍ଞ ରେ ଗ୍ରାମ ର ପଣ୍ଡିତ ଗୁରୁଜନ ସମସ୍ତ ଉପସ୍ଥିତ ରହି ମା କୃପା କରୁଣା ଲାଭ କରିବା ସହ ଗ୍ରାମ ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ମା ଙ୍କ ନିକଟରେ ଆହୂତି ପ୍ରଦାନ ହୋଇ ଥିଲା, ଏହି ମହା ଯଜ୍ଞ ରେ କର୍ତ୍ତା କାର୍ଯ୍ୟ ରେ ମଦନ ମୋହନ ସାହୁ ଓ ତାଙ୍କ ଧର୍ମ ପତ୍ନୀ ସନ୍ଧ୍ୟାରାଣୀସାହୁ କର୍ତ୍ତୀ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।



## ଜଳବାୟୁ ସଂରକ୍ଷଣ ଯୋଜନା

# ୧୫୦୦ରୁ ୬୩ ଫଳପ୍ରଦ



ଜଳବାୟୁ ପରିବର୍ତ୍ତନରେ ବାୟୁ ପ୍ରଦୂଷଣର ପ୍ରମୁଖ ଭୂମିକା ରହିଛି। ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ବାଷ୍ପ ପରି ମନୁଷ୍ୟକୃତ ସବୁଜଗୃହ ବାଷ୍ପ ନିର୍ଗମନ ଦ୍ୱାରା ଏହା ଘଟିଥାଏ। ତେବେ ଏହାର କୁପରିଣତିରୁ ଜୀବଜଗତକୁ ବଞ୍ଚାଇ ରଖିବା ଲାଗି ବିଭିନ୍ନ ରାଷ୍ଟ୍ର ସମଗ୍ର ଭାବେ ବାୟୁମଣ୍ଡଳକୁ ବାର୍ଷିକ ୬୦ କୋଟି ଟନ୍‌ରୁ ୧୮୦ କୋଟି ଟନ୍ ଓଜନର ଅଙ୍ଗାରକାମ୍ଳ ବାଷ୍ପ ହ୍ରାସ ପାଇଁ ସହମତ ହୋଇଛନ୍ତି। ମାତ୍ର ଏକ ସଦ୍ୟ ଅନୁଧାନ ଅନୁଯାୟୀ, ବାୟୁ ପ୍ରଦୂଷଣ ରୋକିବା ପାଇଁ, ବିଶେଷ କରି, ଅଙ୍ଗାରକାମ୍ଳ ନିର୍ଗମନକୁ କମାଇବା ପାଇଁ ସଂଯୁକ୍ତ ରାଷ୍ଟ୍ର ସଂଘ ଦ୍ୱାରା ପ୍ରସ୍ତାବିତ ୧୫୦୦ ପ୍ରକାରର ଜଳବାୟୁଭିତ୍ତିକ ଯୋଜନାର ମାତ୍ର ୪ ପ୍ରତିଶତ ଅର୍ଥାତ୍ ମାତ୍ର ୬୩ଟି ଯୋଜନା ଫଳପ୍ରଦ ବୋଲି ଜଣାଯାଇଛି। ଏପରିକି ଆମ ଭାରତରେ ନିର୍ଦ୍ଧାରିତ ନିର୍ଗମନ ହ୍ରାସ ସ୍ତର ହାସଲ କରିବା ଲାଗି କୌଣସି ବି ଯୋଜନା ଫଳବତୀ ହୋଇପାରିନଥିବା କୁହାଯାଇଛି। ସୂଚନାଯୋଗ୍ୟ, ବିଶ୍ୱର ହାରାହାରି ତାପମାତ୍ରାକୁ ପରିବେଶ ସହନଶୀଳ କରିବା ଉଦ୍ଦେଶ୍ୟରେ ତାହାକୁ ଶିଳ୍ପଯୁଗ ପୂର୍ବର ତାପମାତ୍ରାଠାରୁ ଦେଢ଼ ଡିଗ୍ରି ସେଲ୍‌ସିଅସ୍ ଅଧିକ ଭିତରେ ସୀମିତ ରଖିବା ଲାଗି ପ୍ୟାରିସ୍ ରାଜିନାମାରେ ବିଭିନ୍ନ ରାଷ୍ଟ୍ର ସ୍ୱାକ୍ଷର କରିଥିଲେ। ତେଣୁ ତାପମାତ୍ରା ବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ବିଭିନ୍ନ ଉପାୟ ତଥା ଯୋଜନାମାନ ପ୍ରଣୟନ କରାଯାଇ ଆସୁଛି। ସେହି ସବୁ ପ୍ରସ୍ତାବିତ ଯୋଜନା ମଧ୍ୟରେ କୋଠାବାଡ଼ି ନିର୍ମାଣ, ବିଦ୍ୟୁତ୍ ଉତ୍ପାଦନ, ଶିଳ୍ପ ଉଦ୍ୟୋଗ ଓ ପରିବହନ ପରି ଚାରିଟି କ୍ଷେତ୍ରରୁ ବାହାରୁଥିବା ଅଙ୍ଗାରକାମ୍ଳ ବାଷ୍ପ ହ୍ରାସ ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିଳ୍ପବହୁଳ ରାଷ୍ଟ୍ର ସମେତ କଟକଣାରୁ ମୁକ୍ତ ଅନୁନ୍ନତ ଦେଶମାନେ ମଧ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ତେବେ ଅଙ୍ଗାର ନିର୍ଗମନର ୮୧ ପ୍ରତିଶତ ପାଇଁ ଦାୟୀ ଭାରତ ସମେତ ୪୧ ଦେଶରେ ତାହାର ନିୟନ୍ତ୍ରଣ ପାଇଁ ୧୯୯୮ ମସିହାରୁ ୨୦୨୨ ମଧ୍ୟରେ ୧,୫୦୦ଟି ଯୋଜନା ପ୍ରଣୟନ ହୋଇଥିଲା। ସେଗୁଡ଼ିକର ସଫଳ ରୂପାୟନ ପାଇଁ ଧାର୍ଯ୍ୟ ପଦକ୍ଷେପଗୁଡ଼ିକ ଠିକ୍‌ରେ କାମ କରୁ ନ ଥିବା ଏବେ ସ୍ପଷ୍ଟ। ଉଦାହରଣ ସ୍ୱରୂପ, କମ୍ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉନାହିଁ କି ଅତ୍ୟଧିକ ନିର୍ଗମନ ପାଇଁ ଜରିମାନା ଆଦାୟ ଆଦି ହେଉ ନାହିଁ।

**ୟୁନାଇଟେଡ୍ କିଙ୍ଗ୍‌ଡମ୍‌ରେ କୋଇଲାଚାଳିତ ବିଦ୍ୟୁତ୍ କେନ୍ଦ୍ର ସଂପୂର୍ଣ୍ଣ ବନ୍ଦ ଥିବା ବେଳେ ନରୱେରେ ତୈଳଚାଳିତ ଗାଡ଼ି ନିଷିଦ୍ଧ ହୋଇଛି। ଅନ୍ୟ ଦେଶମାନେ ମଧ ଏଭଳି କଟକଣା ଲାଗୁ କଲେ ଜଳବାୟୁ ପରିବର୍ତ୍ତନ ଜନିତ ସଂକଟର ମୁକାବିଲା ହୋଇପାରିବ।**

# ପ୍ରାଚୀନ ଐତିହ୍ୟକୁ ପାଣିପାଗ ବିପଦ



ଚରମ ପାଣିପାଗ ଘଟଣା ଓ ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ବିଶ୍ୱର ବହୁମୂଲ୍ୟ ଐତିହ୍ୟସ୍ଥଳଗୁଡ଼ିକର ପ୍ରଭୂତ କ୍ଷତି ଘଟୁଛି। ଏପରି ବିଶୃଙ୍ଖଳିତ ଜଳବାୟୁ କୁପ୍ରଭାବର ସଦ୍ୟ ଉଦାହରଣ ହେଉଛି ମେକ୍ସିକୋର ଏକ ପ୍ରାଚୀନ ପିରାମିଡ୍।

ଗତ ଜୁଲାଇ ୨୯ ତାରିଖ ରାତି ଲଗାଣ ବର୍ଷାରେ ମେକ୍ସିକୋର ମିସୋକାନ୍ ପ୍ରଦେଶ ଅନ୍ତର୍ଗତ ଇହୁଆଜିଓ ଠାରେ ଅବସ୍ଥିତ ୧୫ ମିଟର ବା ୫୦ ଫୁଟ ଉଚ୍ଚର ଏହି ପ୍ରସ୍ତର ନିର୍ମିତ ପିରାମିଡ୍‌ଟି ଭୁଶୁଡ଼ି ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଏକଦା ମିସୋକାନ୍ ସାମ୍ରାଜ୍ୟ ସଭ୍ୟତାର ସର୍ବୋତ୍ତମ ସଂରକ୍ଷିତ ସ୍ମାରକୀ ଭାବେ ବିବେଚିତ ଏହି ପିରାମିଡ୍‌ର ଦକ୍ଷିଣ କାନ୍ଥଟି ଏବେ ଏକ ଗୋଡ଼ିଗଦା ସ୍ୱରୂପ ମୂକସାକ୍ଷୀ ହୋଇ ରହିଛି। ଆଉ ଏକ ପିରାମିଡ୍ ସମେତ ଏକ ଦୁର୍ଗ ଓ କବରସ୍ଥାନ ଥିବା ଉକ୍ତ ସ୍ଥାନକୁ ୧,୧୦୦ ବର୍ଷ ପୂର୍ବେ ନାହୁଆଟାଲ ଭାଷାଭାଷୀମାନେ ପ୍ରଥମେ ଦଖଲ କରିଥିଲେ। ପରେ ଏହା ପ୍ୟୁର୍ହେପିକାସ ଲୋକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ପାଲଟିଥିଲା। ଉକ୍ତ ସ୍ଥାନରେ ଏବେ ଗୋଟିଏ ମାତ୍ର ପିରାମିଡ୍ କ୍ଷତିଗ୍ରସ୍ତ ହୋଇଛି। ମେକ୍ସିକୋର ଜାତୀୟ ନୃତତ୍ତ୍ୱ ଓ ଇତିହାସ ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କ କହିବାନୁଯାୟୀ, ଏହାର ବାହ୍ୟ କାନ୍ଥ ଓ ମୂଳ ସମେତ ଅତି କମ୍‌ରେ ୬ଟି ପାହାଚ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଗତ କିଛି ସପ୍ତାହ ଭିତରେ ମାତ୍ରାଧିକ ବର୍ଷା ଯୋଗୁଁ ଏପରି ଘଟିଛି। କିଛି ଦିନ ତଳେ ମେକ୍ସିକୋରେ ଗତ ୩୦ ବର୍ଷ ଭିତରେ ଦେଶର ସବୁଠାରୁ ଖରାପ ମରୁଡ଼ି ଆସିଥିଲା, ଯେଉଁଥିରେ କିଛି ହ୍ରଦ ସଂପୂର୍ଣ୍ଣ ଶୁଖିଯାଇଥିବା ଦେଖିବାକୁ ମିଳିଥିଲା। ଜୁଲାଇ ମାସରେ ପ୍ରବଳ ବର୍ଷା ଓ ବଜ୍ରପାତ ଏଭଳି କ୍ଷତି କରିଛି। ସଂପୃକ୍ତ ଇଲାକାରେ ଅତ୍ୟୁଚ୍ଚ ତାପମାତ୍ରା ଯୋଗୁଁ ଲଗାତାର ମରୁଡ଼ି ହେବା ଫଳରେ ମାଟିରେ ଫାଟ ହୋଇ ଉକ୍ତ ପିରାମିଡ୍ ଭିତରକୁ ଜଳ ପ୍ରବେଶ କରିଥିଲା। ଫଳରେ ପିରାମିଡ୍‌ଟିର ଭୁଶୁଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ବିଶେଷ କରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଐତିହ୍ୟଗୁଡ଼ିକର ଏଭଳି ଅବକ୍ଷୟ ଏବେ ଉଦ୍‌ବେଗର ବିଷୟ ହୋଇଛି। ମେକ୍ସିକୋ ପିରାମିଡ୍ ଭୁଶୁଡ଼ିବାର କିଛି ଦିନ ପୂର୍ବେ ଅନୁରୂପ ଜଳବାୟୁ ପରିବର୍ତ୍ତନର ଫଳ ସ୍ୱରୂପ ଉଟାହର ପ୍ରସିଦ୍ଧ 'ଡବଲ୍ ଆର୍କ' ପ୍ରସ୍ତର କ୍ଷତିଗ୍ରସ୍ତ ହୋଇଛି। ଏପରି ଐତିହ୍ୟସ୍ଥଳଗୁଡ଼ିକ ଆମର ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣର ଆବଶ୍ୟକତା ରଖୁଥିବା ବେଳେ ଆମ ସ୍ୱକୃତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସେଗୁଡ଼ିକର ଏପରି ପତନ ନିଶ୍ଚିତ ଭାବରେ ବେଦନାଦାୟକ।

**ଗତ ମାସରେ ଲଗାଣ ବର୍ଷାରେ ମେକ୍ସିକୋର ମିସୋକାନ୍ ପ୍ରଦେଶ ଅନ୍ତର୍ଗତ ଇହୁଆଜିଓ ଠାରେ ଅବସ୍ଥିତ ୧୫ ମିଟର ବା ୫୦ ଫୁଟ ଉଚ୍ଚର ଏହି ବର୍ଗାକାର ପ୍ରସ୍ତର ନିର୍ମିତ ପିରାମିଡ୍‌ଟି ଭୁଶୁଡ଼ି ଧ୍ୱଂସସ୍ତୂପରେ ପରିଣତ ହୋଇଛି।**

# ଉପକୂଳ ଅବକ୍ଷୟ ରୋକିବ ବାଲିଗରଡ଼ା



ଦିନକୁ ଦିନ ସମୁଦ୍ର ଉପକୂଳ ଖାଇବାରେ ଲାଗିଛି। ଏହା ଧନଜୀବନ ଓ ପରିସଂସ୍ଥା ପାଇଁ ବିପଦ ଆଣିଛି। ବିଶ୍ୱର ପ୍ରାୟ ୪୦ ପ୍ରତିଶତ ଲୋକ ଉପକୂଳ ଅଞ୍ଚଳରେ ବସବାସ କରିଥା'ନ୍ତି। ତେଣୁ ବିଭିନ୍ନ କାରଣରୁ ସମୁଦ୍ର ପତ୍ତନ ବଢ଼ିବା ଯୋଗୁଁ ଉପକୂଳବାସୀଙ୍କ ପାଇଁ ଭୀଷଣ ବିପଦ ଦେଖାଦେଇଛି। ଏକ ଆକଳନ ଅନୁଯାୟୀ, ଏପରି ବେଳାଭୂମି ଅବକ୍ଷୟ ଯୋଗୁଁ ପ୍ରତିବର୍ଷ ୫୦ କୋଟି ଡଲାର୍‌ର ଧନସମ୍ପତ୍ତି ନଷ୍ଟ ହେବା ସହ ଖାଦ୍ୟ ସୁରକ୍ଷା ଓ ମଧୁର ପାନୀୟ ଜଳ ଯୋଗାଉଥିବା ୮୦,୦୦୦ ଏକର ଆର୍ଦ୍ରଭୂମି ମଧ କ୍ଷତିଗ୍ରସ୍ତ ହେଉଛି। ଏହି ଧାରା ଜାରି ରହିଲେ ଚଳିତ ଶତାବ୍ଦୀର ଶେଷ ଆଡ଼କୁ ବିଶ୍ୱର ପ୍ରାୟ ୨୬% ବେଳାଭୂମି ନିଜର ସତ୍ତା ହରାଇ ବସିଥିବେ। ଏହି ସଂକଟଜନକ ସ୍ଥିତି ଦୂର କରିବା ଲାଗି ଆମେରିକାର ନର୍ଥଇଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ସମୟୋଚିତ ପ୍ରତିକାର ଆଣିଛନ୍ତି। ସେମାନେ ସମୁଦ୍ର ଉପକୂଳର ବାଲିଗରଡ଼ା ମଧ ଦେଇ ବିଦ୍ୟୁତ୍ ପ୍ରବାହ କରାଇ ସିମେଣ୍ଟ୍ ସଦୃଶ ଏକ ଶକ୍ତ ପଦାର୍ଥ ସୃଷ୍ଟି କରିଛନ୍ତି, ଯାହା ଉପକୂଳ ଅବକ୍ଷୟକୁ ରୋକିପାରିବ। ସୂଚନାଯୋଗ୍ୟ, ସମୁଦ୍ର ଜଳରେ ପ୍ରଭୂତ ପରିମାଣର ଖଣିଜ ପଦାର୍ଥ ଓ ଚାର୍ଜଯୁକ୍ତ କଣିକା (ଆୟନ୍) ଦ୍ରବୀଭୂତ ହୋଇ ରହିଛି। ତେଣୁ ପାଣି ଭିତରେ ବୁଡ଼ି ରହିଥିବା ବାଲିରେ କ୍ଷୀଣ ବିଦ୍ୟୁତ୍ ସ୍ରୋତ ପ୍ରବାହ କରି ସେମାନେ ହାଇଡ୍ରୋକ୍ସାଇଡ୍ ଓ କାଲ୍‌ସିଅମ୍ କାର୍ବୋନେଟ୍ ପରି ରାସାୟନିକ ଯୌଗିକ ଉତ୍ପନ୍ନ କରିଛନ୍ତି ଯାହା ସିମେଣ୍ଟ ପରି ଶକ୍ତ ଓ କଠିନ। ସୁତରାଂ ଲହଡ଼ିମାଡ଼ରୁ ଉପକୂଳକୁ ବଞ୍ଚାଇବା ଲାଗି ଆଉ ପଥରବାଡ଼ ନିର୍ମାଣ ନକରି ଏପରି ଅଭିନବ ସିମେଣ୍ଟ୍ ତୁଲ୍ୟ ପାଚେରି ଛିଡ଼ା କରିହେବ।



# ପାଣିପାଗ ଭବିଷ୍ୟବାଣୀ ପାଇଁ କୁଆପଥର ପାଠାଗାର

ପାଠାଗାର କହିଲେ ଆମେ ସାଧାରଣତଃ ବିଭିନ୍ନ ପୁସ୍ତକର ଭଣ୍ଡାର ଘର ବୋଲି ବୁଝିଥାଉ। ମାତ୍ର କ୍ୱିନ୍‌ସଲାଣ୍ଡ୍ ବିଶ୍ୱବିଦ୍ୟାଳୟର ଏକ ପାଠାଗାରରେ ବହି ବଦଳରେ ବିଭିନ୍ନ ପ୍ରକାରର ତୁଷାରଖଣ୍ଡ ଦେଖିବାକୁ ମିଳିଥାଏ। ଧ୍ୱଂସକାରୀ ଝଡ଼ର ପୂର୍ବାନୁମାନ କରିବାରେ ଏହି କୁଆପଥରଗୁଡ଼ିକର ଅଧ୍ୟୟନ ସହାୟକ ହେବ ବୋଲି ଗବେଷକମାନେ ଆଶାବାଦୀ ଅଛନ୍ତି। କରକାପାତର ପାରମ୍ପରିକ ବୈଜ୍ଞାନିକ ମଡେଲ୍ ପ୍ରସ୍ତୁତ କଲା ବେଳେ କୁଆପଥରଗୁଡ଼ିକୁ ଗୋଲାକାର ବୋଲି ଧରିନିଆଯାଇଥାଏ। ତେବେ ସେଥିରେ ଅଣଗୋଲାକାର ତଥା ପ୍ରାକୃତିକ ଆକୃତିର କୁଆପଥର ସାମିଲ କଲେ କି ପରିବର୍ତ୍ତନ ଘଟୁଛି, ତାହା ଜାଣିବାକୁ ଗବେଷକମାନେ ଚେଷ୍ଟା କରିଥିଲେ। ଶେଷରେ ଏଥିରେ ନାଟକୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା ବୋଲି ଗବେଷକମାନେ କହିଛନ୍ତି। କାରଣ କୁଆପଥର ଖସିବା ପରେ ତାହା ତାହାର ବେଗ ଓ ପରିପାର୍ଶ୍ୱ ଉପରେ ନିର୍ଭର କରି ବିଭିନ୍ନ ଆକାର ଧାରଣ କରିବା ସହ ଭିନ୍ନ ଭିନ୍ନ ସ୍ଥାନରେ ପଡ଼ିଥାଏ। ତେଣୁ ପାଣିପାଗ ମଡେଲିଂକୁ ଅଧିକ ସଠିକ୍ କରିବା ପାଇଁ ବିଭିନ୍ନ ଆକୃତିର କୁଆପଥରଗୁଡ଼ିକ ଏକ ପ୍ରକୃଷ୍ଟ ଭିତ୍ତି ପ୍ରଦାନ କରିପାରିବ। ଭବିଷ୍ୟତରେ ଏହି କୁଆପଥର ମଡେଲିଂ ବ୍ୟବହାର କରି କୁଆପଥର କେତେ ବଡ଼ ହୋଇପାରିବ ଓ ତାହା କେଉଁଠାରେ ପଡ଼ିବ, ସେ ସମ୍ପର୍କରେ ପୂର୍ବାନୁମାନ କରିହେବ। ମୋଟାମୋଟି ଭାବେ କରକାପାତର ନିର୍ଭୁଲ୍ ଭବିଷ୍ୟବାଣୀ ଦ୍ୱାରା ଲୋକଙ୍କୁ କୁଆପଥର ମାଡ଼ ସମୟରେ ସୁରକ୍ଷିତ ତଥା ନିରାପଦ ରହିବା ପାଇଁ ସତର୍କ କରାଇ ଦିଆଯାଇପାରିବ। ଫଳରେ ତଜ୍ଜନିତ କ୍ଷୟକ୍ଷତି ମଧ ହ୍ରାସ ପାଇବ। କୁଆପଥର ମାଡ଼ ପ୍ରତି ସମ୍ବେଦନଶୀଳ ବୀମା, କୃଷି ଓ ସୋଲାର୍ ଫାର୍ମିଂ ଭଳି ଶିଳ୍ପ ମଧ ଏହା ଦ୍ୱାରା ବିଶେଷ ଭାବେ ଲାଭାନ୍ୱିତ ହୋଇପାରିବେ।

# ଅର୍ଥନୀତିକୁ ଆହ୍ୱାନ ଜଳବାୟୁ ପରିବର୍ତ୍ତନ

ସମ୍ପ୍ରତି ସମଗ୍ର ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ସର୍ବାଧିକ ଆଲୋଚ୍ୟ ପ୍ରସଙ୍ଗ ପାଲଟିଛି। ତେବେ ଭାରତୀୟ ଅର୍ଥନୀତି ଉପରେ ଏହାର ସାଂଘାତିକ ପ୍ରଭାବ ପଡ଼ିବ ବୋଲି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ଉପପରିଚାଳନା ନିର୍ଦ୍ଦେଶକ ଗୀତା ଗୋପୀନାଥନ୍ ସତର୍କ କରାଇଦେଇଛନ୍ତି। ପାଣିପାଗ ପରିବର୍ତ୍ତନ ଯୋଗୁଁ ବୃଷ୍ଟିପାତରେ ଅସ୍ଥିରତା ଦେଖାଯିବାରୁ ବିଶେଷ କରି ଗ୍ରାମାଞ୍ଚଳରେ ଶସ୍ୟ ଅମଳ ସହ ଲୋକଙ୍କ ରୋଜଗାର ପ୍ରଭାବିତ ହେଉଛି। ତାଙ୍କ କହିବାନୁସାରେ, ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧି ଅପେକ୍ଷା ଏସିଆ ମହାଦେଶରେ ତାହା ସର୍ବାଧିକ। ବିଶେଷ କରି ଭାରତରେ ୧୯୫୦ ମସିହାରୁ ୨୦୧୮ ମସିହା ମଧ୍ୟରେ ତାପମାତ୍ରା ଅଧ ଡିଗ୍ରି ସେଲସିଅସ୍ ବଢ଼ିଛି। ଆଗାମୀ ଦଶନ୍ଧି ମଧ୍ୟରେ ବିଶ୍ୱ ଜଳବାୟୁ ବିପର୍ଯ୍ୟୟ ଏକ ବିରାଟ ଆର୍ଥିକ ଆହ୍ୱାନ ସୃଷ୍ଟି କରିବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ୧୯୮୦ ମସିହା ପରଠାରୁ ଜଳବାୟୁ ପରିବର୍ତ୍ତନର କୁପରିଣତି ଯୋଗୁଁ ବର୍ଷକୁ ଜିଡିପିର ଅଧା ପ୍ରତିଶତ ପଏଣ୍ଟ୍ କ୍ଷତି ହୋଇଆସୁଛି ଏବଂ ଆଗାମୀ ଦଶନ୍ଧି ଭିତରେ ତାହା ୦.୩ ପ୍ରତିଶତ ପଏଣ୍ଟ୍ ହେବ ବୋଲି ଆକଳନ କରାଯାଉଛି। ଏହାର ଏକ ସମ୍ଭାବ୍ୟ ସ୍ଥାୟୀ ସମାଧାନ ହେଉଛି ପାରମ୍ପରିକ ଶକ୍ତିରୁ ଅକ୍ଷୟ ଶକ୍ତି ଆଡ଼କୁ ଯିବା। ଏଥିପାଇଁ ପ୍ରଭୂତ ଅର୍ଥରାଶିର ଆବଶ୍ୟକତା ଥିବା ବେଳେ ରାଷ୍ଟ୍ରମାନେ ସେଥିପାଇଁ ଆଗେଇ ଆସିବା ଉଚିତ। ତେବେ ଏପରି ସବୁଜ ଶକ୍ତି ରୂପାନ୍ତରଣ ପାଇଁ ଘରୋଇ କ୍ଷେତ୍ରରୁ ହିଁ ୯୦ ପ୍ରତିଶତ ଅର୍ଥଲଗାଣ ହେବା ଆବଶ୍ୟକ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।



# ୨୦୭୦ ସୁଦ୍ଧା ଅଧା ଜଙ୍ଗଲ ମାଡ଼ିବସିବ ମଣିଷ

ମନୁଷ୍ୟ ନିଜର ଆବଶ୍ୟକତା ମେଣ୍ଟାଇବା ଲାଗି ବନ୍ୟପ୍ରାଣୀମାନଙ୍କ ବାସସ୍ଥଳୀ ଉପରେ ଅନୁପ୍ରବେଶ ବଢ଼ାଇଚାଲିଛି। ଏହି ଧାରା ଏପରି ଦ୍ରୁତ ଗତିରେ ଜାରି ରହିଛି ଯେ ଆଗାମୀ ୫୦ ବର୍ଷ ଭିତରେ ପୃଥିବୀର ମୋଟ ସ୍ଥଳଭାଗର ଅଧାଅଧି ସ୍ଥାନରେ ଜନବସତି ଗଢ଼ି ଉଠିଥିବ। ଏହା ଦ୍ୱାରା ପରିବେଶ ସନ୍ତୁଳନ ବିଗିଡ଼ିଯିବା ସହ ମନୁଷ୍ୟ-ପ୍ରାଣୀ ଲଢ଼େଇ ସମେତ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କା ମଧ ଆହୁରି ବଢ଼ିଯିବ ବୋଲି ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି। ଏହି ଗବେଷକମାନଙ୍କ ଏକ ଆକଳନ ଅନୁଯାୟୀ, ଜନସଂଖ୍ୟା ଯେଉଁ ହାରରେ ବଢ଼ିଚାଲିଛି, ୨୦୭୦ ମସିହା ସୁଦ୍ଧା ପୃଥିବୀର ୫୭ ପ୍ରତିଶତ ସ୍ଥାନରେ ମନୁଷ୍ୟ ବନ୍ୟପ୍ରାଣୀ ବସତି ଅଞ୍ଚଳରେ ପ୍ରଭାବ ବିସ୍ତାର କରିବ। ବର୍ତ୍ତମାନ ଏପରି ଅନେକ ଜଙ୍ଗଲ ରହିଛି, ଯେଉଁଠି ମନୁଷ୍ୟର ପ୍ରବେଶ ହୋଇନାହିଁ। ମାତ୍ର ଭବିଷ୍ୟତରେ ସେସବୁ ଜଙ୍ଗଲରେ ମଧ ମନୁଷ୍ୟର ଉପସ୍ଥିତି ବୃଦ୍ଧି ପାଇବା ସାଙ୍ଗକୁ ତାହାର କାର୍ଯ୍ୟକଳାପ ଓ ବନ୍ୟଜନ୍ତୁଙ୍କ ସହ ମୁକାବିଲା ବଢ଼ିଯିବ। ଦୀର୍ଘ କାଳ ହେଲା ସର୍ବତ୍ର ମନୁଷ୍ୟର ଉପସ୍ଥିତି ବଢ଼ିଚାଲିବା ସହ ତାହାର ନକାରାତ୍ମକ ପ୍ରଭାବ ମଧ ପରିଲକ୍ଷିତ ହୋଇଆସିଛି। ଏହାର ଚାପ ବିଭିନ୍ନ ଜୀବଜନ୍ତୁ ପ୍ରଜାତିଙ୍କ ଉପରେ ପଡ଼ିବା ସହ ପରିଣତି ସ୍ୱରୂପ ଜୈବ-ବିବିଧତାରେ ସଂକଟ ଦେଖାଦେଇ ଚାଲିଛି। ଉଭୟ ମଣିଷ ଓ ଜୀବଜନ୍ତୁ ସମାନ ସ୍ଥାନରେ ନିଜର ବର୍ଦ୍ଧିତ ଉପସ୍ଥିତି ଜାହିର କରିବା ଯୋଗୁଁ ବନ୍ୟଜନ୍ତୁମାନେ ଚାଷ ହୋଇଥିବା ଫସଲ ଓ ପଶୁପକ୍ଷୀ ଖାଇଯାଉଛନ୍ତି। ମନୁଷ୍ୟ ମଧ ଜୀବଜନ୍ତୁଙ୍କୁ ମାରିଚାଲିଛି। ଫଳରେ ଜୈବ-ବିବିଧତାରେ ସନ୍ତୁଳନ ନଷ୍ଟ ହେଉଛି। ଏହା ଅନେକ ଦୁଃସାଧ ରୋଗର ସଂକ୍ରମଣକୁ ମଧ ସୁଗମ କରିଦେଇଛି। କାରଣ ମନୁଷ୍ୟଠାରେ ଦେଖା ଦେଉଥିବା ୭୫ ପ୍ରତିଶତ ରୋଗ ହେଉଛି ଜନ୍ତୁବାହିତ, ଅର୍ଥାତ୍ ସେଗୁଡ଼ିକ ଜୀବଜନ୍ତୁଙ୍କ ଠାରୁ ସହଜରେ ମନୁଷ୍ୟ ଶରୀରକୁ ସ୍ଥାନାନ୍ତରିତ ହୋଇଥାଏ। କୋଭିଡ୍-୧୯ ସମେତ ଏମ୍‌ପକ୍ସ, ବାର୍ଡ ଫ୍ଲୁ, ସ୍ୱାଇନ୍ ଫ୍ଲୁ ଆଦି ରୋଗ ତାହାର ଉଦାହରଣ। ବିଶେଷ କରି ଭାରତ ଓ ଚୀନ୍ ପରି ଜନବହୁଳ ରାଷ୍ଟ୍ରରେ ମନୁଷ୍ୟ ଓ ଜନ୍ତୁବସତି ମଧ୍ୟରେ ପାରସ୍ପରିକ ଅତିକ୍ରମଣ ଅଧିକ ଦେଖାଯାଉଛି। ସେହିପରି ଆଫ୍ରିକା ଓ ଦକ୍ଷିଣ ଆମେରିକାରେ ଚାଷଜମି ଓ ଜଙ୍ଗଲଜମି ମଧ୍ୟରେ ମଧ ଅନୁରୂପ ସ୍ଥିତି ପରିଲକ୍ଷିତ ହେଉଛି। ଅପରପକ୍ଷେ, ୟୁରୋପରେ ୨୦ ପ୍ରତିଶତରୁ ଅଧିକ ସ୍ଥାନରେ ମନୁଷ୍ୟ-ପ୍ରାଣୀ ଅତିକ୍ରମଣରେ ହ୍ରାସ ଘଟୁଥିବା ଜାଣିବାକୁ ମିଳିଛି। ତେବେ ମନୁଷ୍ୟ-ପ୍ରାଣୀ ଲଢ଼େଇକୁ ହ୍ରାସ କରିବା ଲାଗି ବେଳହୁଁ ପଦକ୍ଷେପ ନେବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି। ସେଥିପାଇଁ କି ପ୍ରକାର ପ୍ରଜାତିର ଜନ୍ତୁଙ୍କ ସହ ମନୁଷ୍ୟର କି ପ୍ରକାର ପ୍ରତିକ୍ରିୟା ରହୁଛି ଏବଂ ତାହା କି ପ୍ରକାର ପରିଣତି ସୃଷ୍ଟି କରୁଛି, ତାହା ଅନୁଧାନ କରିବାର ବେଳ ଆସିଛି ବୋଲି କୁହାଯାଇଛି।

**ମନୁଷ୍ୟଠାରେ ଦେଖା ଦେଉଥିବା ୭୫ ପ୍ରତିଶତ ରୋଗ ଜନ୍ତୁବାହିତ। ଜୀବଜନ୍ତୁଙ୍କ ଠାରୁ ସହଜରେ ମନୁଷ୍ୟ ଶରୀରକୁ ସଂକ୍ରମଣ ସ୍ଥାନାନ୍ତରିତ ହୋଇଥାଏ। କୋଭିଡ୍-୧୯ ଭଳି ଏମ୍‌ପକ୍ସ, ବାର୍ଡ ଫ୍ଲୁ, ସ୍ୱାଇନ୍ ଫ୍ଲୁ ଆଦି ରୋଗ ତାହାର ଉଦାହରଣ।**



## ବସୁଧା ଯୋଜନା ଜଳ ସାତ ସପନ ରାଜେନିପ୍ଟିଆ ଗ୍ରାମ ପାଇଁ

# ଗ୍ରୀଷ୍ମପ୍ରବାହ ସାଙ୍ଗକୁ ବଢୁଛି ଜଳକଷ୍ଟ

**ଗ୍ରାମବାସୀଙ୍କ ଅଭିଯୋଗ ପରେବି ଶୁଣୁନି ପ୍ରଶାନ**



**କନ୍ଧମାଳ,୩।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ଶାଶିପଦର ରାଜେନିପ୍ଟିଆ ଗ୍ରାମରେ ଦେଖିବାକୁ ମିଳିଛି ପାଣି ର ସମସ୍ୟା ଲୋକେ ଯେପରି ପିଇବା ପାଣି ପାଇପାରିବେ ସେଥିପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିଥିବାବେଳେ ଫିରିଙ୍ଗିଆ ବ୍ଲକ୍ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ଶାଶିପଦର ରାଜେନିପ୍ଟିଆ ଗ୍ରାମର ଲୋକମାନେ ପ୍ରତିଦିନ ଏହି ଗାଁ ର ଲୋକେ ପାଣି ପାଇଁ ଅନେକ ଦୂରକୁ ୧ କିଲୋମିଟର୍ ଯିବାକୁ ପଡୁଥିବାରୁ ଆଗକୁ ଖରାଦିନ ଆସୁଛି ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବ। ଲୋକଙ୍କ ପାଣି ସମସ୍ୟା କୁ ଦୃଷ୍ଟିରେ ରଖି ଫିରିଙ୍ଗିଆ ବ୍ଲକ୍ ର କାଶିନିପଦର ପଞ୍ଚାୟତି ଦୁର୍ଗମ ଅଞ୍ଚଳ ରାଜନିପ୍ଟିଆ ହେଇଥିବାରୁ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହାଁନ୍ତି।ରାଜ୍ୟ ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ କାଶିନିପଦର ପଞ୍ଚାୟତ ଅନ୍ତର୍ଗତ ଶାଶିପଦର ଗ୍ରାମ କୁ ? ଯାହା ଫଳରେ ଉକ୍ତ ଶାଶିପଦର ରାଜେନିପ୍ଟିଆ ଗ୍ରାମ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମରେ ସର୍ବ ମୋଟ ୩୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି।ଏସମ୍ପର୍କରେ ଶାଶିପଦର ରାଜେନିପ୍ଟିଆ ଗ୍ରାମ ର ଜନସାଧାରଣ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବାରୁ, ଶାଶିପଦର ଗ୍ରାମ ର, ରାଜେନିପ୍ଟିଆ, ନେଡିସାହି, ସୁନ୍ଦର ସାହି, ଓ ମାଝି ସାହିଏହି ସାହିର ଜନସାଧାରଣ ଙ୍କ ମନରେ ତିବ୍ର ଅସନ୍ତୋଷ ଦେଖାଦେଇଛି।

## ଓଡ଼ିଆ ପକ୍ଷର ତୃତୀୟ ଦିବସରେ ଜିଲ୍ଲାରେ ପାରମ୍ପରିକ ପୋଷାକ ପରିଧାନ

● ଆମ ପୋଷାକ ଆମ ପରିଚୟ



**ସୁନ୍ଦରଗଡ଼:୩।୪(ସଂଚାର ବ୍ୟୁରୋ):** 'ଓଡ଼ିଆ ପକ୍ଷ' ପାଳନର ତୃତୀୟ ଦିବସରେ ଗୁରୁବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ପାରମ୍ପରିକ ପୋଷାକ ପରିଧାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଯୋଗ ଦେଇଥିଲେ। ସେହିଭଳି ରାଉରକେଲା ମହାନଗର ନିଗମ କାର୍ଯ୍ୟଳୟ, ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ସମସ୍ତ ତହସିଲ, ସମସ୍ତ ପୌର ପରିଷଦ ଅଞ୍ଚଳ ସହିତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରାଯିବା ସହିତ 'ଆମ ପୋଷାକ ଆମ ପରିଚୟ' ସ୍ଲୋଗାନ ଦିଆ ଯାଇଥିଲା।

## ମୁମ୍ବାଇରେ 'ମୋ ଓଡ଼ିଆ ସମାଜ' ପକ୍ଷରୁ ଓଡ଼ିଶା ଦିବସ ପାଳନ



**ବୈଶିଙ୍ଗା,୩।୪(ସଂଚାର ବ୍ୟୁରୋ):** ଓଡ଼ିଶା ସ୍ୱାଭିମାନ, ଓଡ଼ିଆ ଅସ୍ମିତାର ପ୍ରତୀକ ସ୍ୱରୂପ ମୁମ୍ବାଇ ମହାନଗରୀସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମୋ ଓଡ଼ିଆ ସମାଜ' ଦ୍ୱାରା ତା ୧/୪/୨୦୨୫ରେ ଉତ୍କଳ ଦିବସ ମହାଆଡ଼ମ୍ବରରେ ପାଳନ କରାଯାଇଛି। ବୈଶିଙ୍ଗା ଥାନା ଅନ୍ତର୍ଗତ ନାଖରା ଗ୍ରାମର ଜଣେ ଅଗ୍ରଣୀ ସଙ୍ଗଠକ ଇଂ. ଚୈତନ୍ୟ ଖଣ୍ଡା ଙ୍କ ମାର୍ଗଦର୍ଶନରେ ଉପନଗରୀ ସ୍ଥିତ ମୀରା ଭାୟନ୍ଦରରେ ବସବାସ କରୁଥିବା ଓଡ଼ିଆ ପ୍ରବାସୀମାନେ ଏଥିରେ ଯୋଗ ଦେଇଥିଲେ। ଶ୍ରୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଉତ୍କଳର ଗତ ଗୌରବର ଗୁଣଗାନ କରି ଉତ୍କଳର ଇତିହାସ ଓ କିମ୍ବଦନ୍ତୀ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଓଡ଼ିଆ ସଙ୍ଗୀତକାର ମାନେ ଓଡ଼ିଆ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଆକର୍ଷଣୀୟ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ତାଙ୍କର ଉଦବୋଧନରେ ସମସ୍ତ ପ୍ରବାସୀ ଓଡ଼ିଆମାନଙ୍କୁ ଏକଜୁଟ ହୋଇ କାର୍ଯ୍ୟକରିବାକୁ ଆହ୍ୱାନ କରିଥିଲେ। ମୋ ଓଡ଼ିଆ ସମାଜ ପକ୍ଷରୁ ସମସ୍ତ ପ୍ରବାସୀ ଓଡ଼ିଆଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ



**ବାଲିଆପାଳ,୩।୪(ସଂଚାର ବ୍ୟୁରୋ):** ଓଡିଶା ସରକାର ଙ୍କ ଗଣଶିକ୍ଷା ବିଭାଗର ଜାତୀୟ ଶିକ୍ଷାନିତି ଅନୁଯାୟ ଏପ୍ରିଲ୍ ଦୁଇ ତାରିଖ ବୁଧବାର ସକାଳ ୮ ଟା ବାଲିଆପାଳ ବ୍ଲକ ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ ପିଏମଶ୍ରୀ କେ, ବି, କେ, ଏସ ସରକାରୀ ଉଚ୍ଚ ବିଦ୍ୟାଳୟ ତାପୁଛିଆ ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟରଞ୍ଜନ ଭୂୟାଁ ଙ୍କ ସଭାପତିତ୍ୱରେ ଶୁଭ ଉଦ୍ଘାଟନ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଶିକ୍ଷା ନିତି ସମ୍ପର୍କରେ ସୁଚନା ଦେବା ସହିତ ପ୍ରତ୍ୟେକ ବିଦ୍ୟାଳୟ ରେ ଶିଶୁ ବାଟିକା ରେ ୫ ବର୍ଷ ବୟସରୁ କୁନି କୁନି ପିଲାଙ୍କୁ ବିଦ୍ୟାଳୟ କୁ ଆଣି ସେମାନଙ୍କୁ ପୂଜା କରି ତାଙ୍କର ଖଡ଼ି ଛୁଆଁ କରିବା ପରେ ପାଠପଢିବା ସାମଗ୍ରୀ ବଣ୍ଟନ କରିଥିଲେ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନମିତା ପ୍ରଭା ସାମଲ, ସମାଜସେବୀ ରବିନ୍ଦ୍ର ଅଗ୍ନିଆ, ଶିକ୍ଷାବିତ ଭଗିରଥ ଗିରି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ, ପ୍ରଧାନ ଶିକ୍ଷୟତ୍ରୀ କୋମଳିନୀ ପ୍ରଧାନ, ସରପଞ୍ଚ ପଙ୍କଜିନୀ ମହାପାତ୍ର, ପରିଚାଳନା କମିଟି ର ସଭାପତି ଧନଞ୍ଜୟ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ।ଶିକ୍ଷକ ପରାମାନଦ ଦେ ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷକ ରାଧାକୃଷ୍ଣ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା 'ସଭିଏଁ ସ୍କୁଲ୍ ଯିବା' ସଚେତନତା ରଥ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଲିଆପାଳ ବ୍ଲକ ରେ ସମସ୍ତ ପଞ୍ଚାୟତର ଏହି ରଥ ପରିକ୍ରମା କରିବାର ସୁଚନା ରହିଛି।

## ପିଇଓଙ୍କୁ ସରପଞ୍ଚ ସ୍ୱାମୀଙ୍କ ଅସଦାଚରଣ, ଥାନାରେ ମାମଲା

**ବିଞ୍ଝାରପୁର,୩।୪(ସଂଚାର ବ୍ୟୁରୋ):** ସ୍ତ୍ରୀ ସରପଞ୍ଚ ସ୍ୱାମୀ ରାଜୁତି। ଖାଲି ରାଜୁତି ନୁହେଁ ଦାଦାଗିରି। ଉନ୍ନୟନ ମୂଳକ କାର୍ଯ୍ୟକୁ ବିନା ଭାଉଚର୍ ରେ ବିଲ୍ କରାଇବାକୁ କରୁଛନ୍ତି ବାଧ୍ୟ।ବିଲ୍ ନ କଲେ ସରପଞ୍ଚ ଙ୍କ ସ୍ୱାମୀ କରୁଛନ୍ତି ଅସଦ ଆଚରଣ। ତାହା ପୁଣି ବିଡ଼ିଓ ଙ୍କ ସମ୍ମୁଖ ରେ ଅସଦ ଆଚରଣ ର ଶିକାର ହେଉଛନ୍ତି ପି ଇ ଓ। ଆଉ ଥାନାରେ ଦ୍ୱାରସ୍ଥ ହେବା ପରେ ପୋଲିସ୍ କରୁଛି ତଦନ୍ତ। ଏଭଳି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଏବଂ ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣ ପୁର ପଞ୍ଚାୟତ ରୁ। ଅଭିଯୋଗ ଅନୁଯାୟୀ ଗତ ୨ ତାରିଖ ଦିନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ଅଫିସ କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ବିଲ୍ କଲ୍ୟାଣ ପୁର ସରପଞ୍ଚ ସୁଶ୍ରୀ ସଙ୍ଗୀତା ନାୟକ ଙ୍କ ସ୍ୱାମୀ ସ୍ମୃତି ରଞ୍ଜନ ନାୟକ (ନିଲୁ) ତାଙ୍କୁ ବିଡ଼ିଓ ଙ୍କ ସମ୍ମୁଖ ରେ ଅସଦ ଆଚରଣ



କରିଥିଲେ। ଏ ନେଇ ବିଞ୍ଝାରପୁର ବିଡ଼ିଓ ଙ୍କୁ ପି ଇ ଓ ଲିଖିତ ଜଣାଇବା ସହ ବିଞ୍ଝାରପୁର ଥାନା ର ଦ୍ୱାରସ୍ଥ ହୋଇଛନ୍ତି। ବିଡ଼ିଓ ଙ୍କ ସମ୍ମୁଖ ରେ ସରପଞ୍ଚ ଙ୍କ ସ୍ୱାମୀ ଙ୍କ ଏଭଳି ବ୍ୟବହାର କୁ ନେଇ ଅସନ୍ତୋଷ ଦେଖା ଦେଇଛି। ସରପଞ୍ଚ ଙ୍କ ସ୍ୱାମୀ ବିନା ଭାଉଚର ଏବଂ ଫଳକ ରେ ବିଲ୍ କରିବାକୁ ବାଧ୍ୟ କରିବାରୁ ପି ଇ ଓ ପ୍ରୀତି ପିନାକ୍ଷି ଦଳେଇ ଙ୍କୁ ବିଡ଼ିଓ ଙ୍କ ସମ୍ମୁଖ ରେ ଅସଦ ଆଚରଣ କରାଯାଇଥିବା ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଞ୍ଝାରପୁର ବ୍ଲକ୍ ର କାର୍ଯ୍ୟରତ ପି ଇ ଓ ମାନେ ଦାବି କରିଛନ୍ତି। ତେବେ ଏ ନେଇ ପି ଇ ଓ ଲିଖିତ ଜଣାଇବା ପରେ ଥାନା ରେ ଅଭିଯୋଗ ହୋଇଥିବା ବିଡ଼ିଓ କହିଛନ୍ତି। ତେବେ ସରପଞ୍ଚ ଙ୍କ ସ୍ୱାମୀ ଙ୍କ ବିରୋଧ ରେ ଏ ଅଭିଯୋଗ ନୂଆ ନୁହେଁ ଆଗରୁ ମଧ୍ୟ ଏଭଳି ଅଭିଯୋଗ ଆସିଛି।

● କଣାସ ବ୍ଲକରେ ଗଡ଼ିଲା ଶିକ୍ଷା ସଚେତନତା ରଥ

## ବିଦ୍ୟାଳୟରେ ପାଳିତ ହେଲା ଖଡିଛୁଆଁ ଓ ପ୍ରବେଶ ଉତ୍ସବ



**କଣାସ,୩।୪(ସଂଚାର ବ୍ୟୁରୋ):** ଗତକାଲି ନୂତନ ଶିକ୍ଷା ବର୍ଷ ୨୦୨୫ ଓ ୨୬ ର ପ୍ରଥମ ଦିବସରେ କଣାସ ବ୍ଲକର ସମସ୍ତ ବିଦ୍ୟାଳୟ ହୋଇ ଉଠିଛି ଉତ୍ସବ ମୁଖର ଶିକ୍ଷା ବର୍ଷର ପ୍ରଥମ ବର୍ଷରେ ପ୍ରବେଶ ଉତ୍ସବ ତଥା ନୂତନ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଯୋଗ ଦେଉଥିବା ଛାତ୍ରଛାତ୍ରୀ ମାନଙ୍କର ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ଆଭିମୂଖ୍ୟ କରିବା ଓ ଏଥିପାଇଁ ଜନସାଧାରଣଙ୍କୁ ସଚେତନ ଉଦ୍ଦେଶ୍ୟରେ କଣାସ ବ୍ଲକରେ ଗଡ଼ିଛି ଶିକ୍ଷା ସଚେତନତା ରଥ। ସ୍ଥାନୀୟ ସିରେଇ ସଂଯୁକ୍ତ ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ କଣାସ ବ୍ଲକ ସ୍ତରୀୟ ଶିକ୍ଷା ସଚେତନ ରଥ ଉଦଘାଟନ ଉତ୍ସବରେ ମୂଖ୍ୟ ଅତିଥୀଭାବେ କଣାସ ବ୍ଲକ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ଯୋଗ ଦେଇ ପତାକା ଦେଖାଇ ଶିକ୍ଷା ସଚେତନତାରଥ ଶୁଭଅରମ୍ଭ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟା ଲତାମଣି ଜଗଦେବ, କଣାସ ବ୍ଲକ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ଥାନା ଆଇ ଆଇ ସି ପ୍ରଦୀପ କୁମାର ଜୁଝାରସିଂହ, ସରପଞ୍ଚଙ୍କ ପ୍ରତିନିଧି ଦେବବ୍ରତ ପରିଡ଼ା, ପ୍ରଫୁଲ ମାର୍ଥା, ଏ.ବି.ଓ, ନାରାୟଣ ପ୍ରଧାନ ଓ ବିନୋଦ ବିହାରୀ ସେଠୀ, ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ଏହି ରଥ କଣାସ ବ୍ଲକର ୨୮ ପଞ୍ଚାୟତର ସମସ୍ତ ବିଦ୍ୟାଳୟ ଓ ତତସଲଗ୍ନ ଗ୍ରାମମାନଙ୍କରେ ପହଁଚୁଥିବାବେଳେ ସିରେଇ କଣାସ, ବଡାସ, ଦୋକନ୍ଦା, ପାଣ୍ଡିଆକେରା, ତ୍ରିଲୋଚନପୁର ପଞ୍ଚାୟତରେ ବସଚେତନତା ବାର୍ତ୍ତା ପ୍ରଚାର କରିଥିଲା। ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚଳନା ସମିତିର ସବ୍ୟ ସଭ୍ୟା ଲୋକ ପ୍ରତିନିଧିମାନେ ରଥକୁ ବନ୍ଦାପନା କରିଥିଲେ। ସି।।ରସିସି ଭୁପତିଭୂଷଣ ତ୍ରିପାଠୀ, ବୈକୁଣ୍ଠ ନାଥ କୋଦାମସିଂହ, ସନ୍ତୋଷ କୁମାର ବେହେରା, ଦମୋଦର ସୁନ୍ଦରା, ସସ୍ମିତା ଜାଲି ପ୍ରମୁଖ ପ୍ରତ୍ୟକ୍ଷ ପରିଚାଳନାରେ ସହଯୋଗ କରିଥିଲେ।

## ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ସୁବର୍ଣ୍ଣପୁର,୩।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ରାମପୁର ଗୋରୁ ବଜାରରୁ ବେଆଇନ୍ ଗୋରୁ ଚାଲାଣରେ ସଂପୃକ୍ତି ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକରି ଜିଲ୍ଲା ଗୋ ଏବଂ ଗୋଚର ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ପାଖକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିପାଇଁ ମଞ୍ଚର ଆବାହକ ତଥା ବରିଷ୍ଠ ଆଇନଜୀବି ପ୍ରମୋଦ କୁମାର ମହାପାତ୍ର ଙ୍କ ନେତୃତ୍ୱରେ ଶତାଧିକ ବିକ୍ଷୋଭକାରୀ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଏଥିରେ ସଂପୃକ୍ତି ଥିବା ବ୍ୟକ୍ତିମାନେ ନିକଟରେ ବେଆଇନ୍ ଗୋରୁ ଚାଲାଣ ବେଳେ ସମ୍ବଲପୁର ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଗୋରୁ ବଜାର ର ଠିକାଦାର ନରେନ୍ଦ୍ର ମେହେର ସହ ସୋନପୁର ବିଧାୟକ ଙ୍କ ଘନିଷ୍ଠ ସମ୍ପର୍କ ଥିବା ଦର୍ଶାଇ ଏ ଘଟଣାର ଚେର ସୁଦୁର ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ର ଅଭିଯୋଗ କରି ଏହାର ଏକ କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକରି ଦୋଷୀ ଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରିଛନ୍ତି। ଆଜିର ଏହି ବିକ୍ଷୋଭ ସମାବେଶ ରେ ପ୍ରମୋଦ କୁମାର ମହାପାତ୍ର, ଦୀପକ ମହାପାତ୍ର, ନବକୃଷ୍ଣ ଦନ୍ତା, ସନ୍ଦୀପ ମେହେର, ସୁକାନ୍ତ ସାହୁ, ସୁରେଶ ବିଶ୍ୱାଳ, ପର୍ଶୁରାମ ମିଶ୍ର, ପ୍ରଫୁଲ୍ଲ ସାହୁ ରଶ୍ମିରଞ୍ଜନ ଦାସ, ପ୍ରଫୁଲ୍ଲ ମେହେର, ରିଙ୍କୁ ପଣ୍ଡା, ବିକ୍ରମ କେଶରୀ ମିଶ୍ର, ବାବୁଲୁ ସାଗର, ଦେବାଶିଷ ପୂଝାରୀ, ଙ୍କ ସମେତ ଗୋ ସୁରକ୍ଷା ମଞ୍ଚ ର ଶତାଧିକ ସଦସ୍ୟ ଯୋଗଦେଇଥିଲେ।

## ପକ୍ଷୀଟିଏ ପାଇଁ ଜଳ ଟୋପେ



**କଟକ,୩।୪(ସଂଚାର ବ୍ୟୁରୋ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଏସ୍ ଫର୍ ଭଏସଲେସ୍ ତରଫରୁ ପକ୍ଷୀଟିଏ ପାଇଁ ଜଳ ଟୋପେ କାର୍ଯ୍ୟକ୍ରମ କରାଯାଇଅଛି। ଡକ୍ଟର ଅଟଳ ବିହାରୀ ବଳଙ୍କ ନେତୃତ୍ୱରେ କଟକ ସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ, ଜଗତପୁରରେଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ଜଳ ପାତ୍ର ପକ୍ଷୀମାନେ ଯାତାୟତ କରୁଥିବା ସ୍ଥାନରେ ରଖାଯାଇ ଜଳ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତ ରାୟ, ଅମିତ୍ କୁମାର ମହାନ୍ତି, ଗାୟତ୍ରୀ ମହାନ୍ତି, ରିଙ୍କୁ ଭୂୟାଁ, ଏସ ଗୌତମ କୁମାର ଦାଶ, ପ୍ରକାଶ କୁମାର ବିଶ୍ୱାଳ, ବିଶ୍ୱଜିତ ସାହୁ, ଅବିନାଶ ନାୟକ, ମୋହନ ଚରଣ ସ୍ୱାଇଁ, ନିରଞ୍ଜନ ଦାଶ, ଦେବାଶିଶ ସାହୁ, ପିନ୍ଟୁ ସାହୁ, ବିଶ୍ୱନାଥ ଜେନା, ସାଧନା ଦାଶ, ରବୀନ୍ଦ୍ରନାଥ ଦାଶ, ରଞ୍ଜିତ ମହାନ୍ତି, ଯମୁନା ସହୁ, କବିତା ସ୍ୱାଇଁ, ସୁପ୍ରିୟା ସାହୁ, ସଂଘମିତ୍ରା ବେହେରା, ତୃପ୍ତି ନାୟକ, ଶିଳ୍ପି ସାନିନ୍ଦା ଶତପଥୀ, ଶୁଭଶ୍ରୀ ଭୋଳ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେପି ରାଜ୍ୟ ସଭାପତିଙ୍କୁ ଭେଟି ଆଲୋଚନା କଲେ ପାତାଳୀ ସେନା



**ସୁବର୍ଣ୍ଣପୁର,୩।୪(ସଂଚାର ବ୍ୟୁରୋ):** ସୋନପୁର ସର୍କିଟ ହାଉସ୍ ରେ ପାତାଳୀ ସେନା ର ଏକ ପ୍ରତିନିଧି ମଣ୍ଡଳୀ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଙ୍କୁ ଭେଟିଛନ୍ତି। ପାତାଳୀ ଶ୍ରୀକ୍ଷେତ୍ର ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ସରକାର ହାତ କୁ ନେଇଥିବାରୁ ସେମାନେ ଧନ୍ୟବାଦ୍ ଦେଇଥିଲେ। କିନ୍ତୁ କାର୍ଯ୍ୟ ଆରମ୍ଭ ରୁ ଏହାର ଯୋଜନା ପ୍ରଣୟନ ଠିକ୍ ହିସାବ ରେ ହୋଇ ନଥିବା ଅନୁମେୟ ବୋଲି ସେମାନେ ଜଣାଇଥିଲେ। କାମ ଆରମ୍ଭ ରୁ ବାରମ୍ବାର ଆନୁଷଙ୍ଗିକ ବାଧା ଉପୁଜିବା ଏକ ଦୁଃଖଦ ବିଷୟ। ତରବରିଆ ଭାବରେ କାର୍ଯ୍ୟ ହୋଇ ମନ୍ଦିର ନିର୍ମାଣ ହେଲେ ଜଗନ୍ନାଥ ଙ୍କ ଆଦି ପୀଠ କୁ ଏହା ଅପମାନ ହେବ। ଏଣୁ ଶୀଘ୍ର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଦ୍ୱୟ, ସ୍ଥାନୀୟ ବିଧାୟକ, ସାଂସଦ, ପର୍ଯ୍ୟଟନ ବିଭାଗ, ସଂସ୍କୃତି ବିଭାଗ ର ମନ୍ତ୍ରୀ, ସଚିବ ମାନେ ଶ୍ରୀ ପାତାଳୀ କ୍ଷେତ୍ର ଟ୍ରଷ୍ଟ, ପାତାଳୀ ସେନା, ଜିଲ୍ଲା ପ୍ରଶାସନ ଓ ଅଞ୍ଚଳ ର ଜଗନ୍ନାଥ ପ୍ରେମୀ ଙ୍କ ସହ ଏକ ପ୍ରତ୍ୟକ୍ଷ ଆଲୋଚନା କରିବା ପାଇଁ ସେମାନେ ରାଜ୍ୟ ସଭାପତି ଙ୍କ ଜରିଆରେ ସରକାର ଙ୍କୁ ଅନୁରୋଧ ବାଢ଼ିଥିଲେ। ଶିଳ୍ପଶୂନ୍ୟ ସୋନପୁର ଜିଲ୍ଲା ରେ ପର୍ଯ୍ୟଟନ ହିଁ ଉତ୍କଟ ଦାଦନ ସମସ୍ୟା ରୋକିବାରେ ମୁଖ୍ୟ ସହାୟକ ହେବ। ଏଣୁ ପାତାଳୀ ଶ୍ରୀକ୍ଷେତ୍ର ସହ ସମ୍ପୂର୍ଣ୍ଣ ସୋନପୁର ଜିଲ୍ଲା କୁ ଏକ ପର୍ଯ୍ୟଟନ ହବ୍ ରୂପରେ ନୂତନ ସରକାର ଗଢ଼ି ତୋଳନ୍ତୁ। ରାମ ଲାଲା ଙ୍କ ଜନ୍ମ ଭୂମି ରେ ବିରାଟ ମନ୍ଦିର ତୋଳି ଭାରତୀୟ ସଂସ୍କୃତି କୁ ସମ୍ମାନ ଦେଇଥିବା ଭାଜପା ସରକାର ଜଗନ୍ନାଥ ଙ୍କ ଆଦିପୀଠ ରେ ଉତ୍ତମ ଯୋଜନା ମୁତାବକ ଶାସ୍ତ୍ରୀୟ ମନ୍ଦିର ନିର୍ମାଣ ପାଇଁ ଯତ୍ନବାନ ହେଲେ ନୂଆଁ ସରକାର ଙ୍କ ଯଶ ବଢ଼ିବ ବୋଲି ସେମାନେ ଯୁକ୍ତି ବାଢ଼ିଥିଲେ। ପୁରୁଣା ସରକାର ବିଭିନ୍ନ ସହରାଞ୍ଚଳ ରେ ମନ୍ଦିର ମାନେ ନିର୍ମାଣ କରିଥିବା ବେଳେ ଏକ ଅବହେଳିତ, ଜଙ୍ଗଲ ଘେରା ଅପହଞ୍ଚ ଅଞ୍ଚଳ ରେ ଥିବା ଜଗନ୍ନାଥ ଙ୍କ ଆଦି ପୀଠ ରେ ଭବ୍ୟ ମନ୍ଦିର ନିର୍ମାଣ ଓ ପୀଠ ର ପ୍ରଚାର ପ୍ରସାର ସହ ଏହି ପୀଠ କୁ ନୂଆଁ ସରକାର ପୋଷ୍ୟ କ୍ଷେତ୍ର ଆକାରେ ଗ୍ରହଣ କରନ୍ତୁ ବୋଲି ସେମାନେ କହିଛନ୍ତି।

## ପାରିବାରିକ ଶତ୍ରୁତାରୁ ଆକ୍ରମଣ: ରୁପା ଅଳଙ୍କାର ଲୁଟ୍ ଅଭିଯୋଗ

**ଦିଗପହଣ୍ଡି,୩।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଚୁଡୁଙ୍ଗପୁର ଗ୍ରାମ ବଡ଼ସାହିର ଏ.ଶଙ୍କର ପାତ୍ର ଏବଂ ତାଙ୍କ ଭାଇ ଏ. ଶିବ ପାତ୍ରଙ୍କୁ ଗ୍ରାମର ଡି.ଗୌରାଙ୍ଗ ପାତ୍ର ଏବଂ ତାଙ୍କ ୪ ସହଯୋଗୀ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ଶଙ୍କରଙ୍କ ରୂପା ଚେନ ଏବଂ ବ୍ରେସଲେଟକୁ ଗୌରାଙ୍ଗ ଛଡାଇ ନେଇଥିବା ନେଇ ଶଙ୍କର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତିକରି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୧୨୯/୨୫ ଅନୁଯାୟୀ ଅଭିଯୁକ୍ତ ମାନଙ୍କ ନାଁରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପାରିବାରିକ ଶତ୍ରୁତାରୁ ଘଟଣା ଘଟିଛି। ଶଙ୍କର ଏବଂ ଶିବ ଦୁଇ ଭାଇଙ୍କୁ ଗୌରାଙ୍ଗ ଗାଁ ହାଇସ୍କୁଲ ନିକଟସ୍ଥ ଢ଼ିମିରା ପାହାଡ଼କୁ ଡାକି ନେଇଥିଲେ। ଦୁଇ ଭାଇ ସେଠାରେ ପହଞ୍ଚିବା ପରେ ତାଙ୍କୁ ସେ ଆକ୍ରମଣ କରି ଜୀବନରେ ମାରିଦେବାକୁ ଧମକ ଦେବା ସହ ଶଙ୍କର ପିନ୍ଧିଥିବା ରୂପା ଗହଣା ଛଡାଇ ନେଇଥିବା ଏତଲାରେ ଉଲ୍ଲେଖ ରହିଛି।

● ଛାତ ଉପରେ ମହୁଲ ଶୁଖାଇବାକୁ ଯାଇଥିଲେ

## ମୁକୁଳା ସର୍ଭିସ ତାର ନେଲା ଜୀବନ

**ଆନନ୍ଦପୁର,୩।୪(ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ଆନନ୍ଦପୁର ଥାନା କଣ୍ଟିପାଳ ପଞ୍ଚାୟତ କଣ୍ଟିପାଳ ପଇତାପାଣି ଗ୍ରାମରେ ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ଯେ, ଗୁରୁବାର ସକାଳ ୮ଟା ସମୟରେ ପଇତାପାଣି ଗ୍ରାମର ରବୀନ୍ଦ୍ର ପାତ୍ର (୫୮) ଛାତ ଉପରକୁ ମହୁଲ ଶୁଖାଇବାକୁ ଯାଇଥିଲେ। ଏହି ସମୟରେ ଅଜଣାତରେ ଘର ଛାତ ଉପରେ ଯାଇଥିବା ମୁକୁଳା ସର୍ଭିସ ତାର ସଂସ୍ପର୍ଶରେ ଆସି ଶିଡି ତଳକୁ ଖସି ପଡିଥିଲେ। ପରିବାରଲୋକେ ରବୀନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ରବୀନ୍ଦ୍ରଙ୍କ ମୃତ୍ୟୁ ଖବର ଶୁଣି ପରିବାରରେ ଶୋକର ଛାୟା ଖେଳି ଯାଇଛି ।




## ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କଲା ଟିପିଏସ୍ଓଡିଏଲ୍

### ୩୪ ହଜାର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା



**ବ୍ରହ୍ମପୁର,୩।୪(ସଂଚାର ବ୍ୟୁରୋ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ ହାତୀଓଟ ପ୍ରାଇମେରୀ ସବଷ୍ଟେସନ ଓ ବେଲଗାଁ ପ୍ରାଇମେରୀ ସବଷ୍ଟେସନ ମଧ୍ୟରେ ଏକ ନୂତନ ୩୩ କେଭି ଲାଇନ ପ୍ରତିଷ୍ଠା ହୋଇଛି। ୭.୫୬୫ କିଲୋମିଟର ପରିବ୍ୟାପ୍ତ ଏହି ନୂତନ ଲାଇନ ୩୪ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ନୂତନ ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ପୂର୍ବରୁ ସଂପୃକ୍ତ ଅଞ୍ଚଳରେ ଥିବା ବିଜୁଳିଜନିତ ସମସ୍ୟା ଦୂର ହୋଇଛି। ହାତୀଓଟ ଓ ବେଲଗାଁର ୩୩ କେଭି ଲାଇନକୁ ଅନେକ କୃଷି କ୍ଷେତ୍ର ଓ ଜଙ୍ଗଲ ଦେଇ ନେବାକୁ ପଡ଼ିଥିଲା, ଯାହା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ, ଗୁଣାତ୍ମକ ବିଜୁଳି ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ଏହାକୁ ସଫଳତାପୂର୍ବକ କାର୍ଯ୍ୟକ୍ଷମ କରାଇଛି। ନୂଆ ୩୩ କେଭି ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ସମଗ୍ର ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ସହଜରେ ମିଳିପାରୁଛି। ଏପରକି, ଆଖପାଖ ଅଞ୍ଚଳର କୌଣସି ପ୍ରାଇମେରୀ ସବଷ୍ଟେସନରେ ବିଜୁଳି ସେବା ପ୍ରଭାବିତ ହେଲେ, ଏହି ଲିଙ୍କ୍ ଲାଇନ ଯୋଗେ ବିଜୁଳି ସେବା ସୁନିଶ୍ଚିତ କରାଯାଇପାରିବ। ଡାଉନଟାଇମ୍ ହ୍ରାସ ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପୂର୍ବରୁ ହାତୀଓଟ ପ୍ରାଇମେରୀ ସବଷ୍ଟେସନ ଓ ବେଲଗାଁ ସବଷ୍ଟେସନ ମଧ୍ୟରେ ସିଧାସଳଖ ସଂଯୋଗ ନଥିବାରୁ କିଛି କ୍ଷେତ୍ରରେ ବିଜୁଳିଜନିତ ସମସ୍ୟା ରହୁଥିଲା, ଯାହାର ପ୍ରଭାବ ପାଖାପାଖି ଅଞ୍ଚଳକୁ ମଧ୍ୟ ପଡୁଥିଲା। ଏବେ ନୂଆ ଲାଇନ ପ୍ରତିଷ୍ଠା ହେବା ଫଳରେ ଉପଭୋକ୍ତାମାନଙ୍କୁ ନିର୍ଭରଯୋଗ୍ୟ ବିଜୁଳି ସେବା ମିଳୁଛି। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ବିଶେଷ କରି ଗ୍ରୀଷ୍ମ ଋତୁରେ ବଢୁଥିବା ଚାହିଦାକୁ ଦୃଷ୍ଟି ରଖି ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା। ନୂଆ ୩୩ କେଭି ଲାଇନ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଗଞ୍ଜାମ ଜିଲ୍ଲାରେ ବିଦ୍ୟୁତ ସ୍ଥିରତା ବୃଦ୍ଧି ପାଇଛି। ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଦକ୍ଷିଣ ଓଡ଼ିଶାବାସୀଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ଟିପିଏସ୍ଓଡିଏଲ୍ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ଜାରି ରଖିଛି। ଉପଭୋକ୍ତାଙ୍କ ବଢ଼ୁଥିବା ବିଦ୍ୟୁତ ଚାହିଦାକୁ ପୂରଣ କରିବା ନିମନ୍ତେ କମ୍ପାନୀ ଅଭିନବ ପଦକ୍ଷେପମାନ ଗ୍ରହଣ କରୁଛି।

## ବାଦାମ ପାହାଡ଼ରୁ ଦିବାରାତ୍ର ପଥର ଲୁଟ, ପ୍ରଶାସନ ନିରବଦ୍ରଷ୍ଟା



**ନୀଳଗିରି,୩।୪(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡରେ ଥିବା ଲଘୁ ଖଣିଜ ଦ୍ରବ୍ୟ ଦିବାରାତ୍ର ବେଧଡକ ଭାବେ ଲୁଟ ହୋଇ ଚାଲିଥିବା ବେଳେ ପ୍ରଶାସନର ନିରବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଡେଙ୍ଗାସାହି ଗ୍ରାମ ନିକଟ ବାଦାମ ପାହାଡ଼କୁ କିଛି ପଥର ମାଫିଆ ଦିବା ରାତ୍ର ପଥର ଫଟାଇବା ପରେ ଲେବର ଲଗାଇ ଚିପ୍ସ, ମେଟାଲ ତିଆରି କରି ଟ୍ରକ, ଟ୍ରାକ୍ଟର ଯୋଗେ ବାହାରକୁ ଚୋରା ଚାଲାଣ କରାଯାଇ ମାଫିଆ ମାଲେମାଲ ହେଉଥିବା ବେଳେ ରାଜସ୍ୱ ହାନି ହେଉଛି । ସ୍ଥାନୀୟ ପ୍ରଶାସନ ସବୁ ଜାଣି ଶୁଣି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିବାକୁ ନେଇ ଅଞ୍ଚଳବାସୀ ପ୍ରଶାସନ ଉପରେ ଆଙ୍ଗୁଳି ଉଠାଇଛନ୍ତି । ଏହି ବାଦାମ ପାହାଡ଼ ଦିନେ ଭରପୁର ମାତ୍ରାରେ ଜଙ୍ଗଲ ଥିଲା । ପଥର ମାଫିଆଙ୍କ ଲଲୁପ ଦୃଷ୍ଟି ଏହି ପଥର ଖାଦାନ ଉପରେ ପଡିବା ଫଳରେ ଏବେ ବିରାଟ ବିରାଟ ପୋଖରୀ ହୋଇଯାଇଛି । ସ୍ଥାନୀୟ ଆଦିବାସୀ ବସ୍ତିର ଲୋକେ ଗାଈ ଗରୁ ଚରାଇବାକୁ ଯାଉଥିବା ବେଳେ ଉକ୍ତ ଗର୍ତ୍ତରେ ପଡ଼ି ଧନ ଜୀବନ କେତେବେଳେ ଯେ ଚାଲିଯିବ କିଏ କହିପାରିବ । ଏବେ ଠାରୁ ବେଆଇନ ପଥର ଉତ୍ତୋଳନରେ ପ୍ରଶାସନ ରୋକ ନ ଲଗାଇଲେ ମିତ୍ରପୁର ଅଞ୍ଚଳ ରେ ଥିବା କାଠଗୋଛି, ପଥର ଖାଦାନ ଭଳି ଅବସ୍ଥା ହୋଇଯିବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ଜୋର ଧରିଛି ।